# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୧୧/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, July 11/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ଲେକ୍‌ରେକ୍‌ଙ୍କୁ ଟାଇଟଲ**

ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ଅଷ୍ଟ୍ରିଆନ୍ ଓପନ୍ ଫର୍ମୁଲା ୱାନ୍ ମୋଟର ରେସ୍ ଜିତିଛନ୍ତି। **୧୪**

**୧୧** **ଇଣ୍ଡଷ୍ଟ୍ରୀରେ ପରିଚୟ ସୃଷ୍ଟି କରିବା କଷ୍ଟକର**

ଜଣେ ଷ୍ଟାର୍‌କିଡ୍ ଫିଲ୍ମ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିବା କଷ୍ଟକର ବୋଲି ବଲିଉଡ୍ ଅଭିନେତ୍ରୀ ରାଇମା ସେନ କହିଛନ୍ତି।






ସିଂହଦ୍ୱାର ସମ୍ମୁଖ ରଥ ଉପରେ ରବିବାର ରାଜରାଜେଶ୍ୱରୀ ବେଶରେ ସୁନାରେ ସଜ୍ଜିତ ହୋଇଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। (ଫଟୋ-ଯଜ୍ଞେଶ୍ୱର)

# ସୁନାରେ ଚମକିଲେ ଠାକୁର

## ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦର୍ଶନ କଲେ

**ପୁରୀ ଅଫିସ,୧୦।୭**

ଶ୍ରୀକ୍ଷେତ୍ରରେ ନବଦିନାତ୍ମକ ଯାତ୍ରା ସରିବା ପରେ ରବିବାର ସୁନାବେଶରେ ସଜେଇ ହୋଇଛନ୍ତି ମହାପ୍ରଭୁ। ମହଣ ମହଣ ସୁନାରେ ସଜ୍ଜିତ ରଥାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରକୁ ଛୁଟି ଆସିଛନ୍ତି। କରୋନା ମହାମାରୀ ଯୋଗୁ ଗତ ଦୁଇ ବର୍ଷ ଧରି ପ୍ରତ୍ୟକ୍ଷ ଚକ୍ଷୁରେ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ ହୋଇଥିଲେ। ତେଣୁ ରବିବାର ସୁନାବେଶ ପାଇଁ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିବା ସୂଚନା ମିଳିଛି। ଶ୍ରୀମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ତିନି ରଥ ମଧ୍ୟରୁ ନନ୍ଦିଘୋଷ ରଥର ବାମ ପାର୍ଶ୍ୱରୁ ଭକ୍ତମାନେ ପ୍ରବେଶ କରି ରଥର ସମ୍ମୁଖ ଭାଗକୁ ଆସି ତିନି ଠାକୁରଙ୍କ ଦର୍ଶନ କରୁଥିଲେ। ଦର୍ଶନ ସାରି ତାଳଧ୍ୱଜ ରଥର ଦକ୍ଷିଣ ପାର୍ଶ୍ୱ ଦେଇ ଭକ୍ତମାନେ ପ୍ରସ୍ଥାନ କରୁଥିଲେ। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ହେତୁ ଲକ୍ଷ ଲକ୍ଷ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ଲାଭ କରିପାରିଛନ୍ତି। ସେହିଭଳି ନିର୍ଦ୍ଧାରିତ ନୀତିକାନ୍ତି ପୂର୍ବରୁ ସୁନାବେଶ ଦର୍ଶନ ଆରମ୍ଭ ହୋଇଥିଲା।

ତିନି ରଥର ମଙ୍ଗଳ ଆଳତି ସକାଳ ୭ଟା ୨୫ରୁ ଆରମ୍ଭ ହୋଇ ୭ଟା ୪୦ ପର୍ଯ୍ୟନ୍ତ ହୋଇଥିଲା। ଏହାପରେ ମଇଲମ ଓ ତଡ଼ପଲାଗି ନୀତି ୮ଟା ସୁଦ୍ଧା ଶେଷ ହୋଇଥିଲା। ଅବକାଶ ନୀତି ୯ଟା ୧୫ରେ ହୋଇ ଗୋପାଳ ବଲ୍ଲଭ ଶେଷ ବେଳକୁ ପୂର୍ବାହ୍ନ ୧୦ଟା ୨୦ ସମୟ ହୋଇଥିଲା। ପରେ ତିନି ରଥରେ ଠାକୁରଙ୍କ ସର୍ବାଙ୍ଗ ନୀତିକାନ୍ତି ଅପରାହ୍ନ ୧ଟା ୧୫ରେ ଶେଷ ହୋଇଥିଲା। ମଧ୍ୟାହ୍ନ ଧୂପ ଶେଷ ବେଳକୁ ୨ଟା ୪୫ ସମୟ ହୋଇଥିଲା। ମଧ୍ୟାହ୍ନ ଧୂପରେ ମହାପ୍ରଭୁଙ୍କୁ ଚୁଡ଼ାଘଷା, ଶୁଖିଲା ଭୋଗ ପ୍ରଭୃତି ଭୋଗ ହୋଇଥିଲା। ତିନି ରଥର ସର୍ବାଙ୍ଗ ଓ ସନ୍ଧ୍ୟା ଆଳତି ଶେଷ ହେବା ବେଳକୁ ୪ଟା ୧୦ ସମୟ ହୋଇଥିଲା। ଏହାପରେ ତୁରନ୍ତ ତିନି ରଥକୁ ଶୋଧ କରାଯାଇ ବେଶ ଆରମ୍ଭ କରାଯାଇଥିଲା। ଭଣ୍ଡାର ମେକାପମାନେ ମହାପ୍ରଭୁଙ୍କ ସ୍ୱର୍ଣ୍ଣ ଅଳଙ୍କାରକୁ ଶ୍ରୀମନ୍ଦିର ରତ୍ନଭଣ୍ଡାରରୁ ଆଣି ରଥ ଉପରେ ଦଇତାପତିଙ୍କୁ ବଢ଼ାଇଥିଲେ। ତିନି ଠାକୁରଙ୍କ ହସ୍ତ, ପାଦ ସହ କଣ୍ଠମାଳା, ଶ୍ରୀଭୁଜ, ଶ୍ରୀପୟର, ରତ୍ନ ପଦକ, ରତ୍ନକିରଟ, କରପଲ୍ଲବ, ମୁଦି, କଣ୍ଠମାଳ, ବଳା, ବାହୁଟି ଓ କଟି ମେଖଳା ଆଦି ବହୁବିଧ ଅଳଙ୍କାରରେ ମହାପ୍ରଭୁଙ୍କୁ ଦଇତାପତି ସେବାୟତମାନେ ବେଶ କରିଥିଲେ। ସୁନାବେଶ ଶେଷ ବେଳକୁ ୫ଟା ୧୦ ସମୟ ହୋଇଥିଲା। ମହାପ୍ରଭୁଙ୍କ ସୁନାବେଶ ୫ଟାରେ ଆରମ୍ଭ କରି ସନ୍ଧ୍ୟା ୬ଟା ୩୦ରେ ଶେଷ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ସମୟ ଧାର୍ଯ୍ୟ କରିଥିବା ବେଳେ ସମୟ ପୂର୍ବରୁ ସୁନାବେଶ ଶେଷ ହେବା ଫଳରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନର ଅତିରିକ୍ତ ସମୟ ପାଇଥିଲେ। ମଧ୍ୟରାତ୍ର ପର୍ଯ୍ୟନ୍ତ ରାଜାଧିରାଜ ବେଶରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହାପରେ ଶୟନ ☞ପୃଷ୍ଠା-୪

# ଅମରନାଥ ଯାତ୍ରା ବାତିଲ

**ଅମରନାଥ, ୧୦।୭**

ବାଦଲଫଟା ବର୍ଷାଜନିତ ବିପର୍ଯ୍ୟୟ ପରେ ଖରାପ ପାଣିପାଗ ଯୋଗୁ ଜମ୍ମୁରେ ଅମରନାଥ ଯାତ୍ରାକୁ ରବିବାର ବାତିଲ କରାଯାଇଛି। ଫଳରେ ଦକ୍ଷିଣ କଶ୍ମୀର ହିମାଳୟ ଉପରେ ଥିବା ୩,୮୮୦ ମିଟର ଉଚ୍ଚ ଏହି ପବିତ୍ରପୀଠର ବେସ୍‌କ୍ୟାମ୍ପକୁ ଯିବାକୁ କୌଣସି ବ୍ୟାଚ୍‌ଙ୍କୁ ଅନୁମତି ଦିଆଯିବନାହିଁ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ଶୁକ୍ରବାର ହୋଇଥିବା ବାଦଲଫଟା ବର୍ଷାରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ନିଖୋଜ ଥିବା ପ୍ରାୟ ୪୦ ଜଣଙ୍କ ସନ୍ଧାନ କାର୍ଯ୍ୟ ଜାରି ରହିଛି। ଏହି ତୀର୍ଥସ୍ଥଳୀରେ ଥିବା ଶିବଲିଙ୍ଗରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପୂଜା କରିଛନ୍ତି। ୪୩ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରା ଅଗଷ୍ଟ ୧୧ରେ ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା।


**ଆଜିର ସମ୍ପାଦକୀୟ**

**ଗଣତନ୍ତ୍ର ପରେ**


# ପିଲା ପଢ଼ିବେ ଜଳବାୟୁ ପରିବର୍ତ୍ତନ, କୋଭିଡ୍ ପାଠ

- ଚଳିତ ଶିକ୍ଷାବର୍ଷ ଶତପ୍ରତିଶତ ପାଠ୍ୟକ୍ରମରେ ମାଟ୍ରିକ ପରୀକ୍ଷା
- ସଂସ୍କୃତ ଇଚ୍ଛାଧୀନ ବିଷୟରେ ରହିବ 'ଶୃଗାଳ ଶିଶୁ କଥା'

**ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୧୦।୭**

ଏଣିକି ସ୍କୁଲରେ କୋଭିଡ୍ ସଂକ୍ରାନ୍ତ ପାଠ ପଢ଼ାଯିବ। ୨୦୨୨-୨୩ ଶିକ୍ଷାବର୍ଷରୁ ଜଳବାୟୁ ପରିବର୍ତ୍ତନ ଓ କୋଭିଡ୍ ପରିଚାଳନା ସଂକ୍ରାନ୍ତ ବିଷୟବସ୍ତୁ ସ୍କୁଲ ପାଠ୍ୟକ୍ରମରେ ସାମିଲ କରାଯିବ ବୋଲି ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ମାଟ୍ରିକ ସିଲାବସ୍‌ରେ ଏହି ବିଷୟ ପଢ଼ାଯିବ। ସେହିପରି ଚଳିତବର୍ଷ ଶିକ୍ଷାବର୍ଷରୁ ମାଟ୍ରିକର ଶତ ପ୍ରତିଶତ ସିଲାବସ୍ ପାଠ ପଢ଼ାଯିବ ଓ ପରୀକ୍ଷା ମଧ୍ୟ ସେହି ଅନୁସାରେ ହେବ। ସ୍କୁଲ ଆସୁଥିବା ପିଲାଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗ ଏକ ଗାଇଡ୍‌ଲାଇନ୍ ଜାରି କରିଛି, ତାହା ପାଳନ କରାଯାଉଛି ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ଗତ ଦୁଇବର୍ଷ ମହାମାରୀ କରୋନା ଯୋଗୁ ସ୍କୁଲ ବନ୍ଦ ରହିଥିଲା। ଫଳରେ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଗତବର୍ଷ ମାଟ୍ରିକ ପରୀକ୍ଷା ମଧ୍ୟ ହୋଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ପରୀକ୍ଷା ଫଳ ଘୋଷଣା କରାଯାଇଥିଲା। ଚଳିତବର୍ଷ ଯଦିଓ ପରୀକ୍ଷା ହୋଇଥିଲା କିନ୍ତୁ ସିଲାବସ୍ କମାଇ ଦିଆଯାଇଥିଲା। ଏବେ ପୂର୍ବାପେକ୍ଷା କରୋନା ହ୍ରାସ ପାଇଥିବାରୁ ଆସନ୍ତା ବର୍ଷରୁ ଶତ ପ୍ରତିଶତ ବିଷୟରେ ପରୀକ୍ଷା ହେବ ବୋଲି ମନ୍ତ୍ରୀ କହିଛନ୍ତି। କରୋନା ଆମକୁ ବହୁତ କିଛି ଶିଖାଇଛି। କରୋନାର ଭୟାବହତା ଲୋକେ ଜାଣିଲେ। ତେଣୁ ଏହି ବିଷୟକୁ ☞ପୃଷ୍ଠା-୪

# ରାଷ୍ଟ୍ରପତି ଭବନରେ ମଉଜ

- ଗୋଟାବାୟା ଇସ୍ତଫା ନ ଦେବା ଯାଏ ଏଠାରେ ରହିବୁ
- ବିକ୍ଷୋଭକାରୀ ପାଇଲେ ୧୭.୮୫ ନିୟୁତ ଟଙ୍କା
- ଅଜ୍ଞାତ ସ୍ଥାନରୁ ଏଲ୍‌ପିଜି ବଣ୍ଟନ ନିର୍ଦ୍ଦେଶ ଦେଲେ ରାଷ୍ଟ୍ରପତି



ଶ୍ରୀଲଙ୍କା ରାଷ୍ଟ୍ରପତି ଭବନ ଶୟନ କକ୍ଷରେ ବିକ୍ଷୋଭକାରୀ।

**କଲମ୍ବୋ,୧୦।୭**

ଶ୍ରୀଲଙ୍କାରେ ସୃଷ୍ଟି ହୋଇଥିବା ଅଭୂତପୂର୍ବ ଆର୍ଥିକ ସଙ୍କଟ ପାଇଁ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କୁ ଦାୟୀ କରି ରାଷ୍ଟ୍ରପତି ଭବନକୁ ଦଖଲ କରିଛନ୍ତି ବିକ୍ଷୋଭକାରୀ। ଗୋଟାବାୟାଙ୍କ ପତ୍ତା ମିଳୁ ନ ଥିବାବେଳେ ତାଙ୍କ ଇସ୍ତଫା ଦାବିରେ ସାଧାରଣ ଜନତା ଅଡ଼ିବସିଛନ୍ତି। ରାଷ୍ଟ୍ରପତି ଇସ୍ତଫା ନ ଦେବା ଯାଏ ତାଙ୍କ ସରକାରୀ ବାସଭବନ ଛାଡ଼ି ଯିବୁ ନାହିଁ ବୋଲି ବିକ୍ଷୋଭକାରୀମାନେ କହିଛନ୍ତି। ଗୋଟାବାୟାଙ୍କ ବିଳାସପୂର୍ଣ୍ଣ ରାଷ୍ଟ୍ରପତି ଭବନର ମଜା ନେବା ପାଇଁ ଲୋକେ ତାଙ୍କ ସୁଇମିଂ ପୁଲ୍‌ରେ ପହଁରୁଛନ୍ତି ଓ ଜିମ୍‌ରେ ବ୍ୟାୟାମ କରୁଛନ୍ତି। ଏପରି କି ସୁସଜ୍ଜିତ ଶୟନକକ୍ଷର ବେଡ୍‌ଗୁଡ଼ିକ ଉପରେ ଶୋଇବା ସହ ସମ୍ମିଳନୀ କକ୍ଷରେ ବୈଠକ କରୁଛନ୍ତି। କେହି କେହି ତାଙ୍କ ରୋଷେଇ ଘରେ ସୁସ୍ୱାଦୁ ବ୍ୟଞ୍ଜନ ଖାଉଥିବାବେଳେ ଆଉ କେତେକେ ରାଷ୍ଟ୍ରପତି ଭବନ ପରିସରରେ ବୁଲି ଜାଲି ଭୋଜି କରୁଛନ୍ତି। ହାଇ-ସିକ୍ୟୁରିଟି ଜୋନ୍‌ରେ ଥିବା ଯେଉଁ ରାଷ୍ଟ୍ରପତି ଭବନର ସୁରକ୍ଷାକୁ ଏକଦା ଭେଦ କରିବା ଅସମ୍ଭବ ଥିଲା, ଆଜି ତାହା ଏକପ୍ରକାର ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇଯାଇଛି। ଇତିମଧ୍ୟରେ ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ଭବନରେ ୧୭.୮୫ ନିୟୁତ ☞ପୃଷ୍ଠା-୪




# ବିକଳ୍ପ ଜାଳେଣି ଚିନ୍ତାରେ ଉପଭୋକ୍ତା



କେନ୍ଦ୍ର ସରକାର ଜୁଲାଇ ୬ ତାରିଖରେ ୧୪.୨ କେ.ଜି.ର ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ (ଏଲ୍‌ପିଜି) ମୂଲ୍ୟରେ ୫୦ ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ଭୁବନେଶ୍ୱରରେ ଏହାର ମୂଲ୍ୟ ୧,୦୭୯ ଟଙ୍କା ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଦର ଭିନ୍ନ ଭିନ୍ନ ରହିଥିବାବେଳେ ଘରେ ସିଲିଣ୍ଡର ଆଣି ପହଞ୍ଚାଉଥିବା ବ୍ୟକ୍ତି ଅତିରିକ୍ତ ପ୍ରାୟ ୨୦ ଟଙ୍କା ନେଉଛନ୍ତି। ୨୦୨୧ ଜାନୁୟାରୀରେ ଉପରୋକ୍ତ ପରିମାଣର ଏଲ୍‌ପିଜି ସିଲିଣ୍ଡର ପିଛା ମୂଲ୍ୟ ୭୨୦ ଟଙ୍କା ଥିଲା। ଏହି ଦେଢ଼ବର୍ଷ ମଧ୍ୟରେ ୧୩ ଥର ଦରବୃଦ୍ଧି ଯୋଗୁ ଗୋଟିଏ ସିଲିଣ୍ଡର ପିଛା ୩୬୦ ଟଙ୍କା ବଢ଼ିଲାଣି। ଅନ୍ୟପକ୍ଷରେ ଏଥିରେ ପୂର୍ବରୁ ମିଳିଆସୁଥିବା ସବ୍‌ସିଡି ଅର୍ଥ ହ୍ରାସ ପାଇ ପ୍ରାୟ ୧୩ ଟଙ୍କାକୁ ଖସିଲାଣି। ଲୋକେ ପ୍ରାୟତଃ କାଠ, ଅଙ୍ଗାର, ଘଷି, କିରୋସିନ ଷ୍ଟୋଭ୍, ଇଲେକ୍ଟ୍ରିକ୍ ହିଟର ଆଦି ଜାଳେଣି ବ୍ୟବସ୍ଥାରେ ରନ୍ଧନ ଅଭ୍ୟାସ ଛାଡ଼ିଦେଇଥିବାରୁ ଏବେକାର ଏଲ୍‌ପିଜି ଦରବୃଦ୍ଧି ସେମାନଙ୍କୁ ଘୋର ଚିନ୍ତାରେ ପକାଇଛି। ସବୁ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ମୂଲ୍ୟ ଲୋକଙ୍କୁ ଆର୍ଥିକ ଦୁର୍ଦ୍ଦଶା ମଧକୁ ଠେଲିଦେଇଥିବାବେଳେ ଏବେ ରୋଷେଇ ପାଇଁ ବିକଳ୍ପ ଇନ୍ଧନ ଚିନ୍ତା ଘାରୁଛି। ଏନେଇ ଲୋକଙ୍କ ପ୍ରତିକ୍ରିୟାକୁ ଏଠାରେ ସ୍ଥାନିତ କରାଯାଇଛି।

## ଚଳିବା କଷ୍ଟକର



ରନ୍ଧନ ଗ୍ୟାସ୍‌ର ଅହେତୁକ ଦର ବୃଦ୍ଧି ଯୋଗୁ ଚଳିବା କଷ୍ଟକର ହୋଇପଡୁଛି। ଗ୍ରାମରେ ଲୋକମାନେ ଚୁଲି ଜାଳି ରୋଷେଇ କରିପାରିବେ। ହେଲେ କଟକରେ ଆମେ ରହୁଥିବା ଘରେ ସେଭଳି ବ୍ୟବସ୍ଥା ନାହିଁ। ହିଟର କିମ୍ବା ଇଣ୍ଡକ୍ଶନ ଚୁଲାରେ ରୋଷେଇ କଲେ ବିଦ୍ୟୁତ୍ ବିଲ୍ ବଢିଯିବ। ତେଣୁ ବାଧ ହୋଇ ଯେତେ ସମ୍ଭବ କମ୍ ପରିମାଣର ଗ୍ୟାସ୍ ବ୍ୟବହାର କରିବାକୁ ପଡିବ।

**- ଗୀତାଞ୍ଜଳି ନାୟକ, ଗୃହିଣୀ, ମଧୁପାଟଣା, କଟକ**

## ଆମ ପାଇଁ ବିକଳ୍ପ ନାହିଁ



ଗ୍ୟାସ୍ ଦର ଦିନକୁ ଦିନ ବୃଦ୍ଧି ପାଇ ଚାଲିଛି। ଫଳରେ ଗ୍ୟାସ୍ ସିଲିଣ୍ଡର ଭରିବା ଆମ ପାଇଁ ବଡ଼ ସମସ୍ୟା ହେଉଛି। ଗ୍ରାମାଞ୍ଚଳରେ ରୋଷେଇ ପାଇଁ ବିକଳ୍ପ ଥିବାବେଳେ ସହରରେ ଗ୍ୟାସ୍ ବ୍ୟତୀତ ଆଉ କୌଣସି ବିକଳ୍ପ ନାହିଁ। ଏଣୁ ବାଧହୋଇ ଗ୍ୟାସ୍ ଭରିବାକୁ ପଡୁଛି। ଏହାଦ୍ୱାରା ମାସିକ ଖର୍ଚ୍ଚ ବଢ଼ିବା ସହ ଆମ ଚଳଣି ଉପରେ ପ୍ରଭାବ ପକାଉଛି। ଗ୍ୟାସ୍ ଦର କମାଇ ଦେଲେ ଆମର ଖର୍ଚ୍ଚ କିଛି ପରିମାଣ କମିପାରନ୍ତା।

**- ରମଣୀ ବାରିକ, ବଙ୍କସାହି, ଭଦ୍ରକ**

## ଇଣ୍ଡକ୍‌ଶନ୍ ଆଣିବି



ଆଉ ଗ୍ୟାସ୍‌ରେ ରୋଷେଇ କରି ଘର ଚଳାଇବା ସମ୍ଭବ ନୁହେଁ। ଏହାର ବିକଳ୍ପ ଭାବେ ଇଣ୍ଡକଶନ୍ ଆଣିବାକୁ ଚିନ୍ତା କରିଛି। କେନ୍ଦ୍ର ସରକାର ଜାଣିଶୁଣି ସାଧାରଣ ଲୋକଙ୍କ ଉପରେ ବୋଝ ଲଦି ଦେଉଛନ୍ତି। କେନ୍ଦ୍ର ସରକାର ପ୍ରଥମେ ଉଜ୍ଜଳା ଯୋଜନା କରି ଗାଁ ଲୋକଙ୍କୁ କମ୍ ଦାମ୍‌ରେ ଗ୍ୟାସ୍ ଯୋଗାଇ ଦେଲେ। ଆଉ ଏବେ ଲୋକେ ଗ୍ୟାସ୍‌ରେ ଅଭ୍ୟସ୍ତ ହୋଇଯିବା ପରେ ହୁ ହୁ ହୋଇ ଦାମ୍ ବଢାଉଛନ୍ତି। ଏଭଳି କ୍ଷେତ୍ରରେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିବା ଦୁଃଖର ବିଷୟ।

**- ସୁପ୍ରିୟା କୁମାରୀ, ଗୃହିଣୀ, ଭୁବନେଶ୍ୱର**

## କମ୍ ରୋଷେଇ ସାଙ୍ଗକୁ ଖର୍ଚ୍ଚ କାଟ କରୁଛୁ



ଭୁବନେଶ୍ୱରରେ ରହୁଛୁ। ତେଣୁ ଏଠାରେ ଚୁଲି ବା କୋଇଲା ଜାଳି ରୋଷେଇ କରିବା ସମ୍ଭବ ନୁହେଁ। ବିଦ୍ୟୁତ୍ ଦରକୁ ଦେଖି ହିଟର ବ୍ୟବହାର କରିବା ମଧ ଅସମ୍ଭବ। ତେଣୁ ମୋ’ ପାଇଁ ଗ୍ୟାସ୍‌ର ଆଉ କିଛି ବିକଳ୍ପ ନାହିଁ। ପେଟକୁ ମାରି, ଖର୍ଚ୍ଚ କାଟ୍ କରି ଗ୍ୟାସ୍ କିଣିବାକୁ ପଡୁଛି। ଆଗରୁ ଯେଉଁଠି ୩ରୁ ଅଧିକ ପ୍ରକାର ଖାଦ୍ୟ ରନ୍ଧା ହେଉଥିଲା ସେ କ୍ଷେତ୍ରରେ ଏବେ ଦୁଇଟି କିମ୍ବା ଗୋଟିଏ ତରକାରିରେ କାମ ଚଳାଇବାକୁ ପଡୁଛି। ଏଭଳି ଦରବୃଦ୍ଧି ଆମଭଳି ଲୋକଙ୍କୁ ଭାରି ବାଧୁଛି।

**- ରୀନାମଞ୍ଜରୀ ସାହୁ, ଗୃହିଣୀ, ଭୁବନେଶ୍ୱର**

## ଖର୍ଚ୍ଚ ବଞ୍ଚାଇବାକୁ କାଠଚୁଲି ବ୍ୟବହାର କରୁଛୁ



ବାରମ୍ବାର ଗ୍ୟାସ୍ ଦର ବୃଦ୍ଧି ଯୋଗୁ ସାଧାରଣ ଖାଉଟିଙ୍କ ଉପରେ ପ୍ରଭାବ ପଡ଼ିଛି। ଗରିବ ଓ ମଧବିତ୍ତ ପରିବାର ଗ୍ୟାସ୍ ବ୍ୟବହାର କରିବା କମାଇ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ଗ୍ୟାସ୍‌ରେ ରୋଷେଇ କରାଯାଉଛି। ଖର୍ଚ୍ଚ ବଞ୍ଚାଇବାକୁ ଯାଇ ପୁଣି କାଠଚୁଲି ବ୍ୟବହାର କରିବାକୁ ବାଧ ହେଉଛୁ। ଗ୍ୟାସ୍ ସିଲିଣ୍ଡର ପିଛା ୧୧ଶହ ଟଙ୍କା ଅସହ୍ୟ ହେଉଥିବାରୁ ସରକାର ଏ ଦିଗରେ ଦୃଷ୍ଟି ଦେବା ଗୁରୁତ୍ୱପୂର୍ଣ୍ଣ।

**- ମୋନାଲିସା ବେହେରା, କସିପଦା, ରୂପ୍‌ସା, ବାଲେଶ୍ୱର**

## ପୂର୍ବଭଳି ଆମର କାଠଚୁଲି ଭଲ



ଅହେତୁକ ଦର ବୃଦ୍ଧି ଯୋଗୁ ଉଜ୍ଜ୍ୱଳା ଯୋଜନାରେ ପାଇଥିବା ଗ୍ୟାସ୍ ସିଲିଣ୍ଡର ଭର୍ତ୍ତି କରିପାରୁ ନାହିଁ। ପୂର୍ବଭଳି ଆମର କାଠଚୁଲି ଭଲ। ଗାଁ ନିକଟରେ ଥିବା ଜଙ୍ଗଲରେ କାଠ ଯାହାକୁ ଯେତେ। ଦିନେ ଜଙ୍ଗଲକୁ ଯାଇ କାଠ ଓ ଶୁଖିଲାପତ୍ର ଆଣିଲେ ସାତ ଦିନ ରୋଷେଇ ହେଉଛି। ଏଣୁ ବର୍ଷସାରା ରୋଷେଇ ପାଇଁ କାଠ ଓ ଶୁଖିଲାପତ୍ର ସଂଗ୍ରହ କରୁଛୁ।

**- ଭାରତୀ ମହାନ୍ତ, ମୈତ୍ରାପୁର, ବଡ଼ସାହି**

## ଘଷି ଜାଳ ବ୍ୟବହାର କରିବାକୁ ପଡୁଛି



ଏପଟେ ବିଦ୍ୟୁତ୍ ଦର ବଢ଼ିବା ସାଙ୍ଗକୁ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ବେଢ଼ି ଉପରେ କୋରଡ଼ା ସଦୃଶ। ଇଣ୍ଡକ୍ସନ ହିଟର ଓ ଗ୍ୟାସ୍ ଚୁଲା ବ୍ୟବହାର କରିବା ଆମ ପରି ମଧବିତ୍ତ ପରିବାର ପକ୍ଷେ କଷ୍ଟସାଧ ହେଲାଣି। ଦିନକୁ ଦିନ ବ୍ୟୟ ଭାର ଅଧିକ ହେଉଥିବା ବେଳେ ଆୟ ବଢୁ ନାହିଁ। ଆଗ ଭଳି ଘଷି ଜାଳ ବ୍ୟବହାର କରିବାକୁ ପଡ଼ିଲାଣି।

**- ସୁମିତା ବେହେରା, ବିଜୟରାମଚନ୍ଦ୍ରପୁର, ବାରିପଦା ପୌରାଞ୍ଚଳ**

## ଆର୍ଥିକ ସ୍ଥିତିରେ ପ୍ରଭାବ ପକାଉଛି



କିଛିମାସ ହେଲା ଗ୍ୟାସ୍ ଦର ବାରମ୍ବାର ବୃଦ୍ଧି ହେଉଛି। ବର୍ତ୍ତମାନ ଘରୋଇ ଗ୍ୟାସ୍ ସିଲିଣ୍ଡର ୧୦୮୦ ଟଙ୍କାରେ ପହଞ୍ଚିଲାଣି। ଏହା ପରିବାରର ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଉଛି। ସହରରେ ଗ୍ୟାସ୍‌ର ବିକଳ୍ପ ବ୍ୟବସ୍ଥା ନାହିଁ। ତେଣୁ ଅନ୍ୟ ଖର୍ଚ୍ଚ କାଟ କରି ସିଲିଣ୍ଡର କିଣିବାକୁ ପଡୁଛି। ସରକାର ଏହାର ସ୍ଥାୟୀ ସମାଧାନ କରନ୍ତୁ।

**- କିରଣବାଳା ଆଚାର୍ଯ୍ୟ, ସାକ୍ଷିପଡା, ସମ୍ବଲପୁର ମହାନଗର ନିଗମ**

## ଆଖିରେ ଲୁହ ଦେଉଛି



ଗ୍ୟାସ୍ ଦର ବୃଦ୍ଧି ସମସ୍ତ ବର୍ଗର ଲୋକମାନଙ୍କୁ ବାଧୁଛି। ବହୁ ଆଡମ୍ବରରେ ଉଜ୍ଜ୍ୱଳା ଯୋଜନା ଆରମ୍ଭ ହୋଇଥିଲା। ମହିଳାମାନଙ୍କ ଆଖିରୁ ଲୁହ ପୋଛିବାକୁ କୁହାଯାଉଥିଲା। ହେଲେ ଦରବୃଦ୍ଧି ମହିଳାଙ୍କ ଆଖିରେ ଲୁହ ଦେଉଛି। ଗ୍ରାମାଞ୍ଚଳରେ ବିକଳ୍ପ ବ୍ୟବସ୍ଥା ଥିବାରୁ ଏବେ କାଠ ଚୁଲିରେ ରୋଷେଇ କରିବା ଆରମ୍ଭ କରିଦେଇଛି। ସରକାର ତୁରନ୍ତ ଗ୍ୟାସ୍ ଦର ହ୍ରାସ କରନ୍ତୁ।

**- ବାସନ୍ତି ପ୍ରଧାନ, ସରପଞ୍ଚ, ଯୁଯୁମୁରା ପଞ୍ଚାୟତ, ସମ୍ବଲପୁର**

## ଇଣ୍ଡକ୍ସନ, କାଠ ଚୁଲି ବ୍ୟବହାର କରିବୁ



ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସାଙ୍ଗକୁ ଏଲପିଜି ସିଲିଣ୍ଡର ଦର ମଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯାହାକି ମଧବିତ୍ତ ପରିବାରଙ୍କ ପକ୍ଷେ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଆଗାମୀ ଦିନରେ ଏଭଳି ଦର ବୃଦ୍ଧି ଜାରି ରହିଲେ ବିକଳ୍ପ ବ୍ୟବସ୍ଥା ସ୍ୱରୁପ ସୋଲାର, ଇଣ୍ଡକ୍ସନ ଓ କାଠ ଚୁଲି ବ୍ୟବହାର କରିବୁ। ଯାହାଦ୍ୱାରା ଖର୍ଚ୍ଚ କମ୍ ହେବାର ସମ୍ଭାବନା ରହିଛି। ଏଣୁ ଏ ଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିବା ଜରୁରୀ।

**- ସରିତା ପଣ୍ଡା, ଗୃହିଣୀ, ବ୍ରହ୍ମପୁର**

## ଘର ବାହାରେ କାଠଚୁଲି କରିବୁ



ଗ୍ୟାସ୍ ଦର ଅତି ବାଧୁଛି। ବର୍ତ୍ତମାନ ଯାଜପୁର ରୋଡ୍‌ରେ ଏଲ୍‌ପିଜି ସିଲିଣ୍ଡର ପିଛା ୧୦୯୫ ଟଙ୍କା ଥିବାବେଳେ ପୁଣି ଅତିରିକ୍ତ ଭାବେ ଘରକୁ ପହଞ୍ଚାଇବା ଖର୍ଚ୍ଚ ୩୦ ଟଙ୍କା ଦେବାକୁ ପଡୁଛି। ଏଭଳି ସ୍ଥିତିରେ ଘର ଚଳାଇବା ଅତି କଷ୍ଟକର ହୋଇ ପଡୁଛି। ସରକାର ମଧବିତ୍ତ ପରିବାରଙ୍କୁ ଆଉ ଚଳେଇ ଦେବେ ନାହିଁ ବୋଲି ସ୍ପଷ୍ଟ ମନେହେଉଛି। ଗ୍ୟାସ ଦରର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ଆର୍ଥିକ ସ୍ଥିତି ଦୋହଲି ଯାଉଛି। ଆଗକୁ ଘର ବାହାରେ କାଠଚୁଲି କରି ନ ରାନ୍ଧିଲେ ପରିସ୍ଥିତିର ମୁକାବିଲା କରିବା କଷ୍ଟକର ହୋଇପଡ଼ିବ।

**- ଅଞ୍ଜୁ ସେନାପତି, ଯାଜପୁର ରୋଡ୍**

## ଖାଦ୍ୟଠାରୁ ଜାଳେଣି ଦାମ୍ ଅଧିକ



ରନ୍ଧନ ଗ୍ୟାସ୍‌ର ଅହେତୁକ ମୂଲ୍ୟ ବୃଦ୍ଧି ଏବେ ଗ୍ରାମାଞ୍ଚଳରେ ଉତ୍କଟ ସମସ୍ୟା ସୃଷ୍ଟି କରିଛି। ଖାଦ୍ୟ ପ୍ରସ୍ତୁତ ପାଇଁ ଜାଳେଣିର ଅଭାବ ସହ ଏହାର ଦାମ୍ ଅଧିକ ହୋଇଯାଉଛି। ଜଙ୍ଗଲ ହ୍ରାସ ଓ ସଂରକ୍ଷଣ ଯୋଗୁ ଜାଳେଣି କାଠ ମିଳୁନାହିଁ। କିରୋସିନ ଲିଟର ପିଛା ୮୦ ଟଙ୍କା ଛୁଇଁଛି। ବିଦ୍ୟୁତ୍ ଦର ବୃଦ୍ଧି ସାଙ୍ଗକୁ ଲୋ ଭୋଲ୍‌ଟେଜ୍ ସମସ୍ୟା ପାଇଁ ହିଟର କିମ୍ବା ଇଣ୍ଡକ୍ସନ ଚୁଲା ଚାଲିପାରୁନାହିଁ। ଆଧୁନିକ ଚାଷ ପ୍ରଣାଳୀ ଯୋଗୁ ଗାଈ ଓ ବଳଦ ଆଦି ଗୃହପାଳିତ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଇଛି। ଏଥିସହ କୁଟାଛଣ ଆଦିର ଅଭାବ ଲାଗି ଘଷି ମଧ ତିଆରି ହୋଇପାରୁନାହିଁ। ଏପରି ସ୍ଥିତିରେ ରନ୍ଧନ ଗ୍ୟାସର ଦର ବୃଦ୍ଧି ଯୋଗୁ ଠିକ୍ ଖାଦ୍ୟ ପ୍ରସ୍ତୁତ ହୋଇପାରୁନାହିଁ। ଘରେ ମଧ ରୋଷେଇ କମାଇ ଦିଆଯାଇଛି।

**- ଶ୍ୱେତପଦ୍ମା ରାଉତ, ଗୃହିଣୀ, ସଠିଲୋ, ଆଠଗଡ଼**

## କାଠ ଚୁଲି ହିଁ ଭରସା



ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢ଼ି ଚାଲିଥିବାବେଳେ କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍ ମୂଲ୍ୟରେ ପୁଣିଥରେ ୫୦ ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ଅନୁଗୋଳ ଜିଲାରେ ୧୪.୨ କେ.ଜି. ଗ୍ୟାସ୍ ସିଲିଣ୍ଡର ଦର ପ୍ରାୟ ୧୧ ଶହ ଟଙ୍କା ଛୁଇଁଛି। ଜାଳେଣି ବାବଦରେ ଏତେ ଟଙ୍କା ବ୍ୟୟ କରିବା ଆଉ ସମ୍ଭବ ନୁହେଁ। କିରୋସିନ କିମ୍ବା ବିଦ୍ୟୁତ୍ ହିଟରରେ ରୋଷେଇ କରିବା ମଧ ଅଧିକ ବ୍ୟୟସାପେକ୍ଷ। ତେଣୁ ନିଆଁ ଧାସ ଓ ଧୂଆଁ ହେଉ ପଛେ ଏବେ କାଠ ଚୁଲି ହିଁ ଗୃହିଣୀଙ୍କ ଏକମାତ୍ର ଭରସା।

**- ଅନିତା ସାହୁ, ଗୃହିଣୀ, ଅନୁଗୋଳ**

## ରୋଷେଇକୁ ନେଇ ବଡ଼ ଚିନ୍ତା



ରନ୍ଧନ ଗ୍ୟାସ୍ ଦର ବଢ଼ିଚାଲିବା ମଧବିତ୍ତ ପରିବାର ଉପରେ ଅଧିକ ବୋଝ ବଢ଼ାଉଛି। ଚୁଲିରେ ରୋଷେଇ ପାଇଁ କାଠର ଅଭାବ ଦେଖାଦେଉଥିବା ବେଳେ ବିଦ୍ୟୁତ୍ ଦେୟ ମଧ ଅତ୍ୟଧିକ ବଢ଼ିଯିବା ଆଉ ଏକ ସମସ୍ୟା ହୋଇଛି। ତେଣୁ କିପରି ରୋଷେଇ କରିବେ ତାହାକୁ ନେଇ ଗୃହିଣୀମାନେ ବଡ଼ ଚିନ୍ତାରେ ପଡ଼ିଛନ୍ତି। ଗ୍ୟାସ୍ ଦରରେ ହ୍ରାସ ଅତ୍ୟନ୍ତ ଜରୁରୀ।

**- ଦୀପ୍ତିବାଳା ମିଶ୍ର, ଗୃହିଣୀ, ଢେଙ୍କାନାଳ**

## ସରକାର ବଦଳିବା ଦରକାର



କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଦାୟିତ୍ୱ ସମ୍ଭାଳିବା ପରଠାରୁ ସବୁ ଜିନିଷର ଦରଦାମ ବଢ଼ିଛି। କରୋନା ମହାମାରୀ ସମୟରେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ସାଧାରଣ ବର୍ଗର ଲୋକେ ଏଯାଏ ଅଣ୍ଟା ସଳଖି ନାହାନ୍ତି। ଲୋକେ ଆର୍ଥିକ ଅନଟନରେ ଶଢୁଥିବା ବେଳେ ଅତ୍ୟାବଶ୍ୟକ ରନ୍ଧନ ଗ୍ୟାସ ଦର ଲଗାତର ବୃଦ୍ଧି ପାଇବାରେ ଲାଗିଛି। ଏହା ବହୁତ ବାଧୁଛି। ସରକାର ବଦଳିଲେ ଦରବୃଦ୍ଧି ରୋକିହେବ। ନଚେତ ପୂର୍ବରୁ ଯେପରି ଲୋକେ କାଠଚୁଲି ବ୍ୟବହାର କରୁଥିଲେ ସେପରି କରିବେ। ଯାହାଦ୍ୱାରା ଜଙ୍ଗଲ ପଦା ହୋଇ ପରିବେଷ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ।

**- ବସନ୍ତ କୁମାର ପଣ୍ଡା, ବୁଦ୍ଧିଜୀବୀ ପାରଳାଖେମୁଣ୍ଡି**

## ଅନ୍ୟ କୌଣସି ବିକଳ୍ପ ନାହିଁ



ଏଲ୍‌ପିଜି ୧୪.୨ କେଜିର ଦର ସୋନପୁର ସହରରେ ୧୦୮୬ ଟଙ୍କା ଛୁଇଁଛି। ୬ ସପ୍ତାହ ମଧ୍ୟରେ ଏହା ହେଉଛି ଏଲ୍‌ପିଜି ମୂଲ୍ୟରେ ଦ୍ୱିତୀୟ ବୃଦ୍ଧି। ଏହା ଘରୋଇ ବଜେଟ୍‌କୁ ସଙ୍କୁଚିତ କରିଦେଇଛି। ଆମ ପରି ମଧବିତ୍ତ ପରିବାରଙ୍କ ରୋଷେଇ ଘରେ ମହଙ୍ଗା ମାଡ ସଦୃଶ ହୋଇଛି। ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ପ୍ରତି ଏହା ସରକାରଙ୍କ ସମ୍ବେଦନହୀନତାକୁ ଦର୍ଶାଉଛି। ହେଲେ ସହରରେ ରହୁଥିବା ଆମ ପରି ଲୋକଙ୍କ ପାଇଁ ଅନ୍ୟ କୌଣସି ବିକଳ୍ପ ନାହିଁ। ଅନ୍ୟପଟେ ଖର୍ଚ୍ଚ କାଟ୍ କରି ରୋଷେଇ ପାଇଁ ରନ୍ଧନ ଗ୍ୟାସ ଅଧିକ ଦରରେ କିଣିବାକୁ ବାଧ।

**- ସ୍ୱର୍ଣ୍ଣମୟୀ ବକ୍ସି, ଗୃହିଣୀ, ଘୋଡାଘାଟପଡା, ସୋନପୁର ସହର**

## କାଠଚୁଲିରେ ରୋଷେଇ କରିବୁ



ହାତ ପାଆନ୍ତାରେ ରିହାତି ଦରରେ ଗ୍ୟାସ ସିଲିଣ୍ଡର ଉପଲବ୍ଧ କରାଇ ସରକାର ବାହାବା ନେଲେ। ଆମେ ଗ୍ରାମାଞ୍ଚଳର ଲୋକ ଗ୍ୟାସରେ ରୋଷେଇ କରିବାରେ ଅଭ୍ୟସ୍ତ ହେଲୁ। ତେବେ ବାରମ୍ବାର ଏଲ୍‌ପିଜି ଗ୍ୟାସ୍ ମୂଲ୍ୟ ବୃଦ୍ଧି ଅତିରିକ୍ତ ବୋଝ ସୃଷ୍ଟି କରୁଛି। ଗତ ୨୦୨୧ରୁ ଅଦ୍ୟାବଧି ଦେଢବର୍ଷ ମଧ୍ୟରେ ୧୩ ଥର ମୂଲ୍ୟବୃଦ୍ଧି ଘଟିଲାଣି। ତେଣୁ ୧୦୯୪ଟଙ୍କାରେ ଗ୍ୟାସ କିଣିବା ଅପେକ୍ଷା ପୁଣି କାଠ ଚୁଲିରେ ରୋଷେଇ କରିବାକୁ ନିଷ୍ପତ୍ତି ନେଇଛୁ। ବର୍ଷାଋତୁରେ କାଠ ଚୁଲିରେ ରୋଷେଇ କରିବା କଷ୍ଟକର କାର୍ଯ୍ୟ ହୋଇଥିଲେ ହେଁ ଅନ୍ୟ କୌଣସି ଉପାୟ ନାହିଁ। ପରିବାରର ବଜେଟ୍‌କୁ ଦେଖି ଏହା କରିବାକୁ ପଡିବ।

**- ସବିତା ପଣ୍ଡା, ଗୃହିଣୀ, କଟାପାଲି, ତରଭା ବ୍ଲକ**

## ମୂଲ୍ୟବୃଦ୍ଧି ଚାପଗ୍ରସ୍ତ କରିଛି



ରନ୍ଧନ ଗ୍ୟାସ ସିଲିଣ୍ଡରର ଦରବୃଦ୍ଧି ନିୟନ୍ତ୍ରଣରେ ରହୁନାହିଁ। ଗୋଟିଏ ବର୍ଷ ଭିତରେ ଯେତେଥର ରନ୍ଧନ ଗ୍ୟାସ ଦର ବୃଦ୍ଧି ଘଟୁଛି ତାହା ଘରୋଇ ବଜେଟକୁ ଅସ୍ତବ୍ୟସ୍ତ କରି ପକାଉଛି। ତେବେ ନିକଟରେ ଏକାଥରକେ ୫୦ଟଙ୍କା ଦରବୃଦ୍ଧି ଆମକୁ ଚାପଗ୍ରସ୍ତ କରିଛି। ମାସିକ କେତେ ଟଙ୍କା ରୋଜଗାର କଲେ ଘରର ଅନ୍ୟାନ୍ୟ ଖର୍ଚ୍ଚ ସହ ଗୋଟିଏ ପରିବାର ଗ୍ୟାସ ସିଲିଣ୍ଡର ବ୍ୟବହାର କରିପାରିବ ତାହା ବୁଝି ହେଉନାହିଁ। ପୁନଶ୍ଚ ସହରରେ କାଠ କିଣି ଚୁଲିରେ ରୋଷେଇ କରିବା ସମ୍ଭବ ହେଉନାହିଁ। ଷ୍ଟୋଭ, ଇଣ୍ଡକସନ ଭଳି ଜାଳେଣି ସରଞ୍ଜାମ ବ୍ୟବହାର କରିବାକୁ ଆରମ୍ଭ କଲୁଣି।

**- ବାମଦେବ ଷାଣ୍ଢ, ତୁଲସୀନଗର, ବଲାଙ୍ଗୀର**

## ଅଧା ଖାଦ୍ୟ କାଠ ଚୁଲିରେ ରାନ୍ଧୁଛୁ



ଚୁଲିରୁ ଦୂରେଇ ରହିଲେ ମହିଳାମାନେ ଧୂଆଁ ଓ ରୋଗରୁ ଦୂରେଇ ରହିବେ ବୋଲି କୁହାଯାଇଥିଲା। ହେଲେ ଏବେ ଗ୍ୟାସ ସିଲିଣ୍ଡର ପିଛା ୧୦୮୦ ଟଙ୍କା ଦେବାକୁ ପଡୁଛି। ବାରମ୍ବାର ରନ୍ଧନ ଗ୍ୟାସର ଦରବୃଦ୍ଧି ଯୋଗୁ ଆମ ପରି ଗ୍ରାମୀଣ ଅଞ୍ଚଳର ଲୋକଙ୍କ ପାଇଁ ନିୟମିତ କିଣିବା ସମ୍ଭବ ହେଉନାହିଁ। ପୁଣି ଥରେ କାଠଚୁଲି ମୁହାଁ ହେଉଛୁ। ଗ୍ୟାସରେ ଅଧା ଓ ଆଉ ଅଧା ଖାଦ୍ୟ କାଠ ଚୁଲିରେ ରାନ୍ଧିବାକୁ ବାଧ ହେଉଛୁ। ଏବେ ବର୍ଷାଋତୁ ଆସି ଯାଇଥିବାରୁ ଓଦା କାଠରେ ଚୁଲିରେ ରାନ୍ଧିବା କଠିନ ପରିସ୍ଥିତି ସୃଷ୍ଟି କରୁଛି। ଏ ଦିଗରେ ସରକାର ଧ୍ୟାନ ନ ଦେଲେ ଗ୍ରାମାଞ୍ଚଳ ଲୋକେ ଜାଳେଣି ପାଇଁ ଜଙ୍ଗଲରୁ ପୁଣି ଗଛ କଟିବେ ଓ ଚୁଲିଫୁଙ୍କି ରୋଗଗ୍ରସ୍ତ ହେବେ।

**- କମଳା ନାଏକ, ଡୁଡୁକିପଦର, ଖପ୍ରାଖୋଲ, ବଲାଙ୍ଗୀର**

## ଅନ୍ତରରୁ ଲୁହ ବାହାର କରୁଛି



ଗ୍ୟାସ ଦର ଦିନକୁ ଦିନ ଦର ବୃଦ୍ଧି ପାଇବାରେ ଲାଗିଛି। ଏପରି ଜାରି ରହିଲେ ଲାଗୁଛି ଲୋକେ ବାଧ ହୋଇ ପୁନର୍ବାର ଜାଳେଣି ରୂପେ କାଠ, କୋଇଲା ବ୍ୟବହାର କରିବେ। ବାଧ ହେବେ। ଗତ କିଛି ମାସ ମଧ୍ୟରେ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ଯୋଗୁ ବିଶେଷ କରି ମଧବିତ୍ତ ପରିବାର ସହିତ ଗରିବ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଷେଇ ସମୟରେ ଗ୍ୟାସ ଯଦିଓ ଆଖିରୁ ଲୁହ ବାହାର କରୁନାହିଁ ତେବେ ଅନ୍ତରରୁ ଲୁହ ବାହାର କରୁଛି। ଆଉ କିଛି ଦିନ ଯଦି ଏପରି ଚାଲେ ଲୋକେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ।

**- ଜ୍ୟୋତ୍ସ୍ନାମୟୀ ମହାପାତ୍ର, ବନଭାରତୀ କଲୋନୀ, କୋରାପୁଟ**

## କାଠ, କୋଇଲା ବ୍ୟବହାର କରିବାକୁ ଚିନ୍ତା କରିବୁ



ସରକାରଙ୍କ ଦ୍ୱାରା ଗ୍ୟାସ ଦର ବାରମ୍ବାର ବୃଦ୍ଧି କରିବା ସାଧାରଣ ଜନତା ଓ ମଧବିତ୍ତ ପରିବାରକୁ ବହୁତ ହଇରାଣ ହେବାକୁ ପଡୁଛି। କିଛି ବର୍ଷ ତଳେ ସରକାର ଗ୍ୟାସ ଦରରେ ଅହେତୁକ ସବସିଡି ଦେଇ ସାଧାରଣ ମହିଳାଙ୍କ ପ୍ରିୟ ହୋଇପାରିଥିଲେ। ବର୍ତ୍ତମାନ କିଛି ମାସ ମଧ୍ୟରେ ଗ୍ୟାସ ଦରରେ ଅହେତୁକ ବୃଦ୍ଧି କରି ଗରିବ ମହିଳାମାନଙ୍କୁ ଗ୍ୟାସ ଜାଳେଣି ଛାଡିବାକୁ ଏକ ପ୍ରକାରର ବାଧ କରୁଛନ୍ତି। ଏଣିକି ସେମାନେ ଗ୍ୟାସ ବଦଳରେ କାଠ ଓ କୋଇଲା ବ୍ୟବହାର କରିବାକୁ ଚିନ୍ତା କରିବେ।

**- ସସ୍ମିତା ସାହୁ , ଗୃହିଣୀ , ପୂଜାରିପୁଟ, କୋରାପୁଟ**

## ଦର ନ କମିଲେ କାଠଚୁଲି ହିଁ ବିକଳ୍ପ



ଗ୍ୟାସ୍ ଦର ଆମ ଭଳି ମଧବିତ୍ତ ପରିବାର ଉପରେ ବେଶ୍ ପ୍ରଭାବ ପକାଉଛି। କରୋନା ପରଠାରୁ ଆୟ କମ୍, ବ୍ୟୟ ଅଧିକ ହେଉଛି। ଦରବୃଦ୍ଧି ଯୋଗୁ ପରିବାରରେ ଅଶାନ୍ତି ବଢୁଛି। ଗ୍ୟାସ୍ ଦର ନ କମିଲେ କାଠ ଚୁଲି ହିଁ ଏକମାତ୍ର ବିକଳ୍ପ ହେବ।

**- ସୁପ୍ରଭା ମିଶ୍ର, ରାମା ଟକିଜ୍ ପଛପାର୍ଶ୍ୱ, ରାୟଗଡ଼ା**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୦୪,୯୮,୨୨୭ | ୬୩,୭୭,୭୧୧ | ୫୩,୩୪,୪୬,୦୨୭ |
| ଭାରତ | ୪,୩୬,୨୪,୮୩୫ | ୫,୨୫,୪୨୮ | ୪,୨୯,୬୮,୫୩୩ |
| ଓଡ଼ିଶା | ୧୨,୯୩,୫୦୪ | ୯୧୨୬(+୫୩) | ୧୨,୮୧,୫୩୭ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ୪୯% ପରିବାର ପାଇଛନ୍ତି ଟ୍ୟାପ୍ ପାଣି

**■ ଅଣଓଡ଼ିଆ ଠିକାସଂସ୍ଥା କବଳରେ ମେଗା ପ୍ରକଳ୍ପ**

**■ ନିମ୍ନମାନର କାର୍ଯ୍ୟ ପାଇଁ ଠିକାସଂସ୍ଥାଙ୍କୁ ଚେତାବନୀ**



ଯାଜପୁର ଅଫିସ,୧୦।୭

ରାଜ୍ୟବାସୀଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ବସୁଧା, ଜଳ ଜୀବନ ମିଶନ, ଓଏମ୍‌ବିଏଡିସି, ଡିଏମ୍‌ଏଫ୍, ଆର୍‌ଆଇଡିଏଫ୍ ଆଦି ଯୋଜନାରେ ବ୍ୟବସ୍ଥା କରାଯାଇଛି। ଏଥିରେ ପ୍ରତ୍ୟେକ ଘରକୁ ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ପଦକ୍ଷେପ ନିଆଯାଉଛି। ଏହିକ୍ରମରେ ଗତ ଜୁନ୍ ୩୦ ସୁଦ୍ଧା ୪୮.୮୫% ପରିବାରକୁ ଟ୍ୟାପ ସଂଯୋଗୀକରଣ ହୋଇଛି। ଗ୍ରାମାଞ୍ଚଳର ସମସ୍ତ ଜନସାଧାରଣଙ୍କୁ ୨୦୨୪ ସୁଦ୍ଧା ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ରହିଥିବା ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି। ତେବେ କେତେକ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ନୈରାଶ୍ୟଜନକ ଏବଂ ଅତି ନିମ୍ନମାନର ଯୋଗୁ ଏହି ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ରାଜ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍‌ଏସ୍) ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ମେଗା ଜଳଯୋଗାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ମନ୍ଥର ଏବଂ ନିମ୍ନମାନର ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିରେ ନିୟୋଜିତ କେତେକ ଅଣଓଡ଼ିଆ ଠିକାସଂସ୍ଥାର ମନମାନି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେବା ସହ ଲୋକଙ୍କୁ ସ୍ୱଚ୍ଛ ପାଣି ମିଳିବାରେ ବିଳମ୍ବ ଘଟିଚାଲିଛି। ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ୪ ପର୍ଯ୍ୟାୟରେ ୨୧୫ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ଏଥିପାଇଁ ୩୫,୧୭୫ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହିସବୁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ ଏଲ୍ ଆଣ୍ଡ ଟି, ଜିଭିପିଆର, ଜେଏମ୍‌ସି ଆଣ୍ଡ୍ ଜେଭି, ଏନ୍‌ସିସି, ଏମ୍‌ଇଆଇଏଲ୍, ଭୋଲଟାସ୍, ଜୁବେରୀ, ଆଇଏଚ୍‌ପି, କେଇସି-କାବେରି, କେଇସି-ବିଆର୍‌ସିସିପିଏଲ୍, କେସିପିଏଲ୍-ୟୁଏମ୍‌ଏସ୍‌ଏଲ୍ ଆଦି ଅଣଓଡ଼ିଆ ଠିକାସଂସ୍ଥା ସହ ୨୦୧୬ରୁ ଚୁକ୍ତି ହୋଇଆସିଛି। ହେଲେ ଏଯାଏ ଗୋଟିଏ ବି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏଠାରେ ବୌଦ୍ଧ, ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଏବଂ ଢେଙ୍କାନାଳ ଜିଲାରେ ନିର୍ମାଣ ହେଉଥିବା ପ୍ରକଳ୍ପଗୁଡିକୁ ଉଦାହରଣ ଭାବେ ନିଆଯାଇପାରେ। ଖୋର୍ଦ୍ଧା ଜିଲାର ବୋଲଗଡ଼ ଓ ବେଗୁନିଆ ବ୍ଲକ ଅନ୍ତର୍ଗତ ୩୩୭ ଗ୍ରାମ ଏବଂ ଢେଙ୍କାନାଳ ଜିଲା ସଦର ବ୍ଲକର ୯ ଗ୍ରାମ ପଞ୍ଚାୟତ ପାଇଁ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହେଉଛି। ଏହିସବୁ ପ୍ରକଳ୍ପର ଅଗ୍ରଗତି ଏବଂ କାର୍ଯ୍ୟର ମାନ ଆଦୌ ଉଲ୍ଲେଖନୀୟ ନୁହେଁ ବୋଲି ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଗତ ଜୁନ୍ ୨୮ରେ ଦର୍ଶାଇଛନ୍ତି। ଆଗକୁ ଉଲ୍ଲେଖନୀୟ ସଫଳତା ହାସଲ ନ କଲେ ପରବର୍ତ୍ତୀ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇପାରିବ ନାହିଁ ବୋଲି ଠିକାସଂସ୍ଥା ଜେଏମ୍‌ସି କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଛନ୍ତି।

ପୁରୀ ଜିଲାର କଣାସ ବ୍ଲକର ୧୨୬ ଗ୍ରାମ, ବ୍ରହ୍ମଗିରି ବ୍ଲକର ୧୮ ଗ୍ରାମ, ସତ୍ୟବାଦୀ ବ୍ଲକର ୧୪ ଏବଂ କୃଷ୍ଣପ୍ରସାଦ ବ୍ଲକର ୯୦ ଗ୍ରାମ ଓ ଗଞ୍ଜାମ ବ୍ଲକର ୪୫ ଗ୍ରାମ ପାଇଁ ନିର୍ମାଣ ହେଉଥିବା ମେଗା ଜଳଯୋଗାଣ ପ୍ରକଳ୍ପର ଅଗ୍ରଗତି ଉପରେ ବିଭାଗୀୟ ଇଞ୍ଜିନିୟର ଜିଭିପିଆର ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ଅନୁରୂପ ମନ୍ତବ୍ୟ ଦେଇଛନ୍ତି।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ୩୯୩ ଗ୍ରାମର ଲୋକଙ୍କ ପାଇଁ ତେଲନଦୀର ଲୁକାପଧାଠାରେ ଏଲ ଆଣ୍ଡ ଟି ପକ୍ଷରୁ ଏକ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହେଉଛି। ଏଥିପାଇଁ ୨୨୭.୪୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହାର କାର୍ଯ୍ୟକାରିତା ପାଇଁ ୧।୩।୨୦୧୯ରେ ଏଲ ଆଣ୍ଡ ଟି ଠିକାସଂସ୍ଥା ସହ ଚୁକ୍ତି ହୋଇଛି। ହେଲେ ଅତି ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଛି। ଏହି ବ୍ଲକର ଖଇରମାଳ, ବନଗୁରା, ଖୁଣ୍ଟିଗୋରା, ଗୁଛାଗୋରା, ମସିନାଗୋରା, ଘଣ୍ଟାପଡା, ଆମ୍ବଗାଁ, ଆଡେଲଗାଁ ପ୍ରଭୃତି ଗ୍ରାମରେ ପାଇପ୍ ବିଛା କାର୍ଯ୍ୟ ଅତି ମନ୍ଥର ହେବା ସହ ଗାତ ଖୋଳାରେ ବ୍ୟାପକ ଅନିୟମିତତା ହେଉଥିବା କୁହାଯାଉଛି। ରାଜ୍ୟରେ ଥିବା ଠିକାସଂସ୍ଥାଗୁଡିକୁ ଅଯୋଗ୍ୟ ବିବେଚନା କରି ବାହାର ରାଜ୍ୟର ଠିକାସଂସ୍ଥାକୁ କାମ ଦେବା ଲାଗି ଜାଣିଶୁଣି ଜଟିଳ ସର୍ତ୍ତ ରଖାଯାଇଥିଲା। ତେଣୁ ରାଜ୍ୟର କେହି ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ନ ଥିଲେ ବୋଲି ଜଣେ ଠିକାଦାର କହିଛନ୍ତି। ଏଭଳିସ୍ଥିତିରେ ଅଣଓଡ଼ିଆ ଠିକାସଂସ୍ଥା କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ଚିନ୍ତା କରିବା ପରିବର୍ତ୍ତେ ସିଂହଭାଗ ଅର୍ଥ ଚଲୁ କରିବାକୁ ମସୁଧା କରୁଥିବା ଚର୍ଚ୍ଚା ହେଉଛି।

## ଆଜିଠୁ ୪ ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୦।୭(ବ୍ୟୁରୋ)

ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ତତ୍‌ସଂଲଗ୍ନ ଅଞ୍ଚଳରେ ଥିବା ଲଘୁଚାପ କ୍ଷେତ୍ର ବର୍ତ୍ତମାନ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳରେ ରହିଛି। ସାମୁଦ୍ରିକ ପ୍ରଚଳନ ସହିତ ଦକ୍ଷିଣ-ପଶ୍ଚିମ ଆଡ଼କୁ ତାହା ଗତି କରୁଛି। ଅନ୍ୟପକ୍ଷରେ ମୌସୁମୀ ଟ୍ରଫ୍ ଲାଇନ୍ ବର୍ତ୍ତମାନ ଦକ୍ଷିଣ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ତା'ପରେ ଦକ୍ଷିଣ-ପୂର୍ବ ଦିଗରୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ପର୍ଯ୍ୟନ୍ତ ଝାରସୁଗୁଡ଼ା ଦେଇ ଗତି କରୁଛି। ଏହାର ପ୍ରଭାବରେ ଆଗାମୀ ୪ଦିନ ପର୍ଯ୍ୟନ୍ତ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ। ସୋମବାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବାକୁ ଥିବାବେଳେ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୧୩ ଓ ୧୪ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ

**ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**

ଓଡ଼ିଶା ଉପକୂଳଗୁଡ଼ିକର ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି। ସୋମବାର କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସୁବର୍ଣ୍ଣପୁର, ସମ୍ବଲପୁର, ପୁରୀ, ଜଗତ୍‌ସିଂହପୁର, ଅନୁଗୋଳ ଓ କଟକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଭୁବନେଶ୍ୱର ଓ କଟକ ଆଖପାଖ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହ ଅପରାହ୍ନ କିମ୍ବା ବିଳମ୍ବିତ ସନ୍ଧ୍ୟା ଆଡ଼କୁ କିଛି ସ୍ଥାନରେ ହାଲୁକା ବର୍ଷା, ବଜ୍ରପାତ ଏବଂ କଟକର କିଛିସ୍ଥାନରେ ମଧ୍ୟମ ବର୍ଷା ସହ ବଜ୍ରପାତ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଆସନ୍ତା ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସେସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଇଦ୍ ଉଜ୍ ଜୁହା ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୦।୭(ବ୍ୟୁରୋ): ମୁସଲମାନ ସମ୍ପ୍ରଦାୟର ପବିତ୍ର ଇଦ୍ ଉଜ୍ ଜୁହା ପର୍ବ ରବିବାର ପାଳନ କରାଯାଇଛି। ଦେଶର ସମସ୍ତ ମସ୍‌ଜିଦରେ ସମୂହ ନମାଜ ପାଠ ମଧ୍ୟ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପବିତ୍ର ଇଦ୍ ଉଜ୍ ଜୁହା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଇଦ୍ ଉଜ୍ ଜୁହା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା। ଏହି ପର୍ବ ଆମ ଜୀବନରେ ଆନନ୍ଦ ଓ ସମୃଦ୍ଧି ଆଣୁ। ଭାଇଚାରାକୁ ମଜଭୁତ କରିବା ସହ ଆମକୁ ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ କରୁଣାର ପଥରେ ମାର୍ଗଦର୍ଶନ କରୁ ବୋଲି ଉଲ୍ଲେଖ କରିଛନ୍ତି।

## ୨୫% ସିଟ୍‌ରେ ମାଗଣା ନାମ ଲେଖାଯାଉନି

**■ ଅଭିଯୋଗ ଆଣିଲା ଅଭିଭାବକ ମହାସଂଘ**

**■ ସମ୍ପୃକ୍ତ ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ଭୁବନେଶ୍ୱର, ୧୦।୭(ବ୍ୟୁରୋ)

୨୦୦୯-ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଅବହେଳିତ ଶ୍ରେଣୀର ପିଲାଙ୍କ ପାଇଁ ସବୁ ସ୍କୁଲରେ ୨୫% ସିଟ୍ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହି ନିୟମାନୁସାରେ ରାଜ୍ୟରେ ଗଣଶିକ୍ଷା ବିଭାଗ ଏକ ପୋର୍ଟାଲ 'ପାରଦର୍ଶୀ' ଉନ୍ମୋଚନ କରିଥିଲା। ଏଥିରେ ସବୁ ସ୍କୁଲ ୨୫% ସିଟ୍ ସଂରକ୍ଷଣ ବିଷୟରେ ତଥ୍ୟ ଦେବା ସହିତ ପିଲାମାନେ ମଧ୍ୟ ଆବେଦନ କରିବାର ସୁବିଧା ରହିଛି। କିନ୍ତୁ କେତେକ ସ୍କୁଲ ଏହି ଯୋଜନାରେ ନାମ ଲେଖାଇବା ପାଇଁ ଅଭିଭାବକ ଓ ପିଲାଙ୍କୁ ମନା କରାଯିବା ନେଇ ଅଭିଯୋଗ ଆସୁଛି। ଏ ନେଇ ଓଡ଼ିଶା ଅଭିଭାବକ ମହାସଂଘ ରାଜ୍ୟ ସରକାରଙ୍କୁ ଅବଗତ କରାଇବା ସହ ତୁରନ୍ତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛି। ମହାସଂଘ କର୍ମକର୍ତ୍ତା କହିଛନ୍ତି, ମହାସଂଘ ବହୁବାର ଧାରଣା, ଧର୍ମଘଟ, ଅନଶନ କରିବା ପରେ ରାଜ୍ୟରେ ଗତବର୍ଷ ଏହି ଆଇନ କାର୍ଯ୍ୟକାରୀ ହୋଇଥିଲା। ସେଥିରେ ମାତ୍ର ପାଞ୍ଚ ହଜାର ପିଲା ନାମ ଲେଖାଇଥିଲେ। ଏହି ଆଇନ ଠିକ ଭାବେ କାର୍ଯ୍ୟକାରୀ ହେଲେ ପାଖାପାଖି ୭୦ହଜାରରୁ ଅଧିକ ଗରିବ ପିଲା ଏଭଳି ସୁବିଧା ପାଇପାରିବେ। ଚଳିତବର୍ଷ ମଧ୍ୟ ପ୍ରାୟ ୧୫ହଜାର ପିଲା ନାମଲେଖା ପାଇଁ ପୋର୍ଟାଲରେ ଆବେଦନ କରି ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପୋର୍ଟାଲରେ ନାମଲେଖା ପାଇଁ ଆଉଥରେ ଆବେଦନ ସୁଯୋଗ ଦେବା ପାଇଁ ଗଣଶିକ୍ଷା ବିଭାଗର ଯୋଜନା ରହିଛି। ଏହି ଯୋଜନାରେ ୩ ରୁ ୭ବର୍ଷ ମଧ୍ୟରେ ପିଲା ଉଭୟ ନର୍ସରୀ ଓ ପ୍ରଥମ ଶ୍ରେଣୀରେ ନାମଲେଖାର ବ୍ୟବସ୍ଥା ରହିଛି। ହେଲେ କେତେକ ସ୍କୁଲ ଏହି ଯୋଜନାରେ ନାମଲେଖା ପାଇଁ ଅଭିଭାବକ ଓ ପିଲାଙ୍କୁ ମନା କରିବା ଅଭିଯୋଗ ଆସିବା ନିନ୍ଦନୀୟ ବିଷୟ। ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ପୂର୍ବରୁ ବିଭାଗ ମଧ୍ୟ ସବୁ ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଯେଉଁ ସ୍କୁଲ ନିୟମ ମାନୁନାହିଁ ତା' ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତା'ର ସ୍ୱୀକୃତି ପ୍ରତ୍ୟାହାର ଲାଗି ପଦକ୍ଷେପ ନେବାକୁ କହିଛି। ଏହି ଯୋଜନାରେ ପିଲାଙ୍କ ନାମ ଲେଖାଇବାକୁ କେତୋଟି ସ୍କୁଲ ମନା କରିବା ଅଭିଯୋଗ ଆମ ପାଖକୁ ଆସିଛି। ତେଣୁ ସେହି ସ୍କୁଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଶିକ୍ଷା ସଚିବଙ୍କୁ ମହାସଂଘ ଅଧ୍ୟକ୍ଷ ଭଟ୍ଟ ଅନୁରୋଧ କରିଛନ୍ତି।

## ଶ୍ରୀଲଙ୍କାକୁ ୪୪ ହଜାର ଟନ୍ ୟୁରିଆ ଦେଇଛି ଭାରତ

ନୂଆଦିଲ୍ଲୀ, ୧୦।୭

ଘୋର ଆର୍ଥିକ ସଙ୍କଟ ଦେଇ ଗତିକରୁଥିବା ଶ୍ରୀଲଙ୍କାରେ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଏପରି କି ସେଠାରେ ଚାଷ ପାଇଁ ସାର, କୀଟନାଶକ ଆଦିର ଉତ୍କଟ ଅଭାବ ଦେଖାଦେଇଛି। ଏହି ଆବଶ୍ୟକତା ପୂରଣ ପାଇଁ ଭାରତ ସହଯୋଗର ହାତ ବଢ଼ାଇ ପଡ଼ୋଶୀ ରାଷ୍ଟ୍ରକୁ ୪୪,୦୦୦ ଟନ୍ ୟୁରିଆ ଯୋଗାଇଦେଇଥିବା ରବିବାର କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୂଚନା ଦେଇଛନ୍ତି। ମାଣ୍ଡବ୍ୟ ଟୁଇଟ୍ କରି କହିଛନ୍ତି, ଭାରତ ପକ୍ଷରୁ ଯୋଗାଇ ଦିଆଯାଇଥିବା ୪୪ ହଜାର ଟନ୍ ସାର କଲମ୍ବୋରେ ପହଞ୍ଚିବା ପରେ ସେଠାକାର ସରକାରଙ୍କୁ ହସ୍ତାନ୍ତର କରାଯାଇଛି।








E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in.

**SKY AUTOMOBILES**
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 8093027882. NARSINGHPUR: 8093027882. KAMAKHYANAGAR: 8093027882. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *Terms and conditions apply. Terms and conditions are subject to change without any prior notice. ##As certified by Test Agency Under Rule 115 (G) of CMVR 1989. ^^1.0L VXI AGS petrol variants. For more details, please contact your nearest ARENA dealership. **Features and accessories shown may not be part of standard fitment. Images used are for illustration purposes only. Car color may vary due to printing on paper. Black Glass Shade on the vehicle is due to the lighting effect. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st July, 2022.

**ଆଜିର ମନ୍ତବ୍ୟ**

ଶିବସେନା, ଏନ୍‌ସିପି, କଂଗ୍ରେସକୁ ନେଇ ଗଠିତ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟ ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲଢ଼ିବା ଉଚିତ।
-ଶରଦ ପାୱାର, ଏନ୍‌ସିପି ମୁଖ୍ୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଜଗୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚିତ୍ରୋତ୍ପଳା ନଦୀରେ ବୁଡ଼ି ଦୁଇ ନାବାଳକଙ୍କ ମୃତ୍ୟୁ

**ପାଟକୁରା,୧୦।୭(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ତେଣ୍ଡାକୁଡ଼ା ପଞ୍ଚାୟତର ମିଶର ଗାଁ ଚିତ୍ରୋତ୍ପଳା ନଦୀ ଗଡ଼ାରେ ଗାଧୋଉଥିବାବେଳେ ଦୁଇ ନାବାଳକ ବୁଡ଼ି ଯିବାରୁ ସେମାନଙ୍କର ରବିବାର ମୃତ୍ୟୁ ଘଟିଛି। ସେମାନେ ହେଲେ ମିଶର ଗାଁର ଆଶିଷ କୁମାର ମଲିକଙ୍କ ପୁଅ ଆରିଆନ(୧୧) ଓ ତାଙ୍କ ଘରକୁ ଆସିଥିବା କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅସରପଡ଼ା ଗାଁର ବିଶ୍ୱନାଥ ମଲିକଙ୍କ ପୁଅ ସାଇନ(୧୩)। ନଦୀକୁ ଗାଧୋଇବାକୁ ଯାଇଥିବା ଦୁଇଜଣ ଯାକ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ବି ପାଇ ନ ଥିଲେ। ପରେ ଏ ସମ୍ପର୍କରେ ପରିବାର ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସେମାନେ ଆସି ବୋଟ ସାହାଯ୍ୟରେ ଚିତ୍ରୋତ୍ପଳା ନଦୀରେ ଖୋଜାଖୋଜି କରି ସାଇନଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିଖୋଜ ଥିବା ଆରିଆନଙ୍କୁ ଅଗ୍ନିଶମ ବାହିନୀ ସନ୍ଧ୍ୟା ପ୍ରାୟ ୭ଟାରେ ବୁଡ଼ି ଯାଇଥିବା ସ୍ଥାନରୁ ପ୍ରାୟ ଏକ କିଲୋମିଟର ଦୂରରୁ ଉଦ୍ଧାର କରିଥିଲା। ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପାଟକୁରା ପୋଲିସ ମୃତଦେହକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ସନ୍ଧ୍ୟା ହୋଇଯାଇଥିବାରୁ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଦୁଇ ନାବାଳକଙ୍କ ଅକାଳ ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



ନଦୀରେ ଅଗ୍ନିଶମ ବାହିନୀ ବୋଟ ସାହାଯ୍ୟରେ ୨ ନାବାଳକଙ୍କୁ ଖୋଜୁଛନ୍ତି।

# ବାହୁଡ଼ା ଯାତ୍ରାରେ ଯୁବତୀଙ୍କୁ ସୁରକ୍ଷାକର୍ମୀଙ୍କ ଅସଦାଚରଣ

ପୁରୀ ଅଫିସ,୧୦।୭: ଚଳିତବର୍ଷ ଭକ୍ତଙ୍କ ଗହଣରେ ମହାପ୍ରଭୁଙ୍କ ଘୋଷଯାତ୍ରା ହୋଇଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରକୁ ଆସିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ଅଧିକ ପୋଲିସ ନିୟୋଜିତ କରାଯିବା ସହ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ତେବେ ପୋଲିସ ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ଦେବା ଜାଗାରେ ଭିଡ଼ର ଆଢୁଆଳରେ ଜଣେ ଯୁବତୀଙ୍କୁ ଜଣେ ସୁରକ୍ଷାକର୍ମୀ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଶନିବାର ବାହୁଡ଼ା ଯାତ୍ରାରେ ହୋଇଥିବା ଜଣାପଡ଼ିଛି। ତେବେ ସୁରକ୍ଷାକର୍ମୀ ଯୁବତୀଙ୍କ ସହ ଏଭଳି ବ୍ୟବହାର କରିଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓରୁ ସ୍ପଷ୍ଟ ଭାବେ ଜାଣି ହେଉଛି ଯେ, ସମ୍ପୃକ୍ତ ସୁରକ୍ଷାକର୍ମୀ ଜାଣିଶୁଣି ମହିଳାଙ୍କର ଶରୀରକୁ ସ୍ପର୍ଶ କରୁଛନ୍ତି। ତେବେ ଗହଳି ସମୟରେ ମହିଳା ଏଭଳି ସ୍ପର୍ଶକୁ ବାରି ପାରୁ ନ ଥିଲେ ମଧ୍ୟ ସୁରକ୍ଷାକର୍ମୀଙ୍କ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଉଦ୍ଦେଶ୍ୟମୂଳକ ବୋଲି ବାରି ହୋଇପଡୁଛି। ପୁରୀ ସମେତ ରାଜ୍ୟର ଅନେକ ସୋସିଆଲ ମିଡିଆ ୟୁଜର୍ସ ଏହି ଭିଡିଓକୁ ଦେଖି ଅସନ୍ତୋଷ ବ୍ୟକ୍ତ କରିବା ସହ ସୁରକ୍ଷାକର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ସୁରକ୍ଷାକର୍ମୀଙ୍କ ବିରୋଧରେ ବିଧିବଦ୍ଧ ଭାବେ କୌଣସି ଅଭିଯୋଗ କରାଯାଇ ନ ଥିବା ହେତୁ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସେହିଭଳି ସମ୍ପୃକ୍ତ ସୁରକ୍ଷାକର୍ମୀ କେଉଁ ବିଭାଗ ଅନ୍ତର୍ଗତ କାର୍ଯ୍ୟରତ ତାହା ମଧ୍ୟ ଜାଣି ହେଉନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚନ୍ଦ୍ର ଓ ମଙ୍ଗଳ ଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିପାର୍ଶ୍ୱିକ ପରିସ୍ଥିତି ଭିନ୍ନପ୍ରକାର ହେତୁ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ଦୀର୍ଘ ଦିନରୁ ରହିଯାଇଥିବା କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ** ଅନ୍ୟମାନଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହୋଇପାରନ୍ତି। କୌଣସି ଉନ୍ନତିମୂଳକ କାମ ସକାଶେ ମୋଟା ଅଙ୍କ ଅର୍ଥର ଆବଶ୍ୟକତା ପଡ଼ିପାରେ। ଅଧସ୍ତନ କର୍ମଚାରୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ମୃଗଶିରା ନକ୍ଷତ୍ରର ଅଫିସରେ କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ।

**ମିଥୁନ** ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଦୀର୍ଘ ଦିନର ଶତ୍ରୁତା ବିବାଦୀୟ ପରିସ୍ଥିତି ସୃଷ୍ଟି କରିବ। ପୁନର୍ବସୁ ନକ୍ଷତ୍ର ଆନୁଷ୍ଠାନିକ କ୍ଷେତ୍ର କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଅଫିସରେ ପରସ୍ପର ଗୋଡ଼ ଟଣାଟଣି ହେତୁ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** ଚେଷ୍ଟା କରୁଥିବା କାମଗୁଡ଼ିକ ସୁରୁଖୁରୁରେ ହୋଇଯିବା କାରଣରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ପୁଷ୍ୟା ନକ୍ଷତ୍ର ଆର୍ଥିକ ଦିଗରୁ ସନ୍ତୋଷଜନକ ଫଳ ପାଇବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ବିଭିନ୍ନ ପ୍ରକାର ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ।

**ସିଂହ** ଆଜି ଯାତ୍ରା,ବାଣିଜ୍ୟ,ପ୍ରତିଦ୍ୱନ୍ଦ୍ୱିତାରେ ଅବଶ୍ୟ ସଫଳତା ହାସଲ କରିବେ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ସମସ୍ୟାର ମୁଖ୍ୟ କାରଣ ହେବ। ଉତ୍ତରା ଫାଲଗୁନୀ ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା ସାମୟିକ କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ।

**କନ୍ୟା** ଶାରୀରିକ ସୁସ୍ଥତା ଥିଲେ ମଧ୍ୟ ମାନସିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ଫେରନ୍ତା ବାଟରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। ହସ୍ତା ନକ୍ଷତ୍ରର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରିବାରରେ ପାରସ୍ପରିକ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**ତୁଳା** ଆଜି ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସ୍ୱାତୀ ନକ୍ଷତ୍ର ବନ୍ଧୁମାନେ ନିଜର ଫାଇଦା ହାସଲ କରିବା ଲାଗି ମନ ବଳାଇବେ। ବ୍ୟବସାୟରେ ଝଗଡ଼ା ଲାଗିପାରେ, କିନ୍ତୁ ପ୍ରଶାସନିକ ସଫଳତା ହାସଲ କରିବେ।

**ବିଛା** ସବୁ କାମ ଠିକ୍‌ଠାକ୍ ହେବ, କିନ୍ତୁ ସୁବିଧାରେ ନୁହେଁ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ବିଶାଖା ନକ୍ଷତ୍ର ମାନସିକ ଅବସାଦ ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବେ।

**ଧନୁ** କୌଣସି ନୂତନ ଯୋଜନାରମ୍ଭ କରିବା ସକାଶେ ମନ ବଳାଇବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ପୂର୍ବପରି ରହିବା ପୂର୍ବାଷାଢ଼ା ନକ୍ଷତ୍ର ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ଧନିଷ୍ଠା ନକ୍ଷତ୍ର ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ।

**କୁମ୍ଭ** ଆଜି ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି ତାହା କଷ୍ଟକର ମନେହୋଇପାରେ। ବ୍ୟବସାୟ, ସଭାସମିତି, ପରିବହନ, ପ୍ରଶାସନିକ କ୍ଷେତ୍ର ପ୍ରତ୍ୟେକରେ ସୁଫଳ ପାଇବେ। ଶତଭିଷା ନକ୍ଷତ୍ର ପାଇଁ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ।

**ମୀନ** ତ୍ୟାଗ ଓ ସହନଶୀଳତା ଦ୍ୱାରା ପାରିବାରିକ ସଦ୍‌ଭାବ ବୃଦ୍ଧି ପାଇବ। ଉତ୍ତରଭାଦ୍ରବ ନକ୍ଷତ୍ରର ଭୁଲ୍ ବୁଝାମଣା କାରଣରୁ ବନ୍ଧୁ ସମ୍ପର୍କରେ ଅବନତି ଘଟିପାରେ। ନିର୍ମାଣ, ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ପରିବାରର ବରାଦ ଅନୁଯାୟୀ ଇଚ୍ଛା ନ ଥିଲେ ମଧ୍ୟ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

# ଚାଇନାର ଋଣ କୂଟନୀତିରେ ଶ୍ରୀଲଙ୍କା

ନୂଆଦିଲ୍ଲୀ,୧୦।୭: ଶ୍ରୀଲଙ୍କାର ସାମ୍ପ୍ରତିକ ଆର୍ଥିକ ସଙ୍କଟ ପାଇଁ ଚାଇନାକୁ ଦାୟୀ କରାଯାଉଛି। ଦ୍ୱୀପରାଷ୍ଟ୍ରରେ ନିଜ ପ୍ରତିରକ୍ଷା ସ୍ଥିତିକୁ ମଜଭୁତ କରିବା ପାଇଁ ବେଜିଂ କଲମ୍ବୋକୁ ଋଣ ଜାଲରେ ଛନ୍ଦି ଦେଇଥିଲା। ଚାଇନା ହେଉଛି ଶ୍ରୀଲଙ୍କାକୁ ଦ୍ୱିତୀୟ ବୃହତ୍ ଋଣ ପ୍ରଦାନକାରୀ ରାଷ୍ଟ୍ର। ୨୦୧୯ରେ ଶ୍ରୀଲଙ୍କାର ମୋଟ ବିଦେଶୀ ଋଣର ୧୦%ରୁ ଅଧିକ ଚାଇନା ଦେଇଥିଲା ବୋଲି ବହିର୍ବ୍ୟାପାର ନୀତି ସମ୍ପର୍କିତ ଏକ ସ୍ୱାଧୀନ ଥିଙ୍କଟ୍ୟାଙ୍କ ପକ୍ଷରୁ କୁହାଯାଇଛି। ନୂଆଦିଲ୍ଲୀସ୍ଥିତ ରେଡ୍ ଲାନ୍‌ଟର୍ନ ଆନାଲାଟିକା ପକ୍ଷରୁ କୁହାଯାଇଛି ଯେ, ଶ୍ରୀଲଙ୍କାର ଆର୍ଥିକ ସଙ୍କଟକୁ ଦେଖି ଚାଇନା କୁଟିଳ 'ଡେଟ୍ ଟ୍ରାପ୍ ଡିପ୍ଲୋମାସି' ଆପଣାଇଥିଲା। ଦୁର୍ବଳ ଶାସନ, ସ୍ୱଚ୍ଛତାର ଅଭାବ, ଚାଇନାର ଋଣ ଜାଲ ଓ ଦୁର୍ନୀତିରେ ଶ୍ରୀଲଙ୍କା ଛନ୍ଦି ହୋଇଯିବା ପରେ ଚାଇନା ଏହାର ଫାଇଦା ଉଠାଇ ଋଣ ବୋଝ ବଢ଼ାଇଦେଇଥିବାବେଳେ ଭାରତ ସହଯୋଗର ହାତ ବଢ଼ାଇଆସିଛି। ଶ୍ରୀଲଙ୍କାକୁ ନୂଆଦିଲ୍ଲୀ ଗ୍ୟାସୋଲିନ ଆମଦାନୀ ପାଇଁ ୫୦୦ ନିୟୁତ ଡଲାର ଏବଂ ଭାରତରୁ ଜରୁରୀ ସାମଗ୍ରୀ ନେବା ପାଇଁ ଅତିରିକ୍ତ ୧ ବିଲିୟନ୍ ଡଲାର ଋଣ ଦେଇଛି। ଏହାବାଦ୍ ଭାରତ ୨.୪ ବିଲିୟନ୍ ଡଲର ମୂଲ୍ୟର ଅନ୍ୟାନ୍ୟ ସହାୟତା ଦେଇଛି। ତେବେ ଚାଇନାର ଋଣ ଜାଲରେ ଫସିରହିଥିବା ଶ୍ରୀଲଙ୍କାକୁ ଭାରତର ଏହି ସହାୟତା ରକ୍ଷା କରିପାରି ନାହିଁ। ଶ୍ରୀଲଙ୍କାକୁ ଚାଇନାର ଆର୍ଥିକ ସହାୟତା ଭାରତ ମହାସାଗରରେ ନୂଆଦିଲ୍ଲୀ ବିରୋଧୀ ସମର୍ଥନ ହାସଲ ପାଇଁ ଏକ ଯୋଜନା ଥିଲା। କଲମ୍ବୋର ପତନରୁ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକ ଶିକ୍ଷାଲାଭ କରି ଚାଇନାର ଜାଲରେ ନ ଫସିବା ଉଚିତ। ଅନ୍ୟ ମହାଶକ୍ତିଗୁଡ଼କ ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ)କୁ ଅଟକାଇବା ପାଇଁ ଅନୁନ୍ନତ ରାଷ୍ଟ୍ରଗୁଡ଼ିକରେ ବିକାଶମୂଳକ ଯୋଜନା ଓ ଭିତ୍ତିଭୂମି ପ୍ରକଳ୍ପ ଆରମ୍ଭ କରିବା ଉଚିତ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖୁଁ ଖୁଁ କାଶ, ଖର ନିଃଶ୍ୱାସ,**
**ଖର ଜନ୍ତୁ ଥିବା ଘରେ ବାସ,**
**ଖଣ୍ଟ ଗାଁରେ ଚାଷ।**

ଖୁଁ ଖୁଁ କାଶ ଓ ଜୋରରେ ନିଆଯାଉଥିବା ନିଃଶ୍ୱାସ ସ୍ୱାସ୍ଥ୍ୟ ପକ୍ଷେ ଅହିତକର। ଖର ଜନ୍ତୁ ଘରେ ଥିଲେ ଜୀବନ ପ୍ରତି ଭୟ ରହିଥାଏ। ସେହିପରି ଖଣ୍ଟ ଗାଁରେ ଚାଷ କଲେ କଷ୍ଟାର୍ଜିତ ଧନ ଉପାର୍ଜନ ପ୍ରତି ବିପଦ ରହିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାଇବ ପିତା, ଗାଇବ ଗୀତା**
**ତେବେ ହୋଇବ ଜଗତଜିତା।**

ପିତା ନିୟମିତ ଖାଇବା ସ୍ୱାସ୍ଥ୍ୟପକ୍ଷେ ଖୁବ ହିତକର ହୋଇଥାଏ। ଗୀତା ଅତ୍ୟନ୍ତ ପବିତ୍ର ଗ୍ରନ୍ଥ। ଜୀବନର ବହୁ ସାରତତ୍ତ୍ୱ ଗୀତାରେ ଉଲ୍ଲେଖ କରାଯାଇଛି। ଆତ୍ମାର ସଦ୍‌ଗତି ପାଇଁ ଗୀତାପାଠ ଅତ୍ୟନ୍ତ ଆବଶ୍ୟକ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## classifieds Everyday 0674-2580101, 2549302

**real estate**

### SALE

ନନ୍ଦନକାନନ Backside ଚନ୍ଦକା-ତ୍ରିଶୂଳିଆ ବାଇପାସ୍ Road ପାଖରେ well developed ସ୍ଥିତିବାନ plots sqft. 900/- ରେ କିଣନ୍ତୁ- 9348767829, 8018603523. D-73272

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186. D-73936

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita-9853150290. D-73271

ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ 700mtr ଦୂରତାରେ Adyanta କଲେଜ backsideରେ yellowzone ପ୍ଲଟ୍ ମିଳୁଛି। 9556368377. D-73270

ଭୁବନେଶ୍ୱରରେ Rs.350/- sqft.ରେ installment ସୁବିଧାରେ ସ୍ଥିତିବାନ୍ plot ବିକ୍ରିହେବ। 9937816565, 8249017091. D-966

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତି Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481. D-73260

Duplex sale at Bhubaneswar @ 45 lakhs and apartment @ 42lakhs. 9439206202. D-73275

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

ଭୁବନେଶ୍ୱର କଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 9668344479, 9437607388. D-73268

### PURCHASE

Wanted land in Bhubaneswar based on sharing&marketing. 9937816565, 8249017091. D-967

### GENERAL

### SALE

Puppies for sale Breed: German Spitz. Mob: 6370367667. D-73333

**healthcare**

Refreshing your mind and body with the best therapy, 7873794731. D-872

Ayurvedic full body massage ladies, gents with best therapy. 9040900385. D-73933

Newly open Spa@899/- full body massage expert Therapist - 8093577103. D-73838

Trupti Spa, 9861550765. Our genuinety is our strength. Stay safe. D-925

One hour any therapy by expert therapist @999 only. 9078484455. D-73621


## ନିରୁଦ୍ଦିଷ୍ଟ



ନାମ: ହରିହର ବାରିକ, ବୟସ: ୬୦ବର୍ଷ, ରଙ୍ଗ: କଳା, ଉଚ୍ଚତା, ୫ଫୁଟ, ସ୍ୱାସ୍ଥ୍ୟ: ପତଳା, ଜିଲ୍ଲା: ଖୋର୍ଦ୍ଧା।୦୯।୦୭।୨୦୨୨ ସକାଳ ୯ଘଟିକାରୁ ଘରୁ ବାହାରି ଚାଲି ଯାଇଛନ୍ତି। ସେ ମାନସିକ ରୋଗୀ ଅଟନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଜଣାଇବାକୁ ଅନୁରୋଧ। 9437400237, 8249611439, 8249190838. D-963

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନସ୍ତତ୍ତ୍ୱବିତ୍‌ଙ୍କ ସହାୟତା ନେଲା ପୋଲିସ

**ରାଗିଂରୁ ବିଜେବି ଛାତ୍ରୀ ରୁଚିକାଙ୍କ ଆତ୍ମହତ୍ୟା ମାମଲା**

- ପ୍ରଥମ ଦିନରେ ୩୦ରୁ ଅଧିକ ଛାତ୍ରୀଙ୍କୁ ପଚରାଉଚରା
- ୯ ଦିନ ପରେ ବି ଅଭିଯୁକ୍ତଙ୍କ ପତ୍ତା ପାଇନି ପୋଲିସ
- କଲେଜ ଫାଟକ ସାମ୍ନାରେ ଶୁଦ୍ଧିକ୍ରିୟା କରିବି: ମା'

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାକୁ ରବିବାର ୯ ଦିନ ପୂରିଛି। ହେଲେ ନିର୍ଯାତନା ଦେଇଥିବା ସମ୍ପୃକ୍ତ ୩ ସିନିୟର ଛାତ୍ରୀଙ୍କୁ ପୋଲିସ ଧରିପାରି ନ ଥିବାରୁ ବିଭିନ୍ନ ଛାତ୍ର ସଙ୍ଗଠନ ସଦସ୍ୟଙ୍କ ସହ ରୁଚିକାଙ୍କ ପରିବାର ଲୋକେ କଲେଜ ଫାଟକ ସମ୍ମୁଖରେ ୯ଦିନ ହେଲା ଧାରଣାରେ ବସି ରହିଛନ୍ତି। ଏହି ମାମଲାରେ କମିଶନରେଟ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। କଲେଜ କର୍ତ୍ତୃପକ୍ଷ, ହଷ୍ଟେଲ କର୍ମଚାରୀ ଏବଂ ଛାତ୍ରୀଙ୍କୁ ପଚରାଉଚରା କରାଯିବା ପରେ ମଧ୍ୟ ପୋଲିସ ରାଗିଂ ସମ୍ପର୍କିତ କୌଣସି ପ୍ରମାଣ ପାଇପାରିନାହିଁ। ଛାତ୍ରୀମାନେ କୌଣସି ଚାପରେ ପଡ଼ି ପୋଲିସକୁ ରାଗିଂ ସଂକ୍ରାନ୍ତ ବୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ତେଣୁ ଛାତ୍ରୀମାନଙ୍କ ମାନସିକ ସ୍ଥିତି ଯାଞ୍ଚ ପାଇଁ ପୋଲିସ ମନସ୍ତତ୍ତ୍ୱବିତ୍‌ଙ୍କ ସହଯୋଗ ଲୋଡ଼ିଛି।

ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ତଦନ୍ତକାରୀ ଟିମ୍ ହାଇଟେକ୍ ମେଡିକାଲରେ କାର୍ଯ୍ୟରତ ମନସ୍ତତ୍ତ୍ୱବିତ୍ ପ୍ରାପ୍ତି ପ୍ରଧାନଙ୍କୁ ନେଇ ବିଜେବି କଲେଜର କାରୁବାକୀ ହଷ୍ଟେଲକୁ ଯାଇଥିଲା। ପୋଲିସ ପୁଣି ଥରେ ମାମଲା ସମ୍ପର୍କରେ ଛାତ୍ରୀମାନଙ୍କୁ ପଚରାଉଚରା କରିଥିଲା। ସେହି ସମୟରେ ମନସ୍ତତ୍ତ୍ୱବିତ୍ ପ୍ରଧାନ ସେଠାରେ ଉପସ୍ଥିତ ରହି ଛାତ୍ରୀଙ୍କ ମାନସିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଛାତ୍ରୀମାନେ ଯେଉଁ ବୟାନ ଦେଉଛନ୍ତି, ତାହା ଭୟରେ କିମ୍ବା ଚାପରେ ଦେଉଛନ୍ତି କି ତାହା ପରଖିଥିଲେ। ଅପରାହ୍ନ ପ୍ରାୟ ୪ଟା ପର୍ଯ୍ୟନ୍ତ ରୁଚିକାଙ୍କ ସହପାଠୀ ଅର୍ଥାତ ଯୁକ୍ତ ୩ ପ୍ରଥମ ବର୍ଷର ୩୨ରୁ ଅଧିକ ଛାତ୍ରୀଙ୍କ ସହ ଆଲୋଚନା କରିବା ପରେ ତଦନ୍ତକାରୀ ଟିମ୍ ଏବଂ ମନସ୍ତତ୍ତ୍ୱବିତ୍ ଫେରିଛନ୍ତି। ଏ ନେଇ ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି, ମାମଲା ସମ୍ପର୍କିତ ପ୍ରମାଣ ମିଳିବା ପାଇଁ ତଦନ୍ତ କରାଯାଉଛି। ଏପର୍ଯ୍ୟନ୍ତ ପ୍ରମାଣ ମିଳିପାରିନାହିଁ। ପରବର୍ତ୍ତୀ ସମୟରେ ବାକି ଥିବା ଅନ୍ୟ ସିନିୟର ଓ ଜୁନିୟର ଛାତ୍ରୀଙ୍କ ସହିତ ମନସ୍ତତ୍ତ୍ୱବିତ୍ ଆଲୋଚନା କରିବେ ଓ ମାନସିକ ସ୍ଥିତି ଯାଞ୍ଚ କରିବେ। ଅନ୍ୟପକ୍ଷରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ରୁଚିକାଙ୍କ ପରିବାରବର୍ଗ କଲେଜ ଫାଟକ ସାମ୍ନାରେ ଧାରଣା ଜାରି ରଖିଥିବାରୁ ପୋଲିସ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ସୋମବାର ରୁଚିକାଙ୍କ ମୃତ୍ୟୁକୁ ୧୦ ଦିନ ପୂରୁଛି। ନ୍ୟାୟ ମିଳି ନ ଥିବାରୁ କଲେଜ ଫାଟକ ସାମ୍ନାରେ ଝିଅର ଶୁଦ୍ଧିକ୍ରିୟା କରିବି ବୋଲି ମା' ବିଦ୍ୟୁତ୍‌ପ୍ରଭା ମହାନ୍ତି କୋହଭରା କଣ୍ଠରେ କହିଛନ୍ତି। ସେ କହିଛନ୍ତି, ନ୍ୟାୟ ନ ମିଳିବା ଯାଏ ଧାରଣା ଜାରି ରଖିବି। ରୁଚିକାଙ୍କ ଶୁଦ୍ଧିକ୍ରିୟା କରିବାକୁ ପଣ୍ଡିତଙ୍କଠାରୁ ପରାମର୍ଶ ନିଆଯିବ। ଯଦି ସେମାନେ କହିବେ, ତେବେ କଲେଜ ଫାଟକ ସାମ୍ନାରେ ଶୁଦ୍ଧିକ୍ରିୟା କରାଯିବ ବୋଲି ବିଦ୍ୟୁତପ୍ରଭା କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସୁନାରେ ଚମକିଲେ ...

ଠାକୁର ବିଜେ, ମହାସ୍ନାନ, ମଇଲମ, ଚନ୍ଦନଲାଗି, ବଲ୍ଲଭ ବଡ଼ସିଂହାର ବେଶ, ବଲ୍ଲଭ ବଡ଼ସିଂହାର ଭୋଗ, ହରିଶୟନ ନୀତି ଓ ଶେଷରେ ରାତ୍ର ପହୁଡ଼ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ସୁନାଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ କରିବାର ଗୁରୁ ଦାୟିତ୍ୱ ସେବାୟତମାନଙ୍କ ଉପରେ ନ୍ୟସ୍ତ ରହିଥିଲା। ସେବାୟତମାନେ ସଅଳ ନୀତିକାନ୍ତି ଶେଷ କରିଥିବାରୁ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅଧିକ ସମୟ ପାଇଥିଲେ। ସେହିଭଳି ଜିଲା ପ୍ରଶାସନ, ପୋଲିସ ଓ ଅନ୍ୟ ଅଂଶୀଦାରମାନେ ନିଜ ନିଜ ଦାୟିତ୍ୱ ଠିକ୍ ଭାବେ ସମ୍ପାଦନ କରିଥିବା ହେତୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ। ସେହିଭଳି ଏଡିଜି ଆର.କେ. ଶର୍ମା କହିଛନ୍ତି, ସୁନାବେଶ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଯେଉଁ ପରିମାଣର ଭକ୍ତ ସୁନାବେଶ ପାଇଁ ପୁରୀରେ ଏକତ୍ରିତ ହେଲେ ତଦନୁଯାୟୀ ପ୍ରସ୍ତୁତି ଆମେ କରିଥିଲୁ। ବିଶେଷ ଭାବେ ଗହଳି ନିୟନ୍ତ୍ରଣ କରି ସାଧାରଣ ଲୋକଙ୍କୁ କିଭଳି ଠିକ୍ ଦର୍ଶନ ବ୍ୟବସ୍ଥା ଯୋଗାଇ ହେବ ସେନେଇ ଆମ ଯୋଜନା କେନ୍ଦ୍ରୀଭୂତ ଥିଲା। ମହାପ୍ରଭୁଙ୍କ କୃପାରୁ ସୁନାବେଶର ସଫଳ ରୂପାୟନ ହୋଇପାରିଛି।

### ରାଷ୍ଟ୍ରପତି ଭବନରେ ...

ଟଙ୍କା ପାଇଛନ୍ତି। ରବିବାର ସେମାନେ ବିଡ଼ା ବିଡ଼ା ନୋଟ୍ ଗଣୁଥିବା ବେଳର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ୨.୨ କୋଟି ଜନସଂଖ୍ୟା ବିଶିଷ୍ଟ ଶ୍ରୀଲଙ୍କା ଉପରେ ମୋଟ ୫୧ ବିଲିୟନ ଆମେରିକୀୟ ଡଲାର ବିଦେଶୀ ଋଣ ରହିଛି। ତହିଁରୁ ୨୦୨୬ ସୁଦ୍ଧା ୨୫ ବିଲିୟନ ଡଲାର ପରିଶୋଧ କରିବାକୁ ପଡ଼ିବ। ତେବେ ଗତ ଏପ୍ରିଲରେ ତହିଁରୁ ୭ ବିଲିୟନ୍ ଡଲାର ଋଣ ଶୁଝିବାକୁ ଅକ୍ଷମତା ପ୍ରକାଶ କରି ଅର୍ଥ ମନ୍ତ୍ରଣାଳୟ ଦେଶକୁ ଦେବାଳିଆ ଘୋଷଣା କରିଥିଲା। ଶ୍ରୀଲଙ୍କାର ଏହି ଆର୍ଥିକ ଦୁର୍ଗତି ପାଇଁ ରାଷ୍ଟ୍ରପତିଙ୍କୁ ଦାୟୀ କରି ଦେଶର ବିଭିନ୍ନ ଭାଗରୁ ବସ୍, ଟ୍ରକ୍ ଓ ଟ୍ରେନ୍‌ରେ ଅନେକ ହଜାର ଲୋକ ଶନିବାର ରାଷ୍ଟ୍ରପତି ଭବନ ଆଡ଼କୁ ମୁହାଁଇଥିଲେ। ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ଭବନ ଦଖଲ କରିପାରନ୍ତି ବୋଲି ଗୋଟାବାୟା ପଳାୟନ କରିଥିଲେ। ଗୋଟାବାୟା କେଉଁଠି ଅଛନ୍ତି ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନ ଥିବାବେଳେ ସେ ଏକ ଅଜ୍ଞାତ ସ୍ଥାନରୁ ଦେଶର ଅଧିକାରୀମାନଙ୍କୁ ଏଲ୍‌ପିଜି ବଣ୍ଟନର ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଲଙ୍କାରେ ଏଲ୍‌ପିଜି ଅଭାବ ଯୋଗୁ ଲୋକେ କାଠ ଜାଳି ରୋଷେଇ କରୁଛନ୍ତି। ଏଲ୍‌ପିଜି ସଙ୍କଟ ମଧ୍ୟରେ ଦେଶକୁ ୩,୭୦୦ ମେଟ୍ରିକ୍ ଟନ୍ ରନ୍ଧନ ଗ୍ୟାସ୍ ଆସିଥିବା ରବିବାର ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି। ରବିବାର ଅପରାହ୍ନରେ କେରାୱାଲାପିତିୟାରେ ଏକ ଜାହାଜ ପହଞ୍ଚିଛି। ଦ୍ୱିତୀୟ ଜାହାଜ ୩,୪୭୦ ମେଟ୍ରିକ୍ ଟନ୍ ଗ୍ୟାସ୍ ନେଇ ସୋମବାର ପହଞ୍ଚିବ। ସେହିପରି ତୃତୀୟ ଜାହାଜ ଆସନ୍ତା ୧୫ ତାରିଖରେ ପହଞ୍ଚିବ, ଯହିଁରେ ୩,୨୦୦ ମେଟ୍ରିକ୍ ଟନ୍ ଗ୍ୟାସ୍ ଆସୁଛି ବୋଲି ଶ୍ରୀଲଙ୍କା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

ସେପଟେ ଗୋଟାବାୟା ୧୩ ତାରିଖରେ ଇସ୍ତଫା ଦେବେ ବୋଲି ବାଚସ୍ପତି ମହିନ୍ଦା ୟାପା ଆବେୟୱର୍ଦ୍ଦେନାଙ୍କୁ କହିବା ସତ୍ତ୍ୱେ ଶନିବାରଠାରୁ ବିକ୍ଷୋଭକାରୀଙ୍କ ଦଖଲରେ ରାଷ୍ଟ୍ରପତି ଭବନ ରହିଛି। ସେ ପଦ ନ ଛାଡ଼ିବା ପର୍ଯ୍ୟନ୍ତ ତାଙ୍କ ଅଫିସ୍ କି ଘର ଛାଡ଼ି କୁଆଡ଼େ ଯିବୁ ନାହିଁ ବୋଲି ବିକ୍ଷୋଭକାରୀମାନେ ଗଣମାଧ୍ୟମକୁ କହିଛନ୍ତି। ନୂଆ ସରକାର ଗଠନ ହେଲେ ସ୍ଥିତିରେ କିଛି ପରିବର୍ତ୍ତନ ଆସିପାରେ ବୋଲି ଶ୍ରୀଲଙ୍କାବାସୀ ଆଶା ବାନ୍ଧିଛନ୍ତି।

### ପିଲା ପଢ଼ିବେ ଜଳବାୟୁ ...

ପାଠ୍ୟକ୍ରମରେ ସାମିଲ କରାଯିବ। ଆସନ୍ତା ଶିକ୍ଷାବର୍ଷରୁ ମାଟ୍ରିକ ପିଲାମାନେ ଜଳବାୟୁ ପରିବର୍ତ୍ତନ ସହିତ କରୋନା ବିଷୟରେ ପାଠ ପଢ଼ିବେ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିପରି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଉପସଭାପତି ନିହାର ରଞ୍ଜନ ମହାନ୍ତି କହିଛନ୍ତି, ଚଳିତ ବର୍ଷ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଜୀବ ବିଜ୍ଞାନରେ ୧୧ଟି ଅଧ୍ୟାୟ ପଢ଼ି ପରୀକ୍ଷା ଦେବେ। ଜୀବ ବିଜ୍ଞାନ ବହିରେ ପୂର୍ବରୁ ୧୦ଟି ବିଷୟ ରହିଥିବାବେଳେ ଏବେ ମହାମାରୀ କୋଭିଡ୍-୧୯ ଓ ତାହାର ପରିଚାଳନା ନାମକ ନୂତନ ଅଧ୍ୟାୟ ଯୋଡ଼ା ହୋଇଛି। ଭୂଗୋଳ ବହିରେ ମଧ୍ୟ ଜଳବାୟୁଜନିତ ବିପତ୍ତି ଏବଂ ପରିଚାଳନା ସଂକ୍ରାନ୍ତ ନୂତନ ଅଧ୍ୟାୟ ସାମିଲ କରାଯାଇଛି। ସଂସ୍କୃତ ବହିରେ ଥିବା 'ଶୃଗାଳ ଶିଶୁ କଥା' ଅଧ୍ୟାୟ ପୂର୍ବରୁ ପଢ଼ାଯାଉ ନ ଥିବାବେଳେ ଚଳିତ ଶିକ୍ଷାବର୍ଷରେ ସଂସ୍କୃତ ଇଚ୍ଛାଧୀନ ବିଷୟ ରଖିଥିବା ଛାତ୍ରୀଛାତ୍ର ଏହା ପଢ଼ିବେ ବୋଲି ସୂଚନା ମିଳିଛି।

# ସୁନାବେଶରେ ଦାରୁଦିଅଁ


ବଡ଼ଠାକୁର ବଳଭଦ୍ର


ମା' ସୁଭଦ୍ରା


ଶ୍ରୀହସ୍ତ


ଶ୍ରୀପୟର


ଶ୍ରୀଶଙ୍ଖ


ମୁସଳ


ସୁନା କିରଟ

# ଦଶ ମାସର ଶିଶୁଙ୍କୁ ରେଲୱେରେ ଚାକିରି

ମାଲକାନଗିରି, ୧୦।୭ (ଡି.ଏନ୍.ଏ.)

ପଡୋଶୀ ଛତିଶଗଡ଼ରେ ଜଣେ ଦଶମାସର ଶିଶୁଙ୍କୁ ରେଳ ବିଭାଗରେ ଚାକିରି ମିଳିଛି। ଏହା ଆଶ୍ଚର୍ଯ୍ୟ ହେଲେ ମଧ୍ୟ ସତ୍ୟ। ତେବେ ଏତେ କମ ବୟସରେ ଚାକିରି ପାଇବା ରେକର୍ଡ ସୃଷ୍ଟି କରିଥିବା ବେଳେ ଏହା ପଛରେ ରହିଥିବା ଦୁଃଖଦ ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ଖବରରୁ ଜଣାପଡ଼ିଛି ରାଜେନ୍ଦ୍ର କୁମାର ଯାଦବ ନାମକ ବ୍ୟକ୍ତି ଭିଲାଇରେ ରେଲୱେରେ ପିପି ୟାର୍ଡରେ ସହକାରୀ ଭାବେ କାର୍ଯ୍ୟ କରୁଥିଲେ। ସେ ଚୋରଡାରେ ସପରିବାର ରହୁଥିଲେ। ରାଜେନ୍ଦ୍ର ଗତ ଜୁନ୍ ୧ରେ ମୋଟରସାଇକେଲ ଯୋଗେ ସ୍ତ୍ରୀ ମଞ୍ଜୁଲତାଙ୍କୁ ଧରି ଭିଲାଇ ଯାଉଥିବା ବେଳେ ସଡକ ଦୁର୍ଘଟଣାରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସୌଭାଗ୍ୟବଶତଃ ତାଙ୍କର ୧୦ ମାସର ଶିଶୁକନ୍ୟା ରାଧିକା ବଞ୍ଚିଯାଇଥିଲେ। ଏହାକୁ ଦକ୍ଷିଣ ପୂର୍ବ କେନ୍ଦ୍ର ରେଳ ବିଭାଗ ଗୁରୁତର ସହ ନେଇ ଏକ ସ୍ୱତନ୍ତ୍ର ବୋର୍ଡ ଦ୍ୱାରା ରେଳ ମନ୍ତ୍ରୀଙ୍କ ସହ ଯୋଗାଯୋଗ କରି ଏହି ଛୋଟ ଶିଶୁଙ୍କ ଲାଳନ ପାଳନ ପାଇଁ ପୁନର୍ବସତି ଯୋଜନାରେ ଚାକିରି ଦେବାକୁ ନିଷ୍ପତ୍ତି ନେଇଥିଲେ। ବୋର୍ଡର ଅନୁମୋଦନ ପରେ ଜୁଲାଇ ୭ ତାରିଖରେ ରାଧିକାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ନିଜର ସମ୍ପର୍କୀୟଙ୍କ ସହ କୁନି ଝିଅ ରାଧିକା ରେଳବିଭାଗର ବୋର୍ଡ ନିକଟକୁ ଆସିଥିଲେ। ସେଠାରେ ନିଯୁକ୍ତିପତ୍ରରେ ତାଙ୍କ ଟିପଚିହ୍ନ ନିଆଯାଇଥିଲା। ତେବେ ବୋର୍ଡ ନିଷ୍ପତ୍ତି ଅନୁସାରେ ଶିଶୁ ରାଧିକା ୧୮ ବର୍ଷ ହେବା ଯାଏ ତାଙ୍କର ସମ୍ପୂର୍ଣ୍ଣ ଦରମା ପାଇବେ। ୧୮ ବର୍ଷ ପରେ ତାଙ୍କୁ ରେଲୱେରେ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ମିଳିବ ବୋଲି ନିଷ୍ପତ୍ତି ହୋଇଛି। ସ୍ୱତନ୍ତ୍ର ଶିଶୁ ବିକାଶ ସଂସ୍ଥା ଏବଂ ତାଙ୍କ ସମ୍ପର୍କୀୟମାନେ ଶିଶୁଟିର ଲାଳନ ପାଳନ କରିବେ। ତାଙ୍କ ଦରମା ବ୍ୟାଙ୍କ ଏକାଉଣ୍ଟରେ ରହିବ ବୋଲି ଜଣାପଡ଼ିଛି। ଭାରତ ରେଲୱେ ଇତିହାସରେ ଏତେ ଛୋଟ ଶିଶୁଙ୍କୁ ନିଯୁକ୍ତି ମିଳିବା ଘଟଣା ପ୍ରଥମ ବୋଲି ଜଣାପଡ଼ିଛି।


ରେଲୱେ ପକ୍ଷରୁ ନିଯୁକ୍ତିପତ୍ରରେ ରାଧିକାଙ୍କ ଟିପଚିହ୍ନ ନିଆଯାଉଛି।

## ପଥରରେ ଛେଚି ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଅଟକ

ଆର.ଉଦୟଗିରି, ୧୦।୭(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଭାଲିଆଗଣି ଗ୍ରାମରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀଙ୍କୁ ପଥରରେ ଛେଚି ସ୍ୱାମୀ ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ସୁକାନ୍ତି ନାୟକ। ଅଭିଯୁକ୍ତ ସ୍ୱାମୀ ଭଗବାନ ନାୟକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା ଚଳାଇଛି।

ପ୍ରକାଶ ଯେ, ଶନିବାର ଭଗବାନ ଓ ତାଙ୍କ ସ୍ତ୍ରୀ ସୁକାନ୍ତିଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରାତିରେ ନିଶାସକ୍ତ ଅବସ୍ଥାରେ ଆସି ସୁକାନ୍ତିଙ୍କୁ ପଥରରେ ଛେଚିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସୁକାନ୍ତିଙ୍କ ଭାଇ ବାବୁଲା ଜାନି ମୋହନା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୬/୨୨ରେ ଏକ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ସୂଚନାଯୋଗ୍ୟ, ସୁକାନ୍ତି ଏବଂ ଭଗବାନଙ୍କ ୪ଟି ସନ୍ତାନ ଅଛନ୍ତି। ସେମାନଙ୍କ ମଧ୍ୟରେ ୪ ବର୍ଷିୟା ଝିଅ ଓ ୩ ବର୍ଷ, ୨ ବର୍ଷ ଏବଂ ୬ ମାସର ପୁଅ ଅଛନ୍ତି।

## ଯୁବକଙ୍କୁ ହତ୍ୟା, ଜଣେ ଅଟକ

ଦିଗପହଣ୍ଡି, ୧୦।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା କୁକୁଡ଼ାଖଣ୍ଡି ବ୍ଲକ ମହୁରୀ କାଳୁଆ- ଅନନ୍ତେଇ ଗ୍ରାମ ମଧ୍ୟବର୍ତ୍ତୀ ରାସ୍ତା କଡ଼ରୁ ରବିବାର ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଖାଲାସାହିର ଶିବ ବେହେରା। ଶିବଙ୍କ ଛାତି, ହାତ ଓ ମୁଣ୍ଡରେ ଗଭୀର ଆଘାତ ଚିହ୍ନ ରହିଛି। ତାଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଚିକିଟି ଏସଡିପିଓ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି। ଏ ନେଇ ଦିଗପହଣ୍ଡି ଥାନାରେ ନଂ.୨୪୯/୨୨ ମାମଲା ରୁଜୁ ହୋଇଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଦିଗପହଣ୍ଡି ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି। ଘଟଣାସ୍ଥଳରେ ପୋଲିସ ସାଇଣ୍ଟିଫିକ ଟିମ୍ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଥବା ବେଳେ ସନ୍ଦେହରେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଶିବ ଶନିବାର ଅପରାହ୍ନରେ ଜଣେ ସାଙ୍ଗଙ୍କ ସହ ଘରୁ ଯାଇ ଆଉ ଫେରି ନଥିଲେ ବୋଲି ପରିବାର ଲୋକେ ପୋଲିସ ଆଗରେ ବୟାନ ଦେଇଛନ୍ତି। ଲେମ୍ବୁ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ଶିବଙ୍କୁ କିଏ କାହିଁକି ଘରୁ ଡାକି ନେଇ ହତ୍ୟା କଲେ ସେ ନେଇ ପୋଲିସ ଖୋଳତାଡ଼ ଚଳାଇଛି।

## ଦୁର୍ଦ୍ଧର୍ଷ ମାଓବାଦୀ ଲକ୍ଷ୍ମଣ ଗିରଫ

ମାଲକାନଗିରି, ୧୦।୭(ଡି.ଏନ୍.ଏ.): ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ତୁଳସୀ ପାହାଡ଼ରେ କୋମ୍ବିଂ ଅପରେଶନ ବେଳେ ଜଣେ ଦୁର୍ଦ୍ଧର୍ଷ ମାଓବାଦୀ ଗିରଫ ହୋଇଛନ୍ତି। ତାଙ୍କ ନାମ ଲକ୍ଷ୍ମଣ ପଡିଆମୀ। ପୂର୍ବରୁ ତାଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଖବରରୁ ଜଣାପଡିଛି, ତୁଳସୀ ପାହାଡ଼ ଜଙ୍ଗଲରେ ମାଓବାଦୀଙ୍କ ଏକ କ୍ୟାମ୍ପ ଚାଲିଥିବା ଖବର ପାଇ ଶନିବାର ବିଏସ୍‌ଏଫ୍ ଓ ଏସଓଜି ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ କରାଯାଇଥିଲା।



ଏହି ସମୟରେ କେତେ ଜଣ ମାଓବାଦୀ ଜଙ୍ଗଲରେ ଯବାନଙ୍କୁ ଦେଖି ଲୁଚି ପଳାଇବାକୁ ସକ୍ଷମ ହୋଇଥିବା ବେଳେ ମାଓବାଦୀ ଲକ୍ଷ୍ମଣଙ୍କୁ ଯବାନମାନେ କାବୁ କରିବାରେ ସଫଳ ହୋଇଥିଲେ। ଲକ୍ଷ୍ମଣ ଓଡ଼ିଶା ଓ ଛତିଶଗଡ଼ରେ ଅନେକ ମାଓବାଦୀ କାର୍ଯ୍ୟକଳାପରେ ସାମିଲ ଥିଲେ। ୨୦୧୭ରୁ ଆନ୍ଧ୍ର-ଛତିଶଗଡ଼ ସୀମାବର୍ତ୍ତୀ ଦଣ୍ଡକାରଣ୍ୟ ସ୍ପେଶାଲ୍ ଜୋନାଲ କମିଟି ସଦସ୍ୟ ରୂପେ ସେ କାର୍ଯ୍ୟ କରୁଥିଲେ। ସେ ଛତିଶଗଡ଼ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ବହୁ ହତ୍ୟାକାଣ୍ଡ, ପୋଲିସ ଉପରକୁ ଆକ୍ରମଣ କରିବା, ଲୋକଙ୍କୁ ପ୍ରଜା କୋର୍ଟରେ ଦଣ୍ଡିତ କରିବା ଭଳି ଅନେକ ଘଟଣାରେ ସମ୍ପୃକ୍ତ ଥିଲେ ବୋଲି ମାଲକାନଗିରି ଏସ୍‌ପି ନିତେଶ ୱାଧୱାନି ସୂଚନା ଦେଇଛନ୍ତି।

## ଝାରପଡ଼ା ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

- ଚିଟ୍‌ଫଣ୍ଡ ମାମଲାରେ ଗିରଫ ହୋଇଥିଲେ
- ଗ୍ରୀନ୍ ରେ' ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ଏମ୍‌ଡି ଥିଲେ

ଭୁବନେଶ୍ୱର, ୧୦।୭(ବ୍ୟୁରୋ)

ଭୁବନେଶ୍ୱର ଝାରପଡ଼ା ଜେଲରେ ରବିବାର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ମୀର ସଇରୁଦ୍ଦିନ। ସକାଳେ ସେ ଜେଲ ୱାର୍ଡରେ ବୁଲାବୁଲି କରୁଥିବା ବେଳେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଜେଲ୍ ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁ କହିଛନ୍ତି। ଏନେଇ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଲକ୍ଷ୍ମୀସାଗର ଥାନାକୁ ଖବର ଦିଆଯିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୋମବାର ପରିବାର ଲୋକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯିବ।

ସୂଚନାନୁଯାୟୀ, ମୃତ ମୀର୍ ଗ୍ରୀନ୍-ରେ ଇଣ୍ଟରନ୍ୟାଶନାଲ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଥିଲେ। ସେ ୨୦୧୫ରୁ ଓଡ଼ିଶା ସମେତ ୧୪ ଟି ରାଜ୍ୟର ଲୋକଙ୍କୁ ଅଧିକ ସୁଧର ଲୋଭ ଦେଖାଇ ବିଭିନ୍ନ ପ୍ରକାର ସ୍କିମ୍‌ରେ ୨ହଜାର କୋଟି ଟଙ୍କା ଠକିଥିବା ଅଭିଯୋଗ ହୋଇଥିଲା। ଏହାପରେ ଗିରଫ ହେବା ଭୟରେ ପରିବାର ସହ ନାଇଜେରିଆ ପଳାଇ ଯାଇଥିଲେ। ପରବର୍ତ୍ତୀ ସମୟରେ ସେ



ନକଲି ପାସପୋର୍ଟ ବନାଇ ଭାରତ ଆସିଥିଲେ। ଯେଉଁଥିରେ ସେ ନିଜକୁ ବାଂଲାଦେଶର ନାଗରିକ ପରିଚୟ ଦେଇ ଅହମ୍ମଦ ହୁସେନ ନାମରେ (ଛଦ୍ମନାମ) ରହୁଥିଲେ। ସଇରୁଦ୍ଦିନ ଗତ ୫ ବର୍ଷ ତଳେ ଅର୍ଥାତ ୨୦୧୭ ଫେବୃୟାରୀରେ ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଦ୍ୱାରା ପଶ୍ଚିମବଙ୍ଗରୁ ଗିରଫ ହୋଇ ଝାରପଡ଼ା ଜେଲରେ ରହୁଥିଲେ। ଶୁକ୍ରବାର ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଏ ବିଷୟରେ ଜେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କିନ୍ତୁ କର୍ତ୍ତୃପକ୍ଷ ଧ୍ୟାନ ଦେଇ ନ ଥିଲେ। ରବିବାର ସେ ୱାର୍ଡରେ ଅଚେତ ହୋଇ ପଡ଼ିଯାଇଥିଲେ। ତାଙ୍କୁ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ଜଣେ କର୍ମଚାରୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ।

## ବାପାଙ୍କ ଶ୍ରାଦ୍ଧରେ ସାନଙ୍କୁ ହାଣିଲେ ବଡ଼ଭାଇ

### ଅନ୍ୟ ଜାତିରେ ବିବାହକୁ ହେଲା କାଳ

ରାୟଗଡ଼ା ଅଫିସ/ଟିକିରି, ୧୦।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ଥାନା ଅଧୀନ ଖୁଣ୍ଟିଆ ସାହିରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ବାପାଙ୍କ ଶ୍ରାଦ୍ଧ ଦିବସରେ ଦୁଇ ପୁଅଙ୍କ ମଧ୍ୟରେ ବଚସାରୁ ହତ୍ୟାକାଣ୍ଡ ଘଟିଛି। ବଡ଼ଭାଇ ଖଣ୍ଡାଚୋଟରେ ସାନ ଭାଇର ମୃତ୍ୟୁ ଘଟିଛି। ସେ ହେଲେ ପିପୁ ରାଉଳ।

ସୂଚନା ଅନୁଯାୟୀ, ଖୁଣ୍ଟିଆ ସାହିର ସ୍ୱର୍ଗତ ଚୈତନ୍ୟ ରାଉଳଙ୍କ ରବିବାର ଶ୍ରାଦ୍ଧ ଥିଲା। ବଡ଼ ପୁଅ ପୂର୍ବରୁ ବିବାହିତ ଥିବାବେଳେ ସାନପୁଅ ପିପୁ କିଛିଦିନ ତଳେ ଅନ୍ୟ ଜାତିର ଯୁବତୀଙ୍କୁ କୋର୍ଟରେ ବିବାହ କରିଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ପିପୁ ନିଜ ସ୍ତ୍ରୀଙ୍କୁ ନେଇ ଅଲଗା ରହୁଥିଲେ। ରବିବାର ବାପାଙ୍କ ଶ୍ରାଦ୍ଧ ଥିବାବେଳେ ଦୁଇ ଭାଇ ଏବଂ ଦୁଇ ଭଉଣୀ ଉପସ୍ଥିତ ଥିଲେ। ବଡ଼ପୁଅଙ୍କ ସ୍ତ୍ରୀ ଗର୍ଭବତୀ ଥିବାରୁ ପିଣ୍ଡଦାନ କାର୍ଯ୍ୟ କରିପାରି ନ ଥିଲେ। ତେଣୁ ସାନପୁଅ ପିପୁ ନିଜ ସ୍ତ୍ରୀ ଏହି କାର୍ଯ୍ୟ କରିବେ ବୋଲି କହିଥିଲେ। ଅନ୍ୟ ଜାତି ଯୋଗୁ ବଡ଼ପୁଅ ଦୀପୁ ଏହାକୁ ବାରଣ କରିବା ସହ ସାନଭାଇ ସହ ଗଣ୍ଡଗୋଳ କରିଥିଲେ। ଫଳରେ ପିପୁ ଘରୁ ଚାଲିଯାଇଥିଲେ। ପରେ ସେ ପୁଣି ଘରକୁ ଫେରିବା ପରେ ଦୁଇ ଭାଇଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଦୀପୁ ସାନଭାଇ ପିପୁଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ଘଟାଇ ଦୀପୁ ଘଟଣାସ୍ଥଳରୁ ଫେରାର ହୋଇଥିଲେ। ଘଟଣା ନେଇ ସାନ ଭିଣୋଇ କୃପାସିନ୍ଧୁ ବଣ୍ଠିଆ(ବାବୁଲି) କାଶୀପୁର ଥାନାରେ ଦୀପୁଙ୍କ ବିରୋଧରେ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଥାନା ଅଧିକାରୀ ପ୍ରସନ୍ନ ମିଶ୍ର କହିଛନ୍ତି। ଏ ନେଇ ୯୬/୨୨ ରେ ଏକ ମାମଲା ରୁଜୁ କରାଯାଇଛି।

DSPL-89

କୃଷକ ଓଡ଼ିଶା

GO SUGAM
Government of Odisha - Single Window
Unified Gateway for Agrarian Management

କୃଷକ ଓଡ଼ିଶା
- ଫୋନ୍ ମାଧ୍ୟମରେ ଉପଯୁକ୍ତ ପରାମର୍ଶ
- ଅତି ଶୀଘ୍ର ସରକାରୀ ସେବା ଓ ସାହାଯ୍ୟ
- ବ୍ୟାଙ୍କ ମାଧ୍ୟମରେ ସୁବିଧାରେ ଋଣ ସହାୟତା

krushak.odisha.gov.in

ଗୋ-ସୁଗମ
- କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକର ୩୫ଟି ରୁ ଅଧିକ ଯୋଜନା
- କୃଷି ଉଦ୍ୟୋଗୀମାନଙ୍କ ପାଇଁ ଏକକ ୱିଣ୍ଡୋ ପୋର୍ଟାଲ୍
- ହିତାଧିକାରୀଙ୍କ ଦରଖାସ୍ତର ସ୍ଥିତି ଟ୍ରାକିଂ ଏବଂ ସୂଚନା

sugam.odisha.gov.in

OIPR-01034/13/0015/2223

ଦରଖାସ୍ତ କରି ସେବାର ସୁଯୋଗ ନିଅନ୍ତୁ
- ୱେବ୍ ପୋର୍ଟାଲ ଏବଂ ମୋବାଇଲ୍ ଆପ୍
- ମୋ ସେବା କେନ୍ଦ୍ର
- କୃଷି, ଉଦ୍ୟାନକୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ
- ବ୍ଲକ କାର୍ଯ୍ୟାଳୟ (କେବଳ ଗୋ-ସୁଗମ ପାଇଁ)



ସହାୟତା ନିମନ୍ତେ ଯୋଗାଯୋଗ କରନ୍ତୁ ୧୫୫୩୩୩ - ଆମ କୃଷି -

ଚାଷୀ ଭାଇ ଓ ଭଉଣୀମାନେ କୃଷକ 'ଓଡ଼ିଶା ପୋର୍ଟାଲ'ରେ ୩୧ଜୁଲାଇ ୨୦୨୨ ସୁଦ୍ଧା 'ମୋ ସେବା କେନ୍ଦ୍ର' ମାଧ୍ୟମରେ ନୂତନ ପଞ୍ଜୀକରଣ କିମ୍ବା ତଥ୍ୟ ଅପ୍‌ଡେଟ୍ ଶତକଡ଼ା ୫୦ ଭାଗ ରିହାତିରେ କରନ୍ତୁ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

"ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। **–ଶ୍ରୀମା**

# ଗଣତନ୍ତ୍ର ପରେ

ଅର୍ଥନୈତିକ ସଙ୍କଟ ଗୋଟେ ଦେଶକୁ କିଭଳି ସ୍ଥିତିକୁ ନେଇଯାଏ ତାହାର ସଦ୍ୟ ଉଦାହରଣ ପାଲଟିଯାଇଛି ଶ୍ରୀଲଙ୍କା। ୨ କୋଟି ୧୯ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଦ୍ୱୀପରାଷ୍ଟ୍ରରେ ହାହାକାର ପଡ଼ିଯାଇଛି। ଖାଦ୍ୟଶସ୍ୟ, ଔଷଧ, ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ, ବିଦ୍ୟୁତ୍ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବାର ଘୋର ଅଭାବ ଯୋଗୁ ଜନସାଧାରଣ ଅତିଷ୍ଠ ହୋଇପଡ଼ିଛନ୍ତି। ଇନ୍ଧନ ଅଭାବରୁ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ସବୁ ବନ୍ଦ ହୋଇଯାଇଛି। ମୁଦ୍ରାସ୍ଫୀତି ୫୪.୬ ପ୍ରତିଶତରେ ପହଞ୍ଚିଥିବାରୁ ତାହାକୁ ଆକଳନ କରିବା ଲାଗି କାହାରି ଆଖି ପାଉନାହିଁ। ଉଲ୍ଲେଖଯୋଗ୍ୟ, ଆମେରିକୀୟ ଡଲାର ତୁଳନାରେ ଶ୍ରୀଲଙ୍କା ମୁଦ୍ରା 'ରୁପି'ର ବିନିମୟ ମୂଲ୍ୟ ୩୬୦କୁ ଖସିଯାଇଛି। ରାଜପାକ୍ସେ ପରିବାର ଦ୍ୱାରା ଶାସିତ ହୋଇ ଆସିଥିବା ଶ୍ରୀଲଙ୍କା ଋଣଭାରରେ ବୁଡ଼ିଯିବା ପରେ ଗତ ୪ ମାସ ତଳେ ଦେଶରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଥିଲା। ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଦେଶରେ ଅଚାନକ ଜୈବିକ କୃଷି ନୀତି ଲାଗୁ କରି ରାସାୟନିକ ପଦ୍ଧତିର ଚାଷକୁ ବନ୍ଦ କରିଦେବାରୁ ପ୍ରଥମେ ଖାଦ୍ୟ ସଙ୍କଟ ଦେଖାଦେଇଥିଲା। ଏହା ପରେ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦର ବହୁ ମାତ୍ରାରେ ବଢ଼ିଯାଇଥିଲା। ଫଳରେ ଦେଶରେ ଶାସକ ବିରୋଧୀ 'ଘୋ' ସୃଷ୍ଟି ହୋଇଥିଲା। ଶ୍ରୀଲଙ୍କା କ୍ୟାବିନେଟରୁ ମନ୍ତ୍ରୀମାନେ ଓହରିଯିବା ପରେ ସବୁଆଡୁ ଚାପ ପଡ଼ିବାରୁ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେ ପଦବୀରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ରାନିଲ୍ ୱିକ୍ରମସିଂଘେ ପ୍ରଧାନମନ୍ତ୍ରୀ ହୋଇଥିଲେ। ଏତିକିରେ ଶ୍ରୀଲଙ୍କା ଶାନ୍ତ ପଡ଼ି ନ ଥିଲା। ରାଷ୍ଟ୍ରପତି ଗୋଟାବାୟାଙ୍କ ଇସ୍ତଫା ଦାବିରେ ଦେଶବାସୀ ଅଡ଼ି ବସିଥିଲେ। ଏହି ଦାବି ପୂରଣ ଯେତେ ବିଳମ୍ବ ହେଉଥିଲା ଲୋକଙ୍କ କ୍ରୋଧ ସେହି ଅନୁସାରେ ବଢ଼ିବଢ଼ି ଚାଲିଥିଲା। ଶେଷରେ ଶୁଣିବାକୁ ମିଳିଥିଲା ଯେ, ଗୋଟାବାୟା ଲୋକଙ୍କ ରୋଷରୁ ରକ୍ଷା ପାଇବା ପାଇଁ ଦେଶ ଛାଡ଼ି ପଳାଇଯାଇଛନ୍ତି। ଏହା ପରେ ସ୍ଥିତି ଅସମ୍ଭାଳ ହୋଇଥିଲା। ଅନେକ ଲକ୍ଷ ଲୋକ ୯ ଜୁଲାଇରେ ରାଷ୍ଟ୍ରପତିଙ୍କ ଭବନ ଅକ୍ତିଆର କରି ତାହା ଭିତରକୁ ଧସେଇ ପଶିଥିଲେ। ଗଣମାଧ୍ୟମରେ ଏହିସବୁ ଦୃଶ୍ୟକୁ ବିଶ୍ୱବାସୀ ଦେଖି ଚକିତ ହୋଇଛନ୍ତି। ରାଷ୍ଟ୍ରପତିଙ୍କ ସୁଇମିଂ ପୁଲ୍‌ରେ ଅନେକେ ଗାଧୋଉଥିବା ଦେଖିବାକୁ ମଳିଛି। ରୋଷଶାଳାଠାରୁ ଆରମ୍ଭ କରି ରାଷ୍ଟ୍ରପତିଙ୍କ ଶୟନକକ୍ଷରେ ଲୋକେ ପଶିଯାଇଛନ୍ତି। ଯେଉଁଭଳି ଚିତ୍ର ପଦାକୁ ଆସିଛି ସେଥିରୁ ଜଣାପଡୁଛି ଯେପରି ରାଷ୍ଟ୍ରପତି ଭବନ ଏକ ପରିହାସର ସ୍ଥଳୀ ପାଲଟିଛି। ଥଟ୍ଟାରେ କୁହାଯାଉଛି ଏହା ଏକ ପର୍ଯ୍ୟଟନସ୍ଥଳୀ ହୋଇଯାଇଛି। ଲୋକେ ରାଷ୍ଟ୍ରପତି ଭବନରୁ ଅନେକ କୋଟି ଟଙ୍କା ନେଇଯାଇଥିବା କୁହାଯାଉଛି। ଏପରି କି ପ୍ରଧାନମନ୍ତ୍ରୀଙ୍କ ନିଜସ୍ୱ ବାସଭବନରେ ନିଆଁ ଲଗାଇଦିଆଯିବା ଦର୍ଶାଉଛି ଶ୍ରୀଲଙ୍କା କେଉଁଭଳି ଅରାଜକତା ଆଡ଼କୁ ଗତି କରିଛି। ସ୍ଥିତି ଭୟଙ୍କର ହେବା ଦେଖି ପ୍ରଧାନମନ୍ତ୍ରୀ ରାନିଲ୍ ୱିକ୍ରମସିଂଘେ ପଦବୀରୁ ଇସ୍ତଫା ଦେଇଛନ୍ତି। ଏହିସବୁ ଘଟଣା ଘଟିଚାଲିଥିବା ବେଳେ ଗୋଟାବାୟାଙ୍କ ପତ୍ତା ମିଳୁନାହିଁ।

୧୯୪୮ରେ ସ୍ୱାଧୀନତା ପାଇଥିବା କ୍ଷୁଦ୍ର ଦ୍ୱୀପଦେଶ ଶ୍ରୀଲଙ୍କାର ଅର୍ଥନୀତି ସୁଦୃଢ଼ ଥିଲା। ଯେବେଠାରୁ ରାଜପାକ୍ସେ ପରିବାର ସମଗ୍ର ଶାସନତନ୍ତ୍ରକୁ ନିଜର କରିନେଲେ ସେବେଠାରୁ ଦୁର୍ଦ୍ଦିନ ଆସିଥିଲା। ପରିବାର ଓ ସମ୍ପର୍କୀୟଙ୍କୁ ମିଶାଇ ବହୁ ସଦସ୍ୟ କ୍ୟାବିନେଟ୍‌ରେ ସ୍ଥାନ ପାଇବା ପରେ ଜନସାଧାରଣଙ୍କ ସ୍ୱାର୍ଥ ସେମାନଙ୍କ ପାଇଁ ଗୌଣ ହୋଇଯାଇଥିଲା। ଦେଶର ନାଗରିକ ରାଜପାକ୍ସେ ଶାସନ ଉପରୁ ଆସ୍ଥା ହରାଇବା ପରେ ଆନ୍ଦୋଳନ ତୀବ୍ର ରୂପ ଧାରଣ କରି ରାଷ୍ଟ୍ରପତି ଭବନ ଦଖଲରେ ଶେଷ ହୋଇଛି। ଅନ୍ୟାୟ ଓ ଆର୍ଥିକ ଦୁର୍ନୀତି ବିରୋଧରେ ଏହିପରି ବିପ୍ଳବ କରିବା ବ୍ୟତୀତ, ହୁଏତ, ବିଦ୍ରୋହୀ ଅନ୍ୟ କିଛି ପନ୍ଥା ପାଇ ନ ଥିବେ।

ପୂର୍ବରୁ ଅତ୍ୟାଚାରୀ ଶାସକଙ୍କ ବିରୋଧରେ ହୋଇଥିବା ବିଦ୍ରୋହ, ପ୍ରଜା ଆନ୍ଦୋଳନ ଓ ଅରାଜକତା ବିଷୟରେ ଇତିହାସରୁ ପଢ଼ିବାକୁ ମିଳିଥିଲା। ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ଶ୍ରୀଲଙ୍କା ସମେତ ବିଶ୍ୱ ପ୍ରେକ୍ଷାପଟରେ ଯେଉଁ ପରିବର୍ତ୍ତନମାନ ଦେଖାଦେଉଛି, ତାହାର ମୂଳରେ ରହିଛି ଏକଚ୍ଛତ୍ରବାଦ, ନିରଙ୍କୁଶ ଶାସନ ଭୋଗ କରୁଥିବା ଶାସକଙ୍କ ଅହଙ୍କାର ଓ ଜନସାଧାରଣଙ୍କୁ ଭୟ ଦେଖାଇ ଚାପି ଦେବାର ମାନସିକତା। ଯେଉଁମାନେ କ୍ଷମତା ବଳରେ ନିଜ ସ୍ୱାର୍ଥ ସାଧନରେ ଲାଗିପଡ଼ିଛନ୍ତି, ସେମାନଙ୍କୁ ଶାସିତ ବର୍ଗ ଚିହ୍ନିପାରି ବିରୋଧ କରିବା ଦ୍ୱାରା ପରିବର୍ତ୍ତନର ସଙ୍କେତ ମିଳିପାରିଛି ବୋଲି କୁହାଯାଇପାରେ। ଏହା ବାସ୍ତବ ଗଣତନ୍ତ୍ର ପାଇଁ ଶୁଭଙ୍କର। ଏବେ ଶ୍ରୀଲଙ୍କାରେ ଯେଉଁଭଳି ଶାସକ ବିରୋଧୀ ଜନବିଦ୍ରୋହ ହେଲା ତାହାର ପ୍ରଭାବ ଏକଚ୍ଛତ୍ରବାଦ ଓ ଗଣତାନ୍ତ୍ରିକ ରାଷ୍ଟ୍ର ଯେଉଁଠାରେ ମନମୁଖି ଶାସନ ଚାଲିଛି, ସେସବୁ ଉପରେ ପଡ଼ିବା ଥୟ। ଇତିହାସ ପ୍ରମାଣ ଦେଇଛି, ଯେଉଁଠାରେ ଯେତେବେଳେ ପରିବର୍ତ୍ତନ ଆସିଛି ତାହା ଏହିଭଳି ପର୍ଯ୍ୟାୟ ଦେଇ ଗତି କରିଛି। ପରିବର୍ତ୍ତନ ସବୁବେଳେ ମଣିଷ ଜାତିକୁ ବିଚଳିତ କରେ। କିନ୍ତୁ ଏହା ହେଉଛି ଚିରନ୍ତନ ସତ୍ୟ। ଏବେ ଯେଉଁସବୁ ନେତା ଜନସାଧାରଣଙ୍କ ହିତକୁ ଅଣଦେଖା କରି ନିଜର ଗାଦିମାଡ଼ି ବସିବା ପାଇଁ ସବୁକିଛି କରିପାରୁଛନ୍ତି, ସେମାନଙ୍କର ମଧ୍ୟ ଦିନ ପୂରିବା ଆରମ୍ଭ ହେବା ଭଳି ଲାଗୁଛି। କିନ୍ତୁ ଏହି ପରିବର୍ତ୍ତନ କେବଳ ନେତାଙ୍କ ପାଖରେ ଅଟକି ଯାଉ ନାହିଁ। ଗଣତନ୍ତ୍ର ଥିଲା ବିଂଶ ଶତାବ୍ଦୀରେ ଶାସନ ପଦ୍ଧତିର ସର୍ବୋଚ୍ଚ ପ୍ରଣାଳୀ। ଏବେ ମଣିଷ ଜାତି ସ୍ୱୀକାର କରିବାକୁ ବାଧ୍ୟ ହେଉଛି ଯେ, ଗଣତନ୍ତ୍ର ସମ୍ଭବତଃ ସବୁଠାରୁ ଉତ୍ତମ ବାଟ ହୋଇ ନ ଥାଇପାରେ। ଆଧୁନିକ ଯୁଗରେ ମଣିଷର ଚାହିଦାରେ ପରିବର୍ତ୍ତନ ଘଟୁଛି। ବ୍ୟକ୍ତିଗତ ସ୍ୱାଧୀନତାର ସଂଜ୍ଞା ବଦଳିଯାଉଛି। ଗୁଡ଼ାଏ ଲୋକ ଭୋଟ ଦେଇ ଗୋଟିଏ ନେତା ବାଛିଦେଲେ ମଣିଷ ଜାତିର ଉନ୍ନତି ଘଟୁନାହିଁ। ଅଧିକାଂଶ ଲୋକ ପ୍ରଜା ହୋଇ ରାଜା ଖୋଜୁଛନ୍ତି। ଇଂଲିଶ ଭାଷାରେ ଗଣତନ୍ତ୍ରକୁ 'ଡେମୋକ୍ରାସି' କୁହାଯାଏ। ଏବେ ତାହା 'ମୋବୋକ୍ରାସି' ବା ଉତ୍ୟକ୍ତ ଜନତାଙ୍କ ଭିଡ଼ରେ ବଛା ଯାଉଥିବା ନେତୃତ୍ୱ କେବେ ହେଲେ ସକାରାତ୍ମକ ହୋଇପାରିବ ନାହିଁ। ଶ୍ରୀଲଙ୍କା ଏବେ ସେହି ଚିନ୍ତାକୁ ସତ୍ୟ ପ୍ରମାଣ କରିଛି।

# ଜୀବନ ବିରୋଧରେ ବିଦ୍ରୋହ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଥରେ ଜଣେ ସାଧୁ ସହସ୍ରାଧିକ ଶ୍ରଦ୍ଧାଳୁ ଶ୍ରୋତାଙ୍କୁ ପ୍ରବଚନ ଦେଲାବେଳେ ପଚାରିଲେ, "କେଉଁମାନେ ମରିବାକୁ ଇଚ୍ଛା କରନ୍ତି ହାତ ଟେକନ୍ତୁ!" ସାଧୁଙ୍କର ଏପରି ଅଜବ ଜିଜ୍ଞାସା କିଛି ଅଯୌକ୍ତିକ ନ ଥିଲା। ଅନିତ୍ୟ ଜୀବନର ଅସାରତା ପ୍ରତିପାଦନ କରି ସେ କହିଥିଲେ, "ଜୀବନ ଅଛି ବୋଲି ସିନା ଯେତେସବୁ ରୋଗ ବ୍ୟାଧି, ଅଭାବ ଅନଟନ ବା ଅପ୍ରାପ୍ତିର ଅଶାନ୍ତି ଭୋଗି ଜିଇବାକୁ ପଡୁଛି। ଜୀବନ ନାହିଁ ତ ଯାତନା ନାହିଁ। ଜୀବନ ଯନ୍ତ୍ରଣାରୁ ମୁକ୍ତି ପାଇଁ ମୃତ୍ୟୁହିଁ ଏକ ବାଞ୍ଛିତ ବରଦାନ, ଏକ ଈପ୍‌ସିତ ନିର୍ବାଣ।" ସୁତରାଂ, ଏମିତି ନିର୍ବାଣ କାମନା କରୁଥିବା ଲୋକଙ୍କ ସଂଖ୍ୟା ପରଖିବାକୁ ସାଧୁ ମହାରାଜ ଜିଜ୍ଞାସା ପ୍ରକଟ କରିଥିଲେ। ମାତ୍ର କହିବାବାହୁଲ୍ୟ, ସହସ୍ର ସରିକି ହାତ ମଧ୍ୟରୁ ଗୋଟିଏ ବି ହାତ ଉପରକୁ ଉଠି ନ ଥିଲା ସାଧୁଙ୍କ ପ୍ରଶ୍ନର ଉତ୍ତର ହୋଇ। ଥାଉ ପଛେ ଜୀବନ ସହ ଜଡ଼ି ହୋଇ ଅସୁମାରି ଜଞ୍ଜାଳ ଓ ଯାତନା, ଜୀବନ ପ୍ରତି ମଣିଷର ଅସମ୍ଭବ ଆସକ୍ତି। ଯନ୍ତ୍ରଣା ଜର୍ଜରିତ ବର୍ତ୍ତମାନର ପର ମୁହୂର୍ତ୍ତଟି ଅସରନ୍ତି ଭାବେ ସମ୍ଭାବନାମୟ। ସେଥିପାଇଁ ତ ବିଶ୍ୱକବି ସେଦିନ ଗାଇ ଉଠିଥିଲେ, 'ମରିବାକୁ ଚାହେଁନା ମୁଁ ସୁନ୍ଦର ମରତେ।'

ଅଥଚ କ'ଣ ହୋଇଛି କେଜାଣି, ଏବେ ଆମ ରାଜ୍ୟରେ ପ୍ରତିଦିନ ଶୁଣିବାକୁ ବା ଦେଖିବାକୁ ମିଳୁଛି କାହାର ନା କାହାର ଇଚ୍ଛାକୃତ ଆତ୍ମହତ୍ୟାର ଅକାଳ ଅପମୃତ୍ୟୁ। ଜୀବନ ଯୁଦ୍ଧ ଶେଷ ହେବା ପୂର୍ବରୁ ପରାଜୟ ସ୍ୱୀକାର କରି ଫେରି ଯାଉଥିବା ଏହି ବିଫଳ ସୈନିକମାନଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ି ବଢ଼ି ଚାଲିଛି। ଆତ୍ମହତ୍ୟା ଜୀବନ ଓ ଜୀବନ ଦେଇଥିବା ସ୍ରଷ୍ଟାଙ୍କ ବିରୋଧରେ ଏକ ନୀରବ ବିଦ୍ରୋହ। ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ ଅନ୍ୟର ହତ୍ୟା କରୁଥିବା ଲୋକ ମଣିଷତ୍ୱ ହରାଇ ବସିଥିବା ପଶୁ, ମାତ୍ର ନିଜକୁ ହତ୍ୟା କରୁଥିବା ଲୋକ ନିଜ ଭିତରର ଈଶ୍ୱରଙ୍କୁ ହତ୍ୟା କରୁଥିବା ପାଷାଣ୍ଡ। ପ୍ରକୃତରେ ଦିବ୍ୟ ଜୀବନଠୁଁ ମୁହଁ ମୋଡ଼ି ନିଜକୁ ହତ୍ୟା କରୁଥିବା ଲୋକଟି ଥରେ ଯଦି ଜାଣନ୍ତା, ଯାହା ଅଭାବରେ ତା' ଜୀବନ ତାକୁ ଅସମ୍ପୂର୍ଣ୍ଣ ଲାଗୁଛି ବା ତା' ମନ ଲୋଡୁଥିବା ଘଟଣାଟି ନ ଘଟିବାରୁ ଚାରିଆଡ଼ ଅନ୍ଧାର ଦିଶୁଛି, ସେହି ଅପ୍ରାପ୍ତ ବସ୍ତୁ ବା ଅଘଟିତ ଘଟଣା ପାଖରେ ସଂସାର ସରି ଯାଇନାହିଁ; ତାହା ବାହାରେ ବି ସଂସାର ବେଶ୍ ବିସ୍ତାରିତ, ତେବେ ସେ କେବେ ଅକାଳରେ ଜୀବନ ହାରିଦେବାକୁ ମନ ବଳାନ୍ତା ନାହିଁ।

ଆତ୍ମହତ୍ୟା କରୁଥିବା ଲୋକଟିକୁ 'ଭୀରୁ', 'ପଳାତକ' ଆଦି ଅପେକ୍ଷାକୃତ ନରମ ଶବ୍ଦରେ ଗାଳିଦିଏ ଆମ ସମାଜ। ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ମାୟା ଦର୍ପଣର ପରଦା ଉପରେ ଏକ ନିର୍ଭୟ ନିର୍ଦ୍ଦୟ କଠୋର ଚରିତ୍ରର ବ୍ୟକ୍ତି ଭାବେ ବିଶେଷ ପରିଚିତି ହାସଲ କରିଥିବା ଅଭିନେତା ରାଇମୋହନ ବି ଭୀରୁ ଭଳି ଜୀବନଠୁଁ ମୁହଁ ଫେରାଇ ପଳାୟନ କରିପାରନ୍ତି, ଯେମିତି ପଳାଇ ଯାଇପାରନ୍ତି ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ମଧ୍ୟରେ ଉବୁଟୁବୁ ହୋଇ ଯୌବନର ଜୟଗାନ କରୁଥିବା ଆଉ ଜଣେ ଅଭିନେତା ସୁଶାନ୍ତ ସିଂହ ରାଜପୁତ। ତେବେ ସେ ରାଇମୋହନ ହୁଅନ୍ତୁ କି ସୁଶାନ୍ତ, ନିଜ ନିଜ କ୍ଷେତ୍ରରେ ସେମାନେ ଯେତେ ପ୍ରସାରିତ ହେଲେ ବି ସେମାନଙ୍କ ଜୀବନର ପରିଧି ବେଶ୍ ସଂକୁଚିତ ଥିଲା ବୋଲି ସେମାନେ ଜୀବନର ଜୟଗାନ ଶୁଣିପାରିଲେ ନାହିଁ ଓ ଅକାଳରେ ଆପଣେଇ ନେଲେ ଆତ୍ମହତ୍ୟା ଭଳି ଏକ ପଳାତକର ପନ୍ଥାକୁ।



'ପ୍ରସାରଣରେ ହିଁ ଜୀବନ ଓ ଅନ୍ୟପକ୍ଷରେ ସଂକୋଚନରେ ମୃତ୍ୟୁ।' ଯେଉଁ ଜୀବନ ଯେତେ ପ୍ରସାରିତ ଓ ପରିବ୍ୟାପ୍ତ, ସେତେ ସାର୍ଥକ ସେହି ଜୀବନ– ଏହି ଆପ୍ତବାଣୀ ସପକ୍ଷରେ ନିମ୍ନୋକ୍ତ ଦୁଇଟି ଦୃଷ୍ଟାନ୍ତକୁ ଲକ୍ଷ୍ୟ କରାଯାଉ। ପ୍ରଥମଟି ବାଲ୍ୟକାଳରୁ ପିତୃମାତୃବିହୀନ ପୃଥିବୀରେ ବଞ୍ଚି ଆସିଥିବା ଜଣେ ଯୁବକର କଥା। ଯୁବକଟିର ଏକା ଏକା ବଞ୍ଚିବାର କଷ୍ଟକୁ ବହୁଭାବେ ଲାଘବ କରିଥିଲେ ତାଙ୍କ ପ୍ରେମିକା। ଅଥଚ ଦିନ କେଇଟା ଯାଇନି, ସେ ବି ତାଙ୍କୁ ପରିତ୍ୟାଗ କରି ଆଉ ଜଣଙ୍କୁ ବାହା ହୋଇ ଚାଲିଗଲେ। ସଂସାରରେ ସମ୍ପୂର୍ଣ୍ଣ ଏକା ହୋଇଗଲା ପରେ ଜୀବନ ତାଙ୍କୁ ବୋଝ ପରି ଲାଗିଲା। ଚରମ ଏକାକୀତ୍ୱ ଭିତରେ ଅବରୁଦ୍ଧ ଜୀବନରୁ ମୁକ୍ତି ନେବା ପାଇଁ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଲେ ଓ ସେଥିପାଇଁ ବଜାରରୁ ବିଷପୁଡ଼ିଆଟିଏ କିଣି ନଦୀକୂଳର ଏକ ନିକାଞ୍ଚନ ସ୍ଥାନରେ ପହଞ୍ଚିଗଲେ। ସଂସାରର ସବୁ ମୋହ ତୁଟାଇ ସେ ବିଷତକ ଖାଇବାକୁ ଯାଉଛନ୍ତି, ତାଙ୍କ ଆଖି ପଡ଼ିଲା ବିଷପୁଡ଼ିଆର ସେହି କାଗଜଟି ଉପରେ ମୁଦ୍ରିତ ଏକ କବିତା ଉପରେ। କବିତାଟିର ମର୍ମାର୍ଥ ଥିଲା ଏହିପରି– "ତୁମେ ଯଦି ସଂସାରରେ ଏକା ଏକା, ଅସହାୟ; ତେବେ ମନ ଊଣା କରନା। ବାହାରକୁ ଯାଇ ଘେରାଏ ବୁଲିଆସ, ଦେଖିବ, ତୁମଠୁ କାହିଁ କେତେଗୁଣ ଅଧିକ ଦୁଃଖ ଓ ଅସହାୟତା ଭିତରେ ବୁଡ଼ି ରହିଥିବା ବହୁଲୋକ ତଥାପି ବଞ୍ଚି ରହିଛନ୍ତି। ସେମାନଙ୍କୁ ସହାୟତା କର। ଦେଖିବ, ତୁମେ ଆଉ ଅସହାୟ ହୋଇ ରହିନାହଁ।"

କି ଯାଦୁ ଥିଲା କେଜାଣି ସେଇ ଛିନ୍ନପୃଷ୍ଠାରେ ମୁଦ୍ରିତ କବିତାଟିରେ, କି ଅମୃତ ଥିଲା କେଜାଣି ବିଷବନ୍ଧା ସେଇ ଟୁକୁରା କାଗଜ ଟିକକରେ, ଆତ୍ମହତ୍ୟା ଭଳି ଏକ ଚରମ ସିଦ୍ଧାନ୍ତରୁ ନିବୃତ୍ତ ହୋଇ ଯୁବକଟି ଫେରିଆସିଲା ସଂସାର ମଧ୍ୟକୁ, ମୃତ୍ୟୁର ବିଷାକ୍ତ ପଞ୍ଝା ମଧ୍ୟରୁ ଜୀବନର ଅମୃତ ଆସ୍ୱାଦନ ଆଡ଼କୁ।

ଆତ୍ମହତ୍ୟା କରିବାକୁ ମନସ୍ଥ କରି ପୁଣି ଜୀବନର କୋଳାହଳ ମଧ୍ୟକୁ ଫେରି ଆସିଥିବା ଆଉ ଜଣେ ବୃଦ୍ଧଙ୍କ କଥା। କେଇବର୍ଷ ତଳେ ଗୁଜରାଟର ଭୟାବହ ଭୂକମ୍ପରେ ସମ୍ପୂର୍ଣ୍ଣ ଧ୍ୱଂସ ପାଇ ଯାଇଥିଲା ଅହମ୍ମଦାବାଦ ସହରରେ ବିଶାଳ କପଡ଼ା ବ୍ୟବସାୟ ଥିବା ମନୁଭାଇ ପଟେଲଙ୍କ ସଂସାର। ଭୂକମ୍ପର ଦିନକ ପୂର୍ବରୁ ବ୍ୟବସାୟ କାର୍ଯ୍ୟରେ ବମ୍ବେ ଯାଇଥିଲେ ସେ। ଭୂକମ୍ପ ଖବର ପାଇ ବାହୁଡ଼ି ଆସି ଦେଖିଲେ ତାଙ୍କ ପରିବାରର ସମସ୍ତ ଆଠଜଣ ସଦସ୍ୟ ଭୂକମ୍ପର ଧ୍ୱଂସସ୍ତୂପ ତଳେ ଜୀବନ୍ତ ସମାଧି ନେଇ ସାରିଛନ୍ତି। ପତ୍ନୀ, ଦୁଇପୁଅ, ଦୁଇବୋହୂଙ୍କ ସମେତ ସେମାନଙ୍କର ତିନୋଟି କଅଁଳ କଳିକା ଏକାବେଳକେ ସଂସାରରୁ ବିଦାୟ ନେଇଛନ୍ତି। ଏପରି ହୃଦୟବିଦାରକ ଅଘଟଣରେ ପରିଣତ ବୟସରେ ବି ନିଜକୁ ଅନାଥ ମନେକଲେ ମନୁଭାଇ। ସେମାନଙ୍କ ପଥର ଯାତ୍ରୀ ହେବାକୁ ସେ ନିର୍ଣ୍ଣୟ ନେଇ ଆତ୍ମହତ୍ୟା କରିବା ପାଇଁ ଯୋଜନା କରୁଥିଲା ବେଳେ ତାଙ୍କୁ ଲାଗିଲା, ତାଙ୍କ ଜୀବନକୁ ନେଇ ଈଶ୍ୱରଙ୍କର ଏକ ବିଶେଷ ଯୋଜନା ଥିବାରୁ ସେ ବୋଧହୁଏ ତାଙ୍କୁ ବେପାର କାର୍ଯ୍ୟରେ ବମ୍ବେ ପଠାଇ ଦେଇଥିଲେ। ସେ ବଞ୍ଚି ରହିଲେ ନିଜ ପରିବାର ସଦସ୍ୟଙ୍କ ମଧୁର ସ୍ମୃତିକୁ ଚିରକାଳ ସତେଜ ରଖିବା ପାଇଁ। ନିଜ ଜୀବନଯାକର ଅର୍ଜିତ ସମସ୍ତ ସମ୍ବଳ ପ୍ରାୟ ଷାଠିଏ ଲକ୍ଷ ଟଙ୍କା ବିନିମୟରେ ସେ ସର୍ଜନା କଲେ ନୂଆ ଏକ ସଂସାର। ଯେଉଁ ସ୍ଥାନରେ ଭୂକମ୍ପ ତାଙ୍କ ସୁରମ୍ୟ ପ୍ରାସାଦଟିକୁ ଧରାଶାୟୀ କରିଦେଇଥିଲା, ସେହି ସ୍ଥାନରେ ସେ ଛିଡ଼ା କରାଇଲେ ଆଉ ଏକ ଅଟ୍ଟାଳିକା, ଯାହାର ବାସିନ୍ଦା ହେଲେ ଭୂମିକମ୍ପରେ ନିଜ ଘର ଓ ମା'ବାପାଙ୍କୁ ହରାଇଥିବା ବତିଶ ଜଣ ଅନାଥ ପିଲା। ବାଃ, ନିଶ୍ଚିତ ମୃତ୍ୟୁମୁହଁରୁ ଅଳ୍ପକେ ବର୍ତ୍ତି ଯାଇଥିବା ଲୋକଟିର ଜୀବନକୁ ନେଇ କି ଅପୂର୍ବ ଜୟଗାନ! ନିଜ ନିଜର ଜୀବନ ବିରୋଧରେ ବିଦ୍ରୋହ କରି ଅକାଳରେ ଏ ସଂସାରରୁ ଅପସରି ଯାଇଥିବା ସୌମ୍ୟ, ସନ୍ତୋଷ, ରଶ୍ମିରେଖା ବା ସୁଶାନ୍ତ କି ରାଇମୋହନମାନେ ମନୁଭାଇଙ୍କର ଏହି ଜୀବନ ଦର୍ଶନକୁ ପଢ଼ିଥାନ୍ତେ ହେଲେ!!

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର–୧୦**
**ମୋ:୮୮୯୫୬୨୪୧୦୫**

# ଭାରତ, ଇଣ୍ଡିଆ ଓ ଇଂରାଜୀ ଭାଷା



ଡ. ନିରଞ୍ଜନ ମିଶ୍ର

ଭାରତକୁ ଦୁଇଟି ଇଂଲଣ୍ଡ ଆସିଥିଲେ– ଏ କଥା କହିଛନ୍ତି ଆମର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ। 'ଡିସ୍‌କଭରି ଅଫ୍ ଇଣ୍ଡିଆ' ପୁସ୍ତକରେ ପଣ୍ଡିତଜୀ ଲେଖିଛନ୍ତି "ହୁଇଚ୍ ଅଫ୍ ଦି ଟୁ ଇଂଲଣ୍ଡ କେମ୍ ଟୁ ଇଣ୍ଡିଆ ?... ଦି ଇଂଲଣ୍ଡ ଅଫ୍ ବାର୍ବରିକ ପେନାଲ କୋଡ୍, ବ୍ରୁଟାଲ ବିହେଭିୟର..... ଅର୍ ଦି ଇଂଲଣ୍ଡ ଅଫ୍ ସେକ୍ସପିୟର ଆଣ୍ଡ ମିଲ୍‌ଟନ ?" ବ୍ରିଟିଶ୍ ସାମ୍ରାଜ୍ୟବାଦୀ ଶାସକମାନେ ଭାରତକୁ ଦୀର୍ଘ ଦୁଇଶହ ବର୍ଷ ନିର୍ମମ ଭାବେ ଶାସନ କରିଥିଲେ। ସେମାନେ ଗଲା ପରେ ଇଂରାଜୀ ଭାଷା ଭାରତରେ ସବୁଦିନ ରହିଗଲା ଓ ବିକାଶ ଲାଭ କଲା। ଇତିହାସରୁ ଜଣାଯାଏ, ରାଜା ରାମମୋହନ ରାୟ ସେତେବେଳେ ବ୍ରିଟିଶ୍-ଇଣ୍ଡିଆର ଛାତ୍ରମାନଙ୍କୁ ସବୁ ବିଷୟ ଇଂରାଜୀ ଭାଷା ମାଧ୍ୟମରେ ପଢ଼ାଇବା ପାଇଁ ଭାଇସ୍‌ରାୟ ଉଇଲିୟମ ବେଣ୍ଟିକ୍‌ଙ୍କୁ ପରାମର୍ଶ ଦେଇଥିଲେ। ସାହିତ୍ୟ, ଦର୍ଶନ, ଆଇନ, ବିଜ୍ଞାନ ଇତ୍ୟାଦି ବିଷୟ ଇଂରାଜୀରେ ପଢ଼ାଗଲା। ଏ ପ୍ରକାର ଶିକ୍ଷାରୁ ସୃଷ୍ଟି ହେଲେ ସହଯୋଗୀ ଶ୍ରୀଅରବିନ୍ଦ, ସ୍ୱାମୀ ବିବେକାନନ୍ଦ, ଆମ୍ବେଦକର, କୃପାଳିନୀ, ପଟେଲ, ରାଜଗୋପାଳଚାରୀ ପ୍ରମୁଖ ବିଜ୍ଞ ପୁରୁଷମାନେ, ଯେଉଁମାନେ କି ସେ ସମୟରେ ଆମକୁ ଦିଗ୍‌ଦର୍ଶନ ଦେଇଛନ୍ତି।

୧୮୯୩ ରେ ଚିକାଗୋ ଧର୍ମସଭାରେ ସ୍ୱାମୀ ବିବେକାନନ୍ଦ ତାଙ୍କ ଭାଷଣଟିକୁ ଆରମ୍ଭ କରିଥିଲେ ପାଞ୍ଚୋଟି ଇଂରାଜୀ ଶବ୍ଦରୁ– "ସିଷ୍ଟର୍ସ ଆଣ୍ଡ ବ୍ରଦର୍ସ ଅଫ୍ ଆମେରିକା।" ପ୍ରାୟ ପାଞ୍ଚ ହଜାର ପ୍ରତିନିଧି ଠିଆ ହୋଇ କରତାଳି ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ତାଙ୍କ ସଂକ୍ଷିପ୍ତ ଭାଷଣରେ ସେ ହିନ୍ଦୁଧର୍ମକୁ ଏକ "ୟୁନିଭର୍ସାଲ ରିଲିଜିୟନ" ବୋଲି କହିଲେ। ସମଗ୍ର ବିଶ୍ୱ ଭାରତ ସଂସ୍କୃତି ବିଷୟରେ ଅବଗତ ହେଲା। ବ୍ରିଟିଶ୍ ଶାସନ କାଳରେ ସାର୍ ଉଇଲିୟମ ଜୋନସ ସଂସ୍କୃତ କାବ୍ୟ ଓ ବ୍ୟାକରଣର ଅନୁବାଦ କଲେ। ଏହା ୟୁରୋପର ପଣ୍ଡିତମାନେ ହୃଦୟଙ୍ଗମ କଲେ। ଭାରତ ବିରୁଦ୍ଧରେ ଜଣେ ଲେଖକ କୁତ୍ସାରଚନା କରିଥିଲେ, ଯାହାର ଦୃଢ଼ ଜବାବ ଦେଇଥିଲେ ପଞ୍ଜାବ କେଶରୀ ଲାଲା ଲଜପତ ରାୟ ତାଙ୍କର 'ଅନ୍‌ହାପି ଇଣ୍ଡିଆ' ବହିରେ। ଗାନ୍ଧିଜୀ 'କାଠଯୋଡ଼ି ବାଲିରେ' ଅସହଯୋଗ ଆନ୍ଦୋଳନ ବିଷୟରେ କ'ଣ କହୁଥିଲେ ତାହା 'ୟଙ୍ଗ୍ ଇଣ୍ଡିଆ'ରେ ପ୍ରକାଶ ପାଉଥିଲା ଓ ଲାହୋର ହାଇସ୍କୁଲର କେତେକ ଛାତ୍ର ଘୋଷି ମୁଖସ୍ଥ କରିଦେଉଥିଲେ ଓ ଅନୁପ୍ରାଣିତ ହେଉଥିଲେ। ସାର୍ ଏଡ୍‌ଉଇନ ଆର୍ନୋଲଡ୍ ଶ୍ରୀମଦ୍ ଭଗବଦ୍ ଗୀତାର ଇଂରାଜୀ ଅନୁବାଦ କରିଥିଲେ ଓ ଗୀତାର ଭାବାର୍ଥ ଗାନ୍ଧିଜୀ ସେଥିରୁ ବୁଝିଲେ।

ଇଂରାଜୀ ଭାଷାରେ ଶାସନ ହେଉଥିଲା।



ସେତେବେଳର 'ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍'କୁ ଷ୍ଟିଲ୍ ଫ୍ରେମ କୁହାଯାଏ। ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ଇଂରେଜ ଭାଷାକୁ ବାଗ୍‌ଦେବୀ ସରସ୍ୱତୀଙ୍କ ଭାରତ ପ୍ରତି ବଡ଼ ଆଶୀର୍ବାଦ– 'ଗିଫ୍ଟ ଅଫ୍ ସରସ୍ୱତୀ' ବୋଲି କହନ୍ତି। ଆମେ କହୁଥିବା ଇଂରାଜୀକୁ 'ଇଣ୍ଡିଆନ୍ ଇଂଲିଶ୍' କୁହାଯାଏ, ଯାହାର ନିଜର ସ୍ୱାତନ୍ତ୍ର୍ୟ ରହିଛି। 'ଆମେରିକାନ୍ ଇଂଲିଶ୍' କାନାଡିଆନ୍ ଅଷ୍ଟ୍ରେଲିଆନ୍ ଇଂଲିଶ ଭଳି ଏହାର ବିଶେଷତ୍ୱ ରହିଛି। ଅନେକ ହିନ୍ଦୀ ଓ ଓଡ଼ିଆ ଚଳଚ୍ଚିତ୍ରର ସଂଳାପ ଓ ଗୀତରେ ଇଂରାଜୀ ଶବ୍ଦ ଓ ବାକ୍ୟାଂଶ ବ୍ୟବହାର କରାଯାଇଛି କେବଳ ହସର ଜୁଆର ସୃଷ୍ଟି କରିବା ପାଇଁ। 'ସିନ୍ଦୂରବିନ୍ଦୁ' କଥାଚିତ୍ରର 'ଓ ମାଇଁ ପୁଷି' ଗୀତରେ ଜଣେ ପ୍ରେମିକ କହୁଛି, "ୟୁ ଆର ଟ୍ୱେଣ୍ଟି/ଆଇ ଆମ ଥାର୍ଟି/ ୟୁ ଆର ଲଭିଂ/ ଆଇ ଆମ୍ ଲଭିଂ.../ ୟୋର ଫାଦର୍ ଟାଉଟରଟିଂ ସେୟିଙ୍ଗ୍ ସେୟିଙ୍ଗ୍ ନଥିଂ ଡୁଇଙ୍ଗ୍। ହିନ୍ଦୀ ଚଳଚ୍ଚିତ୍ର 'ନମକ ହଲାଲ୍'ରେ ଅର୍ଜୁନ ସିଂ ଚରିତ୍ରରେ ଅମିତାଭ ବଚ୍ଚନ କହୁଛନ୍ତି, "ଆଇ କ୍ୟାନ୍ ବାଥ୍ ଇଂଲିଶ /ୱାକ୍ ଇଂଲିଶ୍/ଟକ୍ ଇଂଲିଶ... ଇଂଲିଶ୍ ଇଜ୍ ଏ ଫନି ଲାଙ୍ଗୁଏଜ୍। ତା'ପରେ ସେ ୱାଶିମ୍ ଆକ୍ରମ୍ ଓ ତାଙ୍କ ବଂଶ ପରମ୍ପରା ବିଷୟରେ ଅନର୍ଗଳ କହୁଛନ୍ତି। 'ସୋଲେ' ସିନେମାରେ ବୀରୁ ଚରିତ୍ରରେ ଧର୍ମେନ୍ଦ୍ର ପାଣିଟାଙ୍କି ଉପରେ ଚଢ଼ି ଆତ୍ମହତ୍ୟା ପାଇଁ ଚେଷ୍ଟା କରି ତାଙ୍କର ରୋମାଣ୍ଟିକ୍ ଜୀବନଟା କିଭଳି ଟ୍ରାଜେଡି ହୋଇଗଲା କହିଚାଲିଛନ୍ତି। ଭାରତର ଜଣେ ମଳିମୁଣ୍ଡିଆ ଲୋକ କହିଛି, "ଆରେ ଭାଇ ଏ ସୁଇସାଇଡ୍ କ୍ୟା ହୈ ?" ଅନ୍ୟ ଜଣେ ଉତ୍ତର ଦେଉଛି, "ଅଗ୍ରେଜ୍ ଲୋଗ୍ ଜବ୍ ମରତେ ହେ, ଇସ୍‌କୋ ସୁଇସାଇଡ୍ କହତେ ହୈ।" ଏସବୁ ବିଷୟ ଉଲ୍ଲେଖ କରିବାର କାରଣ ଇଂଲିଶ୍ ଭାଷା ଆମ ଭାରତୀୟମାନଙ୍କ ପାଇଁ ଏକ ବିଦେଶୀ ଭାଷା ନୁହେଁ। ଆମ ଶିକ୍ଷାନୀତିରେ ଚତୁର୍ଥ ଶ୍ରେଣୀଠାରୁ ଦଶମଯାଏ ଜଣେ ଓଡ଼ିଆ ଛାତ୍ର ମାତୃଭାଷା ସଙ୍ଗରେ ଇଂରାଜୀ ଓ ହିନ୍ଦୀ ପଢ଼ୁ। 'ତ୍ରିଭାଷୀ' ଫର୍ମୁଲା ସବୁଠାରୁ ଭଲ।

ଏକ ଲଘୁ ମନ୍ତବ୍ୟରେ ଏ ବିଷୟଟିକୁ ଶେଷ କରିବା। ଥରେ ଜଣେ ଅଧ୍ୟାପକ ଭୁବନେଶ୍ୱର ରେଳ ଷ୍ଟେସନରେ ଓହ୍ଲାଇ ଏକ ରିକ୍ସାକୁ ଡାକିଲେ। ସେତେବେଳେ ଏତେ ପରିମାଣର ଅଟୋ ବା 'ମୋ ବସ୍' ନ ଥିଲା। ସେ ଖୁବ୍ କମ୍ ଇଂଲିଶ୍ ଶବ୍ଦ କହନ୍ତି। ମାତୃଭାଷା ଓଡ଼ିଆରେ କହିଲେ, ଏ ରିକ୍ସାବାଲା, ମତେ ଟିକିଏ ସଚିବାଳୟ ପାଖକୁ ନେ... ଅଭ୍ୟର୍ଥନା କକ୍ଷ ନିକଟକୁ। ରିକ୍ସାବାଲା କିଛିବାଟ ଗଲା ପରେ କହିଲା, "ଆପଣଙ୍କ ଜାଗା ହୋଇଗଲା.... ଓହ୍ଲାନ୍ତୁ।" ଅଧ୍ୟାପକ ଦେଖିଲେ ବଡ଼ ବଡ଼ ଅକ୍ଷରରେ ଲେଖାଅଛି "ଶୌଚାଳୟ।" ତାକୁ ପ୍ରଶ୍ନ କଲେ, "ଆରେ ଏଇଟା କ'ଣ 'ସଚିବାଳୟ'? ଏ.ଜି. ଅଫିସ୍‌ରୁ ଡାହାଣକୁ କିଛିବାଟ ଗଲେ ପଡ଼ିବ..." ରିକ୍ସାବାଲା କହିଲା, "ବାବୁ, ମୁଁ ତ ମୂରୁଖ ଲୋକ... ଆମେ ଖାଣ୍ଟି ଓଡ଼ିଆରେ ସେ ଜାଗାକୁ କହୁ "ସେକ୍ରେଟାରିଏଟ୍"‥.. 'ସଚିବାଳୟ' କହିଲେ କିଏ ବୁଝିବ?

**୫୬, ଭିଆଇପି ଏରିଆ, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର–୧୫**

## ଏଇ ଭାରତରେ

ପିଲାମାନେ ମାଟ୍ରିକ୍ ପାସ୍ କଲେ ଖୁସି ହୁଅନ୍ତି। ବୟସ୍କମାନେ ପାସ୍ କଲେ ତ ତା'ଠାରୁ ଅଧିକ ଖୁସି ହେବା ସ୍ୱାଭାବିକ। ହେଲେ ୨୮ ବର୍ଷ ତଳୁ ମାଟ୍ରିକ୍ ପାସ୍ ସ୍ୱପ୍ନ ଦେଖୁଥିବା ଜଣେ ୫୩ ବର୍ଷ ବୟସ୍କା ମହିଳା ମାଟ୍ରିକ୍ ପାସ୍ ପରେ କେତେ ଯେ ଖୁସି ହୋଇଥିବେ ସେ କଥା ଭାବନ୍ତୁ ତ। ଏମିତି ଜଣେ ମହିଳା ରୁହନ୍ତି ତ୍ରିପୁରାର ଅଗରତାଲାରେ। ବଡ଼କଥା ହେଉଛି, ଶିଳାରାନୀ ନାମ୍ନୀ ଏହି ମହିଳା ମାଟ୍ରିକ୍‌ପାସ୍ କରିଥିବା ବେଳେ ତାଙ୍କ ଦୁଇଝିଅ ଦ୍ୱାଦଶ ପାସ୍ କରିଛନ୍ତି। ବଡ଼ଝିଅ ରାଜଶ୍ରୀ ବିବାହିତା। ତାଙ୍କ ବୟସ ୨୬। ସେ ଅଧାରୁ ପାଠ ଛାଡ଼ିଦେଇଥିଲେ। ତେବେ ରାଜଶ୍ରୀ ଓ ତାଙ୍କ ସାନଭଉଣୀ ଜୟଶ୍ରୀ ଦ୍ୱାଦଶ ପରୀକ୍ଷା ଦେବାକୁ ପ୍ରସ୍ତୁତ ହୋଇ ମା'ଙ୍କୁ ମାଟ୍ରିକ୍ ପରୀକ୍ଷା ଦେବାଲାଗି ପ୍ରେରିତ କରିଥିଲେ। ପରେ ମା' ଶିଳା ଝିଅମାନଙ୍କ କଥାରଖି ପାଠପଢ଼ି ପରୀକ୍ଷା ଦେଇ ପାସ୍ କରିଛନ୍ତି। ଶିଳା ୧୯୯୪ରେ ପରୀକ୍ଷା ଦେବାକୁ ଚାହିଁଥିଲେ ବି ସେତେବେଳେ ତାଙ୍କ ପିତାଙ୍କ ଦେହାନ୍ତ ହେବାରୁ ତାହାକୁ ସେ ସ୍ଥଗିତ ରଖିଥିଲେ। ପୁନର୍ବାର ୨୦୧୨ରେ ମାଟ୍ରିକ ପରୀକ୍ଷା ଦେବାକୁ ମନ ବଳାଇଥିଲେ, ହେଲେ ସେତେବେଳେ ସ୍ୱାମୀଙ୍କ ପରଲୋକ ଘଟିଥିଲା। ଯାହାହେଉ ଶେଷରେ ଦୁଇଝିଅଙ୍କ ସହ ପାସ୍‌ର ସ୍ୱାଦ ପାଇବା ପରେ ସେ କୁହନ୍ତି, ଲକ୍ଷ୍ୟ ଦୃଢ଼ ରହିଲେ ସଫଳତା ନିଶ୍ଚୟ ମିଳିବ। ଶିଳା ଅଗରତାଲା ମ୍ୟୁନିସିପାଲ କର୍ପୋରେଶନରେ କାର୍ଯ୍ୟ କରୁଛନ୍ତି ୧୮ ବର୍ଷ ବୟସରୁ। ତେବେ ଝିଅମାନଙ୍କ ସହ ତାଙ୍କ ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଜୁଲାଇ ୧୯୯୭

- ଭେନେଜୁଏଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ବଡ଼ଧରଣର ଭୂମିକମ୍ପ ଘଟି ୬୦ ଜଣଙ୍କ ପ୍ରାଣହାନି।
- ଜାପାନର ଦକ୍ଷିଣ ପଶ୍ଚିମାଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ମାଟି ଅତଡ଼ା ଧସି ୧୯ ଜଣଙ୍କ ମୃତ୍ୟୁ।
- ପଶ୍ଚିମ ବୁକାରେଷ୍ଟରେ ଥିବା ଏକ ବିମାନଘାଟିର ରନ୍‌ୱେ ଉପରେ ରୋମାନିଆର ସାମରିକ ବିମାନରେ ବିସ୍ଫୋରଣ ଫଳରେ ୧୬ ଜଣଙ୍କ ମୃତ୍ୟୁ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | 4 | |
| | 8 | | | | 9 | | 7 | |
| | 4 | | 8 | 3 | | | | 2 |
| 9 | | | | | | 2 | | 3 |
| | | | | | | | 5 | |
| | | 1 | 9 | | 8 | | | |
| | | | | | 7 | | | |
| | | 7 | | | | 5 | | 4 |
| | 6 | 4 | | 2 | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 1 | 5 | 3 | 8 | 9 | 2 | 4 |
| 2 | 4 | 8 | 6 | 9 | 1 | 5 | 3 | 7 |
| 3 | 5 | 9 | 7 | 4 | 2 | 8 | 1 | 6 |
| 4 | 9 | 6 | 3 | 2 | 5 | 1 | 7 | 8 |
| 5 | 1 | 2 | 8 | 6 | 7 | 3 | 4 | 9 |
| 7 | 8 | 3 | 9 | 1 | 4 | 2 | 6 | 5 |
| 9 | 3 | 4 | 1 | 5 | 6 | 7 | 8 | 2 |
| 1 | 6 | 7 | 2 | 8 | 9 | 4 | 5 | 3 |
| 8 | 2 | 5 | 4 | 7 | 3 | 6 | 9 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କାଗଜପତ୍ରରେ ଚାଲିଛି ପାଣି ପଞ୍ଚାୟତ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ଅଞ୍ଚଳର ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ମିଳିତ ଭାବରେ କେନାଲ କାର୍ଯ୍ୟକୁ ନେଇ ଠିକାଦାରି ଆରମ୍ଭ କରିବା ଫଳରେ ସାଧାରଣ କୃଷକଙ୍କର ଦୁର୍ଦ୍ଦଶା ଏବେ ଦ୍ୱିଗୁଣିତ ହେବାରେ ଲାଗିଛି। ବର୍ତ୍ତମାନ ପାଣି ପଞ୍ଚାୟତର ବୈଠକ କେବଳ କାଗଜପତ୍ରରେ ଚାଲିଛି। ଚଳିତ ବର୍ଷ ଧାନଚାଷ ପାଇଁ ସତ୍ୟବାଦୀ ବ୍ଲକ୍‌ର ୨୫ଗୋଟି ପଞ୍ଚାୟତର କୃଷକମାନେ ତତ୍ପର ହେଉଥିବାବେଳେ କେନାଲ ପାଣିକୁ ନେଇ ଅନେକ ସମସ୍ୟା ଦେଖାଦେଉଛି। ଶାସନ ଶ୍ରୀରାମଚନ୍ଦ୍ରପୁର ବୀରରାମଚନ୍ଦ୍ରପୁର, ସମଶ୍ୱେରପୁର ଓ କାଦୁଆ ପଞ୍ଚାୟତର ଡ଼ିଫ (ଖାଲ)କ୍ଷେତକୁ ପାଣିମଡ଼ାରେ ବିଳମ୍ବ ହେବାରୁ ବୁଣାଯାଇଥିବା ବିହନ ସବୁ ମାଟି ତଳେ ଓଦା ହେବାକୁ ବସିଲାଣି। କୃଷି ଅଧିକାରୀମାନେ ଚାଷୀମାନଙ୍କୁ କୌଣସି ପରାମର୍ଶ ବା ଉତ୍ତମ ବିହନ ନ ଯୋଗାଇବା ଫଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିରହିଛନ୍ତି। ତେବେ ରାଜ୍ୟ ସରକାର କୃଷକମାନଙ୍କ ହିତ ପାଇଁ ପାଣି ପଞ୍ଚାୟତ ମାଧ୍ୟମରେ ପାଣି ଯୋଗାଇଦେବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସତ୍ୟବାଦୀ ଅଞ୍ଚଳରେ ଅଦ୍ୟାବଧି ଏହା କାର୍ଯ୍ୟକାରୀ ନ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**–ଦେବବ୍ରତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

## ଚିରନ୍ତନୀ

ତୁମରି ପ୍ରେମେ ଭୁବନ ଭଲ ଲାଗଇ
ଚେତନା ମମ ସକଳ ପଥେ ଜାଗଇ
ହତାଶେ ଆଉ ନୁହେଁ ମୁଁ ଜଡ଼
ମରଣ ଆଉ ନ ମଣେ ବଡ଼
ତୁମରି ଲାଗି ଶତ ଜୀବନ ଆଜି ଗୋ
ଏଥି ମାଗଇ।

–(ପ୍ରସାଧନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସୁନାବେଶ ଦର୍ଶନରେ ବାଧା ଦେଲେ ସେବକ

**ପୁରୀ ଅଫିସ,୧୦।୭:** ଦୁଇବର୍ଷ ପରେ ମହାପ୍ରଭୁଙ୍କ ଘୋଷଯାତ୍ରା ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହୋଇଛି। ମାତ୍ର ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ସନୁବେଶ ପର୍ଯ୍ୟନ୍ତ ଭକ୍ତମାନେ ଭଲଭାବେ ମହାପ୍ରଭୁଙ୍କ ଦର୍ଶନ କରିବାରୁ ବଞ୍ଚିତ ହୋଇଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଶ୍ରୀଗୁଣ୍ଡିଚା ଏବଂ ବାହୁଡା ଯାତ୍ରାରେ ରଥରେ ଯେତିକି ସେବାୟତ ରହିବା କଥା ତା'ଠାରୁ ଢେର ଅଧିକ ସେବାୟତ ରଥରେ ଥିଲେ। ଫଳରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ଭଲ ଭାବେ କରିପାରି ନ ଥିଲେ। ସେହିଭଳି ସୁନାବେଶରେ ମଧ ସୁନାରେ ସଜ୍ଜିତ ମହାପ୍ରଭୁଙ୍କ ଦର୍ଶନ ବେଳେ ବାଧା ସାଜିଥିଲେ ସେବକ। ସେବାୟତମାନେ ମହାପ୍ରଭୁଙ୍କ ସମ୍ମୁଖରେ ବସିବା ସହ ତାଙ୍କ ପାଖରେ ବେଢି ରହିଥିବାରୁ ଭକ୍ତମାନେ ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ। ମୁଖ୍ୟତଃ ମହାପ୍ରଭୁଙ୍କ ବେଶ ସମ୍ପନ୍ନ ହେବା ପରେ ଅନେକ ସେବକ ମହାପ୍ରଭୁଙ୍କ ସମ୍ମୁଖରେ ବସି ରହିଥିଲେ। ଫଳରେ ମହାପ୍ରଭୁଙ୍କ ଶ୍ରୀପୟର ସମ୍ପୂର୍ଣ୍ଣ ଲୁଚିଯାଇଥିଲା। ଏପରିକି ପ୍ରଶାସନ ପକ୍ଷରୁ ମାଇକ ଯୋଗେ ବାରମ୍ବାର ମହାପ୍ରଭୁଙ୍କ ଆଗରୁ ସାଇଡ ହେବା ପାଇଁ କୁହାଯାଉଥିଲେ ମଧ ସେବାୟତମାନେ ଉଠି ନ ଥିଲେ। ମହାପ୍ରଭୁଙ୍କ ସୁନା ବେଶ ଦର୍ଶନ କରି ସାନ୍ନିଧ ପାଇବା ଆଶାରେ କାହିଁ କେଉଁ ଦୂରରୁ ଶ୍ରଦ୍ଧାଳୁ ଆସିଥିବା ବେଳେ ଠିକ୍ ଭାବେ ଦର୍ଶନ କରିବାରେ ଅସୁବିଧା ହୋଇଥିଲା। ଏହାକୁ ନେଇ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ପୂର୍ବରୁ ଏ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଭକ୍ତମାନେ ମହାପ୍ରଭୁଙ୍କୁ ଭଲରେ ଦର୍ଶନ କରିବା ନେଇ ସେବାୟତମାନେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମାତ୍ର ବର୍ତ୍ତମାନ ପ୍ରଦାନ କରାଯାଇଥିବା ପ୍ରତିଶ୍ରୁତି ପାଣିର ଗାରରେ ପରିଣତ ହୋଇଯାଇଛି।

### ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଧର୍ମଶାଳା,୧୦।୭(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ତଥା ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମର ଜଣେ ବୃଦ୍ଧ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ଗ୍ରାମର ଅର୍ଜୁନ ପଲେଇ(୬୦)। ଅପରାହ୍ନ ପ୍ରାୟ ୨ଟାରେ ଅର୍ଜୁନ ନଦୀରେ ଗାଧୋଉଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଖବର ପାଇ ଧର୍ମଶାଳା ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ମୁମୂର୍ଷୁ ଅବସ୍ଥାରେ ଅର୍ଜୁନଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ବାହୁଡ଼ାରେ ମଧ ଅଟକିଲା ବ୍ରହ୍ମ ତାଳଧ୍ୱଜ


ଶ୍ରଦ୍ଧାଳୁମାନେ ବ୍ରହ୍ମ ତାଳଧ୍ୱଜ ରଥକୁ ଟାଣୁଛନ୍ତି।


ରଥ ବାମ ପାର୍ଶ୍ୱରେ ଏକ ଦୋକାନର ଲାଗି ଯିବାରୁ ମେଶିନ ସହାୟତାରେ ଡାହାଣକୁ ଘୁଞ୍ଚା ଯାଉଛି।

**କେନ୍ଦ୍ରାପଡା ଅଫିସ, ୧୦।୭**

### ମେଶିନରେ ଘୁଞ୍ଚାଗଲା, ସୋମବାର ରଥଟଣା

ରବିବାର ଏକାଦଶୀ ତିଥିରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଶ୍ରୀମନ୍ଦିରରେ ପହଞ୍ଚି ପାରିନାହିଁ। ମାତ୍ର ୧୦୦ ମିଟର ଆଗକୁ ଗଡ଼ିଲା ପରେ ବାମ ପାର୍ଶ୍ୱକୁ ମାଡ଼ିଯାଇଛି। ରଥ ଅଟକିବା ପରେ ପାରାଦୀପରୁ ଆସିଥିବା ହାଇଡ୍ରୋଲିକ ପ୍ରେସର ଟ୍ରୋଚାନଟରରେ ଅଟକିଥିବା ସ୍ଥାନରୁ ପ୍ରାୟ ୧୦ ଫୁଟ ଡାହାଣ ପାର୍ଶ୍ୱ ରାସ୍ତାକୁ ଘୁଞ୍ଚାଯାଇଛି। ତେବେ ସନ୍ଧ୍ୟା ହୋଇଯାଇଥିବାରୁ ରଥଟଣା ବନ୍ଦ ରହିଛି। ସୋମବାର ପୂର୍ବାହ୍ନ ୧୦ଟାରୁ ରଥଟଣା ହେବ ବୋଲି ଟ୍ରଷ୍ଟ ବୋର୍ଡ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି। ପାରମ୍ପରିକ ରୀତିନୀତିରେ ଶ୍ରୀଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥକୁ ଅପରାହ୍ନ ୨ଟାରେ ମନ୍ଦିର ଆଡ଼କୁ ଟଣା ଯାଇଥିଲା। ମାତ୍ର ୧୦୦ ମିଟର ଆଗକୁ ଯାଇ ଓମ୍ଫେଡ୍ ଷ୍ଟଲ୍ ନିକଟ ବାମପାର୍ଶ୍ୱରେ ଥିବା ଫୁଟ୍‌ପାଥ୍‌ରେ ଲାଗିଯାଇଥିଲା। ରଥକୁ ବାମ ପାର୍ଶ୍ୱରୁ ଡାହାଣକୁ ଆଣିବାକୁ ଚେଷ୍ଟା କରାଯାଇଥିଲେ ମଧ ଦୁଇଥର ଦଉଡ଼ି ଛିଣ୍ଡିଥିଲା। ଏଥିରେ କେତେଜଣ ଶ୍ରଦ୍ଧାଳୁ ସାମାନ୍ୟ ଆହତ ହୋଇଛନ୍ତି। ଗତ ୨ ଓ ୩ ତାରିଖରେ ମାଉସୀ ମା' ମନ୍ଦିରକୁ ଯାଉଥିବା ବେଳେ ବ୍ରହ୍ମ ତାଳଧ୍ୱଜ ରଥ ବାମପାର୍ଶ୍ୱକୁ ମାଡ଼ି ଯାଇଥିଲା। ୩ ତାରିଖ ସନ୍ଧ୍ୟାରେ ଟ୍ରୋଚାନଟର ଲଗାଇ ରଥକୁ ୧୦ ଫୁଟ ଡାହାଣକୁ ଘୁଞ୍ଚାଯାଇଥିଲା। ଶ୍ରୀଜୀଉଙ୍କ ଏହି ରଥଟଣାକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି। ରଥ ନିର୍ମାଣରେ କୌଣସି ତ୍ରୁଟି ଥିବା ଆଲୋଚନା ହେଉଥିବା ବେଳେ ପ୍ରଶାସନିକ ଅଧିକାରୀ ଓ ମହାରଣାମାନେ ଏହାକୁ ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ ବିଧିବଦ୍ଧ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।

## ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଚାରାରୋପଣ



**ଚଣ୍ଡିଖୋଲ,୧୦।୭(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁରଠାରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳ ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସର ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେଥିପାଇଁ ବାହୁଡ଼ା ଯାତ୍ରାଠାରୁ ଜୀବନ ବିନ୍ଦୁ ଓ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭୁବନେଶ୍ୱର ଓ କଟକରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବେଳେ ଯାଜପୁର ଜିଲାରେ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ପ୍ରତ୍ୟେକ ପଞ୍ଚାୟତସ୍ତରରେ କରାଯିବ। ଭୁଷଣ୍ଡପୁର ଗ୍ରାମର ପଥର କଟା ପୋଖରୀ ଠାରେ ଚାରାରୋପଣ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି ଅବସରରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସଭାରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷ ମିନତି ସେନାପତି, ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଯଯାତି ରାଉତ ଧନ୍ୟବାଦ ଦେଇଥିଲେ।

# 'ଶ୍ରୀକ୍ଷେତ୍ରରେ ଦିଅଁଙ୍କ କରୁଥିଲେ ଚାମର ସେବା'


ଉତ୍ସବରେ ଉପସ୍ଥିତ ଅତିଥିମାନେ।

**କେନ୍ଦ୍ରାପଡା ଅଫିସ, ୧୦।୭:**

### ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ଜୟନ୍ତୀ

କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରଠାରେ ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ୧୨୧ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ପାୟଲ ମ୍ୟୁଜିକ ସ୍କୁଲ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସହଯୋଗରେ ଆୟୋଜିତ ଉତ୍ସବରେ ସ୍କୁଲ ସଭାପତି ନୀଳମାଧବ ପତି ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପାଲା ଗାୟକ ଲକ୍ଷ୍ମୀଧର ରାଉତ, ମୁଖ୍ୟ ବକ୍ତା ଶିକ୍ଷାବିତ୍ ଡ. ସଂଗ୍ରାମ କେଶରୀ ରାଉତ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ପ୍ରଣୟ କିଶୋର ହରିଚନ୍ଦନ ଯୋଗଦେଇଥିଲେ। ଅତିଥିମାନେ ସ୍ୱର୍ଗତ ବାଣୀକଣ୍ଠ ହରିଚନ୍ଦନଙ୍କ କେନ୍ଦ୍ରାପଡ଼ାରେ ଜନ୍ମଠାରୁ ଶ୍ରୀକ୍ଷେତ୍ରରେ ଚାମର ସେବା ପର୍ଯ୍ୟନ୍ତ ସ୍ମୃତିଚାରଣ କରିଥିଲେ। ତାଙ୍କର କାଳଜୟୀ ସ୍ୱରକୁ ଅନୁକରଣ କରୁଥିବା ଦୁଃଖିଶ୍ୟାମ ତ୍ରିପାଠୀ ସଂଗୀତ ପରିବେଷଣ କରିଥିଲେ। ଏହାକୁ ପ୍ରଣବ କୁମାର ଜେନା, ଦେବାଶିଷ ସାମଲ, ଭାସ୍କର ଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ବଡ଼ଚଣା ଅଞ୍ଚଳରେ ଉଦ୍-ଉଜ୍-ଜୁହା ପାଳିତ

**ଚଣ୍ଡିଖୋଲ,୧୦।୭(ଡି.ଏନ.ଏ.)**

ଇସଲାମ୍ ଧର୍ମାବଲମ୍ବୀଙ୍କ ପର୍ବ ଇଦ୍-ଉଜ୍-ଜୁହା ରବିବାର ବଡ଼ଚଣା ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ଇଦ୍‌ଗା ପଡ଼ିଆଠାରେ ପ୍ରାୟ ୩ ହଜାର ମୁସଲମାନ ଭାଇମାନେ ସମୂହ ନମାଜ ପାଠ କରିଥିଲେ। ସଭାପତି ମୌଲାନା ଫକିରୁଦ୍ଦିନ ହାସିମ କାଶ୍ମୀ ସମସ୍ତଙ୍କୁ ନମାଜ ପାଠ କରାଇଥିଲେ। ଇଦ୍‌ଗା କମିଟିର ସମ୍ପାଦକ ସେକ୍ ଅବଦୁଲ ହାଇ, ରାଶିକୁଦ୍ଦିନ ଖାଁ, ହିବଜୁର ରହେମାନ, ବଦରୁଦ ଦୋଜା, ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନି, ସେକ୍ ମୋଇନ ଅହମ୍ମଦ, କୋତବୁଦ୍ଦିନ ଖାଁ, ଇକ୍‌ବାଲ ହୁସେନ, ଚାନ୍ଦ ଖାଁ, ମୌଲାନା ଅଜିଜ, ମୌଲାନା ଇଲିୟାସ ପ୍ରମୁଖ ଯୋଗଦେଇ ଭାଇଚାରାର ବାର୍ତ୍ତା ପ୍ରଦାନ କରିଥିଲେ। ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ପ୍ରାକ୍ତନ ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ, ନଳୀପୁର ସମିତିସଭ୍ୟ ଧର୍ମଜିତ ବଳ, ଅଶୋକ କୁମାର ରାଉତ, ରଞ୍ଜିତ ବଳ, ସୁଧାଂଶୁ ପାଢୀ, ସରୋଜ ଜେନା, ବିକାଶ ରଞ୍ଜନ ବଳ, ଅଶୋକ କୁମାର ବେହେରା, ଶରତ ସାହୁ ଓ ଏକାଦଶୀ ମଳିକ ପ୍ରମୁଖ ଯୋଗଦେଇ ସେମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଝରକୁଳ, କଟିକଟା, ପତରାଜପୁର, ବାଉଜଙ୍ଗ ଓ ପଣସୁଧା ଆଦି ଗ୍ରାମରେ ସମୂହ ନମାଜ ପାଠ ହୋଇଥିଲା।


**D.D. Autonomous College, Keonjhar**

**Quotation Call for Group D staff**

Sealed quotations are invited from the reputed registered Agencies for providing group D staff to this college . The quotations must be sent through speed post / registered post. The quotation must be reached at the office of the undersigned on or before the last date of submission of quotation within office hour. The postal delay will not be entertained.

Last date of submission of quotation is dt. 25.07.2022 (5.00 P.M.). For details please visit the college website:- www.ddcollege.nic.in

Sd./- Principal
D.D. (Auto.) College, Keonjhar



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-338ETR, ତା.30.06.2022ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାନିତାଲ ଜଂକ୍ସନ କ୍ୟାବିନ୍ (RNJC) ଠାରୁ ଜଖପୁରା (JKPR) ଏବଂ ହରିଦାସପୁର (HDS) ଠାରୁ ବଇରୀ (BYY) ମଧ୍ୟରେ ତୃତୀୟ ଲାଇନ୍ ନିମନ୍ତେ 25KV OHE, ଫିଡର ଏବଂ ଅକ୍ସିଲିଅରି ଟ୍ରାନ୍ସଫର୍ମରଗୁଡ଼ିକର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 3622.90 ଲକ୍ଷ, EMD : ₹ 19,61,500/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.08.2022ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚ୍ଚତର୍ଦ୍ଦ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର
PR-45/CF/22-23


# ମହିଳାଙ୍କ ଜମି ହଡ଼ପ କରିଛି ଠିକା ସଂସ୍ଥା

**ଚଣ୍ଡିଖୋଲ,୧୦।୭(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ନିଆଳିଠାରେ ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ୨୦୧୬ରୁ ଆରମ୍ଭ ହୋଇଥିଲେ ମଧ ଅଦ୍ୟାବଧି ଶେଷ ହୋଇନାହିଁ। ୩ ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ହେବାର ଅବଧି ଥିବାବେଳେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାରେ ଠିକା କମ୍ପାନୀ ବିଳମ୍ବ କରିଛି, ଯଦ୍ୱାରା ଶେଷ ପର୍ଯ୍ୟାୟରେ ଠିକା କମ୍ପାନୀର ଜମି ହଡ଼ପ ଓ ଦାଦାଗିରି ଭଳି କାର୍ଯ୍ୟର ଗୁମର ଖୋଲୁଛି। ପ୍ରକଳ୍ପର ପାଇପ ଲାଇନ୍ ଗୁରୁବାର ନିଆଳି ଗ୍ରାମର ଚାଷୀ ନେତା ଶିଶିର କୁମାର ସାମଲଙ୍କ ଘରବାରି ସମ୍ପତ୍ତି ମଧଦେଇ ନିଆଯାଉଥିବାବେଳେ ଏହାକୁ ସେ ବିରୋଧ କରିଥିଲେ। ଫଳରେ ଉଠା ଜଳସେଚନର ସହକାରୀ ଯନ୍ତ୍ରୀ ବାଲିଚନ୍ଦ୍ରପୁର ଥାନାରେ ତାଙ୍କ ନାମରେ ଏତଲା ଦେଇଥିଲେ। ପରେ ଦର୍ପଣ ତହସିଲଦାରଙ୍କ ଉପସ୍ଥିତିରେ ତାଙ୍କୁ ପୋଲିସ ଉଠାଇ ନେଇଥିଲା। ଶେଷରେ ଶନିବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ଜଣେ ମହିଳାଙ୍କ ଜମି ହଡ଼ପ କରାଯାଇ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ତାଙ୍କୁ କୌଣସି କ୍ଷତିପୂରଣ ମିଳି ପାରିନାହିଁ। ଏସବୁକୁ ନେଇ ନବନିର୍ମାଣ କୃଷକ ସଂଗଠନ ପ୍ରତିବାଦ କରିବା ସହ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦେଇଛି।


ମେଗା ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ସ୍ଥଳ।

ନିଆଳି ମୌଜାର ଖାତା ନଂ.୭୯୧ ପ୍ଲଟ ନଂ.୨୫୫୯ର ୧୩ ଡିସିମିଲ ଜମିକୁ କମ୍ପାନୀ କର୍ତ୍ତୃପକ୍ଷ ୨୦୧୭ ମାର୍ଚ୍ଚ ୩ରେ କିଣିଥିଲେ। ଏହି ଜମିରେ ପ୍ରକଳ୍ପ ଆରମ୍ଭ କରିବା କଥା। ମାତ୍ର କମ୍ପାନୀ କର୍ତ୍ତୃପକ୍ଷ ଚଞ୍ଚକତା କରି ଏହାର ପାର୍ଶ୍ୱରେ ଥିବା ଖାତା ନଂ.୫୧୬ ଓ ପ୍ଲଟ ନଂ. ୨୫୬୦ରେ ପ୍ରକଳ୍ପ ନିର୍ମାଣ କରିଛନ୍ତି। ଉକ୍ତ ଜମି ନିଆଳି ଗ୍ରାମର ବିଧବା ମହିଳା କବିତା ସାମଲଙ୍କ ନାମରେ ଅଛି। ଏହା ୧୪ ଡିସିମିଲ ହୋଇଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ କୌଣସି କ୍ଷତିପୂରଣ ନ ଦେଇ ଜୋର ଜବରଦସ୍ତ ଜମି ହାତେଇଛନ୍ତି। ଏହାକୁ ନେଇ କବିତା ତତ୍କାଳୀନ ତହସିଲଦାର, ଜିଲାପାଳ ଓ ବାଲିଚନ୍ଦ୍ରପୁର ପୋଲିସ ନିକଟରେ ଅଭିଯୋଗ କରିଥିଲେ। ହେଲେ କେହି ତାଙ୍କ କଥା ଶୁଣି ନ ଥିଲେ। କବିତାଙ୍କ ଗୋଟିଏ ପୁଅ ଥିବାବେଳେ

### ମେଗା ଉଠା ଜଳସେଚନ ପ୍ରକଳ୍ପର ଗୁମର ଖୋଲୁଛି

ସେ ସୁରଟରେ ରହୁଛନ୍ତି। ୨୦୨୦ରେ ସେ ଆସି ପ୍ରତିବାଦ କରିବାବେଳେ ତାଙ୍କୁ ଧମକ ଚମକ ମିଳିଥିଲା। ତେଣୁ ସେ ଚୁପ୍ ରହିଥିଲେ। ଏବେ ଘଟଣା ଜଣାପଡ଼ିବା ପରେ ନବ ନିର୍ମାଣ କୃଷକ ସଂଗଠନ ତରଫରୁ ପ୍ରତିବାଦ ଜୋରଦାର କରାଯିବ ବୋଲି ସଂଗଠନର ରାଜ୍ୟ ସହସଂଯୋଜକ ନିମାଇଁ ଚରଣ ରାୟ କହିଛନ୍ତି। ତାଙ୍କ କହିବା ଅନୁସାରେ, ଶିଶିରଙ୍କୁ କ୍ଷତିପୂରଣ ନ ଦେଇ କମ୍ପାନୀ କର୍ତ୍ତୃପକ୍ଷ କାମ କରିବାରୁ ସେ ବିରୋଧ କରିଥିଲେ। ଅନ୍ୟପକ୍ଷରେ ଜଣେ ବିଧବାଙ୍କ ଜମିକୁ କମ୍ପାନୀ କର୍ତ୍ତୃପକ୍ଷ ଜୋର ଜବରଦସ୍ତ ଦଖଲ କରି ପ୍ରକଳ୍ପ ନିର୍ମାଣ କରୁଛନ୍ତି। ତେଣୁ ଏସବୁକୁ ନେଇ ଆଗାମୀ ଦିନରେ କମ୍ପାନୀ ବିରୋଧରେ ସଂଗଠନ ଜୋରଦାର ଆନ୍ଦୋଳନ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉଠା ଜଳସେଚନ ନିଗମର ସହକାରୀ ନିର୍ବାହୀ ଯନ୍ତ୍ରୀ ଶଶାଙ୍କ ଶେଖର ଦଳବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରକଳ୍ପ ନିର୍ମାଣ ସ୍ଥଳ ଭୁଲ୍ ବଶତଃ ଅନ୍ୟ ସ୍ଥାନରେ ହୋଇଛି। ଜମି ଚିହ୍ନଟ ବେଳେ ଏଭଳି ତ୍ରୁଟି ହୋଇଛି। ତେଣୁ ଆମେ ଏହାର ସମାଧାନ କରିଦେବୁ।


**Government of Odisha**
**Higher Education Department**

No.N-18

**Entrance Examination Schedule**
**Common PG Entrance Test-2022(CPET-2022) for Admission into State Public Universities and Colleges with P.G. Courses**

| Date | Session-I 10.00-11.30 AM (10.00-12.00 Noon for PwD students) | Session-II 12.30-2.00 PM (12.30-2.30 PM for PwD students) | Session-III 3.00-4.30 PM (3.00-5.00 PM for PwD students) |
|---|---|---|---|
| | Entrance Subjects | Entrance Subjects | Entrance Subjects |
| 01-Aug-22 (MON) | Anthropology(Arts) | Geography | MBA (Business Administration) |
| | Anthropology(Science) | Marine Science-Oceanography | |
| 02-Aug-22 (TUE) | Physics | LLM | Commerce |
| 03-Aug-22 (WED) | Microbiology | Zoology | PMIR/IRPM |
| | Hindi /English | Statistics | |
| 04-Aug-22 (THU) | Environmental Science | Odia | Philosophy |
| | Sociology | Food Sc. & Nutrition | Population Studies |
| 05-Aug-22 (FRI) | Economics | Geology | Rural Development |
| | Home Science | History | |
| 06-Aug-22 (SAT) | Public Administration | M.Sc. (Computer Science) | Environmental Studies |
| 08-Aug-22 (MON) | Botany | Chemistry | Library and Information Science |
| | Education | | |
| 10-Aug-22 (WED) | Santali/Sanskrit/Urdu | Mathematics | Journalism and Mass Communication |
| | Material Science | Linguistics | |
| 12-Aug-22 (FRI) | Wildlife and Biodiversity Conservation | Biotechnology | MSW (Master of Social Work) |
| | Yoga and Naturopathy | Political Science | |
| 13-Aug-22 (SAT) | Women Studies | Psychology | Marine Science-Marine Biology |
| | Electronic Science | MBA(Tourism and Travel Studies) | |

N.B.:-1. Higher Education Department has every right to change the datelines without mentioning reasons thereof. Any change in the dateline will be published in the newspapers as well as in the website **www.samsodisha.gov.in.**
2. Applicants applying for different P.G. Courses can visit the SAMS website to know the subjects included under each Entrance Subject (Annexure-II of Common Prospectus).

OIPR-11001/13/0012/2223
Sd./- Deputy Director, PTC

## ସଂକ୍ଷେପରେ

### ନିଷ୍ପତ୍ତି ବିରୋଧରେ ନିନ୍ଦା ପ୍ରସ୍ତାବ

#### ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍କୁଲକୁ ବାରଣ ଘଟଣା

ରଘୁନାଥପୁର,୧୦।୭(ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍କୁଲ ପ୍ରବେଶ ଉପରେ ରୋକ ଲଗାଯାଇଛି। ଏହି ନିଷ୍ପତ୍ତି ବିରୋଧରେ ରବିବାର ରଘୁନାଥପୁର ଖବରଦାତାଙ୍କ ପକ୍ଷରୁ ପ୍ରତିବାଦ କରାଯିବା ସହ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଛି। ଶିକ୍ଷା ବିଭାଗ ନିଜର ଦୋଷ ଦୁର୍ବଳତାକୁ ଘୋଡାଇବାକୁ ଯାଇ ଗଣମାଧ୍ୟମର କଣ୍ଠରୋଧ କରୁଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଅଳ୍ପ କିଛି ଖବରଦାତାଙ୍କ ପାଇଁ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ସ୍କୁଲ ପ୍ରବେଶକୁ ରୋକ ଲଗାଯିବା ହୀନମନ୍ୟତାର ପରିଚୟ ବୋଲି ଅଭିଯୋଗ ଉଠିଥିଲା। ସ୍କୁଲରେ ପାଠପଢାରେ ଅବହେଳା ହେଉଛି, ଶିକ୍ଷକମାନେ ଠିକ୍ ସମୟରେ ସ୍କୁଲକୁ ଆସୁନାହାନ୍ତି, ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ତଥା ବୌଦ୍ଧିକ ବିକାଶରେ ଉନ୍ନତି ହେଉନି। ବହୁ ସମୟରେ ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି। ଗଣଶିକ୍ଷା ବିଭାଗ ଏଥିପ୍ରତି ସଚେତନ ହେବା ପରିବର୍ତ୍ତେ ଓଲଟି ଖବରଦାତାଙ୍କ ପ୍ରତି ଲଗାମ ଲଗାଯିବା ଅତ୍ୟନ୍ତ ଚିନ୍ତା ଓ ପରିତାପର ବିଷୟ ବୋଲି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧମ ପ୍ରତିନିଧିଙ୍କ ପ୍ରତି ଏପରି ଲଗାମ ଲଗାଇଲେ ଆଗାମୀ ଦିନରେ ଶିକ୍ଷା ବ୍ୟବସ୍ଥା ପ୍ରତି କୌଣସି ଅଙ୍କୁଶ ରହିବ ନାହିଁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀ ଏହାର ବିଚାର କରିବା ପାଇଁ କଲ୍ୟାଣ ସେନ, ସତ୍ୟାନନ୍ଦ ସାହୁ, ରାଜେନ୍ଦ୍ର ନାରାୟଣ ସିଂହ,ପ୍ରଦୀପ୍ତ କୁମାର ନାୟକ,ପ୍ରକାଶ ବାରିକ, ରଞ୍ଜନ କୁମାର ଲେଙ୍କା ଓ ସୁଜନ ମୁଦୁଲି ଦାବି କରିଛନ୍ତି।

### ରାସ୍ତାରେ ଜଳିଗଲା କୋଇଲା ବୋଝେଇ ଟ୍ରକ୍

ଧର୍ମଶାଳା,୧୦।୭(ଡି.ଏନ.ଏ.): ଜେନାପୁର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥରେ ମହାଶରା ନିକଟରେ ଶନିବାର ରାତିରେ ରାସ୍ତା ଉପରେ ଏକ କୋଇଲା ବୋଝେଇ ଟ୍ରକ୍ ଜଳିଯାଇଛି। ଓଡି-୨୧-ସି-୨୫୩୪ ନମ୍ବରବିଶିଷ୍ଟ ଏହି ୧୦ ଚକିଆ ଟ୍ରକ୍ ପାରାଦୀପରୁ କୋଇଲା ନେଇ କଳିଙ୍ଗନଗର ଅଭିମୁଖେ ଯାଉଥିଲା। ହେଲେ ମହାଶରା



ନିକଟରେ ଟ୍ରକ୍‌ରେ ହଠାତ ନିଆଁ ଲାଗି ଯାଇଥିଲା। ଡ୍ରାଇଭର ଓ ହେଲ୍‌ପର ଟ୍ରକ୍‌ରୁ ଓହ୍ଲାଇ ଦମକଳ ବାହିନୀକୁ ଖବର ଦେଇଥିଲେ। ଧର୍ମଶାଳା ଓ ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ ଶର୍ଟସର୍କିଟ ଯୋଗୁ ଏପରି ଘଟିଥିବା ଅନୁମାନ କରାଯାଉଛି।

# ପସନ୍ଦର ବିଦ୍ୟାଳୟ ଯିବାକୁ ଚାଲିଛି ରାଜନୀତି

## ଶିକ୍ଷକ ବଦଳି ନୂତନ ନିୟମର ଉଦ୍ଦେଶ୍ୟ ବାଟବଣା

ଜଗତ୍‌ସିଂହପୁର ଅଫିସ, ୧୦।୭

ରରାଜ୍ୟ ସରକାର କିଛି ବର୍ଷ ପ୍ରାଥମିକ ବିଦ୍ୟାଳୟସ୍ତରରେ ସମାନୁପାତିକ ଭିତ୍ତିରେ ଶିକ୍ଷକ ବଦଳି କରୁଥିଲେ। କିନ୍ତୁ ତାହା ବନ୍ଦ କରାଯାଇ ନୂଆ ବଦଳି ନିୟମ ଲାଗୁ କରାଯାଇଛି। ଏଥିରେ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟସ୍ତରରେ ଖାଲି ପଦବୀ ପୂରଣ ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସେମାନଙ୍କ ପସନ୍ଦର ବିଦ୍ୟାଳୟକୁ ବଦଳି ପାଇଁ ସୁଯୋଗ ଦିଆଯାଇଛି। କୌଣସି ନିର୍ଦ୍ଦିଷ୍ଟ ବିଦ୍ୟାଳୟରେ ସମାନ ପଦବୀ ପାଇଁ ଏକାଧିକ ଆବେଦନ କରିଥିଲେ ବରିଷ୍ଠତା ଭିତ୍ତିରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଛି। ଏନେଇ ଗତ ୭ ତାରିଖ ସୁଦ୍ଧା ଅନଲାଇନ୍ ଆବେଦନ ପାଇଁ ସମୟ ଦିଆଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଜିଲାରେ କେତେଜଣ ଆବେଦନ କରିଛନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ। ବାସ୍ତବରେ କିନ୍ତୁ ଗଳି ରାସ୍ତା ଦେଇ ପସନ୍ଦର ବିଦ୍ୟାଳୟରେ ନିଯୁକ୍ତି ପାଇଁ ଅନେକ ଲବି ଜାରି ରଖିଛନ୍ତି। ଏନେଇ ରାଜନୀତି ଜୋର ଧରିଛି। କୁହାଯାଉଛି ପାଖାପାଖି ୭୦ ପ୍ରତିଶତ ପଦବୀ ରାଜନେତାଙ୍କ ମାଧ୍ୟମରେ ପୂରଣ ହୋଇଯିବ। ଜିଲା ମୁଖ୍ୟାଳୟ ସମେତ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ବହୁ ସଂଖ୍ୟକ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପ୍ରଭାବଶାଳୀ ଲୋକଙ୍କ ବାହୁଛାୟା ତଳେ ରହି ଗାଦି ମାଡି ବସିଛନ୍ତି । ଅଥଚ ଅନେକ ଦୂର ଦୂରାନ୍ତରେ ଦୀର୍ଘ ବର୍ଷ ଧରି ବହୁ କଷ୍ଟରେ ଶିକ୍ଷାଦାନ କରି ଆସୁଥିବା ଶିକ୍ଷକମାନଙ୍କ ଲବି ନ ଥିବାରୁ କଷ୍ଟ ପାଉଛନ୍ତି। ଶିକ୍ଷା ବିଭାଗର ଏହି ନୀତି ତେଲିଆ ମୁଣ୍ଡରେ ତେଲ ସଦୃଶ ବୋଲି ସାଧାରଣରେ ଆଲୋଚନା ହେଉଛି। ସମାନୁପାତିକ ଶିକ୍ଷକ ବଦଳି ଆରମ୍ଭ ହେବା ବେଳେ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିଲା। କାରଣ ଯେଉଁସବୁ ବିଦ୍ୟାଳୟରେ ଅନୁମୋଦନଠାରୁ ଅଧିକ ସଂଖ୍ୟକ ଶିକ୍ଷକ ଥିଲେ ସେମାନଙ୍କ ମଧ୍ୟରୁ ଯିଏ ସର୍ବାଧିକ ସମୟ କାର୍ଯ୍ୟରତ ଥିବେ ତାଙ୍କୁ ବଦଳି କରାଯିବା ପାଇଁ ସ୍ଥିର ହୋଇଥିଲା। କେତେଜଣ ଶିକ୍ଷକ ନିର୍ଦ୍ଦିଷ୍ଟ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ଗାଦି ମାଡି ବସିଥିବାରୁ ସେମାନେ ଚିନ୍ତିତ ହୋଇଯାଇଥିଲେ। ରାଜନୈତିକ ଓ ଅନ୍ୟ ପ୍ରଭାବଶାଳୀ ଲୋକଙ୍କ ମାଧ୍ୟମରେ ଚାପ ପକାଇ ଏହାକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିଲେ। ଅନେକେ ଏଥିରେ ସଫଳ ହେଉଥିଲେ ସୁଦ୍ଧା କେତେଜଣଙ୍କୁ ନିରାଶ ହେବାକୁ ପଡ଼ିଥିଲା। କିନ୍ତୁ ନିର୍ବାଚନ ସମୟରେ ରାଜ୍ୟ ସରକାର ଏହି ବଦଳି ପ୍ରକ୍ରିୟା ବନ୍ଦ କରି ଦେଇଥିଲେ। ଖାଲି ପଦବୀ ପୂରଣ ପାଇଁ ବିକଳ୍ପ ଭାବେ ପସନ୍ଦ ବାଛିବାକୁ ନୂତନ ନିୟମ ଲାଗୁ କରିଥିଲେ। ଏହି ନିୟମ ଅନୁସାରେ, ଜିଲା ଭିତରେ ବଦଳି ଚାହୁଁଥିଲେ ଗୋଟିଏ ବିଦ୍ୟାଳୟରେ ସର୍ବନିମ୍ନ ୬ ବର୍ଷ ଶିକ୍ଷାଦାନ କରିଥିବା ଜରୁରୀ। ବାହାର ଜିଲାକୁ ଯିବାକୁ ଚାହିଁଲେ ସର୍ବନିମ୍ନ ଗୋଟିଏ ବିଦ୍ୟାଳୟରେ ୧୫ ବର୍ଷ କାମ କରିଥିବା ଦରକାର। ଚୁକ୍ତିଭିତ୍ତିକ ଶିକ୍ଷକ ହୋଇଥିଲେ ଆପୋସ ବୁଝାମଣାଭିତ୍ତିରେ ବଦଳି ହୋଇପାରିବ। ଶାରୀରିକ କ୍ଷତିଗ୍ରସ୍ତ (ସର୍ତ୍ତ ରହିଛି) ହୋଇଥିଲେ କୌଣସି କଟକଣା ନାହିଁ । ଓପେପା ପୋର୍ଟାଲରେ ଆବେଦନ ପରେ ଚୟନ କରାଯିବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନୁରୂପ ଭାବେ ପ୍ରାଥମିକ ବିଦ୍ୟାଳୟସ୍ତରରେ ମଧ ବଦଳି ହେବ।

ତଥ୍ୟ ଅନୁଯାୟୀ, ଉଚ୍ଚ ବିଦ୍ୟାଳୟ ସ୍ତରରେ ଜଗତ୍‌ସିଂହପୁର ଜିଲାରେ ୮ ପ୍ରଧାନ ଶିକ୍ଷକ (କ୍ଲାସ୍ ୨) ଓ ୩୫ ପ୍ରଧାନ ଶିକ୍ଷକ (ସିନିୟର ଏସ୍‌ଇଏସ୍) ପଦବୀ ଖାଲି ପଡିଛି। ସେହିପରି ୧୦୫ କଳା, ୪୭ ପିସିଏମ୍, ୪୭ ସିବିଜେଡ୍, ୪୮ ସଂସ୍କୃତ, ୨୮ ପିଇଟି ଓ ୪ ଉର୍ଦ୍ଦୁ ଶିକ୍ଷକ ପଦବୀ ଖାଲି ରହିଛି । ସେହିପରି ପ୍ରାଥମିକ ବିଦ୍ୟାଳୟସ୍ତରରେ ଜିଲାରେ ଲେଭଲ୍ ୩ ବରିଷ୍ଠ ପ୍ରଧାନ ଶିକ୍ଷକ ଅନୁମୋଦିତ ପଦବୀ ୯ଟି ଥିବାବେଳେ ସେଥିରୁ ୭ଟି ଖାଲି ପଡ଼ିଛି। ସେହିପରି ଲେଭଲ ୩ ପ୍ରଧାନ ଶିକ୍ଷକ ଅନୁମୋଦିତ ପଦବୀ ସଂଖ୍ୟା ୪୨୫ ଥିବାବେଳେ ୩୫୮ଟି ଖାଲି ରହିଛି। ଲେଭଲ ୪ ପ୍ରଧାନ ଶିକ୍ଷକ ଅନୁମୋଦିତ ପଦବୀ ସଂଖ୍ୟା ୩୩୭ରୁ ୧୭୧ଟି ଖାଲି ରହିଛି। ଲେଭଲ ୪ ସ୍ନାତକ ଶିକ୍ଷକ (କଳା) ଅନୁମୋଦିତ ପଦବୀ ୩୬୮ରୁ ୧୧୯ଟି ଖାଲି ପଡିଛି। ଲେଭଲ ୪ ସ୍ନାତକ ବିଜ୍ଞାନ ଶିକ୍ଷକ ଅନୁମୋଦିତ ପଦବୀ ୩୬୮ରୁ ୩୩୯ଟି ଖାଲି ରହିଛି। ଲେଭଲ୍ ୫(ବି) ବରିଷ୍ଠ ଶିକ୍ଷକ (ବର୍ଗ ୧ର) ୮୯୭ ଅନୁମୋଦିତ ପଦବୀରୁ ୪୭୭ଟି ଖାଲି ପଡ଼ିଛି। ଲେଭଲ ୫(ବି) ବରିଷ୍ଠ ଶିକ୍ଷକ (ବର୍ଗ ୨) ୬୩୬ ଅନୁମୋଦିତ ପଦବୀରୁ ୧୭୬, ଲେଭଲ ୫(ଏ) ସହକାରୀ ଶିକ୍ଷକ ୩୦୪୦ ଅନୁମୋଦିତ ପଦବୀରୁ ୧୨୦୨ ପଦବୀ ଖାଲି ରହିଛି। ଏହାସତ୍ତ୍ୱେ ନୂତନ ନିୟମ ଅନୁସାରେ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ।

ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା କହିଛନ୍ତି, ପୋର୍ଟାଲରେ ସ୍ୱତଃଭାବେ ଦୀର୍ଘ ବର୍ଷ ଧରି ଗୋଟିଏ ସ୍କୁଲରେ ରହିଥିବା ଶିକ୍ଷକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ପ୍ରାଥମିକତା ଭିତ୍ତିରେ ନିଯୁକ୍ତି ଦିଆଯିବ।

# ନାଟକ 'ଶତାବ୍ଦୀର ସ୍ୱର' ହୃଦୟ ଛୁଇଁଲା



ଜିଲାସ୍ତରୀୟ ଅଡିଶନରେ କଳାକାରମାନେ ଅଭିନୟ କରୁଛନ୍ତି।

ଜଗତ୍‌ସିଂହପୁର ଅଫିସ, ୧୦।୭

ଭାରତ ସ୍ୱାଧୀନ ହେଲାପରେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ବିଦେଶ ଶକ୍ତି ଇଷ୍ଟଇଣ୍ଡିଆ କମ୍ପାନୀକୁ ଦେଶରୁ ତଡିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ନେହେରୁ କହିଥିଲେ, ଦେଶରୁ କେବଳ ଇଷ୍ଟ ଇଣ୍ଡିଆ କମ୍ପାନୀ ଯିବ, ଅନ୍ୟ କମ୍ପାନୀ ନୁହେଁ। କାରଣ ଇଷ୍ଟ ଇଣ୍ଡିଆ କମ୍ପାନୀ ଦେଶକୁ ଦୀର୍ଘ ବର୍ଷ ପଛକୁ ନେଇ ଯାଇଥିଲା। ଏବେ ବି ପୁଞ୍ଜିପତି, କର୍ପୋରେଟ୍ ହାଉସ ଦେଶକୁ ଲୁଟୁଛନ୍ତି। ଧର୍ମକୁ ନେଇ ଦେଶକୁ ଭାଗ କରିବାକୁ ଚେଷ୍ଟା ହେଉଛି। ଚାଷୀ ଲଙ୍ଗଳ, ତନ୍ତି, ଚରଖା ଓ କୁମ୍ଭାର ମାଟି କାମ କରିବାକୁ ଆଗ୍ରହ କରୁନି। ଏହା ଶତାବ୍ଦୀର ପ୍ରଭାବ, ଆଧୁନିକତାର ଛାପ। ତେଣୁ ଆମକୁ ଆଧୁନିକତା ଭିତରେ ଭାଇଚାରା ବଞ୍ଚାଇ ରଖିବାକୁ ପଡ଼ିବ। ଶୁକ୍ରବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଶତାବ୍ଦୀର ସ୍ୱର ଶୀର୍ଷକ ନାଟକ ମଞ୍ଚସ୍ଥ ବେଳେ ଏହି ବାର୍ତ୍ତା ବେସ୍ ହୃଦୟସ୍ପର୍ଶୀ ହୋଇଥିଲା। ଜଗତ୍‌ସିଂହପୁର ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଜିଲାର ବିଭିନ୍ନ ସାଂସ୍କୃତିକ ଦଳଗୁଡ଼ିକୁ ନେଇ ଜିଲାସ୍ତରୀୟ ଅଡିଶନ ତଥା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୬ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ଏଥିରେ ଜିଲାର ବିଭିନ୍ନ ସାଂସ୍କୃତିକ ଦଳ ସେମାନଙ୍କ ଅଭିନୟ ତଥା ପ୍ରତିଭା ପ୍ରଦର୍ଶନ କରିଛନ୍ତି । ତେବେ ଅନ୍ତିମ ଦିନରେ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ପକ୍ଷରୁ ଏକ ବୈପ୍ଳବିକ ତଥା ସାମାଜିକ ନାଟକ ଶତାବ୍ଦୀର ସ୍ୱର ମଞ୍ଚସ୍ଥ ହୋଇଥିଲା । ଏଥିରେ ଦୁଇ ଦୁଇ ଥର ଜାତୀୟସ୍ତରରେ ସମ୍ମାନିତ ହୋଇଥିବା ନିର୍ଦ୍ଦେଶକ ତଥା କଳାକାର ଅଶୋକ ଜେନା, ବରିଷ୍ଠ କଳାକାର ଦେବୀ ପ୍ରସାଦ ମହାରଣା, ବିଚିତ୍ର ବିଶ୍ୱାଳ ଓ ଧନଞ୍ଜୟ ଜେନା ପ୍ରମୁଖ ଅଭିନୟ କରିଥିଲେ । ନିର୍ଦ୍ଦେଶକ ଜେନା ଓ ତପନ ରାଉତରାୟ ଏହାକୁ ସଂଯୋଜନା କରିଥିଲେ। ଆଗାମୀ ଦିନରେ ଏହି ନାଟକକୁ ରାଜ୍ୟ ତଥା ଜାତୀୟସ୍ତରରେ ପ୍ରଦର୍ଶନ କରାଯିବାର ଲକ୍ଷ୍ୟ ରଖାଯାଇଥିବା ପରିଷଦ ପକ୍ଷରୁ କୁହାଯାଇଛି।

### ଜିଲାସ୍ତରୀୟ ଅଡିଶନ୍ ଶେଷ



ପରମାନନ୍ଦଡିଆ ଦ୍ୱୀପପୁଞ୍ଜର ପ୍ରାକୃତିକ ସୌନ୍ଦର୍ଯ୍ୟ ।

# ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

ଏରସମା,୧୦।୭(ସ୍ୱ.ପ୍ର.)

### ପରମାନନ୍ଦଡିଆ ଦ୍ୱୀପପୁଞ୍ଜ

ଏରସମା ବ୍ଲକ ଅନ୍ତର୍ଗତ ଆମ୍ବିକି ପଞ୍ଚାୟତସ୍ଥିତ ପରମାନନ୍ଦଡିଆ ଦ୍ୱୀପପୁଞ୍ଜକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ପ୍ରଦାନ କରିବା ପାଇଁ ଜିଲାପାଳଙ୍କୁ ସ୍ମାରକ ପତ୍ର ଦିଆଯାଇଛି। ଏନେଇ ସୁଶାନ୍ତ କୁମାର ମାଇତିଙ୍କ ନେତୃତ୍ୱରେ ଧନଞ୍ଜୟ ସାହୁ, ବିଷ୍ଣୁଚରଣ ଭୂୟାଁ, ପବିତ୍ର ମୋହନ ଦାସ, ଗୌରାଙ୍ଗ ପ୍ରଧାନ, ବାସୁଦେବ ମଣ୍ଡଳ, ରବୀନ୍ଦ୍ରନାଥ ଗିରି, ଅନିରୁଦ୍ଧ ସାସମଲ, ବୈରାଗୀ ଭୂୟାଁ, ନିବାସ ଫନ୍ଦକାର ପ୍ରମୁଖ ଆମ୍ବିକି ପଞ୍ଚାୟତବାସୀ ଏହି ଦ୍ୱୀପପୁଞ୍ଜର ପ୍ରାକୃତିକ ସୌନ୍ଦର୍ଯ୍ୟ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କ କହିବା ମୁତାବକ, ଆମ୍ବିକି ପଞ୍ଚାୟତ ଦେଇ ହଂସୁଆ ନଦୀ ପ୍ରବାହିତ ହୋଇ ଜଟାଧାରମୁହାଣ ନିକଟରେ ସମୁଦ୍ରରେ ମିଶିଛି । ଏହି ପଞ୍ଚାୟତର କାଙ୍କଣ ଗ୍ରାମ ନିକଟରେ ପ୍ରବାହିତ ହେଉଥିବା ହଂସୁଆ ସଫେଇର ପ୍ରଶସ୍ତ ଗର୍ଭରେ ପ୍ରାକୃତିକ ଉପାୟରେ ଏକ ଦ୍ୱୀପ ରହିଛି । ଏହାର ପୂର୍ବପଟେ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ରହିଛି। ଏହାକୁ ଅତିକ୍ରମ କଲେ ବଙ୍ଗୋପ ସାଗରର ନୀଳ ଜଳରାଶି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏହି ଦ୍ୱୀପ ବିଭିନ୍ନ ଔଷଧୀୟ ବୃକ୍ଷରେ ପରିପୂର୍ଣ୍ଣ । ତା'ମଝିରେ ୨୦୦୩ରୁ ବଜରଙ୍ଗବଳି ପୂଜା ପାଉଛନ୍ତି। ସେଠାରେ ପଞ୍ଚାୟତବାସୀଙ୍କ ଉଦ୍ୟମରେ ମନ୍ଦିର ନିର୍ମାଣ କରାଯାଇଛି। ଏହାଦ୍ୱାରା ସେଠାରେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଛି। କାଙ୍କଣ ଗ୍ରାମରୁ ଡଙ୍ଗାରେ ପର୍ଯ୍ୟଟକମାନେ ସେଠାକୁ ଯିବା ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ସେଠାରେ ଶ୍ରଦ୍ଧାଳୁମାନଙ୍କ ସମାଗମ ହେଉଛି। ଏହାକୁ ବିଚାରକୁ ନେଇ ପରମାନନ୍ଦଡ଼ିଆକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ପ୍ରଦାନ ପାଇଁ ସ୍ଥାନୀୟବାସୀ ନିବେଦନ କରିଛନ୍ତି ।

# ଡିକି ଭାଙ୍ଗି ଟଙ୍କା ଲୁଟ୍ ଘଟଣା, ୨ ଗିରଫ

## ୨୯ ହଜାର ଟଙ୍କା, ବାଇକ୍, ମୋବାଇଲ ଜବତ

ମଙ୍ଗୁଳି,୧୦।୭(ଡି.ଏନ.ଏ.)

ଲୁଟ୍ ଘଟଣାରେ ଜଗତ୍‌ପୁର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡା ସଦର ଥାନା ଅଧୀନ ବାଜିପଡା ଗ୍ରାମର ମନୋଜ ଦାସ(୨୩) ଓ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୋଳିପଡି ଗ୍ରାମର ରାମ ଦାସ(୨୨)। ସେମାନଙ୍କ ଠାରୁ ୨୯ ହଜାର ଟଙ୍କା, ଦୁଇଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଜଗତ୍‌ପୁର ଥାନା ଅଧୀନ ଗୋପୀନାଥପୁର ଗ୍ରାମର ରାମଚନ୍ଦ୍ର ରାଉତ ଗତ ଜୁନ୍ ୨୧ ତାରିଖରେ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ୨ ଲକ୍ଷ ଟଙ୍କା ଉଠାଇ ଗାଡ଼ି ଡିକିରେ ରଖିଥିଲେ। ପରେ ବ୍ୟାଙ୍କ ପାଖରେ ଥିବା ଏକ ଦୋକାନକୁ ଚା' ପିଇବା ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ତାଙ୍କ ଗାଡି ଡିକି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ଚା' ପିଇବା ପରେ ଗାଡି ପାଖରେ ପହଞ୍ଚିବାବେଳକୁ ଡିକି ଭଙ୍ଗାଯାଇ ଟଙ୍କା ଲୁଟ୍ ହୋଇଥିବା ରାମଚନ୍ଦ୍ର ଦେଖିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୫୨/୨୨) ରୁଜୁ କରି ତଦନ୍ତ ଚଳାଇଥିଲା।

# ଧାନକୁଦ ପୀଠ ସଫେଇ କଲେ ଏସ୍‌ଏଚ୍‌ଜି ସଦସ୍ୟା

ବିରିଡି(ଡି.ଏନ୍.ଏ.)/ବାଲିଆ,୧୦।୭

ବିରିଡି ବ୍ଲକ ହାଜିପୁରସ୍ଥିତ ଧାନକୁଦ ପୀଠରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ର ସଦସ୍ୟାମାନେ ରବିବାର ସଫେଇ କରିଛନ୍ତି। ଶନିବାର ପୀଠରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ସରିବା ପରେ ରବିବାର ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମଙ୍ଗୁଳି ବସୁମାତାର ସମ୍ପାଦକ ଗୟାଧର ମହାନ୍ତିଙ୍କ ନେତୃତ୍ୱରେ ବାସନ୍ଦରା ଓ ହାଜିପୁର ପଞ୍ଚାୟତର ଏସ୍‌ଏଚଜି ସଦସ୍ୟାମାନେ ଏକତ୍ରିତ ହୋଇ ରଥ ପଡିଆର ପ୍ରାୟ ୫ ଏକର ଜାଗାରେ ପଡିଥିବା ଅଳିଆ ଆବର୍ଜନା ଯଥା ଜରି, ପ୍ଲାଷ୍ଟିକ ବୋତଲ, ଗ୍ଲାସ, ସୋଲର ଟାଟିଆ, କପ୍ ଇତ୍ୟାଦି ଉଠାଇ ପୋଡ଼ି ଦେଇଥିଲେ। ଫଳରେ ପଡିଆ ଚତୁଃପାର୍ଶ୍ୱ ପରିଷ୍କାର ହୋଇଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୀଠ ଆଚାର୍ଯ୍ୟ ବାବା ଅରକ୍ଷିତ ଦାସ ମହାରାଜ ଓ ମନ୍ଦିର ବିଶ୍ୱାବସୁ ବିଭୁଦତ୍ତ ସାହୁ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ପଡିଆର ଚତୁଃପାର୍ଶ୍ୱରେ ଫାସିଗଛ ରୋପଣ କରାଯିବ ବୋଲି ସମ୍ପାଦକ ମହାନ୍ତି କହିଛନ୍ତି।



ରଥ ପଡ଼ିଆରେ ଏସ୍‌ଏଚ୍‌ଜି ସଦସ୍ୟାମାନେ ସଫେଇ କରୁଛନ୍ତି।

# ବିଜେଡିର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଚାରା ରୋପଣ

ଏରସମା,୧୦।୭(ସ୍ୱ.ପ୍ର.)

ବିଜେଡିର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଦଳ ପକ୍ଷରୁ ରବିବାର ପଏଦା ପଞ୍ଚାୟତସ୍ଥିତ ଗୋଠ ଦଣ୍ଡାରେ ଚାରାରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି । ଏହି ବ୍ଲକ ଅନ୍ତର୍ଗତ ୨୫ଟି ପଞ୍ଚାୟତରେ ବିଭିନ୍ନ ଦିବସରେ ଚାରା ରୋପଣ କରିବା ଲାଗି ଯୋଜନା କରାଯାଇଛି। ଏରସମା ବ୍ଲକ ବିଜେଡି ସଭାପତି ପାର୍ଥସାରଥି ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଯୁବ ବିଜେଡି ସଭାପତି ସୌମ୍ୟଜିତ ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପରିଡା, ପଏଦା ସମିତି ସଭ୍ୟା ଅନିତା ନାୟକ,ପୂର୍ବତନ ସରପଞ୍ଚ ସୁଶୀଲ ମଲ୍ଲିକ ଶିକ୍ଷାବିତ ରବିନାରାୟଣ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଜଙ୍ଗଲ ଜାତୀୟ ଏବଂ ଔଷଧୀୟ ଚାରା ରୋପଣ କରିଥିଲେ ।



ଚାରା ରୋପଣ କାର୍ଯ୍ୟକ୍ରମରେ ବିଜେଡି କର୍ମକର୍ତ୍ତା ଓ ଅନ୍ୟମାନେ।

# ଭିତ୍ତିଭୂମି ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ

ଜଗତ୍‌ସିଂହପୁର ଅଫିସ, ୧୦।୭

### ଆଲିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟ

- ଭଙ୍ଗା ଘରେ ବିପଦସଙ୍କୁଳ ଅବସ୍ଥାରେ ପିଲା ପଢୁଛନ୍ତି
- ଡାଇନିଂ, ଡ୍ରେନ୍, ପାନୀୟ ଜଳ ସମସ୍ୟାର ସମାଧାନ ହେଉନି
- ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି ଗଣିତ ଶିକ୍ଷକ

ରାଜ୍ୟ ସରକାର ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଉଥିବା ନେଇ ପ୍ରଚାର ହେଉଛି। କିନ୍ତୁ ନିକଟସ୍ଥ ଆଲିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟଟି ଦୀର୍ଘ ବର୍ଷ ହେବ ଅବହେଳିତ ଅବସ୍ଥାରେ ରହିଛି। ଭିତ୍ତିଭୂମି ଅଭାବରୁ ଏଠାରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏଥିସହ ଡାଇନିଂ, ପାନୀୟ ଜଳ ଓ ଡ୍ରେନ୍ ସମସ୍ୟା ଚିନ୍ତାର କାରଣ ପାଲଟିଛି। ବିଦ୍ୟାଳୟର ଜଣେ ଗଣିତ ଶିକ୍ଷକ ସପ୍ତାହରେ ୩ ଦିନ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବାରୁ ଛାତ୍ରୀଛାତ୍ରମାନେ ଏହାର ଅଭାବ ଅନୁଭବ କରୁଛନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଜିଲା ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି ।

ଆଲିପିଙ୍ଗଳସ୍ଥିତ ଗୋପାଳଜୀଉ ମନ୍ଦିର ନିକଟରେ ୧୯୨୯ରେ ବିଦ୍ୟାଳୟଟି ସ୍ଥାପନ ହୋଇଥିଲା। ବର୍ତ୍ତମାନ ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୩୦ ଜଣ ଛାତ୍ରୀଛାତ୍ର ଶିକ୍ଷାଲାଭ କରୁଥିବା ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ଷଡ଼ଙ୍ଗୀ ସୂଚନା



ବିଦ୍ୟାଳୟର ଆଜ୍‌ବେଷ୍ଟସ୍ ଭାଙ୍ଗିଯାଇଛି।



ଛାତ୍ରୀମାନେ ସାଇକେଲରେ ମଧ୍ୟାହ୍ନ ଭୋଜନ ରଖି ଖାଉଛନ୍ତି।

ଦେଇଛନ୍ତି । ତେବେ ଏହି ପୁରାତନ ବିଦ୍ୟାଳୟରେ ଅନେକ କିଛି ଅଭାବ ରହିଛି । ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାକର ବେହେରା କହିଛନ୍ତି, ପିଲାମାନଙ୍କ ଅଧ୍ୟୟନ ପାଇଁ ଅତି କମ୍‌ରେ ୫ଟି ଶ୍ରେଣୀ ଗୃହର ଆବଶ୍ୟକତା ଥିବା ବେଳେ ତାହା ଏ ପର୍ଯ୍ୟନ୍ତ ହୋଇପାରୁନାହିଁ । ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ହେବ ଛାତ୍ରୀଛାତ୍ରମାନେ ପୂର୍ବପରି ଫଟା କାନ୍ଥ ଓ ଛାତ ତଳେ ବିପଦସଙ୍କୁଳ ଅବସ୍ଥାରେ ପାଠ ପଢୁଛନ୍ତି । ଯାହାକି ଚିନ୍ତାର କାରଣ ହୋଇଥିବା ବେହେରା କହିଛନ୍ତି। କେବଳ ଏତିକି ନୁହେଁ, ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷାରେ ଶ୍ରେଣୀ ଗୃହରେ ପାଣି ପଶୁଛି। ଏହି କାରଣରୁ ବର୍ଷା ଦିନେ ଅନେକ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସୁନାହାନ୍ତି। ପାନୀୟ ଜଳ ସମସ୍ୟା କଥା ନ କହିଲେ ଭଲ। ଦର୍ଘ ୨୫ ବର୍ଷ ପୂର୍ବରୁ ବିଦ୍ୟାଳୟ ପରିସରରେ ୨ଟି ନଳକୂପ ବସିଥିଲା, ଯାହା ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଅଛି । ମାତ୍ର ଏଥିରୁ ବାହାରୁଥିବା ପାଣି ପିଇବା ଉପଯୋଗୀ ନୁହେଁ ବୋଲି ଅନେକେ ଅଭିଯୋଗ କରିଛନ୍ତି। ତେଣୁ ବିକଳ୍ପ ଭାବେ ତୁରନ୍ତ ବିଦ୍ୟାଳୟ ପରିସରରେ ଏକ ସୌର ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି। ମଧ୍ୟାହ୍ନ ଭୋଜନ ସମୟରେ ଛାତ୍ରୀଛାତ୍ରମାନେ ଖାଇବା ସମୟରେ ଅସୁବିଧାରେ ପଡୁଛନ୍ତି। ଡାଇନିଂ ହଲ୍ ନ ଥିବାରୁ ପିଲାମାନେ ଖାଦ୍ୟ ଥାଳି ଧରି ଏଣେ ତେଣେ ବୁଲି ଏପରି କି ସାଇକେଲ ଉପରେ ରଖି ଖାଉଛନ୍ତି । ପିଅନ ନ ଥିବାରୁ ଅନେକ ସମସ୍ୟା ହେଉଛି । ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସପ୍ତାହର ୩ ଦିନ କାର୍ଯ୍ୟ କରୁଥିବା ଗଣିତ ଶିକ୍ଷକଙ୍କୁ ବିଦ୍ୟାଳୟରେ ପୂର୍ଣ୍ଣକାଳୀନ ନିଯୁକ୍ତି ଦିଆଯିବା ଜରୁରୀ ବୋଲି ଅନେକେ ଦାବି କରିଛନ୍ତି। ତେଣୁ ଯୁଦ୍ଧକାଳୀନଭିତ୍ତିରେ ଉପରୋକ୍ତ ସମସ୍ୟାଗୁଡିକର ସ୍ଥାୟୀ ସମାଧାନ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସାଗର ଜେନା, ଅନ୍ନପୂର୍ଣ୍ଣା ମାଝୀ, ପ୍ରଭାତୀ ମାଝୀ ଓ ସୁରେନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି।

ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା କହିଛନ୍ତି, ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ତେଣୁ ଆଗକୁ ସମସ୍ୟା ରହିବ ନାହିଁ। ଏବେ ମରାମତି କି ଅନ୍ୟ କିଛି ଆବଶ୍ୟକ ହେଲେ ପଞ୍ଚାୟତ କରିବ । ଏନେଇ ପଞ୍ଚାୟତକୁ ଚିଠି କରାଯିବ ବୋଲି ସେ କହିଛନ୍ତି।

# ଭିତରକନିକା ଆର୍ଦ୍ରଭୂମିକୁ ଉଜାଡ଼ିବ ପ୍ରଦୂଷିତ ଜଳ

**କେନ୍ଦ୍ରାପଡ଼ା ଅଫିସ, ୧୦।୭**

ଭିତରକନିକା ଓ ଚିଲିକା ଆର୍ଦ୍ରଭୂମିର ଜଳ ପ୍ରଦୂଷଣ ସମ୍ପର୍କରେ ଜୁନ୍ ୩୦ ତାରିଖରେ ହାଇକୋର୍ଟରେ ଶୁଣାଣି ହୋଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଆର.କେ. ପଟ୍ଟନାୟକଙ୍କ ଡିଭିଜନ ବେଞ୍ଚର ଏହି ଶୁଣାଣିରେ ଦୁଇ ଆର୍ଦ୍ରଭୂମି ଜଳ ପ୍ରଦୂଷଣ ସମ୍ପର୍କରେ ଏକ ବୈଷୟିକ ତଦନ୍ତ ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଅଗଷ୍ଟ ୧୧ରେ ଓଏସ୍‌ପିସିବି ଏ ସମ୍ପର୍କରେ ରିପୋର୍ଟ ପ୍ରଦାନ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ଏଠାରେ ଆମିକସକ୍ୟୁରୀ ମୋହିତ ଅଗ୍ରୱାଲ ଆଶଙ୍କା କରିଛନ୍ତି, ବ୍ରାହ୍ମଣୀ ନଦୀ ଜଳ ଭିତରକନିକାକୁ ସର୍ବାଧିକ ପ୍ରଦୂଷିତ କରୁଛି। ନାଲ୍‌କୋ ଓ ଅନ୍ୟ ରାସାୟନିକ ସାର ଶିଳ୍ପରୁ ନିର୍ଗତ ରାସାୟନିକ ଦ୍ରବ୍ୟ ବ୍ରାହ୍ମଣୀ ନଦୀକୁ ପ୍ରଦୂଷିତ କରୁଛି। ଏହି ଶିଳ୍ପଗୁଡ଼ିକ କୋଇଲା ସହ ଫ୍ଲୋରାଇଡ, ନାଇଟ୍ରୋଜେନ, ସିଆନାଇଡ, କ୍ରୋମିୟମ, ଫ୍ଲାଏ ଆଶ୍ ସହ ଅନ୍ୟ ସାମଗ୍ରୀ ବ୍ୟବହାର କରୁଥିବାରୁ ଏହାର ଉଦ୍‌ବୃତ୍ତ ଅଂଶ ବ୍ରାହ୍ମଣୀରେ ମିଶୁଛି। ଭିତରକନିକା ଜଳ ପ୍ରଦୂଷଣରେ ଅବାଧ ନୌଚଳାଚଳ, ବେଆଇନ ଭାବେ ରହିଥିବା



ଭିତରକନିକାର ଜଗତଜୋରିରେ ମତ୍ସ୍ୟଜୀବୀ ।

ବାଂଲାଦେଶୀଙ୍କ ଦ୍ୱାରା ବନକ୍ଷୟ ଓ ଚିଙ୍ଗୁଡ଼ି ଘେରି ନଦୀଜଳ ପ୍ରଦୂଷଣର କାରଣ ହୋଇଛି। ଅପରପକ୍ଷରେ ଏହି ଆର୍ଦ୍ରଭୂମିକୁ ଆଗାମୀଦିନରେ ମଧୁର ଜଳ ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀର ସିଷ୍ଟମ୍‌ରେ ଥିବା କେନ୍ଦ୍ରାପଡ଼ା ଜିଲାର ୭ ନଦୀ ଓ ୨୭ ନାଳ ଭିତରକନିକାର ହେନ୍ତାଳ ବଣକୁ ବଞ୍ଚାଇ ରଖିଛି। ହେଲେ ବିଭିନ୍ନ ସ୍ଥାନରେ ମଧୁର ପାଣି ଅଟକ ଓ ଉତ୍ତୋଳନ ଜୈବବିବିଧତାକୁ ନଷ୍ଟ କରିବ ବୋଲି ସ୍ଥାନୀୟ ଅଞ୍ଚଳର ପରିବେଶବିତ୍ ମତ ଦେଇଛନ୍ତି।

ପରିବେଶବିତ୍ ହେମନ୍ତ କୁମାର ରାଉତ, ପ୍ରାଧ୍ୟାପକ ଭୁବନମୋହନ ଜେନା, ଅଧ୍ୟାପକ କ୍ଷୀତିଶ କୁମାର ସିଂହ ପ୍ରମୁଖ କୁହନ୍ତି, ମଧୁର ଜଳ ଅଭାବ ହେନ୍ତାଳବଣ ନଷ୍ଟର ପ୍ରମୁଖ କାରଣ ହେବ। ୬୦ ପ୍ରତିଶତ ଲୁଣା ଓ ୪୦ ପ୍ରତିଶତ ମଧୁର ଜଳର ମିଶ୍ରଣ ଅଞ୍ଚଳରେ ହେନ୍ତାଳବଣ ସୃଷ୍ଟି ହୋଇଥାଏ। ମଧୁର ଜଳ ନ ଥିବାରୁ ସମୁଦ୍ର ତଟରେ କେବଳ ଝାଉଁବଣ ଦେଖିବାକୁ ମିଳୁଛି। ଭିତରକନିକାକୁ ମଧୁର

- ଅଗଷ୍ଟ ୧୧ରେ ରିପୋର୍ଟ ଦେବ ଓଏସ୍‌ପିସିବି
- ବ୍ରାହ୍ମଣୀ ନଦୀ ସର୍ବାଧିକ ପ୍ରଦୂଷିତ
- ଜାତୀୟ ଉଦ୍ୟାନର ୩ ନଦୀ ସିଷ୍ଟମ୍ କାମ କରିବନି

ଜଳ ଯୋଗାଉଥିବା ମୁଖ୍ୟତଃ ମହାନଦୀ, ବୈତରଣୀ ଓ ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତା ଏବେ ଅକାମୀ ହେବାକୁ ଯାଉଛି। ଛତିଶଗଡ଼ ରାଜ୍ୟରେ ବନ୍ଧ ନିର୍ମାଣ ପରେ ମହାନଦୀ ଜଳକୁ ନେଇ ଓଡ଼ିଶା ସରକାରଙ୍କ ସହ ଦ୍ୱନ୍ଦ୍ୱ ଦେଖାଯାଇଛି। ଅଣ ମୌସୁମୀରେ ମହାନଦୀର ତଳମଣ୍ଡରେ ଥିବା କେନ୍ଦ୍ରାପଡ଼ା ଜିଲାରେ ଜଳସ୍ରୋତ କମିଯାଇଛି। ଏହି ସମୟରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ସନ୍ତରାଠାରେ ମହାନଦୀରେ ଏକ ବୃହତ୍ ଜଳାଶୟ ନିର୍ମାଣ କରାଯାଇ କେନ୍ଦ୍ରାପଡ଼ା ଜିଲାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ହେବାକୁ ଯାଉଛି। ଜଳାଶୟରୁ ଉଦ୍‌ବୃତ୍ତ ଜଳ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୨୦୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ୨ଟି ମେଗା ପ୍ରକଳ୍ପ ନିର୍ମାଣାଧୀନ ଅଛି। ଫଳରେ ମହାନଦୀର ଜଳ ତଳମୁଣ୍ଡରେ ଥିବା ଭିତରକନିକାକୁ ମଧୁର ଜଳ ପହଞ୍ଚିବା ଆଶା କ୍ଷୀଣ ହୋଇଛି। ସେହିପରି କିଛିବର୍ଷ ଧରି ଅଣମୌସୁମୀ ସମୟରେ ବୈତରଣୀର ମଧୁର ଜଳ ଭିତରକନିକାକୁ ପହଞ୍ଚୁ ନାହିଁ। ମୌସୁମୀ ସମୟରେ ଭିତରକନିକା ଆସୁଥିବା ଜଳକୁ ଏବେ ଯାଜପୁର ସହର ନିକଟ ନିର୍ମାଣାଧୀନ ଜଳାଶୟରେ ରଖିବାକୁ ଯୋଜନା ହୋଇଛି। ବ୍ରାହ୍ମଣୀ ସିଷ୍ଟମରେ ବ୍ରାହ୍ମଣୀ ଓ ଶାଖାନଦୀ ଖରସ୍ରୋତା ଅଛି। ଏବେ ଖରସ୍ରୋତାରେ କେନ୍ଦ୍ରାପଡ଼ା ଜିଲାର ୨ଟି ସ୍ଥାନରେ ମେଗା ଜଳସେଚନ ପ୍ରକଳ୍ପ ଓ ୨ଟି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିସହ ଭଦ୍ରକ ଜିଲାର ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ପାଣି ନିଆଯିବ। ଏହି ୫ ପ୍ରକଳ୍ପର ଆବଶ୍ୟକ ଜଳକୁ ଖରସ୍ରୋତାରେ ଏକ ବ୍ୟାରେଜ ଦ୍ୱାରା ଅଟକାଇବା ପାଇଁ ସ୍ଥାନୀୟ ଅଞ୍ଚଳରେ ଖରସ୍ରୋତା ନଦୀ ବଞ୍ଚାଅ ଆନ୍ଦୋଳନ ହେଉଛି। ବ୍ୟାରେଜ ପରେ ଉଦ୍‌ବୃତ୍ତ ଜଳ ଭିତରକନିକାରେ ପହଞ୍ଚିବା ନେଇ ସନ୍ଦେହ ହୋଇଛି। କେବଳ ବ୍ରାହ୍ମଣୀର ସ୍ୱଳ୍ପଧାରା ଭିତରକନିକାର ପ୍ରାକୃତିକ ବିଭବକୁ ବଞ୍ଚାଇବା ସମ୍ଭବ ନୁହେଁ ବୋଲି ସେମାନେ କହିଛନ୍ତି।

## ସଂକ୍ଷେପରେ

### ବାହୁଡ଼ିଲେ ମହାବାହୁ, କେରେଡ଼ାଗଡ଼ରେ ଭକ୍ତଙ୍କ ସମାଗମ

**ରାଜନଗର,୧୦।୭(ଡି.ଏନ.ଏ.):** ସବୁଠି ଦଶମୀ ତିଥିରେ ବାହୁଡାଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ରାଜନଗର ଅଞ୍ଚଳରେ ଦୀର୍ଘବର୍ଷ ହେଲା ଏକାଦଶୀ ତିଥିରେ ବାହୁଡାଯାତ୍ରା ଅନୁଷ୍ଠିତ ହେଉଛି। ପୂର୍ବରୁ ଚାଷ ସମୟରେ ରଥ ଟାଣିବାକୁ ଭକ୍ତଙ୍କ ଅଭାବକୁ ଲକ୍ଷ୍ୟରେ ରଖି ପ୍ରଚଳିତ ହୋଇଥିବା ଏକାଦଶୀ ତିଥିରେ ରଥଟଣା ଦୀର୍ଘବର୍ଷ ହେଲା ଚାଲି ଆସୁଛି। ପୁରାଣ ପ୍ରସିଦ୍ଧ କେରେଡାଗଡ ଶ୍ରୀଜଗନ୍ନାଥ ଜୀଉଙ୍କ ପବିତ୍ର ବାହୁଡାଯାତ୍ରା ଶାନ୍ତିଶୃଙ୍ଖଳାର ସହ ରବିବାର ଶେଷ ହୋଇଛି। ଶନିବାର ଦଶମୀ ତିଥିରେ ମହାବାହୁଙ୍କୁ ପହଣ୍ଡି କରି ରଥାରୂଢ କରାଯାଇଥିଲା। ରବିବାର ସକାଳେ ରଥ ଉପରେ ମହାପ୍ରଭୁଙ୍କ ମହାସ୍ନାନ ସହିତ ମହାମଣୋହି, ଖେଚୁଡି ଧୂପ, ବଡଧୂପ ନୀତି ପରେ ପଣା ମଣୋହି କରାଯାଇଥିଲା। ଶନିବାର ରାଜପୁରୋହିତ ନବୀନ ଚନ୍ଦ୍ର ତ୍ରିପାଠୀ ଛେରାପହଁରା କାର୍ଯ୍ୟ କରିଥିଲେ। କନିକା ରାଜାଙ୍କ ଅନୁପସ୍ଥିତିରେ ରାଜ ପୁରୋହିତ ଛେରାପହଁରା କାର୍ଯ୍ୟ କରିଥିଲେ। ରବିବାର ପ୍ରଶାସନ ଉପସ୍ଥିତିରେ ରଥଟଣା ହୋଇଥିଲା। ମାଉସୀ ମା' ମନ୍ଦିରରୁ ରଥକୁ ଶ୍ରଦ୍ଧାଳୁ ଓ ଭକ୍ତମାନେ ଟାଣିଟାଣି ମନ୍ଦିର ନିକଟରେ ପହଞ୍ଚାଇଛନ୍ତି। ବାହୁଡାଯାତ୍ରାରେ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। କୋଭିଡ୍ କଟକଣା ଯୋଗୁ ୨ବର୍ଷ ରଥଯାତ୍ରା ବନ୍ଦ ରହିଥିଲା। କେରେଡାଗଡର ରଥଦାଣ୍ଡରେ ରଥ ଉପରେ ଶ୍ରୀଜଗନ୍ନାଥଜୀଉ ଭକ୍ତଙ୍କୁ ଦର୍ଶନ ଦେବା ବେଳେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଭକ୍ତିଭାବନା, ଭାବବିହ୍ୱଳ ସହିତ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଶ୍ରଦ୍ଧାଳୁଙ୍କ ସମାଗମ ଭିତରେ ଶ୍ରୀଜଗନ୍ନାଥଙ୍କ ରଥକୁ ଭକ୍ତମାନେ ଟାଣିବା ସମୟରେ ସବୁରି କଣ୍ଠରେ ଜୟ ଜଗନ୍ନାଥ ଧ୍ୱନିରେ ବଡଦାଣ୍ଡ ପ୍ରକମ୍ପିତ ହୋଇଥିଲା। ରାଜନଗର ସମେତ ମହାକାଳପଡ଼ା, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ପକ୍ଷରୁ ଭକ୍ତମାନଙ୍କ ସମାଗମ ହୋଇଥିଲା। ବଡପଣ୍ଡା ମଦନମୋହନ ରଥ, ନିତ୍ୟାନନ୍ଦ ଦାଶ, ସୋମନାଥ ଷଡଙ୍ଗୀ, ବ୍ରଜକିଶୋର ପଣ୍ଡା, ମହେଶ୍ୱର ଦାଶ, ରଣଜିତ୍ ପତି ପ୍ରମୁଖ ରଥ ଉପରେ ଠାକୁରଙ୍କ ନୀତିକାନ୍ତି ସମାପନ କରିଥିଲେ। ସେହିପରି ରାଜନଗରସ୍ଥିତ ଶ୍ରୀଦଧିବାମନଜୀଉଙ୍କ ବାହୁଡାଯାତ୍ରା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ସନ୍ଧ୍ୟାରେ ମାଉସୀ ମା' ମନ୍ଦିର ନିକଟରେ ଶ୍ରୀଜୀଉଙ୍କ ରଥ ପହଞ୍ଚିବା ପରେ ସନ୍ଧ୍ୟା ନୀତିକାନ୍ତି ଆରମ୍ଭ ହୋଇଛି। ସେହିପରି ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠସ୍ଥିତ ଶ୍ରୀ ଶ୍ରୀବନ ବିହାରୀ ଜୀଉଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ଚକଡ଼ା ଲାଗିଲା ଶ୍ରୀଦଧିବାମନଜୀଉଙ୍କ ରଥ

**ଡେରାବିଶ, ୧୦।୭(ସ୍ୱ.ପ୍ର.)**

ଡେରାବିଶର ପରମ ଆରାଧ୍ୟ ଶ୍ରୀଦଧିବାମନ ଜୀଉ ନବଦିନ ବ୍ୟାପୀ ଯାତ୍ରା ପରେ ଶନିବାର ବାହୁଡ଼ା ତିଥିରେ ମାଉସୀ ମା' ମନ୍ଦିରରୁ ପ୍ରତ୍ୟାବର୍ତ୍ତନ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ଶନିବାର ଅପରାହ୍ନରେ ଗୋଲରାହାଟ ପଞ୍ଚାୟତସ୍ଥିତ ମାଉସୀ ମା' ମନ୍ଦିରରୁ ଗୋଟି ପହଣ୍ଡିରେ ଆସି ରଥାରୂଢ଼ ହେବା ପରେ ବିଧି ଓ ପରମ୍ପରା ଅନୁସାରେ ଅଳ୍ପ ବାଟ ରଥ ଟଣାଯାଇ ସେଠାରେ ଅଟକି ରହିଥିଲା। ରବିବାର ଅପରାହ୍ନରେ ଶ୍ରୀଜୀଉଙ୍କ ରଥଟଣା ଆରମ୍ଭ ହୋଇଥିଲା। ଏହି ରଥଯାତ୍ରା ଡେରାବିଶ ବ୍ଲକ ଅଞ୍ଚଳର ବହୁ ପ୍ରାଚୀନ ହୋଇଥିବାରୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନେ ରଥକୁ ଟାଣି ଟାଣି ଆଣି ଶ୍ରୀଜୀଉଙ୍କ ମନ୍ଦିର ନିକଟରେ ସନ୍ଧ୍ୟାରେ ପହଞ୍ଚାଇଛନ୍ତି। ଘଣ୍ଟ, ସଂକୀର୍ତ୍ତନ, ବିଭିନ୍ନ ବାଜା ପଟୁଆର ଓ ଆତସବାଜି ରଥଦାଣ୍ଡକୁ ଉତ୍ସବମୁଖର କରିଥିଲା। ଦୁଇବର୍ଷ ହେବ ଏହି ରଥଯାତ୍ରା ବନ୍ଦ ଥିବାରୁ ଚଳିତବର୍ଷ ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ସନ୍ଧ୍ୟାରେ ସମସ୍ତ ନୀତିକାନ୍ତି ପରେ ରଥାରୂଢ଼



ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।

ଜୀଉଙ୍କ ସୁନାବେଶ ହୋଇଯାଇଛି। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଡେରାବିଶ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଉପସ୍ଥିତ ଥିଲା। ରଥଯାତ୍ରାରେ ମାନସ ରଞ୍ଜନ କର, ପ୍ରକାଶ ପଣ୍ଡା, ଦିବାକର ପଣ୍ଡା, ରତ୍ନାକର ପଣ୍ଡା, ଅକ୍ଷୟ କୁମାର ପଣ୍ଡା, ଅଂଶୁମାନ କର, ନାରାୟଣ ପଣ୍ଡା, ହରେକୃଷ୍ଣ ପଣ୍ଡା, ବଂଶୀଧର ପଣ୍ଡା ପ୍ରମୁଖ ମନ୍ଦିର ସେବାୟତମାନେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତିରେ ସାମିଲ ହୋଇଛନ୍ତି। ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି ଓ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଛନ୍ତି।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍କୁଲକୁ ପ୍ରବେଶ ନ କରାଇବାକୁ ବିଓଇଙ୍କ ଚିଠି

**ପଟ୍ଟାମୁଣ୍ଡାଇ, ୧୦।୭(ସ୍ୱ.ପ୍ର.)**

ଏଣିକି ବିନା ଅନୁମତିରେ ସ୍କୁଲ ପରିସରକୁ ଗଣମାଧ୍ୟମ ପ୍ରତିନିଧି ଯାଇପାରିବେ ନାହିଁ ବୋଲି କଟକଣା ଲଗାଇଛି ଶିକ୍ଷା ବିଭାଗ। ଏ ନେଇ ଜିଲା ଶିକ୍ଷା ଅଧିକାରୀମାନେ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି କରିବା ପରେ ବିଇଓ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ଚିଠି ଲେଖି ପଦକ୍ଷେପ ନେବାକୁ କହିଛନ୍ତି। ସେହିଭଳି କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ ସମସ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଚିଠି ଲେଖି ଗଣମାଧ୍ୟମ ପ୍ରତିନିଧିଙ୍କ ସ୍କୁଲ ଭିତରକୁ ପ୍ରବେଶ ଉପରେ କଟକଣା ଲଗାଯିବା ଉଚିତ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷା ବିଭାଗର ଏଭଳି ପଦକ୍ଷେପକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ କହିଛନ୍ତି, କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ସ୍କୁଲ ବ୍ୟାଗ୍ ବୋଝର ନିର୍ଦ୍ଦିଷ୍ଟ ଓଜନ ପାଇଁ ୨୦୧୮ରେ ନିୟମ ହୋଇଥିଲା। ରାଜ୍ୟ ସରକାର ୨୦୧୯ ମାର୍ଚ୍ଚ ୮ରେ ଏ ସମ୍ପର୍କରେ ଗାଇଡ୍‌ଲାଇନ ଜାରି କରିଥିବାବେଳେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଏହାକୁ ଲାଗୁ କରାଯିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍କୁଲ ପିଲାଙ୍କ ପାଇଁ ପରିବହନ ନୀତି-୨୦୧୬ ପ୍ରଣୟନ ହୋଇ କାର୍ଯ୍ୟକାରୀ ହୋଇଛି। ହେଲେ ଏହି ନିୟମ କେନ୍ଦ୍ରାପଡ଼ା ଜିଲାରେ ଅଦ୍ୟାବଧି ଲାଗୁ ହୋଇନାହିଁ। ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଧିକ ଓଜନର ବ୍ୟାଗ୍ ବହନ କରୁଛନ୍ତି। ସେହିପରି ପିଲାମାନଙ୍କୁ ଛୋଟ ଗାଡ଼ିରେ ଅସୁରକ୍ଷିତ ଭାବେ ସ୍କୁଲକୁ ନିଆଯାଉଛି। ସରକାର ଆଇନ ପ୍ରଣୟନ କରିଦେଲେ ସତ ମାତ୍ର ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ଗଣମାଧ୍ୟମର ପ୍ରସାର, ପ୍ରସାରରୁ ଜଣାପଡିବା ସହ ଲୋକଲୋଚନକୁ ଆସିଥାଏ। ସ୍କୁଲର ବିଭିନ୍ନ ସମସ୍ୟା, ଶିକ୍ଷାଦାନର ଗୁଣବତ୍ତା ସମ୍ପର୍କରେ ବାହାରକୁ କୌଣସି ଖବର ନ ଆସୁ ବୋଲି ରାଜ୍ୟ ସରକାର ଗଣମାଧ୍ୟମର କଣ୍ଠରୋଧ କରିଛନ୍ତି ବୋଲି ସେ କହିଥିଲେ । ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ସମସ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଚିଠି ଲେଖି ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍କୁଲ ଭିତରକୁ ପ୍ରବେଶ ଉପରେ କଟକଣା ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଛାତ୍ରୀଛାତ୍ରଙ୍କ ଅଧ୍ୟବସାୟ ସଫଳତାର ଶୀର୍ଷରେ ପହଞ୍ଚାଇବ



ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସହ ସମ୍ବର୍ଦ୍ଧିତ କୃତୀ ଛାତ୍ରୀଛାତ୍ରମାନେ।

**ମାର୍ଶାଘାଇ,୧୦।୭ (ଡି.ଏନ.ଏ.)**

ଛାତ୍ରୀଛାତ୍ରମାନଙ୍କର ନିରନ୍ତର ସାଧନା ହିଁ ଆଜି ତାଙ୍କୁ ସଫଳତା ଆଣିଦେଇଛି। ତାଙ୍କର ଏହି ସଫଳତା ନିଜର ନିଷ୍ଠା, ଅଧ୍ୟବସାୟ ଓ କଠିନ ପରିଶ୍ରମ ମୂଲ୍ୟ ମିଳିବା ସହ ଶ୍ରେୟ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ପିତାମାତାଙ୍କ ପାଇଁ ଏହା ସମ୍ଭବ ହୋଇଛି ବୋଲି ରବିବାର ଅପରାହ୍ନରେ ମାର୍ଶାଘାଇ ଡାକବଙ୍ଗଳା ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ମହୋତ୍ସବରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ମାର୍ଶାଘାଇ ପୂଜ୍ୟପୂଜା ପରିଷଦ ପକ୍ଷରୁ ଆୟୋଜିତ ପ୍ରତିଭାସମ୍ମାନ ଉତ୍ସବରେ ମାର୍ଶାଘାଇ, ମହାକାଳପଡ଼ା ବ୍ଲକର ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ରେ ଉତ୍ତୀର୍ଣ୍ଣ ହୋଇଥିବା ୩୮ଜଣ ଛାତ୍ରୀଛାତ୍ରଙ୍କ ସହ ତାଙ୍କ ସୁଯୋଗ୍ୟ ପିତାମାତା ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମନ୍ତ୍ରୀ ନାୟକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ନାୟକଙ୍କୁ ପୂଜ୍ୟପୂଜା ପରିଷଦର ସଦସ୍ୟମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ମହାକାଳପଡ଼ା ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ ବେହେରା, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, କଳ୍ପନା ରାଉତ, ପୂଜ୍ୟପୂଜା ପରିଷଦର ସଭାପତି ଚନ୍ଦ୍ରମଣି ସାହୁ, ସମ୍ପାଦକ ମାଧବ ନାୟକ, ବିପିନ ବିହାରୀ ସ୍ୱାଇଁ ମଞ୍ଚାସୀନ ରହିଥିବା ବେଳେ ସୁବାସ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସଞ୍ଜୟ କୁମାର ଲେଙ୍କା, ଗଙ୍ଗାଧର ପରିଡା, ଅଧ୍ୟାପକ ସୁକାନ୍ତ ପ୍ରଧାନ, ପ୍ରତାପ ମଲ୍ଲିକ, ବିଜୟ କୁମାର ଜେନା, ମଧୁସୂଦନ ବେହେରା, ରଘୁନାଥ ସାହୁ, ଅଜୟ କରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଭିଭାବକ ଉପସ୍ଥିତ ରହିଥିଲେ।

# କେନ୍ଦ୍ରାପଡ଼ାରେ ଇଦ୍-ଉଜ୍-ଜୁହା ପାଳିତ

**କେନ୍ଦ୍ରାପଡ଼ା ଅଫିସ, ୧୦।୭**

କେନ୍ଦ୍ରାପଡ଼ା ଜିଲାର ମୁସଲମାନ ବହୁଳ ଅଞ୍ଚଳରେ ଇଦ୍ -ଉଜ୍ -ଜୁହା ରବିବାର ପାଳିତ ହୋଇଯାଇଛି। ଏଥିପାଇଁ ବିଭିନ୍ନ ଇଦ୍‌ଗାହଠାରେ ସମୂହ ନମାଜ ପାଠ ପାଇଁ ବ୍ୟବସ୍ଥା ହୋଇଥିଲା। ଏହି ଅବସରରେ ସଲଫିଆ ଇଦ୍‌ଗାହ ଓ ପୁରୁଣା ଇଦ୍‌ଗାହରେ ସକାଳ ୮ଟାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ନୂଆ ଇଦ୍‌ଗାହରେ ସକାଳ ସାଢେ ୮ଟାରେ ସ୍ୱତନ୍ତ୍ର ନମାଜ ପାଠ ଅନୁଷ୍ଠିତ ହୋଇଯାଇଛି। ଏହି ସମୂହ ନମାଜ ପାଠ କାର୍ଯ୍ୟକ୍ରମରେ ୨୦ ହଜାରରୁ ଊର୍ଦ୍ଧ୍ୱ ମୁସଲିମ୍ ମହିଳାପୁରୁଷ ଭାଗ ନେଇଥିଲେ। ଏ ନେଇ ବିଭିନ୍ନ ମସ୍‌ଜିଦ, ଦର୍ଘା ଓ ମୀନାରଗୁଡ଼ିକ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରାଯାଇଛି। ଏହି ପର୍ବ ପାଳନ ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏସ୍‌ପି ମଡକର ସନ୍ଦିପ ସମ୍ପଦଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ୩ ଇନ୍ସପେକ୍ଟର, ୨୯ ଏସ୍‌ଆଇଙ୍କ ସମେତ ୧୬ ସେକ୍ସନ ଓଏସ୍‌ପି ଓ ଏପିଆର ଫୋର୍ସ ମୁତୟନ କରାଯାଇଥିଲା।



କେନ୍ଦ୍ରାପଡ଼ାର ନୂଆ ଇଦ୍‌ଗାହରେ ମୁସଲମାନମାନେ ସମୂହ ନମାଜ ପାଠ କରୁଛନ୍ତି।



ଆଳିରେ ଶକ୍ତିମନ୍ତ୍ରୀ ପ୍ରତାପ ଦେବ ଇଦ୍-ଉଜ୍-ଜୁହାରେ ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

**ଆଳି,(ଡି.ଏନ.ଏ.)**

ମୁସଲମାନ ସାମ୍ପ୍ରଦାୟର ଲୋକମାନେ ରବିବାର ଇଦ୍ -ଉଜ୍ -ଜୁହା ପର୍ବ ପାଳନ କରିଛନ୍ତି। କୋଭିଡ କଟକଣା ଯୋଗୁ ଦୁଇବର୍ଷ ହେବ ଏହି ପର୍ବକୁ ଆଳି ବ୍ଲକର ବିଭିନ୍ନ ସ୍ଥାନରେ ଥିବା ମୁସଲମାନ ସମ୍ପ୍ରଦାୟର ସମସ୍ତ ଲୋକ ପାଳନ କରିଥିଲେ। ରବିବାର ମେଣ୍ଢପୁର ପଞ୍ଚାୟତର ଗୋପ, ପଦନପୁର, ରସୁଲପୁର ଓ କଳାପାହାଡ଼ ବସ୍ତିର ମୁସଲିମ୍ ଭାଇମାନେ ଇଦ୍‌ଗା ପଡିଆରେ ସମବେତ ହୋଇ ନମାଜ ପାଠ ପରେ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଶକ୍ତିମନ୍ତ୍ରୀ ତଥା ବିଧାୟକ ପ୍ରତାପ କେଶରୀ ଦେବ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ଜୟରାମ ସାହୁ, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ଦେମାଳ ସରପଞ୍ଚ ପ୍ରତିନିଧି କୃଷ୍ଣଚନ୍ଦ୍ର ପରିଡା, ମେଣ୍ଢପୁର ସରପଞ୍ଚ ପ୍ରତିନିଧି ସେକ ତୟବ, ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା ପ୍ରମୁଖ ଇଦ୍‌ଗା ପଡିଆ ବାହାରେ ମୁସଲିମ ଭାଇମାନଙ୍କୁ ଇଦ ଉଲ ଜୁହା ଅବସରରେ ଶୁଭେଚ୍ଛା ଜଣାଇଥିଲେ।


ରାଷ୍ଟ୍ରପତିଙ୍କ ସଚିବାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ ପରେ ବିଶ୍ରାମ ନେଉଛନ୍ତି ଜଣେ ଯୁବତୀ।


ରାଷ୍ଟ୍ରପତି ଭବନ ଆଗରେ ଖାଦ୍ୟ ପାଇଁ ବିକ୍ଷୋଭକାରୀଙ୍କ ଲମ୍ବା ଧାଡ଼ି।

# ସର୍ବଦଳୀୟ ସରକାର ପାଇଁ ପ୍ରସ୍ତୁତି

କଲମ୍ବୋ,୧୦।୭

ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ଆକସ୍ମିକ ପଳାୟନ ଗୃହଯୁଦ୍ଧ ଆଡ଼କୁ ମୁହାଁଇଥିବା ଦ୍ୱୀପରାଷ୍ଟ୍ରର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ସାମ୍ପ୍ରତିକ ରାଜନୈତିକ ଓ ଆର୍ଥିକ ସଙ୍କଟ ଦୂର କରିବା ପାଇଁ ଏକ ସର୍ବଦଳୀୟ ସରକାର ଗଠନ କରିବା ଲାଗି ବିରୋଧୀ ଦଳଗୁଡ଼ିକ ରବିବାର ସହମତି ପ୍ରକାଶ କରିଛନ୍ତି। ସୋମବାର ଅପରାହ୍ଣରେ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ବସିବ। ରାଷ୍ଟ୍ରପତିଙ୍କ ଇସ୍ତଫା ପରେ ନୂଆ ସରକାରକୁ କ୍ଷମତା ହସ୍ତାନ୍ତର ଉପରେ ଗୃହରେ ଆଲୋଚନା କରାଯିବ।

ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ଭବନରେ ପହଞ୍ଚିବା ପୂର୍ବରୁ ରାଷ୍ଟ୍ରପତି ଗୋଟାବାୟା ପଳାୟନ କରିଛନ୍ତି। ସର୍ବଦଳୀୟ ବୈଠକର ନିଷ୍ପତ୍ତି କ୍ରମେ ରାଷ୍ଟ୍ରପତି ପଦ ଛାଡ଼ିବାକୁ ବାଚସ୍ପତି କହିବା ପରେ ଗୋଟାବାୟା ଆସନ୍ତା ୧୩ରେ ଇସ୍ତଫା ଦେବାକୁ ରାଜି ହୋଇଛନ୍ତି। ଗୋଟାବାୟାଙ୍କ ଏହି ଘୋଷଣା ପରେ ଶ୍ରୀଲଙ୍କାର ମୁଖ୍ୟ ବିରୋଧୀ ଦଳ ସମାଗି ଜନ ବଲୱେଗୟା ପାର୍ଟି ସର୍ବଦଳୀୟ ସରକାର ଗଠନ ପାଇଁ ରାଜି ହୋଇଛି। ଏହାର ସାଧାରଣ ସମ୍ପାଦକ ରଞ୍ଜିଥ୍ ମଦ୍ଦୁମା ବନ୍ଦାରା କହିଛନ୍ତି, ସୀମିତ ସମୟ ପାଇଁ ସରକାର ଗଠନ କରାଯିବ। ତା'ପରେ ସଂସଦୀୟ ନିର୍ବାଚନ କରାଯିବ। ଏନେଇ ବିସ୍ତୃତ ଆଲୋଚନା କରାଯାଇଛି। ଶାସକ ଶ୍ରୀଲଙ୍କା ପୋଦୁଜନ ପେରାମୁନା ପାର୍ଟି(ଏସ୍‌ଏଲ୍‌ପିପି)ରୁ ଅଲଗା ହୋଇଥିବା ଗୋଷ୍ଠୀ ୱିମଲ ୱିରାୱନ୍ସା କହିଛି, ସବୁ ଦଳକୁ ନେଇ ଆମେ ଏକ ସରକାର ଗଠନ କରିବା ପାଇଁ ପ୍ରସ୍ତୁତ। ଏହି ସରକାରରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ରହିବେ। ତେବେ ଏଥିପାଇଁ ରାଷ୍ଟ୍ରପତିଙ୍କ ଇସ୍ତଫାକୁ ଅପେକ୍ଷା କରାଯିବ ନାହିଁ ବୋଲି ଏସ୍‌ଏଲ୍‌ପିପିରୁ ଅଲଗା ହୋଇଥିବା ଆଉ ଏକ ଗୋଷ୍ଠୀ ବସୁଦେବ ନାରାୟଣକାରା କହିଛି।

ଶ୍ରୀଲଙ୍କାର ସମ୍ବିଧାନ ଅନୁଯାୟୀ, କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ରାଷ୍ଟ୍ରପତି ଇସ୍ତଫା ଦେଲେ ପାର୍ଲାମେଣ୍ଟ ଏହାର ସଦସ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ରାଷ୍ଟ୍ରମୁଖ୍ୟ ଭାବେ ନିର୍ବାଚିତ କରିପାରିବ। ବିଦାୟୀ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳର ଅବଶିଷ୍ଟ ଅବଧି ଶେଷ ହେବା ପର୍ଯ୍ୟନ୍ତ ନୂଆ ରାଷ୍ଟ୍ରପତି ସାମ୍ବିଧାନିକ ଦାୟିତ୍ୱ ତୁଲାଇବେ। ଗୋଟାବାୟା ୨୦୧୯ ନଭେମ୍ବର ୧୮ରେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅର୍ଥାତ ବର୍ତ୍ତମାନର ବାଚସ୍ପତି ମହିନ୍ଦ ୟାପା ଆବେୟୱର୍ଦ୍ଧେନା ୨୦୨୪ ନଭେମ୍ବର ପର୍ଯ୍ୟନ୍ତ କାମଚଳା ରାଷ୍ଟ୍ରପତି ରହିପାରିବେ। ଏଥିପାଇଁ ରାଷ୍ଟ୍ରପତିଙ୍କ ଇସ୍ତଫା ଦେବାର ମାସକ ମଧ୍ୟରେ ପ୍ରକ୍ରିୟା ଆରମ୍ଭ କରାଯିବା ଜରୁରୀ। ଇସ୍ତଫାର ୩ ଦିନ ମଧ୍ୟରେ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକି ରାଷ୍ଟ୍ରପତି ପଦ ଛାଡ଼ିଥିବା ବିଷୟରେ ସେକ୍ରେଟାରି ଜେନେରାଲ ଏମ୍‌ପିମାନଙ୍କୁ ଅବଗତ କରାଇବେ। ରାଷ୍ଟ୍ରପତି ପଦ ପାଇଁ ଏକାଧିକ ଆଶାୟୀ ନାମାଙ୍କନ ଦାଖଲ କଲେ ବାଲଟ୍ ଜରିଆରେ ଭୋଟ କରାଯିବାର ବ୍ୟବସ୍ଥା ରହିଛି। ଶ୍ରୀଲଙ୍କାରେ ରାଷ୍ଟ୍ରପତିଙ୍କ ପରେ ପ୍ରଧାନମନ୍ତ୍ରୀ ତାଙ୍କ ସ୍ଥାନ ପୂରଣ କରିପାରିବେ। କିନ୍ତୁ ଏହି ଅବଧି ମାସକ ମଧ୍ୟରେ ସୀମିତ ରହିବ, ଯାହା ଭିତରେ ଜଣେ ନୂଆ ରାଷ୍ଟ୍ରପତିଙ୍କୁ ଚୟନ କରାଯିବ ବୋଲି ଶ୍ରୀଲଙ୍କା ସମ୍ବିଧାନରେ ଉଲ୍ଲେଖ କରାଯାଇଛି।


ପ୍ରଧାନମନ୍ତ୍ରୀଙ୍କ ବାସଭବନ ବଗିଚାରେ ରୋଷେଇ କରୁଛନ୍ତି ବିକ୍ଷୋଭକାରୀ।

## ଶ୍ରୀଲଙ୍କା ଲୋକଙ୍କ ସହ ଭାରତ ରହିଛି

ନୂଆଦିଲ୍ଲୀ,୧୦।୭

କଲମ୍ବୋର ସଦ୍ୟ ଘଟଣାକ୍ରମ ଉପରେ ରବିବାର ଭାରତ ନିଜ ପ୍ରତିକ୍ରିୟା ରଖିଛି। ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଉପାୟରେ ଶ୍ରୀଲଙ୍କାବାସୀଙ୍କ ସମୃଦ୍ଧି ଓ ବିକାଶ ପାଇଁ ଭାରତ ପଡ଼ୋଶୀ ଦେଶର ଲୋକଙ୍କ ସହ ରହିଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ କହିଛନ୍ତି, ଶ୍ରୀଲଙ୍କା ସ୍ଥିତି ଉପରେ ଭାରତ ନଜର ରଖିଛି। ଶ୍ରୀଲଙ୍କାବାସୀ ସାମ୍ନା କରୁଥିବା ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ମଧ୍ୟ ନୂଆଦିଲ୍ଲୀ ଅବଗତ ଅଛି। ଏହି କଠିନ ସମୟରେ ଭାରତ ଯଥାସମ୍ଭବ ସହାୟତା ଯୋଗାଇଦେବ। ଚଳିତବର୍ଷ ଭାରତ ଶ୍ରୀଲଙ୍କାକୁ ୩.୮ ବିଲିୟନ୍ ଡଲାର ସହାୟତା ପ୍ରଦାନ କରିଥିବା ବାଗ୍‌ଚୀ ସୂଚନା ଦେଇଛନ୍ତି।

## ସ୍ଥାୟୀ ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଜରୁରୀ: ଆମେରିକା

ଶ୍ରୀଲଙ୍କାର ରାଜନୈତିକ ଓ ଆର୍ଥିକ ସଙ୍କଟର ସମାଧାନ ପାଇଁ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ତ୍ୱରିତ ପଦକ୍ଷେପ ନେବା ଜରୁରୀ। ଏଥିପାଇଁ ସେଠାକାର ରାଜନୈତିକ ଦଳଗୁଡ଼ିକ ଉଦ୍ୟମ କରନ୍ତୁ ବୋଲି ରବିବାର ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ପକ୍ଷରୁ ପରାମର୍ଶ ଦିଆଯାଇଛି। ଆମେରିକା ପରରାଷ୍ଟ୍ର ବିଭାଗର ଜଣେ ମୁଖପାତ୍ର କହିଛନ୍ତି, ଶ୍ରୀଲଙ୍କା ପାର୍ଲାମେଣ୍ଟ କୌଣସି ରାଜନୈତିକ ଦଳ ପାଇଁ ନୁହେଁ, ବରଂ ଦେଶର ଉନ୍ନତି ସକାଶେ ଜରୁରୀ ପଦକ୍ଷେପ ନେବା ଉଚିତ। ଖବରଦାତା କିମ୍ବା ବିକ୍ଷୋଭକାରୀମାନଙ୍କ ଉପରେ ଆକ୍ରମଣ ନିନ୍ଦନୀୟ। ସେହିପରି ବ୍ରସେଲ୍ସରେ ଇୟୁ ପକ୍ଷରୁ କୁହାଯାଇଛି, ଶ୍ରୀଲଙ୍କାର ପରିବର୍ତ୍ତନଶୀଳ ଘଟଣାକ୍ରମ ଉପରେ କଡ଼ା ନଜର ରହିଛି। ଗଣତାନ୍ତ୍ରିକ ଉପାୟରେ ସମାଧାନ ପାଇଁ ସମସ୍ତ ପକ୍ଷ ଉଦ୍ୟମ କରନ୍ତୁ ବୋଲି ଇୟୁ ଆହ୍ୱାନ ଦେଇଛି।

## ରାଷ୍ଟ୍ରପତି ଭବନରେ ଗୁପ୍ତ ସୁଡ଼ଙ୍ଗ

ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଶୁକ୍ରବାର ରାତିରେ ପଳାୟନ କରିବା ପରେ ଉତ୍ତ୍ୟକ୍ତ ବିକ୍ଷୋଭକାରୀ ରାଷ୍ଟ୍ରପତି ଭବନକୁ କବ୍‌ଜା କରି ରଖିଛନ୍ତି। ସେମାନେ ସେଠାରେ ଏକ ହାଇ-ସିକ୍ୟୁରିଟି ସୁଡ଼ଙ୍ଗ ଠାବ କରିଛନ୍ତି। ଗୋଟାବାୟା ସେହି ସୁଡ଼ଙ୍ଗ ଦେଇ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିବା କୁହାଯାଉଛି।



## ଆପାର୍ଟମେଣ୍ଟରେ ରକେଟ ମାଡ଼: ୧୫ ମୃତ

**କିଭ୍, ୧୦।୭:** ପୂର୍ବ ୟୁକ୍ରେନ୍‌ରେ ଆକ୍ରମଣ ଜାରି ରଖିଥିବା ରୁଷିଆ ଚାସିଭ୍ ୟାର ସହରର ଏକ ଆପାର୍ଟମେଣ୍ଟ ଉପରେ ରକେଟ ମାଡ଼ କରିଛି। ଏଥିରେ ଅନ୍ୟୁନ ୧୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଭଗ୍ନାବଶେଷ ତଳେ ୨୦ରୁ ଊର୍ଦ୍ଧ୍ୱ ଫସି ରହିଛନ୍ତି। ଶନିବାର ରାତିରେ ରୁଷିଆ ଜନସାଧାରଣଙ୍କୁ ଟାର୍ଗେଟ କରି ରକେଟ ମାଡ଼ କରିଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଗତ ମାସରେ କ୍ରେମେନ୍‌ଚୁକ୍ ସହରରେ ଥିବା ଏକ ଶପିଂ ମଲ୍‌ରେ ମସ୍କୋ ମିଶାଇଲ ଆକ୍ରମଣରେ ୧୯ ଜଣଙ୍କ ଜୀବନ ଯାଇଥିଲା। ଡୋନ୍‌ବାସ୍ ଅଞ୍ଚଳକୁ ସମ୍ପୂର୍ଣ୍ଣ ଦଖଲ କରିବାକୁ ଲକ୍ଷ୍ୟ ରଖିଥିବା ରୁଷିଆ କିଛି ଦିନ ପୂର୍ବରୁ ଏହି କ୍ଷେତ୍ରର ଲୁହାନ୍‌ସ୍କକୁ କବ୍‌ଜା କରିଥିବା ଦାବି କରିଥିଲା। ଏବେ ଡୋନେସ୍କକୁ ୟୁକ୍ରେନ୍ ହାତରୁ ଛଡ଼ାଇ ନେବାକୁ ମସ୍କୋ ଆକ୍ରମଣ ଜାରି ରଖିଛି।

## କଙ୍ଗାରୁକୋର୍ଟରେ ଜାଳିଦେଲେ

**ଗୁଆହାଟୀ, ୧୦।୭:** ଜଣେ ମହିଳାଙ୍କୁ ହତ୍ୟା ଘଟଣାକୁ ନେଇ ଆସାମର ନଗାଓଁ ଜିଲାରେ ବସିଥିବା ଏକ କଙ୍ଗାରୁକୋର୍ଟରେ ଅଭିଯୁକ୍ତଙ୍କୁ ଜିଅନ୍ତା ଜାଳିଦିଆଯାଇଛି। ମୃତକ ଜଣକ ରଞ୍ଜିତ ବୋରଡୋଲୋଇ ବୋଲି ଜଣାପଡ଼ିଛି। ବୋର ଲାଲୁଙ୍ଗ ଗ୍ରାମରେ ଘଟିଥିବା ଏହି ଘଟଣାରେ ପୋଲିସ ୩ ମହିଳାଙ୍କ ସମେତ ୫ ଜଣଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ରିପୋର୍ଟ ଅନୁସାରେ, ୩ ଦିନ ପୂର୍ବରୁ ସବିତା ପାଟୋର ନାମ୍ନୀ ମହିଳାଙ୍କ ରହସ୍ୟଜନକ ଭାବେ ମୃତ୍ୟୁ ଘଟିଥିଲା। ରଞ୍ଜିତ୍‌ଙ୍କ ସମେତ ପ୍ରାୟ ୫ ଜଣ ସବିତାଙ୍କୁ ହତ୍ୟା କରିଥିବା ଗ୍ରାମର ଆଉ ଜଣେ ମହିଳା ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଗ୍ରାମରେ କଙ୍ଗାରୁକୋର୍ଟ ମସିଥିଲା। ସବିତାଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ନେଇ ରଞ୍ଜିତ ସ୍ୱୀକାର କରିବା ପରେ ତାଙ୍କୁ ଲୋକେ ଏକ ଗଛରେ ବାନ୍ଧି ନିଆଁ ଲଗାଇଦେଇଥିଲେ ବୋଲି ଜଣାପଡ଼ିଛି। ଖବରପାଇ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ଆସାମରେ 'ଶିବ' ଗିରଫ

### ଦରବୃଦ୍ଧି ପ୍ରତିବାଦ ମହଙ୍ଗା ପଡ଼ିଲା



**ଦିଶପୁର,୧୦।୭:** ଦେଶବ୍ୟାପୀ ପେଟ୍ରୋଲ, ଖାଦ୍ୟ ସାମଗ୍ରୀ ଦରବୃଦ୍ଧି ଏକ ବିରାଟ ସମସ୍ୟା ଭାବେ ଉଭା ହୋଇଛି। ଏ ନେଇ ଅନେକ ସମୟରେ ସାଧାରଣ ଖାଉଟି ପ୍ରତିବାଦ କରୁଥିବାର ମଧ୍ୟ ଦେଖିବାକୁ ମିଳିଛି। ତେବେ ଆସାମ ନଗାଁଓରେ ବିରିଞ୍ଚି ବୋରା ଏବଂ କରିଷ୍ମା ନାମରେ ଦୁଇ ଜଣ ଶିବ ଓ ପାର୍ବତୀ ବେଶ ଧରି ଏକ ନିଆରା ପ୍ରତିବାଦ କରିଛନ୍ତି। ତେବେ ଏ ନେଇ ଦୁହେଁ ହଟହଟା ହୋଇଥିବା ଜଣାପଡ଼ିଛି। ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ବିରିଞ୍ଚିଙ୍କୁ ପୋଲିସ ଗିରଫ କରିଛି। ପରବର୍ତ୍ତୀ ମୁହୂର୍ତ୍ତରେ ଜାମିନରେ ସେ ବାହାରିଛନ୍ତି। ଦୁହେଁ ବିରିଞ୍ଚି ଶିବ ଠାକୁରଙ୍କ ବେଶ ଏବଂ କରିଷ୍ମା ପାର୍ବତୀଙ୍କ ବେଶ ଧରି ଏକ ବୁଲେଟରେ ଯାଇ ପହଞ୍ଚିଥିଲେ ନଗାଁଓ କଲେଜ ଛକଠାରେ। ସେଠାରେ ସେମାନେ ଦରବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିବା ସହ ଲୋକେ ଏଥିଯୋଗୁ କିଭଳି ହଇରାଣ ହେଉଛନ୍ତି ସେ ନେଇ ନାଟକ ପରିବେଷଣ କରିଥିଲେ। ଖାଲି କଲେଜ ଛକ ନୁହେଁ ବରଂ ନଗାଁଓର ଏକାଧିକ ସ୍ଥାନରେ ଦୁହେଁ ଏଭଳି ନାଟକ କରିଥିଲେ। ଶିବଙ୍କ ବେଶ ଧରି ଏ ପ୍ରକାର ପ୍ରତିବାଦ ଦ୍ୱାରା ହିନ୍ଦୁ ଧର୍ମ ଯୁବପିଢି ଓ ସେମାନଙ୍କ ଭାବନା ଆଘାତ ପାଇଥିବା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ କୁହାଯାଇଛି।

## ବାର୍‌ରେ ଗୁଳି: ୧୯ ମୃତ



ଗୁଳିକାଣ୍ଡରେ ଆତ୍ମୀୟଙ୍କୁ ହରାଇ ଭାଙ୍ଗିପଡ଼ିଥିବା ମହିଳାଙ୍କୁ ପୋଲିସ ଛାଡୁ ନାହିଁ।

ଜୋହାନ୍ସବର୍ଗ, ୧୦।୭

ଦକ୍ଷିଣ ଆଫ୍ରିକାରେ ଶନିବାର ଦୁଇଟି ବାର୍‌ରେ ଆତତାୟୀଙ୍କ ଆଖିବୁଜା ଗୁଳିବର୍ଷାରେ ୧୯ ଜୀବନ ଯାଇଛି। ୧୭ ଜଣ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଜୋହାନ୍ସବର୍ଗରେ ଥିବା ଏକ ବାର୍‌ରେ ଶନିବାର ବିଳମ୍ବିତ ରାତିରେ ବନ୍ଧୁକଧାରୀଙ୍କ ଗୁଳିରେ ୧୫ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୯ ଜଣ ଗୁରୁତର ଅଛନ୍ତି। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗୌଟେଙ୍ଗ ପ୍ରଦେଶର ପ୍ରିମିୟର ଡେଭିଡ୍ ମଖୁରା କହିଛନ୍ତି। ଏହି ଗଣହତ୍ୟା ପୂର୍ବରୁ ପିଟରମାରିଜ୍‌ବର୍ଗରେ ଥିବା ଆଉ ଏକ ବାର୍‌ରେ ଶନିବାର ସନ୍ଧ୍ୟାରେ ଦୁଇ ଜଣ ବନ୍ଧୁକଧାରୀ ଗୁଳି ଚଳାଇଥିଲେ। ଏଥିରେ ୪ ଜଣଙ୍କ ଜୀବନ ଯାଇଥିବାବେଳେ ୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ଶନିବାର ରାତି ପ୍ରାୟ ସାଢ଼େ ୧୨ଟାରେ ଲୋକେ ବାର୍‌ରେ ନାଇଟ୍‌ଆଉଟ କରୁଥିବାବେଳେ ବନ୍ଧୁକଧାରୀ ଗୋଷ୍ଠୀ ମିନିବସ୍‌ରେ ସେଠାକୁ ଆସିଥିଲେ। ସେମାନେ ପବ୍ ଭିତରେ ପଶି ଗୁଳିବର୍ଷା କରିଥିଲେ। ଘଟଣାସ୍ଥଳରେ ହିଁ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଗୁରୁତରଙ୍କ ମଧ୍ୟରୁ ଆଉ ୩ ଜଣଙ୍କୁ ହସ୍ପିଟାଲରେ ମୃତ ଘୋଷଣା କରାଯାଇଥିଲା। ହତ୍ୟାକାଣ୍ଡରେ ହାଇ କାଲିବର ଫାୟାରଆର୍ମ ବ୍ୟବହାର କରାଯାଇଥିବା ସ୍ଥାନୀୟ ପୋଲିସ କମିଶନର ଇଲିଆସ୍ ମାୱେଲା କହିଛନ୍ତି। ଏଥିରେ ରାଇଫଲ ଏବଂ ୯ ଏମ୍‌ଏମ୍‌ର ପିସ୍ତଲ ରହିଛି। ତେବେ ହତ୍ୟାକାରୀଙ୍କ ଉଦ୍ଦେଶ୍ୟ ଜଣାପଡ଼ିନାହିଁ। ସେମାନେ ବାର୍‌ରୁ କୌଣସି ସାମଗ୍ରୀ କିମ୍ବା ଟଙ୍କା ନେଇ ନ ଥିବାରୁ ଏହା ଡକାୟତି ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଅଧିକାଂଶ ଆପରାଧିକ କାର୍ଯ୍ୟକଳାପରେ ମିନିବସ୍ କିମ୍ବା ଟାକ୍ସି ବ୍ୟବହାର କରାଯାଉଥିବାରୁ ଟ୍ୟାକ୍ସି ଆସୋସିଏଶନଗୁଡ଼ିକଠାରୁ ତଥ୍ୟ ସଂଗ୍ରହ କରାଯାଇ ତଦନ୍ତ କରାଯିବ।

## ୮୧ ଜେଲ କର୍ମଚାରୀଙ୍କୁ ଲାଞ୍ଚ ଦେଇଛନ୍ତି ସୁକେଶ



ନୂଆଦିଲ୍ଲୀ, ୧୦।୭

ବହୁ କୋଟି ଟଙ୍କା ଠକେଇ ଅଭିଯୋଗରେ ଗିରଫ ହୋଇ ତିହାର ଜେଲରେ ଥିବା ସୁକେଶ ଚନ୍ଦ୍ରଶେଖରଠାରୁ ଲାଞ୍ଚ ନେବା ଅଭିଯୋଗରେ ରୋହିଣୀ ଜେଲର ୮୧ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଦିଲ୍ଲୀ ପୋଲିସର ଇକୋନୋମିକ୍ ଅଫେନ୍ସ ୱିଙ୍ଗ୍ (ଇଓଡବ୍ଲ୍ୟୁ) ପକ୍ଷରୁ ଏହି ଅଭିଯୋଗ ହୋଇଛି। ସୁକେଶଙ୍କୁ ୮ ଜଣ ଜେଲ ଅଫିସର ସହଯୋଗ କରି ଗିରଫ ହେବା ପରେ ଏ ଘଟଣା ସାମ୍ନାକୁ ଆସିଛି। ଜେଲ ଭିତରେ ଫୋନ୍ ବ୍ୟବହାର କରିବା ସାଙ୍ଗକୁ ସ୍ୱତନ୍ତ୍ର ବ୍ୟାରେକ୍ ସୁବିଧା ଆଦି ଉପଲବ୍ଧ କରାଇବା ପାଇଁ ସୁକେଶ ପ୍ରତିମାସରେ ୧.୫ କୋଟି ଟଙ୍କା ଜେଲ ଅଧିକାରୀଙ୍କୁ ଲାଞ୍ଚ ଦେଉଥିଲେ। ତିହାର ଜେଲ କର୍ତ୍ତୃପକ୍ଷ ଦୁଇବର୍ଷରେ ସୁକେଶଙ୍କଠାରୁ ୧୨.୫ କୋଟି ଟଙ୍କା ଜୋରଜବରଦସ୍ତ ନେଇଥିବା ନେଇ ସେ ଓ ତାଙ୍କ ସ୍ତ୍ରୀ ଲିନା ମିଳିତ ଭାବେ ଗତ ଜୁନ୍‌ରେ ସୁପ୍ରିମକୋର୍ଟରେ ଅଭିଯୋଗ କରିଛନ୍ତି। ତେବେ ଏକାଧିକ ବ୍ୟବସାୟୀଙ୍କଠାରୁ ହଡ଼ପ କରିଥିବା ଟଙ୍କାରେ ସୁକେଶ ବଲିଉଡ୍‌ର ବହୁ ନାୟିକାଙ୍କୁ ଦାମୀ ଉପହାର ଦେଇଥିବା କୁହାଯାଉଛି।

# ବୋରିସଙ୍କ ନାଁରେ ସାଂଘାତିକ ଅଭିଯୋଗ

### ଶାରୀରିକ ସମ୍ପର୍କ ରଖି ମହିଳାଙ୍କ ନିଯୁକ୍ତି ପାଇଁ ଲବି କରିଥିଲେ

ଲଣ୍ଡନ, ୧୦।୭

ବିବାଦୀୟ ହୋଇ ନିକଟରେ ବ୍ରିଟେନ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ବୋରିସ୍ ଜନ୍‌ସନ୍‌ଙ୍କ ବିରୋଧରେ ନୂଆ ଅଭିଯୋଗ ସାମ୍ନାକୁ ଆସିଛି। ୨୦୦୮ରେ ବୋରିସ୍ ଲଣ୍ଡନ ମେୟର ଥିବାବେଳେ କ୍ଷମତାର ଅପବ୍ୟବହାର କରି ଜଣେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ଏକ ସିଟି ହଲ୍‌ରେ ଚାକିରି ଦେବା ପାଇଁ ଲବି କରିଥିଲେ। ସେତେବେଳେ ସିଟି ହଲ୍‌ର ଜଣେ ବରିଷ୍ଠ କର୍ମଚାରୀ କିଟ୍ ମାଲ୍‌ହାଉସ୍ (ବର୍ତ୍ତମାନ ବୋରିସ୍‌ଙ୍କ ଜଣେ କ୍ୟାବିନେଟ୍ ମନ୍ତ୍ରୀ) ଏହାକୁ ବିରୋଧ କରିବାରୁ ସମ୍ପୃକ୍ତା ମହିଳାଙ୍କୁ ଚାକିରି ମିଳି ନ ଥିଲା। ମହିଳା ଜଣକ ୨୦୧୭ରେ 'ମି ଟୁ ମୁଭ୍‌ମେଣ୍ଟ' ବେଳେ ବୋରିସ୍‌ଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ସେହିପରି ବୋରିସ୍ ବହିର୍ବ୍ୟାପାର ମନ୍ତ୍ରୀ ଥିବାବେଳେ ବର୍ତ୍ତମାନର ସ୍ତ୍ରୀ କ୍ୟାରି ଜନ୍‌ସନ୍‌ଙ୍କୁ ୨୦୧୮ରେ ଚିଫ୍ ଷ୍ଟାଫ୍ କରିବା ପାଇଁ ମଧ୍ୟ ଚାପ ପକାଇଥିଲେ। ସେତେବେଳେ ଉଭୟେ ପ୍ରେମ ସମ୍ପର୍କରେ ଥିଲେ। ଆମେରିକୀୟ ବିଜ୍‌ନେସ୍ ଓମ୍ୟାନ ଜେନିଫର ଆର୍କ୍ୟୁରିଙ୍କ ସହ ମଧ୍ୟ ବୋରିସ୍‌ଙ୍କ ସମ୍ପର୍କ ଥିଲା। ସେ ଟିକସଦାତାଙ୍କ ଅର୍ଥରେ ଆୟୋଜିତ ବିଜ୍‌ନେସ୍ ଟ୍ରିପ୍‌ରେ ଜେନିଫରଙ୍କୁ ସାମିଲ କରିବା ପାଇଁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ଆସିଛି। ଲକଡାଉନ୍ ପାର୍ଟି, ଦଳୀୟ ଏମ୍‌ପିଙ୍କ ସେକ୍ସ ସ୍କାଣ୍ଡାଲ ସହ ଅନେକ ଦୁର୍ନୀତି ଅଭିଯୋଗ ଆସିବା ପରେ ବୋରିସ୍‌ଙ୍କୁ ନିଜ ଦଳରୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏଥିପାଇଁ ସେ ଗତ ୭ ତାରିଖରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।


ଜେନିଫର ଆର୍କ୍ୟୁରି

## ସ୍କୋଲଜ୍‌ଙ୍କ ପାର୍ଟିରେ ୯ ମହିଳାଙ୍କୁ ଦିଆଯାଇଥିଲା ଡ୍ରଗ୍ସ

**ବର୍ଲିନ, ୧୦।୭:** ଜର୍ମାନ ଚାନ୍ସେଲର ଓଲାଫ୍ ସ୍କୋଲଜ୍ ଏବଂ ତାଙ୍କ ସୋସିଆଲ ଡେମୋକ୍ରାଟିକ୍ ପାର୍ଟି ଏମ୍‌ପି ଯୋଗଦେଇଥିବା ଏକ ପାର୍ଟିରେ ୯ ମହିଳାଙ୍କୁ ଡ୍ରଗ୍ସ ଦିଆଯାଇଥିବା ଖବର ଚର୍ଚ୍ଚାର ବିଷୟ ପାଲଟିଛି। ଦଳର ଜଣେ ମୁଖପାତ୍ର କାଟ୍‌ଜା ମସ୍ତ ସୂଚନା ଦେଇଛନ୍ତି। ପ୍ରାୟ ୨୧ ମହିଳା ଗତ ବୁଧବାର ଆୟୋଜିତ ଏହି ପାର୍ଟିରେ ଡେଟ୍-ରେପ୍ ଡ୍ରଗ୍ସ(କୌଣସି ଖାଦ୍ୟ ପାନୀୟରେ ଡ୍ରଗ୍ସ ଦିଆଯାଇ ଯୌନଶୋଷଣ କରାଯିବା)ର ଶିକାର ହୋଇଥିବା ଅଭିଯୋଗ ଆଣିଥିଲେ। ପୀଡ଼ିତାମାନେ ଖୋଲାଖୋଲି ଏହା ବିରୋଧରେ ଅଭିଯୋଗ କରିବାକୁ ଶାସକ ଦଳ ପକ୍ଷରୁ କୁହାଯାଇଛି। ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଚାନ୍ସେଲର ଏବଂ ଏମ୍‌ପିଙ୍କ 'ସମର ପାର୍ଟି'ରେ ଯୋଗ ଦେଇଥିଲେ। ଡେଟ୍-ରେପ୍ ଡ୍ରଗ୍ସ ସେବନ କରିଥିବା ମହିଳା ପ୍ରତିରୋଧ କରିବାରେ ଅସମର୍ଥ ହୋଇଥାନ୍ତି।



## ସଂକ୍ଷେପରେ

### ଅକ୍ଟୋବରରୁ ଦରଦାମ୍ କମିବ

**ନୂଆଦିଲ୍ଲୀ,୧୦।୭:** କ୍ରମାଗତ ଦରଦାମ ବୃଦ୍ଧି ଓ କୋଭିଡ ମାନ୍ଦାବସ୍ଥା ଯୋଗୁ ସବୁ ବର୍ଗର ଲୋକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଖାଇବା ତେଲଠାରୁ ବିମାନ ଇନ୍ଧନ ଏବଂ ପନିପରିବାଠାରୁ ଆରମ୍ଭ କରି ପରିବହନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଦର ଉଚ୍ଚା ରହିଛି। ଏଭଳି ସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ପୁଣି ଥରେ ଦେଶବାସୀଙ୍କୁ ଆଶ୍ୱାସନା ଦେବା ସହ କହିଛନ୍ତି ଚଳିତ ଆର୍ଥିକ ବର୍ଷର ୩ୟ ପର୍ଯ୍ୟାୟ ବା ଅକ୍ଟୋବର ମଧ ଆଡକୁ ଦରଦାମ କମିପାରେ ବୋଲି ଆକଳନ କରାଯାଉଛି। ଶନିବାର ଏକ ଅର୍ଥନୈତିକ ସମ୍ମିଳନୀରେ ଯୋଗଦେଇ ଶକ୍ତିକାନ୍ତ ଆସନ୍ତା ଅକ୍ଟୋବର ବେଳକୁ କୃଷିଜାତ ସାମଗ୍ରୀର ଅମଳ ସାଙ୍ଗକୁ ମୁଦ୍ରାସ୍ଫୀତିରେ ମଧ ପରିବର୍ତ୍ତନ ଘଟିଥିବ। ଫଳରେ ଦରଦାମ ହ୍ରାସ ପାଇବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ରିଜର୍ଭ ବ୍ୟାଙ୍କ ନିକଟ ଅତୀତରେ ସୁଧ ହାରରେ ଯେଭଳି ବୃଦ୍ଧି କରିଛି ତାହା କରିବାକୁ ପଡ଼ିବ ନାହିଁ।

### ଇଭି ବ୍ୟାଟେରି ସେଲ୍‌ରେ ବିନିଯୋଗ ପାଇଁ ସୁଯୋଗ

**ନୂଆଦିଲ୍ଲୀ,୧୦।୭:** ବର୍ତ୍ତମାନର ପରିସ୍ଥିତି ଓ ସରକାରଙ୍କ ପଦକ୍ଷେପକୁ ଲକ୍ଷ୍ୟ କଲେ ଭବିଷ୍ୟତର ବିଦ୍ୟୁତୀକରଣ ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏଭଳି ପରିସ୍ଥିତିରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ସିଇଓ ଅନିଶ ଶାହା କହିଛନ୍ତି କମ୍ପାନୀ ଭାରତରେ ଏକ ବ୍ୟାଟେରି-ସେଲ କମ୍ପାନୀ ନିର୍ମାଲ ଲକ୍ଷ୍ୟରେ ରହିଛି। ଏଥିରେ ବିନିଯୋଗ କରିବାକୁ ବିଭିନ୍ନ ସ୍ତରରେ ଚିନ୍ତା କରାଯାଉଛି। ବିଶେଷ କରି କମ୍ପାନୀ ଏହାର ନୂତନ ବିଦ୍ୟୁତିକ ଯାନ (ଇଭି) ୟୁନିଟ୍ ପାଇଁ ୯.୧ ବିଲିୟନ ଡଲାର ମୂଲ୍ୟରେ ପାଣ୍ଠି ସଂଗ୍ରହ କରିଛି। ଏଭଳି ସ୍ଥିତିରେ ଇଭି ସହ ଯୋଡି ହେବା ପାଇଁ ବିଭିନ୍ନ ନିର୍ମାତା ଓ ଅନ୍ୟମାନଙ୍କୁ ମଧ ଆହ୍ୱାନ କରାଯାଉଛି। ମହିନ୍ଦ୍ରା ନିକଟରେ ଉକ୍ତ ୟୁନିଟ୍ ପାଇଁ ବ୍ରିଟିଶ୍ ଅନ୍ତର୍ଜାତୀୟ ନିବେଶରୁ ୨୫୦ ମିଲିୟନ୍ ଡଲାର୍ ସଂଗ୍ରହ କରିଛି।

# ଭାରତରେ ୪୦% ହ୍ରାସ ପାଇଛି ଷ୍ଟାର୍ଟଅପ୍ ପାଣ୍ଠି

ନୂଆଦିଲ୍ଲୀ,୧୦।୭



ଗତ କିଛି ମାସ ହେବ ଦେଶର ଜିଓ-ରାଜନୈତିକ ଅସ୍ଥିରତା ଯୋଗୁ ଭାରତୀୟ ଷ୍ଟାର୍ଟଅପ୍ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍ ତ୍ରୈମାସରେ ୪୦% ହ୍ରାସ ପାଇ ୬.୮ ବିଲିୟନ ଡଲାରରେ ପହଞ୍ଚିଛି। ଏ ନେଇ ପିଡବ୍ଲ୍ୟୁସି ଇଣ୍ଡିଆ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ, ଷ୍ଟାର୍ଟଅପ୍ ଡିଲ୍ ଟ୍ରାକର୍-କ୍ୟୁ୨ Q୨ ସିୱାଇ୨୨ ଶୀର୍ଷକ ହାରାହାରି ଟିକେଟ୍ ଆକାର ୫ ମିଲିୟନ୍ ଡଲାର୍ ସହ ପ୍ରାରମ୍ଭିକ ପର୍ଯ୍ୟାୟରେ କାରବାରଗୁଡିକ ୬୦% ରୁ ଅଧିକ ରହିଥିଲା। ସେହିଭଳି ୧୦ବିଲିୟନ ଡଲାରରୁ ଅଧିକ ସଂଗ୍ରହର କ୍ରମାଗତ ୩ୟ ତ୍ରୈମାସିକ ପରେ, କ୍ୟୁ୨ ସିୱାଇ୨୨ ସମୟରେ ଭାରତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ମୋଟ ଅର୍ଥ ୪୦% ହ୍ରାସ ପାଇ ୬.୮ ବିଲିୟନ ଡଲାରରେ ପହଞ୍ଚିଛି। ଏହି ହ୍ରାସ ବିଶ୍ୱର ମନ୍ଥରତା, ବୈଷୟିକ ଷ୍ଟକ୍ ମୂଲ୍ୟ ହ୍ରାସ, ମୁଦ୍ରାସ୍ଫୀତି ଏବଂ ଭୌଗୋଳିକ ଅସ୍ଥିରତା ବୋଲି କୁହାଯାଇପାରେ। ଏକ ସେବା ଏବଂ ଫିଣ୍ଟେକ୍ କମ୍ପାନୀ ଭାବରେ ସଫ୍ଟୱେର କ୍ୟାଲେଣ୍ଡର ୨୦୨୨ ବର୍ଷର ୨ୟ ତ୍ରୈମାସରେ ସର୍ବାଧିକ ୩.୧ ବିଲିୟନ ଡଲାରରୁ ଅଧିକ ଅର୍ଥ ପ୍ରଦାନ କରିଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

ଏହାସହ ପ୍ରାରମ୍ଭିକ ପର୍ଯ୍ୟାୟ କାରବାରରେ ମୋଟ ଟିକେଟ୍ ଆକାରର ୬୦%ରୁ ଅଧିକ ହାରାହାରି ଟିକେଟ୍ ଆକାର ୫ ମିଲିୟନ୍ ଡଲାର ରହିଛି। ସେହିପରି କ୍ୟୁ୨ ସିୱାଇ ୨୨ ସମୟରେ ପ୍ରାରମ୍ଭିକ ପର୍ଯ୍ୟାୟ କାରବାରରେ ପାଣ୍ଠି ପ୍ରାୟ ୮୦୦ ନିୟୁତ ଡଲାରରେ ସ୍ଥିର ରହିଥିଲା। ପରବର୍ତ୍ତୀ କିଛି ତ୍ରୈମାସରେ ସ୍ଥିର ରହିପାରେ କିମ୍ବା ବୃଦ୍ଧି ଘଟିପାରେ ବୋଲି ଅକେଳନ କରାଯାଉଛି। ଯେହେତୁ ଡିଜିଟାଇଜେଶନ୍ ସହିତ ଉଦ୍ୟୋଗୀ ପୁଞ୍ଜି ବୃଦ୍ଧି ଏବଂ ଉଦ୍ୟୋଗୀ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି, ଭାରତୀୟ ବଜାରରେ ନିୟୋଜିତ ହେବାକୁ ଅପେକ୍ଷା କରିଥିବା ପାଣ୍ଠି ଏଥିରେ ଯୋଗ କରିଛି। ଅପରପକ୍ଷରେ ସାମଗ୍ରିକ ପାଣ୍ଠି ଦୃଶ୍ୟ ସ୍ଥିର ହେବା ପାଇଁ ୧୨ରୁ ୧୮ ମାସ ଲାଗିବ। ଯେଉଁଥିରେ ଷ୍ଟାର୍ଟଅପ୍ମାନଙ୍କ ପାଇଁ ସେମାନଙ୍କର 'ପାଣ୍ଠି ରନୱେ' ବୃଦ୍ଧି କରିବା ଲାଭଦାୟକ ହେବ। ଷ୍ଟାର୍ଟଅପ୍ କେଉଁ ପର୍ଯ୍ୟାୟରେ ଥାଉ ନା କାହିଁକି, ସେମାନେ ମୂଳ ଉପରେ ଏକ ଘନିଷ୍ଠ ଟ୍ୟାବ୍ ରଖିବା ଭଲ କରିବେ। ଏହାର ସମସ୍ତ ପାଣ୍ଠି ପର୍ଯ୍ୟାୟରେ ମୂଲ୍ୟଗୁଡିକ ଚାପରେ ରହିବାର ସମ୍ଭାବନା ରହିଛି, ମୁଖ୍ୟତଃ ବିଳମ୍ବିତ ପର୍ଯ୍ୟାୟରେ କିମ୍ବା ପ୍ରାରମ୍ଭିକ ପବ୍ଲିକ୍ ଅଫର୍ (ଆଇପିଓ) କାରବାରରେ ଗୁରୁତ୍ୱପୂର୍ଣ୍ଣ ପାଣ୍ଠି ହ୍ରାସରୁ ହ୍ରାସ ପାଇବ ବୋଲି ରିର୍ପୋଟରେ ଉଲ୍ଲେଖ କରାଯାଇଛି।

# ଦୁର୍ଗମ ଅଞ୍ଚଳରେ ଜିଓ ୪ଜି

ଭୁବନେଶ୍ୱର,୧୦।୭




ସାରା ଦେଶର ଦୁର୍ଗମ ଅଞ୍ଚଳରେ ୪ଜି ଡିଜିଟାଲ୍ ସଂଯୋଗ ପ୍ରଦାନ କରିବାର ଲକ୍ଷ୍ୟକୁ ଆଗକୁ ବଢ଼ାଇ ରିଲାଏନ୍ସ ଜିଓ ପକ୍ଷରୁ ଓଡ଼ିଶାର ମାଲକାନଗିରି ଜିଲାର ଭୌଗୋଳିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ମାଥିଲି ବ୍ଲକ୍‌ର ୧୮ରୁ ଉର୍ଦ୍ଧ୍ୱ ଦୁର୍ଗମ ଗ୍ରାମ ଓ ପଲ୍ଲୀରେ ଡିଜିଟାଲ୍ ରୂପାନ୍ତରଣର ଶୁଭାରମ୍ଭ କରାଯାଇଛି। ଫଳରେ ମହୁପଦର, କୁରୁନିପାଲ୍ଲୀ ଓ ତେମୁରୁପାଲ୍ଲୀରେ ୩ଟି ନୂଆ ୪ଜି ନେଟ୍‌ୱର୍କ ଟାୱାର କାର୍ଯ୍ୟକ୍ଷମ ହେବା ସହ ଏହା ଆଖପାଖ ଗ୍ରାମ ଓ ପଲ୍ଲୀଗୁଡିକରେ ବାସ କରୁଥିବା ୧୨,୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଓ ପ୍ରଶାସନିକ ଅଧିକାରୀଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି। ଯେଉଁମାନେ ଏବେ ପ୍ରଥମ ଥର ପାଇଁ ୪ଜି ଇଣ୍ଟରନେଟ୍ ସୁବିଧା ପାଇପାରୁଛନ୍ତି। ଜିଓ ପକ୍ଷରୁ ଏହି ତିନୋଟି ୪ଜି ନେଟ୍‌ୱର୍କ ଟାୱାର ସ୍ଥାପନ କରାଯିବା କାର୍ଯ୍ୟ ହାତକୁ ନିଆଯିବା ପୂର୍ବରୁ ଓଡ଼ିଶା ଓ ଛତିଶଗଡ଼ ସୀମା ନିକଟବର୍ତ୍ତୀ ତଥା ମାଲକାନଗିରି ଜିଲା ମୁଖ୍ୟ କାର୍ଯ୍ୟାଳୟରୁ ପ୍ରାୟ ୮୦ କିମି ଦୂର ଓ ମାଥିଲି ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରାୟ ୩୫ କିମି ଦୂରରେ ଥିବା ଏହି ତିନି ଗ୍ରାମ ପଞ୍ଚାୟତ ମହୁପଦର, କୁରୁନିପାଲ୍ଲୀ ଓ ତେମୁରୁପାଲ୍ଲୀରେ ଉପଯୁକ୍ତ ମୋବାଇଲ୍ ତଥା ଇଣ୍ଟରନେଟ୍ ସଂଯୋଗ ଉପଲବ୍ଧ ନଥିଲା। ମୋବାଇଲ୍ ନେଟ୍‌ୱର୍କ ଓ ୪ଜି ଇଣ୍ଟରନେଟ୍ ସଂଯୋଗର ଅଭାବରୁ ଏହି ଅଞ୍ଚଳର ବାସିନ୍ଦା ତଥା ଏଠାରେ କାମ କରୁଥିବା ପ୍ରଶାସନିକ ଅଧିକାରୀମାନେ ବାହ୍ୟ ଦୁନିଆ ସହ ଯୋଗାଯୋଗ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଥିଲେ।

# ସୋନାଲିକା ଟ୍ରାକ୍ଟର୍ସର ୧୮% ଅଭିବୃଦ୍ଧି

ନୂଆଦିଲ୍ଲୀ,୧୦।୭



ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ 'ସୋନାଲିକା ଟ୍ରାକ୍ଟର୍ସ' ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ନୂଆ ଉତ୍ପାଦ ନିର୍ମାଣ ସହ ପ୍ରଦର୍ଶନରେ ମଧ ଏକ ବେଞ୍ଚମାର୍କ ସୃଷ୍ଟି କରିଆସୁଛି। ଏପରିକି କମ୍ପାନୀ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ମୋଟ ୩୯,୨୭୪ଟି ଟ୍ରାକ୍ଟର ବିକ୍ରି କରିଛି। ସେହିଭଳି ଗତବର୍ଷର ସମାନ ଅବଧିରେ ୩୩,୨୧୯ ୟୁନିଟ ଟ୍ରାକ୍ଟର ବିକ୍ରି ତୁଳନାରେ ଏହା ୧୮% ଅଧିକ ରହିଛି। ୧ମ ତ୍ରୈମାସରେ ଉନ୍ନତ ପ୍ରଦର୍ଶନ ସହ କମ୍ପାନୀ ଜାରି ରହିଥିବାରୁ ଆର୍ଥିକ ବର୍ଷ ଓ ଆଗାମୀ ଋତୁ ପାଇଁ ନିଜର ସ୍ଥିତିକୁ ମଜଭୁତ କରିଛି।

ବିଶେଷକରି କମ୍ପାନୀ ଆଞ୍ଚଳିକ ଗ୍ରାହକଙ୍କ ଚାହିଦା ସହ ମେଳ ଖାଇବାର ଏକ ସ୍ପଷ୍ଟ ଲକ୍ଷ୍ୟ ସହ ଏହାର ହେଭି ଡ୍ୟୁଟି ପୋର୍ଟଫୋଲିଓରେ ବଜାରକୁ ନେଇ ନିଜର ଗଭୀର ବୁଝାମଣାକୁ କାର୍ଯ୍ୟକାରୀ କରିଆସୁଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦେଶବ୍ୟାପୀ ଫସଲ ଉତ୍ପାଦନକୁ ପ୍ରଭାବିତ କରିବା ସତ୍ତ୍ୱେ ସରକାରଙ୍କ ପକ୍ଷରୁ ଏମ୍‌ଏସ୍‌ପିରେ ବୃଦ୍ଧି ଗ୍ରାମାଞ୍ଚଳର ନଗଦ ପ୍ରବାହକୁ ଉନ୍ନତ କରିଛି। ଫଳରେ ପ୍ରଥମ ତ୍ରୈମାସରେ କମ୍ପାନୀର ଟ୍ରାକ୍ଟର ବିକ୍ରିର ଚାହିଦାରେ ବ୍ୟାପକ ବୃଦ୍ଧି ଘଟିଛି।

ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, ପ୍ରଥମ ତ୍ରୈମାସରେ ୧୮% ଅଭିବୃଦ୍ଧି ସହ ଆମର ୩୯,୨୭୪ ୟୁନିଟ୍‌ର ସର୍ବୋଚ୍ଚ ତ୍ରୈମାସିକ ବିକ୍ରି ସଫଳତା ହେଉଛି ଏକ ପ୍ରମାଣ।

## ୨ଚକିଆ ଯାନର ଦର ବଢ଼ାଇଲା ବଜାଜ

ନୂଆଦିଲ୍ଲୀ,୧୦।୭

ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା କମ୍ପାନୀ 'ବଜାଜ' ତା'ର ସମସ୍ତ ମଡେଲ ଉପରେ ୫୦୦ରୁ ୩୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କରିଛି। କମ୍ପାନୀର କହିବା ଅନୁଯାୟୀ କୋଭିଡ ପରଠାରୁ ଅଟୋଶିଳ୍ପରେ ଅନେକ ସମସ୍ୟା ଦେଖାଦେଇଛି। ବିଶେଷକରି ଉଭୟ ସ୍ୱଦେଶୀ ଓ ବିଦେଶୀ କଞ୍ଚାମାଲର ଦର ବୃଦ୍ଧି ସାଙ୍ଗକୁ ସେମିକଣ୍ଡକ୍ଟର(ଚିପ୍)ର ଘୋର ଅଭାବ ଅଟୋମୋବାଇଲ କ୍ଷେତ୍ରକୁ ବେଶ୍ ପ୍ରଭାବିତ କରିଛି। ସେହିଭଳି କୋଭିଡ ମାନ୍ଦାବସ୍ଥା ଓ କଞ୍ଚାମାଲର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ୨ଚକିଆ ଯାନର ଦର ବୃଦ୍ଧି କରିବାକୁ କମ୍ପାନୀ ବାଧ ହୋଇଛି। ଅପରପକ୍ଷରେ ଟାଟା ମୋଟର୍ସ ମଧ ନିଜ କାରଗୁଡ଼ିକର ମୂଲ୍ୟ ବଢ଼ାଇଥିଲା।

# ୩ ଦିନିଆ ହାଉସୱେର ଶୋ

ନୂଆଦିଲ୍ଲୀ,୧୦।୭

ସାରା ଦେଶର ଏମ୍‌ଏସ୍‌ଏମ୍‌ଇ ୟୁନିଟ ଓ କମ୍ପାନୀଗୁଡିକୁ ନେଇ ଏକ ୩ ଦିନିଆ ହାଉସୱେର ଶୋ-୨୦୨୨ର ଶୁଭାରମ୍ଭ କରାଯାଇଛି। ଚଳିତ ବର୍ଷ ଜୁଲାଇ ୧୧ ପର୍ଯ୍ୟନ୍ତ ଚେନ୍ନାଇ ବାଣିଜ୍ୟ କେନ୍ଦ୍ର ନନ୍ଦମ୍ବକମଠାରେ ଆୟୋଜିତ ଉକ୍ତ ଶୋ'ର ୧୨ତମ ସଂସ୍କରଣରେ ଜିନ୍ଦଲ ଷ୍ଟେନ୍‌ଲେସ ମୁଖ୍ୟ ପୃଷ୍ଠପୋଷକ ଭୂମିକା ଗ୍ରହଣ କରିଛି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଘରୋଇ ସେକ୍ଟର ଭାରତୀୟ ଷ୍ଟେନ୍‌ଲେସ ଚାହିଦା ମଧ୍ୟରୁ ୪୦%ପୂରଣ କରିଥାଏ। ଏହାର ସମ୍ପ୍ରସାରଣ ଯୋଜନା ସହ ଜିନ୍ଦଲ ଷ୍ଟେନଲେସ ଭାରତୀୟ ଗୃହ ନିର୍ମାଣ କ୍ଷେତ୍ରରେ କୋଲ୍ଡ ରୋଲ୍ଡ ଷ୍ଟେନଲେସ ଷ୍ଟିଲର ଚାହିଦା ପୂରଣ କରୁଛି। ଭାରତୀୟ ଉତ୍ପାଦକମାନଙ୍କୁ ସ୍ୱତନ୍ତ୍ର, କଷ୍ଟୋମାଇଜଡ ଓ ଗୁଣାତ୍ମକ ଉତ୍ପାଦ ଯୋଗାଇବା ପାଇଁ କମ୍ପାନୀ ବୈଷୟିକ ଓ ପାରଦର୍ଶିତା ସହ କାର୍ଯ୍ୟ କରୁଛି। ଆମର ବଡ଼ ଉଦ୍ଦେଶ୍ୟ ହେଉଛି ଘରୋଇ ଏମ୍‌ଏସ୍‌ଏମ୍‌ଇ ଉତ୍ପାଦକମାନଙ୍କୁ ସୁବିଧାରେ ଯୋଗାଣ ସୁନିଶ୍ଚିତ କରିବା ସହ ସ୍ୱଚ୍ଛ ଓ ସ୍ଥାୟୀ ଧାତୁକୁ ପ୍ରୋତ୍ସାହିତ କରି ସୁସ୍ଥ ରାଷ୍ଟ୍ର ବିକାଶରେ ଯୋଗଦାନ ଦେବା। ଜିନ୍ଦଲ ଷ୍ଟେନଲେସ ଜୀବନଶୈଳୀ ସହାୟକ କମ୍ପାନୀ, ଜେଏସ୍‌ଏଲ୍ ଲାଇଫ ଷ୍ଟାଇଲ ଲିମିଟେଡ ଏହି ୩ଦିନିଆ ଶୋ'ରେ କମ୍ପାନୀର ଫ୍ଲାଗଶିପ ବ୍ରାଣ୍ଡ ଆର୍ଟିଡଆଇନକ୍ସକୁ ପ୍ରଦର୍ଶନ କରିବ। ଉକ୍ତ ଡିଜାଇନଗୁଡ଼ିକ ଉତ୍ପାଦକମାନଙ୍କୁ ଦେଶରେ ବିଭିନ୍ନ ଗ୍ରେଡ ଷ୍ଟେନଲେସ ଷ୍ଟିଲ ବ୍ୟବହାର କରି ସ୍ୱଦେଶୀ ଉତ୍ପାଦ ଡିଜାଇନ ପ୍ରସ୍ତୁତ କରିବାକୁ ପ୍ରେରଣା ଯୋଗାଇବା ଦ୍ୱାରା ମେକ୍ ଇନ୍ ଇଣ୍ଡିଆ ଲକ୍ଷ୍ୟ ପୂରଣ ହୋଇପାରିବ। ଏକ ସବୁଜ ନିଷ୍କ୍ରିୟ କଞ୍ଚାମାଲ ଭାବେ ଯାହାକୁ ସହଜରେ ସଫା ଓ ରକ୍ଷଣାବେକ୍ଷଣ କରିହେବ।

## ଫୁର୍‌ସତ୍

# ସ୍ଥାନାନ୍ତର ହେଲା ୩୮୦୦ ଟନ୍‌ର କୋଠା



**ବେଜିଂ:** ଉଦ୍ୟୋଗ କ୍ଷେତ୍ରରେ ଚାଇନା ସବୁବେଳେ ଆଗୁଆ। ସାଂଘାଇରେ ଏକ ନବୀକରଣ ଯୋଜନା ଆରମ୍ଭ ହୋଇଥିବାବେଳେ ଏ ନେଇ ଶହେ ବର୍ଷ ପୁରୁଣା କୋଠାକୁ ସ୍ଥାନାନ୍ତର କରାଯାଇଛି। ଏହି କୋଠାର ଓଜନ ୩୮୦୦ ଟନ୍। ୱାକିଂ ମେଶିନ ଜରିଆରେ କୋଠାକୁ ପ୍ରକୃତ ଅବସ୍ଥିତିଠାରୁ କିଛି ଦୂର ପଛକୁ ନିଆଯାଇଛି। ଏ ନେଇ ବିଲ୍ଡିଂ ତଳେ ସ୍ଲାଇଡିଂ ରେଳ ଲାଇନ୍ ତିଆରି କରାଯାଇଥିଲା। ୱାକିଂ ଟେକ୍‌ନୋଲୋଜିରେ ରୋବୋଟିଂ ଲେଗ୍ ବ୍ୟବହାର କରାଯାଏ। ଏହି ଲେଗ୍‌ଗୁଡ଼ିକୁ ଆବଶ୍ୟକତା ଅନୁସାରେ ଉପରକୁ ଉଠାଯିବା ସହ ତଳକୁ ମଧ କରାଯାଇପାରିବ। ମେଶିନ୍‌କୁ ନିୟନ୍ତ୍ରଣରେ ରଖିବା ପାଇଁ ଏଥିରେ ସେନ୍ସରର ବ୍ୟବହାର କରାଯାଉଥିବା ଏହାର ଚିଫ୍ ଟେକ୍‌ନିସିଆନ୍ ସୁପରଭାଇଜର ଲାନ୍ ୱିଜି କହିଛନ୍ତି। ଆକସ୍ମିକ ବନ୍ୟାଠାରୁ ରକ୍ଷା କରିବା ପାଇଁ ଏବଂ ପୁରାତନ କୀର୍ତ୍ତିରାଜିକୁ ବଞ୍ଚାଇ ରଖିବା ଲାଗି ଚାଇନା ପକ୍ଷରୁ ଏହି ଉଦ୍ୟମ କରାଯାଉଛି। ଅନ୍ୟପଟେ ଉଦ୍ୟୋଗ କ୍ଷେତ୍ରରେ ଚାଇନା ଖୁବ୍ ଆଗୁଆ ବୋଲି ମଧ ଏଥରୁ ବାରି ହୋଇ ପଡୁଛି। ୨୦୨୦ରେ ସାଂଘାଇରେ ୮୫ ବର୍ଷର ପୁରୁଣା ୫ ମହଲା ବିଶିଷ୍ଟ ଏକ ସ୍କୁଲ ବିଲ୍ଡିଂକୁ ଏହି ୱାକିଂ ଟେକ୍‌ନୋଲୋଜି ଜରିଆରେ ସ୍ଥାନାନ୍ତର କରାଯାଇଥିଲା।

# ପରିଚୟ ସୃଷ୍ଟି କରିବା କଷ୍ଟକର



ରାଇମା ସେନ୍

**ମୁମ୍ବାଇ:** ବାହାରକୁ ଚମକୁଥିବା ଚଳଚ୍ଚିତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିବା ଖୁବ୍ କଷ୍ଟକର ବୋଲି ବଲିଉଡ୍ ଅଭିନେତ୍ରୀ ରାଇମା ସେନ୍ କହିଛନ୍ତି। ଫିଲ୍ମ ବ୍ୟାକ୍‌ଗ୍ରାଉଣ୍ଡରୁ ଆସିଥିବା ରାଇମା ଏକ ସାକ୍ଷାତ୍‌କାରରେ ଏ କଥା କହିଛନ୍ତି। ରାଇମାଙ୍କ ମା' ମୁନ୍‌ମୁନ୍ ସେନ ଜଣେ ଉଚ୍ଚକୋଟିର ଅଭିନେତ୍ରୀ ହୋଇଥିବାବେଳେ ଜେଜେ ମା' ସୁଚିତ୍ରା ସେନ୍ ମଧ ଚଳଚ୍ଚିତ୍ର ଜଗତରେ ଜଣେ ଜଣାଶୁଣା ଚେହେରା। କ୍ୟାରିୟର ଗଢ଼ିବା ସହିତ ସେ ଜଣେ ଷ୍ଟାର୍-କିଡ୍ ହୋଇଥିବାରୁ କ୍ୟାରିୟର ଆରମ୍ଭରେ ତାଙ୍କ ଉପରେ ଖୁବ୍ ଚାପ ଥିବା ସେ କହିଛନ୍ତି। ପ୍ରାରମ୍ଭିକ ସମୟରେ ରାଇମାଙ୍କୁ ସମସ୍ତେ ରିୟାଙ୍କ ଭଉଣୀ, ନଚେତ୍ ମୁନ୍‌ମୁନ୍‌ଙ୍କ ଝିଅ ଭାବେ ଜାଣୁଥିଲେ। କିନ୍ତୁ ଏହା ତାଙ୍କୁ ଆଦୌ ପସନ୍ଦ ନ ଥିଲା। 'ଗଡ୍‌ମଦର' ରାଇମାଙ୍କ ବଲିଉଡ୍ ଡେବ୍ୟୁ ଫିଲ୍ମ ହୋଇଥିବାବେଳେ ଏଥିରୁ ତାଙ୍କୁ ସଫଳତା ମିଳି ନ ଥିଲା। କିନ୍ତୁ ବଙ୍ଗଳା ଫିଲ୍ମ 'ଛକେର ବାଲି' ତାଙ୍କ କ୍ୟାରିୟର ପାଇଁ ଏକ ଟର୍ନିଂ ପଏଣ୍ଟ ସାଜିଥିବା ସେ କହିଛନ୍ତି। ଏହା ପରଠାରୁ ଇଣ୍ଡଷ୍ଟ୍ରିରେ ରାଇମା ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଥିବା କହିଛନ୍ତି।

# ଜନସଂଖ୍ୟା ଓ ପୃଥିବୀ

## ବିଶ୍ୱ ଜନସଂଖ୍ୟା ଦିବସ

ମଣିଷ ହେଉଛି ଭଗବାନଙ୍କ ଅନବଦ୍ୟ ସୃଷ୍ଟି- ସେ ନିଜ ଗୁଣ ଓ ବିଚାରରେ ମଣିଷକୁ ଗଢ଼ିଛନ୍ତି। "ମାନବ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ" ପରି କାଳଜୟୀ ଘୋଷଣାକୁ ଅମାନ୍ୟ କରିହେବନାହିଁ। ପୃଥିବୀରେ ପ୍ରଥମେ ଜନସଂଖ୍ୟା ବହୁତ କମ୍ ଥିଲା। ୧୮୦୦ ମସିହାରେ ଏହା ୧୦୦ କୋଟି ଥିଲା। ୧୮୫୦ରେ ୧୩୦ କୋଟି, ୧୯୦୦ ମସିହାରେ ୧୬୦ କୋଟି, ୧୯୩୦ରେ ୨୦୦ କୋଟି, ୧୯୫୦ରେ ୨୫୦ କୋଟି, ୧୯୬୦ରେ ୩୦୦ କୋଟି, ୧୯୭୫ରେ ୪୧୦ କୋଟି, ୧୯୮୭ରେ ୫୦୦ କୋଟି, ୨୦୦୦ ବେଳକୁ ଏହା ୬୧୦ କୋଟିରେ ପହଞ୍ଚିଥିଲା। ଏବେ ପୃଥିବୀର ଜନସଂଖ୍ୟା ୭୮୦ କୋଟିରେ ପହଞ୍ଚିଛି। ସେଥିମଧ୍ୟରେ ଚାଇନାର ଜନସଂଖ୍ୟା ୧,୪୪ କୋଟି ୨୯ଲକ୍ଷ ଥିବାବେଳେ ତା'ତଳକୁ ଭାରତର ଜନସଂଖ୍ୟା ୧,୩୮ କୋଟି ୯୦ ଲକ୍ଷରେ ପହଞ୍ଚିଛି। କରୋନା ଯୋଗୁ ୨୦୨୧ରେ ଜନଗଣନାରେ ବିଳମ୍ବ ହେଉଛି। ସେହିପରି ଭାରତର ଜନସଂଖ୍ୟା ୨୦୧୧ରେ ୧୨୧ କୋଟି ୮୫ ଲକ୍ଷ ଛୁଇଁଛି। ମାତ୍ର କ୍ଷୋଭର କଥା, ୧୯୦୧ରେ ଲିଙ୍ଗ ଅନୁପାତ ଆମ ଦେଶରେ ୯୭୨ ଥିବାବେଳେ ୨୦୧୧ରେ ଏହା ୯୪୩ରେ ପହଞ୍ଚିଛି। ଦେଶର ପ୍ରଗତି ଏଥିରେ ଉନ୍ନତି ଆଣିପାରି ନାହିଁ। ୨୦୫୭ ବେଳକୁ ପୃଥିବୀର ଜନସଂଖ୍ୟା ୧୦୦୦ କୋଟିରେ ପହଞ୍ଚିବ। ପ୍ରତିବର୍ଷ ବିଶ୍ୱ ଜନସଂଖ୍ୟା ୮କୋଟି ୩୦ଲକ୍ଷ ହାରରେ ବୃଦ୍ଧିପାଉଛି। ଆଫ୍ରିକାର ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ୟୁରୋପୀୟ ଦେଶମାନଙ୍କରେ ଏହା ହ୍ରାସ ପାଇବାରେ ଲାଗିଛି। ଜୀବନ ଅବଧି ୨୦୦୦ ମସିହାରୁ ୬୭ ବର୍ଷରୁ ଏବେ ୭୨ରେ ପହଞ୍ଚିଛି। ଆଧୁନିକ ଚିକିତ୍ସା ବିଜ୍ଞାନର ଏହା ଏକ ଦାନ। ବିଶ୍ୱ ଜନସଂଖ୍ୟା ଦିବସ ୨୦୨୨ର ବାର୍ତ୍ତା "୮୦୦ କୋଟିର ଲୋକଙ୍କ ପାଇଁ ସୁଖର ଭବିଷ୍ୟତ-ବିଭିନ୍ନ ସୁଯୋଗର ସୃଷ୍ଟି ଓ ପ୍ରତ୍ୟେକଙ୍କୁ ଏହାର ଚୟନ ପାଇଁ ଉପକ୍ରମ" ରହିଛି।

-ଡା. ରାମଚନ୍ଦ୍ର ରାଉତ
ବରିଷ୍ଠ ଚିକିତ୍ସକ
୯୪୩୭୭୪୨୪୯୯

# ବ୍ୟକ୍ତିଙ୍କ ଶରୀରରେ ଉଭୟ ଲିଙ୍ଗ

## ୨୦ ବର୍ଷ ଧରି ଋତୁସ୍ରାବ ଜନିତ ଯନ୍ତ୍ରଣା ଭୋଗୁଥିଲେ



**ବେଜିଂ:** ଚାଇନାର ଜଣେ ୩୩ ବର୍ଷ ଯୁବକଙ୍କ ଶରୀରରେ ଉଭୟ ମହିଳା ଏବଂ ପୁରୁଷ ଯୌନାଙ୍ଗ ଚିହ୍ନଟ ହୋଇଛି। ଚେନ୍ ଲି (ଛଦ୍ମନାମ) ପେଟରେ ଯନ୍ତ୍ରଣା ଅନୁଭବ ଏବଂ ପରିସ୍ରାରେ ରକ୍ତପଡ଼ିବା ପରେ ସେ ହସ୍ପିଟାଲ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ପରୀକ୍ଷା କରିଥିଲେ। ଲି'ଙ୍କ ଶରୀରରେ ମହିଳାମାନଙ୍କ ପରି ଗର୍ଭାଶୟ ଓ ଡିମ୍ବାଶୟ ଥିବା ଡାକ୍ତର ଜାଣିବାକୁ ପାଇଥିଲେ। ତେବେ ପରିସ୍ରାରେ ରକ୍ତ ପଡ଼ିବା ଏବଂ ପେଟରେ ଯନ୍ତ୍ରଣା ହେବା ମାସିକ ଋତୁସ୍ରାବ କାରଣରୁ ହେଉଥିବା ଡାକ୍ତର କହିଛନ୍ତି। କ୍ରୋମୋଜମ୍ ଅନାଲିସିସ୍ ପରେ ୩୩ ବର୍ଷୀୟ ଲି' ଜଣେ ପୁରୁଷ ହେବା ସହ ମହିଳା ବୋଲି ମଧ ଡାକ୍ତର କହିଥିଲେ।

ସାଉଥ୍‌ୱେଷ୍ଟ ଚାଇନାର ସିଚୁଆନ୍‌ରେ ଲି'ଙ୍କ ଘର। ଅନିୟମିତ ପରିସ୍ରା କାରଣରୁ ଗତବର୍ଷ ଲି' ଏକ ଅପରେଶନ୍ କରିଥିଲେ। ଏହାପରଠାରୁ ପରିସ୍ରାରେ ରକ୍ତପଡ଼ିବା ସାଙ୍ଗକୁ ପେଟରେ ଅସହ୍ୟ ଯନ୍ତ୍ରଣା ଅନୁଭୂତ ହେବା ଆରମ୍ଭ ହୋଇଯାଇଥିବା ଲି' କହିଛନ୍ତି। ଲି'ଙ୍କ ଶରୀରରେ ମେଲ୍ ସେକ୍ସ ହର୍‌ମୋନ୍ ଅଣ୍ଡ୍ରୋଜେନ କମ୍ ପରିମାଣରେ ଥିବାବେଳେ ଫିମେଲ୍ ସେକ୍ସ ହରମୋନ ଅଧିକ ପରିମାଣରେ ଥିବା ଡାକ୍ତର ଟେଷ୍ଟ ରିପୋର୍ଟରୁ ଜାଣିବାକୁ ପାଇଥିଲେ। ଲି' ଶରୀରରୁ ଫିମେଲ ରିପ୍ରଡକ୍ଟିଭ୍ ଅର୍ଗାନ୍ ହଟାଇବା ପାଇଁ ମନସ୍ଥ କରିବା ପରେ ଚାଇନାର ଏକ ସ୍ପେସିଆଲିଷ୍ଟ ହସ୍ପିଟାଲରେ ୩ ଘଣ୍ଟାର ଅପରେଶନ୍ କରାଯାଇଥିଲା। ଅସ୍ତ୍ରୋପଚାର ପରେ ଲି ସବୁଦିନ ପାଇଁ ଜଣେ ପୁରୁଷ ହୋଇ ଜୀବନ ବିତାଇବେ କିନ୍ତୁ ତାଙ୍କ ଟେଷ୍ଟିକଲ୍ ସ୍ପର୍ମ ଉତ୍ପନ୍ନ କରିପାରିବ ନାହିଁ ବୋଲି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଲୁଓ ଜିପିଙ୍ଗ କହିଛନ୍ତି।

# ପାସ୍‌ପୋର୍ଟ ଚିରି ଯୁବକ ଗିରଫ

ମୁମ୍ବାଇ

## ସ୍ତ୍ରୀଙ୍କୁ ଲୁଚି ପ୍ରେମିକାଙ୍କୁ ଭେଟିବା ପାଇଁ ବିଦେଶ ଯାଇଥିଲେ

ପାସ୍‌ପୋର୍ଟ ଚିରିବା ଅଭିଯୋଗରେ ମୁମ୍ବାଇର ଜଣେ ୩୩ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି। ଘରେ ସ୍ତ୍ରୀଙ୍କୁ ଅଫିସ କାମ ଥିବା କହି ଯୁବକ ଜଣକ ପ୍ରେମିକାକୁ ଭେଟିବା ପାଇଁ ବିଦେଶ ଯାଇଥିଲେ। ତେବେ ଏ କଥାକୁ ସ୍ତ୍ରୀଙ୍କ ଠାରୁ ଲୁଚାଇବା ପାଇଁ ଫେରିବା ସମୟରେ ସେ ପାସ୍‌ପୋର୍ଟରେ ଲାଗିଥିବା ଷ୍ଟାମ୍ପର କିଛି ପୃଷ୍ଠା ଚିରି ଦେଇଥିଲେ। କିନ୍ତୁ ଏୟାରପୋର୍ଟରେ ଚେକିଂ ଚାଲିଥିବାବେଳେ ପାସ୍‌ପୋର୍ଟରେ ଏକାଧିକ ପେଜ୍ ଚିରାଯାଇଥିବାନେଇ ବିମାନବନ୍ଦର କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ପାସ୍‌ପୋର୍ଟ ଚିରିବା ଏକ ଅପରାଧ ହୋଇଥିବାବେଳେ ଏ ନେଇ ଯୁବକଙ୍କୁ ପୋଲିସ ଗିରଫ କରି ନେଇଛି। ତେବେ ସ୍ତ୍ରୀଙ୍କଠାରୁ ପ୍ରେମିକା ସମ୍ବନ୍ଧରେ ଲୁଚାଇବା ପାଇଁ ଯୁବକ ଜଣଙ୍କ ଏପରି କରିଥିବା ପୋଲିସ ଆଗରେ କହିଛନ୍ତି। ବିଦେଶରେ ଥିବାବେଳେ ତାଙ୍କ ସ୍ତ୍ରୀ ବାରମ୍ବାର ତାଙ୍କୁ କଲ୍ କରିଥିଲେ ହେଁ ଯୁବକ ଜଣକ କଲ୍ ରିସିଭ୍ କରି ନ ଥିଲେ। ବିଦେଶ ଯାତ୍ରା ଲୁଚାଇବା ନେଇ ଏକ ଉପାୟ ପାଞ୍ଚି ସେ ପାସ୍‌ପୋର୍ଟର କିଛି ଫର୍ଦ୍ଦ ଚିରିଥିବା କହିଛନ୍ତି। ଗିରଫ ପରେ ପୋଲିସ ଉକ୍ତ ମାମଲାର ତଦନ୍ତ ଜାରି ରଖିଥିବା କହିଛି।

ଧରିତ୍ରୀ
DHARITRI
ସୋମବାର, ୧୧ ଜୁଲାଇ, ୨୦୨୨

**ବାବୁଲ ସୁପ୍ରିଓ ଟିଏମ୍‌ସି ରାଷ୍ଟ୍ରୀୟ ମୁଖପାତ୍ର**

**କୋଲକାତା:** ତୃଣମୂଳ କଂଗ୍ରେସ(ଟିଏମ୍‌ସି) ବିଧାୟକ ବାବୁଲ ସୁପ୍ରିଓଙ୍କୁ ଦଳର ରାଷ୍ଟ୍ରୀୟ ମୁଖପାତ୍ର କରାଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ନୂଆ ଦାୟିତ୍ୱ ପାଇଁ ପାର୍ଟି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଟୁଇଟ୍ କରି ଧନ୍ୟବାଦ ଦେଇଛନ୍ତି। ସୁପ୍ରିଓ ଦେଶର ଜଣେ ଜଣାଶୁଣା ଚେହେରା। ସେ ଦଳର ଆଭିମୁଖ୍ୟ ଓ ନୀତିକୁ ଜାତୀୟସ୍ତରରେ ରଖିପାରିବେ। ପଶ୍ଚିମବଙ୍ଗ ବାହାରେ ଟିଏମ୍‌ସିକୁ ମଜଭୁତ କରିବା ପାଇଁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ଦଳପକ୍ଷରୁ କୁହାଯାଇଛି।



# ୱେବ୍ ମିଡିଆ ଉପରେ ଦୋଷ ଲଦିଲେ ମନ୍ତ୍ରୀ

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

## ସ୍କୁଲକୁ ଗଣମାଧ୍ୟମ ବାରଣ ପ୍ରସଙ୍ଗ

ସ୍କୁଲ ପରିସରକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ କରାଯିବା ନିଷ୍ପତ୍ତିକୁ ନେଇ ପ୍ରତିବାଦ ତେଜିବାରେ ଲାଗିଛି। ରାଜନୈତିକ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ବି ଏହା ନିନ୍ଦନୀୟ ବୋଲି କହୁଛନ୍ତି। ସେପଟେ ଏ ପ୍ରସଙ୍ଗରେ ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରତିକ୍ରିୟା ରଖିଛନ୍ତି। ୱେବ୍ ମିଡିଆ ଉପରେ ଦୋଷ ଲଦି ଦେଇ ମନ୍ତ୍ରୀ କହିଛନ୍ତି, କେତେକ ସ୍ଥାନରେ ଗଣମାଧ୍ୟମର ଭୂମିକା ଆବଶ୍ୟକତାଠାରୁ ବେଶି ହେଉଛି। କିଛି ଗଣମାଧ୍ୟମ ଅନାବଶ୍ୟକ ଭାବେ ସ୍କୁଲରେ ପଶି ପାଠପଢ଼ାରେ ବାଧା ସୃଷ୍ଟି କରୁଛନ୍ତି। ଅଣପଞ୍ଜୀକୃତ ୱେବ୍ ମିଡିଆ ସ୍କୁଲ ଭିତରେ ପଶି ପିଲାଙ୍କୁ ଓ ଶିକ୍ଷକଙ୍କୁ ହଇରାଣ କରୁଛନ୍ତି। ଯେହେତୁ କିଛି ସ୍ଥାନରେ ଏଭଳି ଘଟଣା ଘଟିଛି, ତେଣୁ ସେ ସ୍ଥାନରେ ବିଇଓମାନେ ଏ ନେଇ ଚିଠି କରିଥିବା ମୋ ନଜରକୁ ଆସିଛି। ସମସ୍ତ ଗଣମାଧ୍ୟମକୁ ଆମେ ଦୋଷ ଦେଉନାହୁଁ। ଗଣମାଧ୍ୟମ ପ୍ରତି ଆମର ସମ୍ମାନ ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ସ୍କୁଲରେ ଦେଖାଯାଉଥିବା ତ୍ରୁଟିକୁ ଲୋକଲୋଚନକୁ ନ ଆଣିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ବିଭିନ୍ନ ମହଲରୁ କୁହାଯିବା ପରେ ଏ ନେଇ ମନ୍ତ୍ରୀ କହିଛନ୍ତି, ଦୋଷ ଦୁର୍ବଳତା ପଦାକୁ ଆଣିବାର ଅଧିକାର ଗଣମାଧ୍ୟମର ରହିଛି। ବିଭାଗର ଦୋଷ ଦୁର୍ବଳତା ମଧ୍ୟ ଆମେ ଜାଣିଛୁ। ଗଣମାଧ୍ୟମରୁ ଯେ କେବଳ ଆମେ ତ୍ରୁଟି ଜାଣୁଛୁ ତା’ ନୁହେଁ, ଆମର ବ୍ୟବସ୍ଥା ଭିତରେ ମଧ୍ୟ ଆମେ ଜାଣିପାରୁଛୁ ଏବଂ ଆବଶ୍ୟକ ପଦକ୍ଷେପ ନେଉଛୁ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

ଏ ପ୍ରସଙ୍ଗରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ କହିଛନ୍ତି, ଦୁର୍ନୀତିକୁ ଚାପିଦେବା ପାଇଁ ଗଣମାଧ୍ୟମ ଉପରେ ସରକାର ଏପରି କଟକଣା ଲଗାଇଛନ୍ତି। ଗଣମାଧ୍ୟମ ଉପରେ ଏଭଳି ରୋକ ଲଗାଇବା ଠିକ୍ ନୁହେଁ। ସେହିପରି ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ଗଣମାଧ୍ୟମ ପ୍ରତିନିଧିମାନେ ନିଜର କର୍ତ୍ତବ୍ୟ କରୁଛନ୍ତି। ଯେକୌଣସି ସ୍ଥାନକୁ ଯାଇ ଖବର ସଂଗ୍ରହ କରିବା ସେମାନଙ୍କର ଅଧିକାର। ଗଣମାଧ୍ୟମକୁ ସ୍କୁଲ ପରିସରକୁ ପଶିବାକୁ ନ ଦେବା ଏକ ହାସ୍ୟାସ୍ପଦ ଘଟଣା। ଶିକ୍ଷାନୁଷ୍ଠାନରେ କ’ଣ ହେଉଛି, କ’ଣ ନାହିଁ ଏବଂ ଯଦି ଭୁଲ ହେଉଛି, ସେତେବେଳେ ଗଣମାଧ୍ୟମର କର୍ତ୍ତବ୍ୟ ହେଉଛି ଏହାକୁ ଲୋକଲୋଚନକୁ ଆଣିବା। ସରକାର ଏଭଳି କଟକଣା ଜାରି କରି ଗଣତାନ୍ତ୍ରିକ ପଦ୍ଧତିରେ ଗଣମାଧ୍ୟମ ଅଧିକାରରେ ବାଧା ସୃଷ୍ଟି କରୁଛନ୍ତି। ତେଣୁ ସରକାର ତୁରନ୍ତ ତାଙ୍କ ନିଷ୍ପତ୍ତି ପ୍ରତ୍ୟାହାର କରିବା ଆବଶ୍ୟକ ବୋଲି ଅପରାଜିତା କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, କିଛି ନୀତି ନିୟମକୁ ଛାଡ଼ିଦେଲେ ସ୍କୁଲ କ୍ୟାମ୍ପସକୁ ଚତୁର୍ଥ ସ୍ତମ୍ଭକୁ ବାରଣ କରାଯିବା ଉଚିତ ନୁହେଁ। ଗଣତନ୍ତ୍ର ରାଷ୍ଟ୍ରରେ ସ୍କୁଲ ଏକ ସାର୍ବଜନୀନ ଅନୁଷ୍ଠାନ। ପାଠପଢ଼ା ସମୟରେ କେହି ବିଭ୍ରାଟ କରିବା ଠିକ୍ ନୁହେଁ। କିନ୍ତୁ ଭଲମନ୍ଦ ବୁଝିବା ପାଇଁ ଗଣମାଧ୍ୟମକୁ ବାରଣ କରିବା ଉଚିତ ନୁହେଁ।

ସୂଚନାଯୋଗ୍ୟ, ବିନା ଅନୁମତିରେ ସ୍କୁଲ ପରିସରକୁ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ଉପରେ କିଛି ଜିଲାରେ କଟକଣା ଲଗାଯାଇଛି। ଏ ନେଇ କିଛି ସ୍ଥାନରେ ବିଇଓ, ଡିଇଓ ଚିଠି ଲେଖିଛନ୍ତି। କିଛି ଲୋକ କ୍ୟାମେରା ଧରି ସ୍କୁଲ ଭିତରେ ପଶି ପିଲା ଓ ଶିକ୍ଷକମାନଙ୍କୁ ପ୍ରଶ୍ନ ପଚାରୁଛନ୍ତି। ତାକୁ ନେଇ ବହୁ ବୈଦ୍ୟୁତିକ ଗଣମାଧ୍ୟମ ପ୍ରସାରଣ ମଧ୍ୟ କରୁଛନ୍ତି। ଏହା ଗ୍ରହଣଯୋଗ୍ୟ ନୁହେଁ ଏବଂ ଅବୈଧ। ତେଣୁ ସ୍କୁଲ ଭିତରକୁ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ଉପରେ କଟକଣା ଲଗାଇବାକୁ ପ୍ରଧାନଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ଯଦି କେଉଁଠି ବିନା ଅନୁମତିରେ ଗଣମାଧ୍ୟମ ପ୍ରତିନିଧି ସ୍କୁଲ ପରିସରକୁ ପ୍ରବେଶ କରନ୍ତି, ତେବେ ସେମାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ସହିତ ଏଫ୍‌ଆଇଆର୍ ଦାଖଲ ପାଇଁ ମଧ୍ୟ ଶିକ୍ଷା ଅଧିକାରୀମାନେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କେଉଁ ସ୍କୁଲରେ ଏହି ନିୟମକୁ ପାଳନ କରା ନ ଯାଏ, ତେବେ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ ଏବଂ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତାଗିଦା ମଧ୍ୟ କରାଯାଇଛି।

# ସରକାରଙ୍କ ପ୍ରକୃତ ଚିତ୍ର ସାମ୍ନାକୁ ଚାଲି ଆସିବା ଭୟ: ୟାସିର

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

## ସ୍କୁଲ୍ କ୍ୟାମ୍ପସରେ ଖବରଦାତାଙ୍କ ପ୍ରବେଶକୁ ବାରଣ ଘଟଣା

ବିନା ଅନୁମତିରେ ସ୍କୁଲ କ୍ୟାମ୍ପସ୍ ଭିତରୁ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରବେଶ କରିପାରିବେ ନାହିଁ। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଶିକ୍ଷାଧିକାରୀଙ୍କ ଏପରି ଚିଠି ପରେ ରାଜ୍ୟ ରାଜନୀତି ଜୋର୍ ଧରିଛି।

ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି ଯେ, ୨୨ ବର୍ଷର ସରକାର ଓଡ଼ିଶା ରାଜକୋଷକୁ ହରିଲୁଟ କରିଛନ୍ତି। ଛାତ୍ର, ଯୁବ, ମହିଳା, ଆଦିବାସୀ, ଦଳିତ, ସଂଖ୍ୟାଲଘୁ, କୃଷକଙ୍କୁ ପ୍ରତାରିତ କରିଛନ୍ତି। କେତେକ ନିରପେକ୍ଷ ଗଣମାଧ୍ୟମ ମୁଖ୍ୟମନ୍ତ୍ରୀଙ୍କ ଏହି କୁତ୍ସିତ ବିଚାରଧାରା ଏବଂ କୁଶାସନକୁ ଜନସାଧାରଣଙ୍କ ସାମ୍ନାକୁ ଆଣିଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଶାସନର ବଡ଼ପଣ୍ଡାମାନଙ୍କ ପାଇଁ ଏହା ଅସହ୍ୟ ହୋଇପଡ଼ିଛି। ଏ ରାଜ୍ୟରେ ଖବରଦାତାଙ୍କ ପ୍ରତି ସରକାର ଯେଉଁ ଆଚରଣ କରୁଛନ୍ତି ତାହା ଦୁର୍ଭାଗ୍ୟଜନକ ବୋଲି ୟାସିର କହିଛନ୍ତି। ପ୍ରଥମେ ଲୋକ ସଭା ଭବନକୁ ଯିବା ନେଇ ବାରଣ କଲେ। ସେତେବେଳେ ଏହି ନିଷ୍ପତ୍ତିର ପ୍ରତିବାଦ କରାଗଲା ନାହିଁ। ଫଳରେ ସରକାର ଆଉ ଏକ ପାଦ ଆଗକୁ ଯାଇ ବିଧାନସଭାର ଗ୍ୟାଲେରି ଭିତରେ ଖବରଦାତାଙ୍କ ପ୍ରବେଶକୁ ବନ୍ଦ କରିଦେଲେ। ଏବେ ଗଣଶିକ୍ଷା ବିଭାଗ ଖବରଦାତାଙ୍କ ଉପରେ ଯେଉଁଭଳି ଭାବେ ଅସମ୍ମାନଜନକ ନିଷ୍ପତ୍ତି ନେଇଛନ୍ତି ତାହା ଏକ ଗଣତନ୍ତ୍ର ରାଷ୍ଟ୍ରରେ ଗ୍ରହଣୀୟ ନୁହେଁ ବୋଲି ୟାସିର କହିଛନ୍ତି।

୧୪ତମ ଜନ୍ମଦିନ ଶୁଭେଚ୍ଛା



(ଜଗୁ)
ପ୍ରଭାସ କୁମାର ବାରିକ
ରସୁଲଗଡ଼, ଭୁବନେଶ୍ୱର
ଆଜି ତୋର ୧୪ତମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛା ସହ: ବାବା, ମାମା, ଦାଦା, ଖୁଡ଼ୀ, ଲିଜୁଦିଦି, ଜୟ, ବନ୍ଧୁ ଓ ପରିବାରବର୍ଗ।
ଧ-୯୬୪

# ଦେଶ ଉପରେ କାଳୀଙ୍କ ଆଶୀର୍ବାଦ ରହିଛି: ମୋଦି



ନରେନ୍ଦ୍ର ମୋଦି

**କୋଲକାତା, ୧୦।୭**

ଫିଲ୍ମ ନିର୍ଦ୍ଦେଶିକା ମୀନା ମାନିମେକଲାଇଙ୍କ ‘କାଳୀ’ ପୋଷ୍ଟର, ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରା କାଳୀଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଜାରିଥିବାବେଳେ ଦେଶ ଉପରେ ମା’ କାଳୀଙ୍କ ଆଶୀର୍ବାଦ ସବୁବେଳେ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ରାମକୃଷ୍ଣ ମିଶନ ଦ୍ୱାରା କୋଲକାତାରେ ଆୟୋଜିତ ସ୍ୱାମୀ ଆତ୍ମସ୍ଥାନନ୍ଦଙ୍କ ଶତାବ୍ଦୀ କାର୍ଯ୍ୟକ୍ରମରେ ଭର୍ଚୁଆଲି ଯୋଗଦେଇ ମୋଦି କହିଥିଲେ, ସ୍ୱାମୀ ରାମକୃଷ୍ଣ ପରମହଂସଙ୍କଠାରେ ଦେବୀ କାଳୀଙ୍କ ଦର୍ଶନ ଥିଲା। ସେ ନିଜକୁ ମା’ଙ୍କଠାରେ ସମର୍ପଣ କରିଥିଲେ। ସମ୍ପୂର୍ଣ୍ଣ ଜଗତ ମା’ଙ୍କ ଚେତନାରୁ ବ୍ୟାପ୍ତ ବୋଲି ରାମକୃଷ୍ଣ ବିଶ୍ୱାସ କରୁଥିଲେ। ଏହି ଚେତନା ପଶ୍ଚିମବଙ୍ଗ ସମେତ ସାରା ଭାରତବାସୀଙ୍କ ଆସ୍ଥାରେ ଦେଖିବାକୁ ମିଳେ ବୋଲି ମୋଦି କହିଥିଲେ।

**ରାଷ୍ଟ୍ରପତି ନିର୍ବାଚନ**

# କ୍ରସ୍ ଭୋଟିଂ ରୋକିବା ନେଇ କସରତ

- ଟ୍ରେନିଂ ଲାଗି ଆଜି ଦିଲ୍ଲୀ ଯିବେ ୨ ଭାଜପା ବିଧାୟକ
- ୧୬,୧୭ରେ ଏମ୍‌ପିଙ୍କୁ ଦିଆଯିବ ଟ୍ରେନିଂ
- ଓଡ଼ିଶାରେ ଭାଜପା ବିଧାୟକଙ୍କୁ ନେଇ ମକ୍‌ଡ୍ରିଲ୍ କରାଯିବ
- କଂଗ୍ରେସ କହିଲା କ୍ରସ୍ ଭୋଟିଂ ପ୍ରଶ୍ନ ଉଠୁନାହିଁ

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

ରାଷ୍ଟ୍ରପତି ନିର୍ବାଚନ ଆସନ୍ତା ୧୮ ତାରିଖରେ ଅନୁଷ୍ଠିତ ହେବ। ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ୨ ଜଣଙ୍କ ମଧ୍ୟରେ ହେବ। ଭାଜପା ସମର୍ଥିତ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଥିବାବେଳେ ତାଙ୍କ ବିପକ୍ଷରେ ବିରୋଧୀ ମେଣ୍ଟ ପ୍ରାର୍ଥୀ ଯଶୱନ୍ତ ସିହ୍ନା ଅଛନ୍ତି। ତେବେ ରାଷ୍ଟ୍ରପତି ନିର୍ବାଚନରେ କ୍ରସ୍ ଭୋଟିଂ ଏବଂ ଭୋଟ୍ ଯେପରି ନାକଚ ନ ହେବ ସେଥିପ୍ରତି ଭାଜପା ଗୁରୁତ୍ୱ ଦେଇଛି। ଏଥିଲାଗି ଭାଜପା ମିଶନ ‘ନାକଚ ଶୂନ୍ୟ’ ଭୋଟ୍ ଆରମ୍ଭ କରିଛି। ଯେପରି ଗୋଟିଏ ବି ଭୋଟ୍ ନାକଚ ନ ହେବ ତା’ ଉପରେ ଭାଜପା ଫୋକସ୍ କରୁଥିବା ବେଳେ ଦ୍ରୌପଦୀଙ୍କୁ ସମର୍ଥନ କରୁଥିବା ବିଜେଡି ସମେତ ଅନ୍ୟ ଦଳଗୁଡ଼ିକୁ ମଧ୍ୟ ସମାନ ନିବେଦନ କରାଯାଇଛି। ତେବେ କ୍ରସ୍ ଭୋଟିଂ ଏବଂ ଭୋଟ ନାକଚ ଯେପରି ନ ହେବ ସେଥିଲାଗି ଦିଲ୍ଲୀରେ ଭାଜପା ବିଧାୟକ ଏବଂ ଏମ୍‌ପିମାନଙ୍କୁ ଟ୍ରେନିଂ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଦିଲ୍ଲୀରେ ହେବାକୁ ଥିବା ଦିନିକିଆ ଟ୍ରେନିଂ କାର୍ଯ୍ୟକ୍ରମରେ ଓଡ଼ିଶାରୁ ଭାଜପାର ୨ ଜଣ ବିଧାୟକ ସାମିଲ ହେବେ। ବିଧାୟକ ମୁକେଶ ମହାଲିଙ୍ଗ ଏବଂ ନାଉରୀ ନାଏକଙ୍କ ନାଁ ଏଥିଲାଗି ଘୋଷଣା ସରିଛି। ୧୧ରେ ଏହି ୨ ନେତା ଦିଲ୍ଲୀ ଗସ୍ତ କରିବାକୁ ଥିବାବେଳେ ୧୨ରେ ଟ୍ରେନିଂ କାର୍ଯ୍ୟକ୍ରମରେ ସାମିଲ ହେବେ ଏବଂ ୧୩ରେ ଦଳର ଅନ୍ୟ କାର୍ଯ୍ୟକ୍ରମ ଶେଷ କରି ଓଡ଼ିଶା ଫେରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।

ଗତ ଶୁକ୍ରବାର ଦ୍ରୌପଦୀ ମୁର୍ମୁ ଭୋଟ୍ ନିବେଦନ ଲାଗି ଦିନିକିଆ ଓଡ଼ିଶା ଆସିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅହ୍ୱାନ କ୍ରମେ ବିଜେଡିର ସମସ୍ତ ବିଧାୟକ ଏବଂ ଏମ୍‌ପି ସାମିଲ ହୋଇଥିଲେ। ଏହି ସମୟରେ ଦ୍ରୌପଦୀଙ୍କ ସାଙ୍ଗରେ ଆସିଥିବା ଗଜେନ୍ଦ୍ର ସିଂ ଶେଖାୱତ କ୍ରସ୍ ଭୋଟିଂ ଯେପରି ନ ହେବ ସେନେଇ ଧ୍ୟାନ ଦେବାକୁ ସମସ୍ତଙ୍କୁ ସୂଚିତ କରାଇଥିଲେ। ଅନୁରୂପ ଭାବେ ଭାଜପା ବିଧାୟକ ଏବଂ ଏମ୍‌ପିଙ୍କ ସହ ସାକ୍ଷାତ କରିବା ସମୟରେ ମଧ୍ୟ ଶେଖାୱତ ସମାନ କଥା ଦୋହରାଇଥିଲେ। ରାଷ୍ଟ୍ରପତି ନିର୍ବାଚନରେ ବିଧାୟକମାନେ ବିଧାନସଭାରେ ଭୋଟ୍ ଦେବେ। ସେହିପରି ଏମ୍‌ପିମାନେ ଦିଲ୍ଲୀରେ ମତଦାନ କରିବେ। ଏମ୍‌ପିମାନେ ଚାହିଁଲେ ବିଧାନସଭାରେ ମଧ୍ୟ ଭୋଟ୍ ଦେଇପାରିବେ। ଓଡ଼ିଶା ବିଧାନସଭା ୫୪ ନମ୍ବର ପ୍ରକୋଷ୍ଠରେ ଭୋଟିଂ ହେବ। ଏନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଥିବା ବେଳେ ଷ୍ଟ୍ରଙ୍ଗ ରୁମ୍‌ରେ ବାଲଟ୍ ପେପର ମଧ୍ୟ ପହଞ୍ଚିସାରିଛି। ନିର୍ଭୁଲ୍ ଭୋଟ୍ ଦାନ ଲାଗି ରାଜ୍ୟରେ ବିଧାୟକମାନଙ୍କ ଏକ ଟ୍ରେନିଂ କରାଯିବ। ବିଧାୟକ ଏବଂ ଏମ୍‌ପିମାନେ ଯଦି ଦ୍ରୌପଦୀଙ୍କୁ ଭୋଟ୍ ଦେବାକୁ ଚାହାନ୍ତି ତେବେ ସେମାନେ ତାଙ୍କ ନାଁର ଡାହାଣ ପାର୍ଶ୍ୱରେ ନମ୍ବର ୧ ଲେଖିବେ। ଯଦି ବିରୋଧୀ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ଭୋଟ୍ ଦେବାକୁ ଚାହାନ୍ତି ତେବେ ତାଙ୍କ ନାମର ଡାହାଣ ପାର୍ଶ୍ୱରେ ୨ ଲେଖିବେ। ଏହି ନମ୍ବର କେବଳ ନିର୍ବାଚନ କମିଶନଙ୍କ ତରଫରୁ ଆସିଥିବା କଲମରେ ଲେଖିବେ। ନଚେତ୍ ଭୋଟ ନାକଚ ହେବ। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି, କ୍ରସ୍ ଭୋଟିଂ ନ ହେବା ଲାଗି ସବୁ ବ୍ୟବସ୍ଥା ହେବ। ଆସନ୍ତା ୧୬ ଓ ୧୭ରେ ଏନେଇ ମକ୍‌ଡ୍ରିଲ୍ ମଧ୍ୟ କରାଯିବ। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, କୌଣସି ଗୋଟିଏ ହେଲେ ଭୋଟ୍ ନାକଚ ହେବ ନାହିଁ। ସମସ୍ତଙ୍କୁ ଏଥିଲାଗି ତାଲିମ ଦିଆଯିବ। ୧୬ରେ ଏମ୍‌ପିମାନଙ୍କୁ ଦିଲ୍ଲୀରେ ତାଲିମ ପାଇଁ ଡକାଯାଇଥିବା ଅପରାଜିତା କହିଛନ୍ତି। ଅନ୍ୟପଟେ କଂଗ୍ରେସର ୯ଜଣ ଏବଂ ସିପିଏମ୍‌ର ଜଣେ ବିଧାୟକ ଯଶୱନ୍ତ ସିହ୍ନାଙ୍କୁ ଭୋଟ୍ ଦେବେ ବୋଲି ଘୋଷଣା କରିଛନ୍ତି। ରାଜ୍ୟରେ ମୋଟ ୧୪୭ ବିଧାନସଭା, ୨୧ ଲୋକ ସଭା ଏବଂ ୧୦ ରାଜ୍ୟ ସଭା ଆସନ ରହିଛି। ଏଥିରୁ ବିଜେଡିର ୧୧୨ ବିଧାୟକ, ୨ ବହିଷ୍କୃତ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଏବଂ ପ୍ରଶାନ୍ତ ଜଗଦ୍ଦେବ, ଭାଜପାର ୨୨ ବିଧାୟକ, କଂଗ୍ରେସର ୯, ଜଣେ ସ୍ୱାଧୀନ ଏବଂ ଜଣେ ସିପିଏମ୍ ବିଧାୟକ ଅଛନ୍ତି। ବହିଷ୍କୃତ ୨ ବିଧାୟକଙ୍କ ମଧ୍ୟରୁ ପ୍ରଦୀପ ପାଣିଗ୍ରାହୀ ନିର୍ବାଚନରେ ଦ୍ରୌପଦୀଙ୍କୁ ଭୋଟ୍ ଦେବା ଲାଗି ଘୋଷଣା କରିଥିବା ବେଳେ ଜଗଦ୍ଦେବଙ୍କ କଥା ଜଣାପଡ଼ିନାହିଁ। ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ଦ୍ରୌପଦୀଙ୍କୁ ଭୋଟ୍ ଦେବେ। ଅନ୍ୟପଟେ ଲୋକ ସଭାରେ ଓଡ଼ିଶାର ଏକମାତ୍ର କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକାଙ୍କୁ ଛାଡ଼ି ଦେଲେ ବାକି ଅନ୍ୟ ଦଳର ସମସ୍ତ ସଦସ୍ୟ ଦ୍ରୌପଦୀଙ୍କୁ ଭୋଟ୍ ଦେବେ। ଓଡ଼ିଶାର ୧୦ ରାଜ୍ୟ ସଭା ସଦସ୍ୟ ମଧ୍ୟ ଦ୍ରୌପଦୀଙ୍କୁ ଭୋଟ୍ ଦେବେ। ତେବେ ଓଡିଶାରୁ ଯଶୱନ୍ତଙ୍କୁ ମାତ୍ର ୧୧ ଭୋଟ୍ ମିଳିବା ହିସାବ କରାଯାଉଥିବା ବେଳେ ଏଥିରେ କିଛି କ୍ରସ୍ ଭୋଟିଂର ଆଶଙ୍କା ରାଜନୈତିକ ମହଲରେ ଆଲୋଚନା ହେଉଛି। ହେଲେ କଂଗ୍ରେସ ଏହି କଥାକୁ ଖଣ୍ଡନ କରିଛି। ବିଧାୟକ ମହମ୍ମଦ ମୋକିମ କହିଛନ୍ତି, ଆମର କ୍ରସ୍ ଭୋଟିଂ କି ଭୋଟ୍ ନାକଚ ହେବାର ପ୍ରଶ୍ନ ଉଠୁନାହିଁ। ପ୍ରଥମେ ପାର୍ଟି, ତା’ପରେ ଯାହା କିଛି ବୋଲି ସେ କହିଛନ୍ତି।

**ରାଜ୍ୟ ଖବର**

# ‘ସାହିତ୍ୟ କୃତିର ମୂଳ କଥା ନୁହେଁ ବିତର୍କ’

## ଅନାମ କବି କୁମାର ମହାନ୍ତି ସ୍ମାରକୀ ବକ୍ତୃତା

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

ବିତର୍କକୁ ସାମ୍ନାକୁ ଆଣି ସାମ୍ୟତାର ପରିଚୟ ତିଆରି କରିବା ପ୍ରକୃତ ସାହିତ୍ୟର ଉଦ୍ଦେଶ୍ୟ। ବିତର୍କ ଗୋଟିଏ ସାହିତ୍ୟ କୃତିର ମୂଳ କଥା ନୁହେଁ। ଧର୍ମ, ଜାତି ଓ ବିଶ୍ୱାସକୁ ନେଇ ସାମାଜିକ ଉତ୍ଥାନ ଓ ପତନର ଇତିହାସ ଲେଖାଯାଏ। କିନ୍ତୁ ପ୍ରତିଷ୍ଠା ଏହା ବିରୋଧରେ ଅନେକ ସମୟରେ ସ୍ୱର ଉତ୍ତୋଳନ କରିଥାଏ। ସେଥିପାଇଁ ସାହିତ୍ୟିକ ନିଜ ସ୍ୱାଧୀନତାକୁ ପ୍ରୟୋଗ କରେ ବୋଲି ତାମିଲ ଲେଖକ ପେରୁମଲ ମୁରୁଗାନ୍ ରବିବାର ଭୁବନେଶ୍ୱରରେ ଧଉଳି ବୁକ୍ସ ଓ ଉତ୍ସ ଫାଉଣ୍ଡେଶନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ‘ଅନାମ କବି କୁମାର ମହାନ୍ତି ସ୍ମାରକୀ ବକ୍ତୃତା’ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି। ମୁରୁଗାନ୍ କହିଛନ୍ତି, ପରମ୍ପରାରୁ ବିଚ୍ୟୁତ ହୋଇ ଜଣେ ଲେଖକ ମହତ୍ତ୍ୱପୂର୍ଣ୍ଣ ହେବା ଅସମ୍ଭବ। ସବୁ ଅଞ୍ଚଳରେ ମୌଖିକ ଓ ଲିଖିତ ସାହିତ୍ୟର ସମାଲୋଚକମାନେ ଭରପୂର ରହିଥା’ନ୍ତି। କିନ୍ତୁ ସେମାନଙ୍କର ବକ୍ତବ୍ୟ ଓ ସାରକଥା ଲେଖକକୁ ପ୍ରକାଶ କରିବାକୁ ପଡ଼ିଥାଏ। ଲେଖକ ପ୍ରକୃତରେ ଗୋଟିଏ ଅଞ୍ଚଳର ବିଶ୍ୱାସ, ଧର୍ମ, ଜାତି ଓ ପ୍ରସଙ୍ଗକୁ ନେଇ ଲେଖୁଥିଲେ ମଧ୍ୟ ଜାତୀୟ ସ୍ତରରେ ସମାଲୋଚିତ ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗାଳ୍ପିକ ସତ୍ୟ ମିଶ୍ର, ପ୍ରାଣେଶ୍ୱର ପଟ୍ଟନାୟକ, ସୁବାସ ନିଆଳ, ମୌସୁମୀ ଦାସ, କେଦାର ମିଶ୍ର ପ୍ରମୁଖ ମୁରୁଗାନଙ୍କଠାରୁ ନିଜ ପ୍ରଶ୍ନର ଉତ୍ତର ଜାଣିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଧଉଳି ବୁକ୍ସର ପ୍ରତିଷ୍ଠାତା ତଥା ସମ୍ପାଦକ ମନୁ ଦାଶ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଦେଇଥିବାବେଳେ ସଙ୍ଗୀତଜ୍ଞ ଯଦୁନାଥ ପଣ୍ଡା ଓ ତାଙ୍କ ଦଳ କୁମାର ମହାନ୍ତିଙ୍କ ରଚିତ ସଙ୍ଗୀତ ପରିବେଷଣ କରିଥିଲେ। ଶଙ୍କର ନାରାୟଣନ୍ ସଭାରେ ଉପସ୍ଥିତ ରହି ସମସ୍ତ ତାମିଲ ବକ୍ତବ୍ୟର ଉତ୍ତର ଇଂଲିଶରେ ରଖିଥିଲେ। ମୁରୁଗାନ୍‌ଙ୍କ ବିତର୍କିତ ପୁସ୍ତକର ଅନୁବାଦ ‘ଅର୍ଦ୍ଧନାରୀଶ୍ୱର’ ସମ୍ପର୍କିତ ସତ୍ୟ ମିଶ୍ର, ସୁମନ ଦାସ, ଅକ୍ଷୟ ପାଳ, ମୌସୁମୀ ଦାସ, ପରେଶ ପଟ୍ଟନାୟକ ଆଦିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ଲେଖକର ସ୍ୱାଧୀନତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ତା’ର ମାତୃଭାଷା ତା’ ପାଇଁ ମହାନ। କାର୍ଯ୍ୟକ୍ରମରେ କବି ରାଜେନ୍ଦ୍ର କିଶୋର ପଣ୍ଡା ଯୋଗଦେଇ ଦିବଙ୍ଗତ କବି କୁମାର ମହାନ୍ତିଙ୍କୁ ପରମ୍ପରାର ସିଦ୍ଧକବି ଭାବେ ଅଭିହିତ କରିଥିବାବେଳେ ତାଙ୍କ ସ୍ମୃତି ଚିରକାଳ ପାଇଁ ଉଜ୍ଜୀବିତ ରହିବ ବୋଲି ଆଶା ପ୍ରକଟ କରିଥିଲେ। ଶେଷରେ ମୁରୁଗାନ୍‌ଙ୍କ ପୁସ୍ତକର ଅନୁବାଦକ ସୂର୍ଯ୍ୟ ମିଶ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ତାମିଲ ଲେଖକ ପେରୁମଲ ମୁରୁଗାନ ଏବଂ ଅନ୍ୟ ଅତିଥି।

# ସ୍ତ୍ରୀଙ୍କ ଗଳା କାଟି ହତ୍ୟା

**କୁନ୍ଦୁରା, ୧୦।୭ (ଡି.ଏନ.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଗଦେରି ପଞ୍ଚାୟତ ଅନ୍ତର୍ଗତ ବୁଦାଗୁଡା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କ ଗଳା କାଟି ହତ୍ୟା କରିଛନ୍ତି। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ସ୍ୱାମୀ ଜୟରାମ ଦୁରୁଆଙ୍କୁ ଗିରଫ କରିଛି।

ଖବରରୁ ଜଣାପଡ଼ିଛି ବୁଦାଗୁଡା ଗ୍ରାମରେ ସ୍ତ୍ରୀ ଓ ୨ ସନ୍ତାନଙ୍କୁ ନେଇ ଜୟରାମଙ୍କ ପରିବାର ହସଖୁସିରେ ଚଳୁଥିଲା। ତିନି ମାସ ତଳେ ଜୟରାମ ଗ୍ରାମର କେତେକ ବ୍ୟକ୍ତିଙ୍କ ସହ କାମ କରିବାକୁ କେରଳ ଯାଇଥିଲେ। ସେଠାରେ ତାଙ୍କର ବ୍ୟବହାର ପାଗଳ ଭଳି ହେବାରୁ ତାଙ୍କ ସାଥୀମାନେ ତାଙ୍କୁ ଆଣି ବୁଦାଗୁଡାରେ ଛାଡି ଦେଇ ଥିଲେ। ଜୟରାମଙ୍କ ଏଭଳି କାର୍ଯ୍ୟକଳାପ ଦେଖି ସ୍ତ୍ରୀ ମହାଦେଈ ବିଭିନ୍ନ ସ୍ଥାନରେ ତାଙ୍କର ଚିକିତ୍ସା କରାଇଥିଲେ। ରବିବାର ମହାଦେଈ ଜୟରାମଙ୍କୁ ଧରି ନିକଟରେ ଥିବା ଜଣେ ଗୁଣିଆଙ୍କ ଘରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରୁ ଆସିବା ପରେ ମଧ୍ୟାହ୍ନ ୧୨ଟାରେ ଜୟରାମ ହଠାତ୍ ତାଙ୍କ ସ୍ତ୍ରୀ ମହାଦେଈଙ୍କ ଗଳା କାଟି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ମହାଦେଈଙ୍କ ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ଏହା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପହଞ୍ଚି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ମହାଦେଈଙ୍କ ମୃତଦେହ ନିକଟରେ ବସିଥିବା ଜୟରାମଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ମାଆର ମୃତ୍ୟୁ ଏବଂ ବାପା ଜେଲ ଚାଲିଯିବା ପରେ ଜୟରାମଙ୍କ ଦୁଇ ପୁଅ ବେସାହାରା ହୋଇପଡିଛନ୍ତି। ବଡପୁଅ ବୁଦ୍ଧୁ ଦୁରୁଆ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ସାନପୁଅ ସୀତାରାମଙ୍କୁ ୮ବର୍ଷ ହୋଇଛି। ଏହି ଘଟଣାରେ ୬୯/୨୨ରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ଗୋବିନ୍ଦ ହାଁସଦା କହିଛନ୍ତି।

# ଆୟୁର୍ବେଦ ଗବେଷକ ସ୍ୱପ୍ନେଶ୍ୱର ପଣ୍ଡାଙ୍କ ପରଲୋକ

**କଣ୍ଟାପଡା, ୧୦।୭(ଡି.ଏନ୍.ଏ.)**



ଆୟୁର୍ବେଦ ଗବେଷକ ତଥା ଚିକିତ୍ସକ ସ୍ୱପ୍ନେଶ୍ୱର ପଣ୍ଡା(୭୬)ଙ୍କର ରବିବାର ସକାଳେ ପରଲୋକ ଘଟିଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ରହି ଭୁବନେଶ୍ୱରସ୍ଥିତ ନିଜ ବାସଭବନରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ସମେତ ତାଙ୍କ ପୈତୃକ ଗ୍ରାମ କଟକ ଜିଲା କଣ୍ଟାପଡା ବ୍ଲକ ଅଧୀନ ଗୋବିନ୍ଦପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ବଡପୁଅ ଡା. ଶୁଭକାନ୍ତ ପଣ୍ଡା, ମଝିଆଁ ପୁଅ ସୂର୍ଯ୍ୟକାନ୍ତ ପଣ୍ଡା, ସାନପୁଅ ଡା. ସୌମ୍ୟକାନ୍ତ ପଣ୍ଡା, ଝିଅ ସ୍ନିଗ୍ଧା ଓ ତିନିବୋହୂ ଉପସ୍ଥିତଥିଲେ। ପରେ ତାଙ୍କ ମରଶରୀରକୁ ଗୋବିନ୍ଦପୁର ଗ୍ରାମକୁ ନିଆଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ସ୍ୱପ୍ନେଶ୍ୱର ଦୀର୍ଘ ସମୟ ଧରି କାର୍ଯ୍ୟ କରିଥିଲେ। ଏଥିସହ ଅନେକ ସମୟରେ ସାମାଜିକ କାର୍ଯ୍ୟକରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଥିଲେ। ୧୯୮୫ ମସିହାରେ ସେ କେନ୍ଦ୍ରୀୟ ଆୟୁର୍ବେଦ ପରିଷଦକୁ ପ୍ରଥମ ଓଡ଼ିଆ ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ଏଥିସହ ସେ ୨୦୦୭ରେ ସର୍ବଭାରତୀୟ ସ୍ତରରେ ପୀୟୁଷ ପାଣି ସମ୍ମାନ, ୨୦୧୨ରେ ପଲ୍ଲୀ ରତ୍ନ ସମ୍ମାନ, ୨୦୧୬ରେ ପ୍ରକୃତିମିତ୍ର ସମ୍ମାନ, ୨୦୧୭ରେ କେନ୍ଦ୍ରୀୟ ଗ୍ଲୋବାଲ ସୋସାଇଟି ସ୍ୱାସ୍ଥ୍ୟ ଓ ଶିକ୍ଷା ସମୃଦ୍ଧି ପକ୍ଷରୁ ଚିକିତ୍ସାରତ୍ନ ସମ୍ମାନ, ୨୦୧୮ରେ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଶ୍ରେଷ୍ଠ ଚିକିତ୍ସକ ଓ ଜୀବନବ୍ୟାପୀ ସାଧନା ସମ୍ମାନ ପାଇଥିଲେ। ଏଥିସହ ସେ ଆୟୁର୍ବେଦ ଚିକିତ୍ସା ପାଇଁ ବହୁ ଉପାଦେୟ ପୁସ୍ତକ ଲେଖିଛନ୍ତି।

# ଷ୍ଟିଲ୍ ସାମଗ୍ରୀ ବ୍ୟବହାର ଉପରେ ସଚେତନତା

**ସମ୍ବଲପୁର, ୧୦।୭(ବ୍ୟୁରୋ)**

- ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ୱାକାଥନ
- ଭାଗନେଲେ ବିଭିନ୍ନ ବର୍ଗର ୨ ହଜାର

ଇସ୍ପାତ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ଆଜାଦି କି ଅମୃତ ମହୋତ୍ସବ ଉପଲକ୍ଷେ ସମ୍ବଲପୁର ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ କମ୍ପାନୀ ପକ୍ଷରୁ ରବିବାର କମିଶନର କଲୋନୀ ପଡିଆରୁ ୱାକାଥନ (ପଦଯାତ୍ରା) ଆରମ୍ଭ ହୋଇଥିଲା। ଜିଲାପାଳ ଅନନ୍ୟା ଦାସ, ଏସ୍‌ଏମ୍‌ସି କମିଶନର ପ୍ରଦିପ କୁମାର ସାହୁ, ଏଡିଏମ୍ ଅଜାମ୍ବର ମହାନ୍ତି, ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, କମ୍ପାନୀ ସଭାପତି ଅନୀଲ କୁମାର ସିଂ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସଦସ୍ୟ, ସ୍କୁଲ କଲେଜର ଛାତ୍ରୀଛାତ୍ର, ସିଆର୍‌ପିଏଫ୍‌ର ଅଧିକାରୀ ଓ କର୍ମଚାରୀଙ୍କୁ ମିଶାଇ ପ୍ରାୟ ୨ ହଜାର ଜଣ ସାମିଲ ହୋଇଥିଲେ। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକେ ଯେଭଳି ଅଧିକ ଷ୍ଟିଲ ସାମଗ୍ରୀ ବ୍ୟବହାର କରିବେ ସେ ନେଇ ସଚେତନତା ବାର୍ତ୍ତା ଦିଆଯାଇଥିଲା।

ପଦଯାତ୍ରା ରିଙ୍ଗରୋଡ ଦେଇ ବାଲିବନ୍ଧା କୁଞ୍ଜେଲପଡା, ମୋଦିପଡ଼ା, ଲକ୍ଷ୍ମୀଟକିଜ, ଜିଲାସ୍କୁଲ ଛକ ଅତିକ୍ରମ କରି ପୁଣି କମିଶନର କଲୋନୀ ଫେରିଥିଲା। ଏଥିରେ ପୁରୁଷ ବର୍ଗରେ ସୁମନ୍ତ ମିର୍ଦ୍ଧା ପ୍ରଥମ, ରୋଶନ ବେହେରା ଦ୍ୱିତୀୟ, ଅଜୟ ଓରାମ ତୃତୀୟ, ମହିଳା ବର୍ଗରେ ସାହିନ ପରବିନ ପ୍ରଥମ, ବିଶାଖା ଓରାମ ଦ୍ୱିତୀୟ, ଶ୍ରୀନିତା ଓରାମ ତୃତୀୟ ସ୍ଥାନରେ ରହିଥିଲେ। ବିଜେତାମାନଙ୍କୁ ରୌପ୍ୟ ପଦକ ସହ ସାର୍ଟିଫିକେଟ ଦିଆଯାଇ ପୁରସ୍କୃତ କରାଯାଇଥିଲା। ଆନ୍ତର୍ଜାତିକ ମହିଳା ହକି ଖେଳାଳି ନିଲିମା ମିଞ୍ଜ, ଫୁଟବଲ ଖେଳାଳି ଅହଲ୍ୟା ମୁଣ୍ଡା, ଆନ୍ତର୍ଜାତିକ କବାଡି ଖେଳାଳି ରାଜେଶ ସେଠଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ଭିପି (ପ୍ରଶାସନ) ଧନଞ୍ଜୟ କୁମାର ସିହ୍ନା, ଏଭିପି (ପ୍ରଶାସନ) ଅଶିଷ ଦାସ, ଅନୁପମ ସିହ୍ନା, ଜିଏମ୍ (ଇଏମ୍‌ଡି) ରଞ୍ଜିତ ଘୋଷ, କର୍ପୋରେଟ କମ୍ୟୁନିକେଶନ ଓ ପିଆର୍ ମୁଖ୍ୟ ଦିନେଶ ନାୟା, ପିଆର୍ ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବିଶିଷ୍ଟ ବ୍ୟକ୍ତିମାନେ ସବୁଜ ପତାକା ଦେଖାଇ ୱାକାଥନ ଶୁଭାରମ୍ଭ କରୁଛନ୍ତି।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ



୰ଗୋପୀନାଥ ପଣ୍ଡା
ବରିଷ୍ଠ ବିଚାରପତି
ଆବିର୍ଭାବ: ୦୪।୧୧।୧୯୪୫
ତିରୋଧାନ: ୦୨।୦୭।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୯୬୫

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ବିମଳିନୀ ଦାଶ୍ (କୁନି)
C/O ନବକିଶୋର ଦାଶ୍
ପ୍ଲଟ୍-୨୧, ଭୌମନଗର, ୟୁନିଟ୍-୪, ଭୁବନେଶ୍ୱର
ମହାପ୍ରୟାଣ: ଆଷାଢ଼, ଶୁକ୍ଳପକ୍ଷ
ଦ୍ୱାଦଶୀତିଥି: ତା୨୭।୦୭।୨୦୦୭
ବୋଉ, ଭରଦ୍ୱାଜଗୋତ୍ର କୁନିଦେବୀ
ତୃପ୍ୟତାମିଦଂ ଜଳଂ ତସ୍ମୈସ୍ୱଧାନମଃ! ଏହାଛଡ଼ା ଆପଣଙ୍କ ପାଇଁ ଦବାକୁ ଆମ ପାଖରେ କିଛି ନାହିଁ। ଏ ଋଣୀ ଜନଙ୍କୁ ସର୍ବଦା କ୍ଷମା ଓ ଆଶୀର୍ବାଦ କରୁଥାନ୍ତୁ, ଏତିକି ପ୍ରାର୍ଥନା।
ଆପଣଙ୍କର ଚିରଋଣୀ: ରଜନୀ-ରାନୁ, ଯାମିନୀ ଜ୍ୟୋତ୍ସ୍ନା, ଲିନା, ରିନା, ନିନା, ବାଦଲ, ୟୁରି ତଥା ସମସ୍ତ ପ୍ରିୟଜନ।
ଧ-୯୬୦

# ଚନ୍ଦ୍ର ଅଭିଯାନର ବର୍ଷ



ଇଂ. ମାୟାଧର ସ୍ୱାଇଁ

"ଆମେରିକା ୧୯୬୯ ମସିହା ଜୁଲାଇ ୨୦ ତାରିଖରେ ପ୍ରଥମେ ଚନ୍ଦ୍ରପୃଷ୍ଠରେ ଦୁଇଜଣ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ୍ ଓ ଏଡ୍‌ୱଇନ୍ ଆଲ୍‌ଡ୍ରିନ୍‌ଙ୍କୁ ଓହ୍ଲାଇଲା। ଆପୋଲୋ ଅଭିଯାନରେ ଆମେରିକା ଚନ୍ଦ୍ରପୃଷ୍ଠକୁ ଛଅ ଥରରେ ୧୨ଜଣ ମହାକାଶଚାରୀଙ୍କୁ ପଠାଇଛି। ସର୍ବଶେଷ ଅଭିଯାନ ୧୯୭୨ ମସିହା ଡିସେମ୍ବରରେ ହୋଇଥିଲା। ଗତ କେତେ ବର୍ଷର ଚେଷ୍ଟା ପରେ ପୁଣି ସାତଟି ଦେଶ ଏହି ବର୍ଷ ଚନ୍ଦ୍ର ଅଭିଯାନ ପାଇଁ ପ୍ରସ୍ତୁତି କରୁଛନ୍ତି। ଏହି ଦେଶଗୁଡ଼ିକ ହେଉଛି ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚାଇନା, ଭାରତ, ଜାପାନ, ଦକ୍ଷିଣ କୋରିଆ ଓ ଇସ୍ରାଏଲ।"





ମହାକାଶ ଅଭିଯାନ କ୍ଷେତ୍ରରେ ୨୦୨୧ ମସିହାରେ ମଙ୍ଗଳ ଗ୍ରହର ପ୍ରାଧାନ୍ୟ ରହିଥିଲା। ସେହିବର୍ଷ ଫେବୃୟାରୀରେ ସଂଯୁକ୍ତ ଆରବ ରାଷ୍ଟ୍ରର ହୋପ୍ ଯାନ ମଙ୍ଗଳ କକ୍ଷରେ ଏବଂ ଚାଇନାର ଟିଆନୱେନ୍-୧ ଓ ଯୁକ୍ତରାଷ୍ଟ୍ର ଆମେରିକା ମାର୍କ ପର୍ଜଭେରନ୍ସ ଯାନ ମଙ୍ଗଳ ପୃଷ୍ଠରେ ପହଞ୍ଚିଥିଲା। କିନ୍ତୁ ୨୦୨୨ ମସିହା ହେବ ଚନ୍ଦ୍ର ଅଭିଯାନର ବର୍ଷ। ବାସ୍ତବରେ ମହାକାଶ ଅଭିଯାନ ଆରମ୍ଭ ହେବା ପରେ ପରେ ଚନ୍ଦ୍ରକୁ ଯିବା ଲକ୍ଷ୍ୟ ରହିଥିଲା। ସେତେବେଳେ ଦୁଇଟି ଦେଶ ରୁଷ ଓ ଆମେରିକା ମହାକାଶ ଅଭିଯାନରେ ବ୍ୟାପୃତ ଥିଲେ। ଏଥିପାଇଁ ଏହି ଦୁଇଦେଶ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଲାଗିଥିଲା। ରୁଷ ୧୯୫୭ ମସିହାରେ ପ୍ରଥମ ମହାକାଶ ଯାନ ସ୍ପୁଟନିକ୍-୧ ଓ ୧୯୬୧ ମସିହାରେ ପ୍ରଥମ ମହାକାଶଚାରୀ ୟୁରି ଗାଗାରିନ୍‌ଙ୍କୁ ମହାକାଶକୁ ପଠାଇବା ପରେ ଆମେରିକା ଅପମାନିତ ବୋଧ କଲା ଭଳି ଜଣାପଡ଼ିଲା ଏବଂ ଏହା ସହିତ ଏହାର ପ୍ରତିଯୋଗିତା ମନୋବୃତ୍ତି ବଢ଼ିଗଲା। ଆମେରିକା ରାଷ୍ଟ୍ରପତି ୧୯୬୧ ମସିହାରେ ଏକ ଭାଷଣରେ ଦଶବର୍ଷ ମଧ୍ୟରେ ମନୁଷ୍ୟଙ୍କୁ ଚନ୍ଦ୍ରପୃଷ୍ଠରେ ଅବତରଣ ପାଇଁ ଆହ୍ୱାନ ଦେଲେ। ଉଭୟ ରୁଷ ଓ ଆମେରିକା ଚନ୍ଦ୍ର କକ୍ଷକୁ ଓ ପୃଷ୍ଠକୁ ମହାକାଶଯାନ ପଠାଇଲେ। ମାତ୍ର ଆମେରିକା ୧୯୬୯ ମସିହା ଜୁଲାଇ ୨୦ ତାରିଖରେ ପ୍ରଥମେ ଚନ୍ଦ୍ରପୃଷ୍ଠରେ ଦୁଇଜଣ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ୍ ଓ ଏଡ୍‌ୱଇନ୍ ଆଲ୍‌ଡ୍ରିନ୍‌ଙ୍କୁ ଓହ୍ଲାଇଲା। ଆପୋଲୋ ଅଭିଯାନରେ ଆମେରିକା ଚନ୍ଦ୍ରପୃଷ୍ଠକୁ ଛଅ ଥରରେ ୧୨ଜଣ ମହାକାଶଚାରୀଙ୍କୁ ପଠାଇଛି। ସର୍ବଶେଷ ଅଭିଯାନ ୧୯୭୨ ମସିହା ଡିସେମ୍ବରରେ ହୋଇଥିଲା। ଗତ କେତେ ବର୍ଷର ଚେଷ୍ଟା ପରେ ପୁଣି ସାତଟି ଦେଶ ଏହି ବର୍ଷ ଚନ୍ଦ୍ର ଅଭିଯାନ ପାଇଁ ପ୍ରସ୍ତୁତି କରୁଛନ୍ତି। ଏହି ଦେଶଗୁଡ଼ିକ ହେଉଛି ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚାଇନା, ଭାରତ, ଜାପାନ, ଦକ୍ଷିଣ କୋରିଆ ଓ ଇସ୍ରାଏଲ। ଜାପାନର 'ଲୁନାର-ଏ' ଅଭିଯାନରେ ଚନ୍ଦ୍ରର ଅଭ୍ୟନ୍ତର ସମ୍ବନ୍ଧରେ ଅନୁସନ୍ଧାନ କରାଯିବ। ଚାଇନା ଚାଙ୍ଗେ-୭ ଓ ଚାଙ୍ଗେ-୬ ମହାକାଶ ଯାନ ଏହି ବର୍ଷ ଚନ୍ଦ୍ରପୃଷ୍ଠକୁ ପଠାଇବ। ଚାଇନା ଓ ରୁଷିଆ ମିଳିତ ଭାବେ ୨୦୨୭ ମସିହା ସୁଦ୍ଧା ଚନ୍ଦ୍ରପୃଷ୍ଠରେ ଗୋଟିଏ ଗବେଷଣା କେନ୍ଦ୍ର ସ୍ଥାପନ କରିବା ପାଇଁ ଯୋଜନା କରିଛନ୍ତି ଏବଂ ଏଥିପାଇଁ ଏହି ବର୍ଷ କାର୍ଯ୍ୟ ଆରମ୍ଭ ହୋଇଛି। ଦକ୍ଷିଣ କୋରିଆ ଏହି ବର୍ଷ ଚନ୍ଦ୍ରକକ୍ଷକୁ 'କୋରିଆ ପାଥ୍‌ଫାଇଣ୍ଡର ଲୁନାର ଅରବିଟର' ପଠାଇବ। ରୁଷିଆ ଏହିବର୍ଷ ୟୁରୋପୀୟ ମହାକାଶ ସଂଘ ସହିତ ମିଳିତ ଭାବେ ଲୁନା-୨୫ ଯାନକୁ ଜୁଲାଇରେ ପଠାଇବା ପାଇଁ ସ୍ଥିର କରିଥିଲା। ମାତ୍ର ୟୁକ୍ରେନ୍ ଯୁଦ୍ଧ ପରେ ଏହା ବର୍ତ୍ତମାନ ଏକୁଟିଆ ଏହାକୁ ପଠାଇବ। ଏହା ମଧ୍ୟ ୨୦୨୪ ମସିହାରେ ଲୁନା-୨୬ ଓ ୨୦୨୫ ମସିହାରେ ଲୁନା-୨୭ ପଠାଇବା ପାଇଁ ଘୋଷଣା କରିଛି। ଇସ୍ରାଏଲ୍ ୨୦୧୯ ମସିହାରେ ଏହାର ପ୍ରଥମ ଚନ୍ଦ୍ର ଅଭିଯାନ କରିଥିବା ବେଳେ ୨୦୨୪ ମସିହାରେ ପରବର୍ତ୍ତୀ ଅଭିଯାନ ପାଇଁ ଚେଷ୍ଟା କରୁଛି। ଅଧିକାଂଶ ଅଭିଯାନରେ ମହାକାଶଚାରୀ ଯିବେ ନାହିଁ ଏବଂ ଏହାର ଉଦ୍ଦେଶ୍ୟ ହେଉଛି ଚନ୍ଦ୍ରରେ ବାସ କରିବା ପାଇଁ ଆବଶ୍ୟକ ବସ୍ତୁ ସେଠାକୁ ପଠାଇବ, ଯାହାଫଳରେ ଦଶବର୍ଷ ମଧ୍ୟରେ ମନୁଷ୍ୟ ସେଠାକୁ ଯାଇ ରହିପାରିବ।

ଏହି ବର୍ଷର ସମସ୍ତ ଚନ୍ଦ୍ର ଅଭିଯାନ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାର 'ଆରଟେମିସ୍ କାର୍ଯ୍ୟକ୍ରମ' ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଚନ୍ଦ୍ରପୃଷ୍ଠରେ ମହାକାଶଚାରୀଙ୍କୁ ଅବତରଣ କରାଇବାର ଯୋଜନା ଅଛି। ଏହି ଖର୍ଚ୍ଚବହୁଳ କାର୍ଯ୍ୟକ୍ରମରେ ଆମେରିକା ସହିତ ୨୦ଟି ଦେଶ ସାମିଲ ହୋଇଛନ୍ତି। ଏହାର ଉତ୍କ୍ଷେପଣ ପାଇଁ ଶକ୍ତିଶାଳୀ 'ସ୍ପେସ୍ ଲଞ୍ଚ ସିଷ୍ଟମ୍' ରକେଟର ବିକାଶ କରାଯାଇଛି। ଏହାର ଚାରିଟି ଇଞ୍ଜିନ ଅଛି। ଯେଉଁ ଯାନରେ ମହାକାଶଚାରୀମାନେ ଚନ୍ଦ୍ରପୃଷ୍ଠକୁ ଯିବେ, ତାହାର ନାମ ହେଉଛି 'ଓରିଅନ୍'। ଓରିଅନ୍ ବା କାଳପୁରୁଷ ନକ୍ଷତ୍ର ମଣ୍ଡଳ ନାମରେ ଏହାର ନାମକରଣ ହୋଇଛି। ଏଥିରେ ସର୍ବାଧିକ ଛଅଜଣ ମହାକାଶଚାରୀ ଏକା ସାଥିରେ ଯାଇ ନିମ୍ନ ପୃଥିବୀ କକ୍ଷରେ ୨୧ ଦିନ ପର୍ଯ୍ୟନ୍ତ ଅବସ୍ଥାନ କରିପାରିବେ। ସୂର୍ଯ୍ୟାଲୋକରୁ ବିଦ୍ୟୁତ୍ ଆହରଣ ପାଇଁ ଏଥିରେ ସୌରଫଳକ ଖଞ୍ଜାଯାଇଛି।

ଆରଟେମିସ୍ ଅଭିଯାନକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଚନ୍ଦ୍ର କକ୍ଷରୁ ଓରିଅନ୍ ଯାନକୁ ପଠାଯିବ, କିନ୍ତୁ ଏଥିରେ ମହାକାଶଚାରୀ ଯିବେ ନାହିଁ, ଏହା ଏକ ପରୀକ୍ଷଣମୂଳକ ଅଭିଯାନ ହେବ। ଏହା ଚନ୍ଦ୍ରକୁ ପ୍ରାୟ ତିନି ସପ୍ତାହ ପରିଭ୍ରମଣ କରି ପୃଥିବୀପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିବ। ଏହି ଅଭିଯାନ ଏହି ବର୍ଷ ଶେଷ ଆଡ଼କୁ ହେବାକୁ ସ୍ଥିର କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଓରିଅନ୍ ଯାନରେ ଚାରିଜଣ ମହାକାଶଚାରୀ ଚନ୍ଦ୍ରକକ୍ଷକୁ ଯାଇ ଚନ୍ଦ୍ରକୁ ପରିକ୍ରମଣ କରିବେ। ଏମାନଙ୍କ ମଧ୍ୟରେ କାନାଡାର ଜଣେ ମହାକାଶଚାରୀ ରହିବେ। ୧୯୭୨ ମସିହା ପରେ ଚନ୍ଦ୍ରକକ୍ଷକୁ ମହାକାଶଚାରୀମାନେ ଯିବାରେ ଏହା ପ୍ରଥମ ହେବ। ସେମାନେ ଚନ୍ଦ୍ରପୃଷ୍ଠରେ ଅବତରଣ ନ କରି ଦଶଦିନ ପରେ ପୃଥିବୀକୁ ଫେରିଆସିବେ। ୨୦୨୪ ମସିହାରେ ଏହି ପର୍ଯ୍ୟାୟ କାର୍ଯ୍ୟକାରୀ ହେବ। ତୃତୀୟ ପର୍ଯ୍ୟାୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଜଣେ ମହିଳାଙ୍କ ସମେତ ମୋଟ ଚାରିଜଣ ମହାକାଶଚାରୀ ଚନ୍ଦ୍ରପୃଷ୍ଠରେ ଅବତରଣ କରିବେ। ସେମାନେ ସେଠାରେ ଛଅଦିନ ରହି ବିଭିନ୍ନ ପରୀକ୍ଷା କରି ପୃଥିବୀ ପୃଷ୍ଠକୁ ଫେରିବେ। ଏହା ୨୦୨୫ ମସିହା ପାଇଁ ସ୍ଥିରୀକୃତ ହୋଇଛି।

ଆମେରିକା ମଧ୍ୟ ଚନ୍ଦ୍ର କକ୍ଷରେ ଗୋଟିଏ ଛୋଟ ମହାକାଶ କେନ୍ଦ୍ର ଅବସ୍ଥାପିତ କରିବା ପାଇଁ ଯୋଜନା କରିଛି। ଏହାର ନାମ 'ଗେଟ୍‌ୱେ' ରଖାଯାଇଛି। ଯୋଜନା ଅନୁଯାୟୀ ଭବିଷ୍ୟତରେ ଚନ୍ଦ୍ର ଅଭିଯାନରେ ମହାକାଶଚାରୀମାନେ ଓରିଅନ୍ ଯାନରେ ଯାଇ ଏହି ମହାକାଶ କେନ୍ଦ୍ର ସହିତ ଯୋଡ଼ିହେବେ ଏବଂ ସେଠାରୁ ଅନ୍ୟ ଏକ ଯାନରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବେ। ପୁନଶ୍ଚ ଚନ୍ଦ୍ରପୃଷ୍ଠରେ ଗୋଟିଏ ସ୍ଥାୟୀ ଘାଟି ପ୍ରତିଷ୍ଠା କରିବା ପାଇଁ ଆମେରିକାର ପ୍ରସ୍ତାବ ଅଛି ଏବଂ ଏହି ଘାଟିରୁ ସୁଦୂର ମହାକାଶ ଅଭିଯାନ ସହଜ ହୋଇପାରିବ ବୋଲି ଆଶା କରାଯାଉଛି।

ଚନ୍ଦ୍ର ଆମର ନିକଟତମ ଜ୍ୟୋତିର୍ବିଦୀୟ ପିଣ୍ଡ ହୋଇଥିଲେ ସୁଦ୍ଧା ଏହାର ସୃଷ୍ଟି ଓ ଗଠନ ସମ୍ବନ୍ଧରେ ବିଶଦ ବିବରଣୀ ଜଣାନାହିଁ। ଏଣୁ ଏହି ଅଭିଯାନଗୁଡ଼ିକ ଚନ୍ଦ୍ରର ରହସ୍ୟକୁ ଉନ୍ମୋଚନ କରିବ ବୋଲି ଆଶା।

-୭୦, ଲକ୍ଷ୍ମୀସାଗର,
ଫେଜ୍-୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

## ଅଲରାଉଣ୍ଡର ରୋବୋ



ଆଜିକାଲି ରୋବୋର ବ୍ୟବହାର ଅନେକ କ୍ଷେତ୍ରରେ କରାଯାଇଛି। ଏପରି କି ଚିକିତ୍ସା ବିଜ୍ଞାନରେ ଏହାକୁ ଉପଯୋଗ କରାଯାଇ ଅପରେଶନ ବା ଅସ୍ତ୍ରୋପଚାର ପରି ଗୁରୁତ୍ୱପୂର୍ଣ୍ଣ କାମକୁ ସହଜରେ ସମ୍ପାଦନ କରାଯାଇପାରୁଛି। ଏବେ ଆମେ କେତେକ ସମସ୍ୟାର ସମାଧାନ କିପରି କରିବା ସେ ନେଇ ଚିନ୍ତିତ ରହୁଛେ। ତେବେ ଏଭଳି ସମସ୍ୟାର ସମାଧାନ କରିବାକୁ ଏକ ହାଇଟେକ୍ ରୋବୋ ପ୍ରସ୍ତୁତ କରାଯାଇଛି। ଜର୍ମାନୀର ବିଶେଷଜ୍ଞମାନେ ଏପରି ସ୍ମାର୍ଟ ରୋବୋକୁ ତିଆରି କରିବା ସହ ତାହା କିପରି କାମ କରୁଛି ମଧ୍ୟ ପରୀକ୍ଷା କରିସାରିଛନ୍ତି। ଅସୁବିଧା ସମୟରେ ଯଦି ଜଣେ ବ୍ୟକ୍ତି ଏହି ରୋବୋକୁ ସାହାଯ୍ୟର ହାତ ବଢ଼ାନ୍ତି ତେବେ ସଂପୃକ୍ତ ରୋବୋ ନିର୍ବିକାର ଭାବରେ ସାହାଯ୍ୟ କରିଥାଏ। ତା'ସହ ଅସମାଧିତ ପ୍ରଶ୍ନାବଳୀର ଉତ୍ତର ମଧ୍ୟ ଦେଇଥାଏ। ଯଦି ଜଣେ ବ୍ୟକ୍ତି ନିଜ ମନ ପସନ୍ଦର ସଙ୍ଗୀତ ଶୁଣିବାକୁ ଚାହୁଁଛନ୍ତି ତେବେ ସେ ଏପରି ରୋବୋର ସାହାଯ୍ୟ ନେଇପାରିବେ। ତେବେ ଏଭଳି ଅଲରାଉଣ୍ଡର ରୋବୋ ଖୁବ୍ ଶୀଘ୍ର ବଜାରରେ ଉପଲବ୍ଧ ହେବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## କାର୍ଯ୍ୟଧାରାକୁ ପ୍ରଭାବିତ କରେ ମେଦ ବୃଦ୍ଧି



ମେଦ ବା ଓଜନ ବୃଦ୍ଧିଠାରୁ ଆମେ ନିଜକୁ ଦୂରେଇ ରଖିବା ଆବଶ୍ୟକ। କାରଣ ମେଦବୃଦ୍ଧି ଏପରି ଏକ ସମସ୍ୟା ଯାହା ସମୟକ୍ରମେ ଗୁରୁତର ଆକାର ଧାରଣ କରିଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତି ଆଉ କେତେକ ରୋଗର ଶିକାର ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ମେଦ ବୃଦ୍ଧି ହେବା ଦ୍ୱାରା ଜଣେ ବ୍ୟକ୍ତିଙ୍କର କାର୍ଯ୍ୟଧାରା ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। 'କାର୍ଯ୍ୟଧାରା ଓ ମେଦବୃଦ୍ଧି' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ମେଦ ବୃଦ୍ଧି ସହ ଜଡିତ କିଛି ବ୍ୟକ୍ତିଙ୍କର କାର୍ଯ୍ୟଧାରାକୁ ଜଣେ ସାଧାରଣ ମନୁଷ୍ୟର କାର୍ଯ୍ୟଧାରା ସହ ତୁଳନା କରାଯାଇଥିଲା। ଏହି ସମୟରେ କେତେକ ମେଦବହୁଳ ବ୍ୟକ୍ତି ନିଜ କାର୍ଯ୍ୟକୁ ସମ୍ପାଦନ କରିବାରେ କିଛି ସମସ୍ୟାର ସମ୍ମୁଖୀନ ହେଉଥିବାର ଜଣାପଡିଥିଲା। ଓଜନ ବଢ଼ିବା ଦ୍ୱାରା ସେହି ବ୍ୟକ୍ତିଙ୍କର ମାନସିକତା ମଧ୍ୟ ପ୍ରଭାବିତ ହୋଇଥାଏ, ଯାହାଦ୍ୱାରା ନିଜ କାର୍ଯ୍ୟକୁ ସେମାନେ ଠିକ୍ ଭାବରେ ତୁଲାଇ ପାରନ୍ତି ନାହିଁ ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ତେଣୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜର ଓଜନ କିପରି ସନ୍ତୁଳିତ ରହିବ ସେ ନେଇ ଦୃଷ୍ଟି ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ସୁଷମ ଖାଦ୍ୟ ଓ ରକ୍ତ ସଞ୍ଚାଳନ

ଆମ ଶରୀର ରକ୍ତ ସଞ୍ଚାଳନ ଠିକ୍ ହେବାର ହେବା ଦରକାର। ନ ହେଲେ ହାର୍ଟ ଆଟାକ ଏବଂ ବ୍ଲଡପ୍ରେସର ପରି କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ଏହା କାରଣ ସାଜିଥାଏ। ଏହାର ଏକ ସରଳ ତଥା ସହଜ ଉପାୟ ରହିଛି, ତାହା ପୁଣି ହାତ ପାଆନ୍ତାରେ। ଯଦି ଜଣେ ବ୍ୟକ୍ତି ତାଙ୍କର ଦୈନନ୍ଦିନ ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ ସାମିଲ କରନ୍ତି ତେବେ ତାହା ଶରୀର ପାଇଁ ବେଶ୍ ଉପକାରୀ। ଅନ୍ୟପକ୍ଷରେ ଏହାଦ୍ୱାରା ଆମ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ।



ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡିତ କିଛି ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରି ସେମାନଙ୍କୁ ନିୟମିତ ସୁଷମ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ। ଏହାବ୍ୟତୀତ ନିୟମିତ ସମୟ ଅନ୍ତରାଳରେ ଏଭଳି ଖାଦ୍ୟର କି ପ୍ରକାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରାଯାଇଥିଲା। ପରିଶେଷରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତି ରକ୍ତ ସଞ୍ଚାଳନଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ବ୍ରେକଫାଷ୍ଟ ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି

ବ୍ରେକଫାଷ୍ଟ ଶରୀର ପାଇଁ କେତେ ଲାଭପ୍ରଦ ତାହା କହିବା ଅନାବଶ୍ୟକ। ଜଣେ ବ୍ୟକ୍ତି ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏଥିପ୍ରତି ସଚେତନ ହେବା ନିହାତି ଜରୁରୀ। ନିୟମିତ ତଥା ଠିକ୍ ସମୟରେ ବ୍ରେକଫାଷ୍ଟ ଖାଇଲେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏପରି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଦକ୍ଷିଣ କୋରିଆର ବିଶେଷଜ୍ଞମାନେ କେତେକ ବ୍ୟକ୍ତିଙ୍କୁ ନେଇ ସର୍ଭେ କରିଥିଲେ। ଏମାନଙ୍କ ମଧ୍ୟରୁ ଯେଉଁମାନେ ନିୟମିତ ଏବଂ ଠିକ୍ ସମୟରେ ବ୍ରେକଫାଷ୍ଟ କରୁଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ଥିବାର ଜଣାପଡିଥିଲା। ଏହି ଖାଦ୍ୟ ତାଲିକାରେ ସବୁବେଳେ ତଟକା ଫଳମୂଳ ଏବଂ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ନିୟମିତ ବ୍ରେକ୍‌ଫାଷ୍ଟ କରିବା ଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ ମାନସିକତା ସକାରାତ୍ମକ ରହିଥାଏ।



## ସହଜ କଥା, ହେଲେ...



ଆଜିକାଲି ପ୍ରାୟ ସମସ୍ତଙ୍କର ମୁଣ୍ଡବ୍ୟଥା ଏକ ସାଧାରଣ କଥା ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ଏହି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଲେ ତାହାକୁ ମାଇଗ୍ରେନ୍ କୁହାଯାଇଥାଏ। ତେବେ ଏଭଳି କେତେକ ଉପାୟ ରହିଛି ଯାହାଦ୍ୱାରା ଜଣେ ଏପରି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିପାରିବେ। ଜାଣନ୍ତୁ ସେ ସମ୍ପର୍କରେ...

- ➡ଠିକ୍ ସମୟରେ ଖାଦ୍ୟ ନ ଖାଇବା ଏବଂ ଆବଶ୍ୟକ ମୁତାବକ ପାଣି ନ ପିଇବା ଦ୍ୱାରା ମୁଣ୍ଡବିନ୍ଧା ସମସ୍ୟା ଦେଖାଦେଇଥାଏ। ତେଣୁ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ ଏବଂ ଦିନକୁ ୨-୩ ଲିଟର ପାଣି ପିଅନ୍ତୁ। ସବୁବେଳେ ଖାଦ୍ୟ ତାଲିକାରେ ଭିଟାମିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଅଧିକ ତେଲମସଲା ଏବଂ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ➡ନିଜ ଦୈନନ୍ଦିନ ଜୀବନଶୈଳୀ ପ୍ରତି ସଚେତନ ରୁହନ୍ତୁ। ଏକ ରୁଟିନ୍ ଲାଇଫ ଷ୍ଟାଇଲ ସବୁବେଳେ ଅନୁସରଣ କରନ୍ତୁ।
- ➡ଅତ୍ୟଧିକ କାର୍ଯ୍ୟଭାର ମୁଣ୍ଡବିନ୍ଧାର କାରଣ ସାଜିଥାଏ। ତେଣୁ ସବୁବେଳେ ନିଜର ସାମର୍ଥ୍ୟ ଅନୁସାରେ ହିଁ କାମ କରନ୍ତୁ।
- ➡କେତେକେ କୌଣସି କଥାକୁ ନେଇ ଅଧିକ ଚିନ୍ତା କରିଥାଆନ୍ତି। ଏହାମଧ୍ୟ ବେଳେବେଳେ ମୁଣ୍ଡବିନ୍ଧାର କାରଣ ହୋଇଥାଏ। ତେଣୁ ନିଜକୁ ଏଭଳି ଚିନ୍ତାଧାରାଠାରୁ ଦୂରେଇ ରଖନ୍ତୁ।
- ➡ସବୁବେଳେ ଖୁସିର ମାହୋଲରେ ରହିବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ମାନସିକତା ସବୁବେଳେ ସକାରାତ୍ମକ ରହିଥାଏ।
- ➡ନିଜକୁ ଅବସାଦ ଏବଂ ଟେନସନଠାରୁ ଦୂରେଇ ରଖନ୍ତୁ। କାରଣ ଏଭଳି ପରିବେଶ ମୁଣ୍ଡବିନ୍ଧାରେ ଅନେକାଂଶରେ ସାହାଯ୍ୟ କରିଥାଏ।
- ➡ମନକୁ କଦାପି ଭାରାକ୍ରାନ୍ତ ରଖନ୍ତୁ ନାହିଁ। ସବୁବେଳେ ଖୁସିରେ ରହିବାକୁ ଚେଷ୍ଟା କରନ୍ତୁ।
- ➡ସନ୍ତୁଳିତ ଖାଦ୍ୟ ଏପରି ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ।
- ➡ମୁଣ୍ଡବ୍ୟଥାରୁ ଉପଶମ ପାଇବାର ଆଉ ଏକ ସହଜ ଉପାୟ ରହିଛି। ତାହା ହେଲା ବିଶ୍ରାମ। ଅନେକେ ରାତିରେ ଆବଶ୍ୟକ ମୁତାବକ ଶୋଇ ନ ଥାନ୍ତି। ଫଳରେ ସେମାନେ ମୁଣ୍ଡବିନ୍ଧା ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ ୬-୭ ଘଣ୍ଟା ଶୁଅନ୍ତୁ।
- ➡ମୁଣ୍ଡବିନ୍ଧାରୁ ଉପଶମ ପାଇବା ଲାଗି ମୁଣ୍ଡକୁ ମସାଜ କରିପାରନ୍ତି।

## ଅବସାଦ ପାଇଁ ଦାୟୀ ଶୟନରେ ଅନିୟମିତତା



ଠିକ୍ ସମୟରେ ଏବଂ ଆବଶ୍ୟକ ମୁତାବକ ଶୋଇବା ଆମ ଶରୀର ପାଇଁ ବେଶ୍ ହିତକର। ଜଣେ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ନିହାତି ଦରକାର। ଆଉ ଯଦି ଏଥିରେ ଅନିୟମିତତା ଲାଗିରହେ ତେବେ ତାହା ନିଦ୍ରାଜନିତ ସସମ୍ୟାକୁ ଡାକିଆଣିଥାଏ। ନିକଟରେ ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ତାହା ହେଲା ଅବସାଦ। ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିପାରିଛନ୍ତି ଯେ, ଯଦି ଜଣେ ବ୍ୟକ୍ତିଙ୍କର ଶୋଇବାରେ ଅନିୟମିତତା ଦେଖାଯାଏ, ତେବେ ସେ ଅବସାଦର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଅବସାଦଜନିତ ସମସ୍ୟା ସହ ଜଡିତ କିଛି ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟକୁ ବିଶ୍ଳେଷଣ କରୁଥିବା ବେଳେ ସେମାନେ ଏ ବିଷୟରେ ଜାଣିପାରିଥିଲେ। ଅନିଦ୍ରା ସହ ସମ୍ପୃକ୍ତ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଅବସାଦର ଲକ୍ଷଣ ସେମାନେ ଦେଖିବାକୁ ପାଇଥିଲେ। ଅଧିକାଂଶ ସମୟ ଅନିଦ୍ରା ରହିବା ଫଳରେ ମସ୍ତିଷ୍କର କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ, ଫଳରେ ଜଣେ ବ୍ୟକ୍ତି ଅବସାଦଗ୍ରସ୍ତ ହେବାର ଆଶଙ୍କା ରହିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟ ସୂଚନା

- ➤ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ହେଉଥିବା ପାଚନ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ।
- ➤ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।
- ➤ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।
- ➤ଖାଇବା ସାରିବା ପରେ ଚା', କଫି କିମ୍ବା କୋଲ୍ଡ଼ଡ୍ରିଙ୍କସ୍ ଆଦୌ ପିଅନ୍ତୁ ନାହିଁ। କାରଣ ଏହା ହଜମ ଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ ଓ ଏହା ରକ୍ତ ସଞ୍ଚାଳନ ଉପରେ ପ୍ରଭାବ ପକାଏ।
- ➤ମଧୁମେହ କିମ୍ବା ଡାଇବେଟିସ୍ ରୋଗୀମାନେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହା ଦ୍ୱାରା ମେଦ ବୃଦ୍ଧି ପାଇଥାଏ।
- ➤ଦାନ୍ତକୁ ସଫା ରଖିବା ପାଇଁ ହେଲେ ପ୍ରତିଦିନ ସକାଳେ ଓ ରାତ୍ର ଭୋଜନ ପରେ ଭଲଭାବରେ ବ୍ରଶ୍ କରନ୍ତୁ। ଏହା ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।



# ଅନ୍ତିମ ଟି୨୦ ଜିତିଲା ଇଂଲଣ୍ଡ

**ନଟିଂହାମ୍, ୧୦।୭**

ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଶତକ ସତ୍ତ୍ୱେ ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଭାରତ ପରାଜିତ ହୋଇଛି। ୨୧୬ ରନ ଲକ୍ଷ୍ୟର ପିଛା କରି ୧୯୮ ରନରେ ସୀମିତ ରହିବା ସହିତ ୧୭ ରନରେ ହାରିଛି ଦଳ। ତେବେ ସିରିଜକୁ ୨-୧ରେ କରାୟତ କରିଛି ଭାରତ। ଦାଭିଦ୍ ମଲନଙ୍କ ଧୂଆଁଧାର ୭୭ ସହିତ ଲିଆମ ଲିଭିଙ୍ଗଷ୍ଟୋନଙ୍କ ୪୨ ରନ ବଳରେ ଇଂଲଣ୍ଡ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ହରାଇ ୨୧୫ ରନ୍ କରିଥିଲା। ଜବାବରେ ରୋହିତ ଶର୍ମା(୧୧), ରିଷଭ ପନ୍ତ(୧) ଓ ବିରାଟ କୋହଲି(୧୧) ରନ୍ କରିଥିବା ବେଳେ ଭାରତ ୩୧ ରନରେ ୩ ଉଇକେଟ୍ ହରାଇଥିଲା। ମାତ୍ର ସୂର୍ଯ୍ୟକୁମାର ଯାଦବ(୧୧୭) ଓ ଶ୍ରେୟାସ ଆୟାର(୨୮) ଇନିଂସ ସମ୍ଭାଳିବା ସହିତ ୧୧୯ ରନର ଭାଗିଦାରୀ କରିଥିଲେ। ସୂର୍ଯ୍ୟକୁମାର ଧୂଆଁଧାର ବ୍ୟାଟିଂ କରୁଥିବା ବେଳେ ଶେଷ ଭାଗରେ ଅନ୍ୟ ବ୍ୟାଟରଙ୍କ ସହଯୋଗ ମିଳିନଥିଲା। ୫୫ ବଲର ସୂର୍ଯ୍ୟକୁମାରଙ୍କ ଏହି ଇନିଂସରେ ୧୪ଟି ଚୌକା ଓ ୬ଟି ଛକା ସାମିଲ ଥିଲା। ଶେଷ ଆଡକୁ ଦୀନେଶ କାର୍ତ୍ତିକ(୬) ଏବଂ ରବୀନ୍ଦ୍ର ଜାଡେଜା(୭) ନିରାଶ କରିଥିଲେ। ଇଂଲଣ୍ଡ ପକ୍ଷରୁ ରିସି ଟୋପ୍‌ଲେ ସର୍ବାଧିକ ୩ଟି ଉଇକେଟ ନେଇଥିଲେ।


ଶତକୀୟ ଇନିଂସ ଅବସରରେ ଶଟ୍ ଖେଳୁଛନ୍ତି ସୂର୍ଯ୍ୟକୁମାର ଯାଦବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପକ୍ଷରୁ ଅଧିନାୟକ ବଟଲର(୧୮) ଏବଂ ଜାସନ ରୟ(୨୭) ଯୋଡିଥିଲେ ୩୧ ରନ୍। ୯ଟି ବଲରୁ ୨ ଚୌକା ଓ ୧ ଛକା ସହିତ ୧୮ କରିଥିବା ବଟଲରଙ୍କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ ଆଭେଶ ଖାନ୍। ପରବର୍ତ୍ତୀ ବ୍ୟାଟ୍ସମ୍ୟାନ ଭାବରେ ରୟ ଉମ୍ରାନ୍ ମଲିକଙ୍କ ଶିକାର ହୋଇଥିଲେ। ରୟ ଗୋଟିଏ ଚୌକା ଓ ୨ ଛକା ସହିତ ୨୭ ରନ କରିଥିଲେ ହେଁ ଏଥିପାଇଁ ଖେଳିଥିଲେ ୨୬ଟି ବଲ୍। ରୟଙ୍କ ୱିକେଟ ପତନ ପରେ ମଲନଙ୍କ ସହିତ ଯୋଗ ଦେଇଥିଲେ ବିପଜ୍ଜନକ ଲିଆମ୍ ଲିଭିଙ୍ଗଷ୍ଟୋନ। ତେବେ ଚିରାଚରିତ ଭାବରେ ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ଲିଭିଙ୍ଗଷ୍ଟୋନ ଧୀମା ବ୍ୟାଟିଂ କରିଥିବା ବେଳେ ଆକ୍ରମଣ କରିଥିଲେ ମଲନ। ପଡିଆର ଚତୁର୍ଦ୍ଦିଗକୁ ଶଟ୍ ମାନ ମାରିବା ସହିତ ମାତ୍ର ୩୯ଟି ବଲରୁ କରିଥିଲେ ୭୭ ରନ୍। ୬ଟି ଚୌକା ଓ ୫ଟି ଛକା ମାରିଥିବା ମଲନ ରବି ବିଷ୍ଣୋଇଙ୍କ ବଲରେ ପନ୍ତଙ୍କୁ କ୍ୟାଚ ଦେଇଥିଲେ। ମଲନଙ୍କ ୱିକେଟ ପତନ ପରେ ଲିଭିଙ୍ଗଷ୍ଟୋନ(୪୨), ହ୍ୟାର ବ୍ରୁକ୍(୧୯) ଓ କ୍ରିସ୍ ଜୋର୍ଡାନ(୧୧)ଙ୍କ ଦ୍ରୁତ ବ୍ୟାଟିଂ କାରଣରୁ ଇଂଲଣ୍ଡର ସ୍କୋର ୨୦୦ ରନ ପାର କରିଥିଲା। ଲିଆମ ଲିଭିଙ୍ଗଷ୍ଟୋନ୍ ୨୯ ବଲର ସମ୍ମୁଖୀନ ହୋଇ ୪ଟି ବିଶାଳ ଛକା ସହିତ ୪୨ ରନ୍ ସଂଗ୍ରହ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ରୁକ୍ସ ୧୯, ଜୋର୍ଡାନ ୧୧ରନ କରିଥିଲେ। ଭାରତ ପକ୍ଷରୁ ରବି ବିଷ୍ଣୋଇ ଏବଂ ହର୍ଷଲ ପଟେଲ ଦୁଇଟି ଲେଖାଏଁ ୱିକେଟ ଅକ୍ତିଆର କରିଥିବା ବେଳେ ଆଭେଶ ଖାନ୍ ଓ ଉମ୍ରାନ ମଲିକ୍ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୦ ଓଭରରେ ୨୧୫/୭, ଦାଭିଦ ମଲନ-୭୭, ଲିଆମ୍ ଲିଭିଙ୍ଗଷ୍ଟୋନ୍-୪୨, ଜାସନ୍ ରୟ-୨୭, ରବି ବିଷ୍ଣୋଇ-୨/୩୦, ହର୍ଷଲ ପଟେଲ-୨/୩୫। ଭାରତ ୨୦ ଓଭରରେ ୧୯୮/୯ (ସୂର୍ଯ୍ୟକୁମାର ଯାଦବ-୧୧୭, ଶ୍ରେୟାସ ଆୟାର-୨୮ ; ରିସି ଟୋପଲେ-୩/୨୨, କ୍ରିସ୍ ଜୋର୍ଡାନ-୨/୩୭, ଡେଭିଡ ୱିଲି-୨/୪୦)।

# ଅଭିଷେକ, ମାଧୁରୀ ପାଇଲେ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର


ସହିଦ ସ୍ପୋର୍ଟିଂ-ମାରୁତି ଇଷ୍ଟେଟ୍ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ ଉତ୍ସବ ଅବସରରେ ଅତିଥି, କର୍ମକର୍ତ୍ତା ଓ ପୁରସ୍କାର ବିଜେତା।

**ଭୁବନେଶ୍ୱର, ୧୦।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶାର ସବୁଠାରୁ ପୁରୁଣା ଓ ନିୟମିତ ପ୍ରଦାନ କରାଯାଉଥିବା ବାର୍ଷିକ କ୍ରୀଡ଼ା ପୁରସ୍କାର ସହିଦ ସ୍ପୋର୍ଟିଂ-ମାରୁତି ଇଷ୍ଟେଟ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ୨୦୨୧-୨୨ ସିଜନ ସମ୍ମାନ ପାଇଛନ୍ତି ଅଭିଷେକ ରାଉତ ଓ ମାଧୁରୀ ମେହେଟ୍ଟା। ଗତ ସିଜନରେ ସଫଳ ରହିଥିବା ଅଭିଷେକ ଏବଂ ମାଧୁରୀଙ୍କୁ ଯଥାକ୍ରମେ ବର୍ଷର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର ପୁରସ୍କାର ମିଳିଛି। ଅଭିଷେକ ୨୯ତମ ପୁରୁଷ କ୍ରିକେଟର ଏବଂ ମାଧୁରୀ ୮ମ ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି। ରଣ୍‌ଜୀ ଟ୍ରଫି ସହ ଅନ୍ୟ ଦୁଇ ଫର୍ମାଟ୍‌ର ପ୍ରଦର୍ଶନକୁ ବିଚାର କରାଯାଇ ଅଲ୍ ରାଉଣ୍ଡ ସଫଳତା ଆଧାରରେ ଅଭିଷେକଙ୍କୁ ଚୟନ ସମିତି ବାଛିଥିଲା। ତିନୋଟିଯାକ ଫର୍ମାଟ୍‌ରେ ଗତ ସିଜନରେ ଅଭିଷେକ ମୋଟ ୪୮୯ ରନ୍ କରିବା ସହ ୧୮ଟି ଉଇକେଟ ଦଖଲ କରିଥିଲେ। ସଦ୍ୟ ଶେଷ ମହିଳା ସିଜନରେ ମାଧୁରୀଙ୍କ ପ୍ରଦର୍ଶନ ଭଲ ଥିଲା। ସେ ଏକଦିବସୀୟ ଏବଂ ଟି ୨୦ରେ ମୋଟ୍ ୪୫୪ ରନ୍ ସ୍କୋର କରି ଓଡ଼ିଶା ମହିଳା ଦଳର ଟପ୍ ସ୍କୋରର ହୋଇଥିଲେ। ଉଭୟଙ୍କୁ ପୁରସ୍କାର ଆକାରରେ ୩୧ ହଜାର ଟଙ୍କାର ଚେକ୍, ପ୍ରଶସ୍ତିପତ୍ର ଏବଂ ଟ୍ରଫି ରବିବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯାଇଛି। ଅଭିଷେକଙ୍କ ଅନୁପସ୍ଥିତିରେ ତାଙ୍କ ମାତାପିତା ଏହି ପୁରସ୍କାର ଗ୍ରହଣ କରିଥିଲେ। ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ଦୁଇଥର ରଣ୍‌ଜୀ ଟ୍ରଫି ବିଜେତା କ୍ରିକେଟର ରଶ୍ମିରଞ୍ଜନ ପରିଡ଼ା, ଭୁବନେଶ୍ୱର ଆଥ୍‌ଲେଟିକ୍ସ ଆସୋସିଏଶନ୍ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଭିଷେକ ଏହି ସମ୍ମାନଜକ ପୁରସ୍କାର ପ୍ରଥମଥର ଏବଂ ମାଧୁରୀ ଏହା ଦ୍ୱିତୀୟଥର ପାଇଛନ୍ତି। ଉଭୟ ବିଜେତାଙ୍କୁ ଦାମୀ ଓକ୍‌ଲେ ବ୍ରାଣ୍ଡ୍‌ର ଚଷମା ପ୍ରଦାନ କରାଯାଇଥିଲା। ଖେଳାଳିଙ୍କ ରାତ୍ରିକାଳୀନ ବ୍ୟବହାରରେ ଏହା ବିଶେଷ ଉପଯୋଗୀ। କ୍ରୀଡ଼ା ଖବରଦାତା ସୁଶାନ୍ତ ମହାନ୍ତି, ସୁରେଶ ସ୍ୱାଇଁ, ସମୀକ୍ଷା ପଟ୍ଟନାୟକ, ତପନ ସ୍ୱାଇଁ , ନିରଞ୍ଜନ ରେଡ୍ଡୀ, ଉମାକାନ୍ତ ମିଶ୍ର, ସମ୍ବିତ ମହାପାତ୍ର, ମାରୁତି ଇଷ୍ଟେଟ୍‌ର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂହ, ସହିଦ ସ୍ପୋର୍ଟିଂର କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି ଏବଂ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କୁ ନେଇ ଗଠିତ ଚୟନ ସମିତି ଏହି ଦୁଇ ଖେଳାଳିଙ୍କୁ ମନୋନୀତ କରିଥିଲା। ସୂଚନାଯୋଗ୍ୟ, ରାଜ୍ୟର କ୍ରିକେଟ ଖେଳାଳିଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ବାର୍ଷିକ ପୁରସ୍କାର ୧୯୯୨-୯୩ ସିଜନରୁ ଆରମ୍ଭ ହୋଇଥିଲା।


ନୋଭାକ ଜୋକୋଭିଚ୍

# ଜୋକୋଭିଚ୍ ଚାମ୍ପିୟନ

**ୱିମ୍ବେଲଡନ, ୧୦।୭:** ସର୍ବୀୟ ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍ ୱିମ୍ବେଲଡନ ଓପନ ଟେନିସ ଚାମ୍ପିୟନ ହୋଇଛନ୍ତି। ଅଲ ଇଂଲଣ୍ଡ କ୍ଲବରେ ଏହା ହେଉଛି ତାଙ୍କର କ୍ରମାଗତ ଚତୁର୍ଥ ପୁରୁଷ ସିଙ୍ଗଲ୍ସ ଟାଇଟଲ। ସେଣ୍ଟରକୋର୍ଟରେ ରବିବାର ଅନୁଷ୍ଠିତ ଫାଇନାଲରେ ୩୫ ବର୍ଷୀୟ ଜୋକୋଭିଚ୍ ଅଷ୍ଟ୍ରେଲିଆର ନିକ୍ କିର୍ଗିଓସଙ୍କୁ ୪-୬, ୬-୩, ୬-୪, ୭-୬ (୭-୩) ସେଟ୍‌ରେ ହରାଇ ଦେଇଛନ୍ତି। ୱିମ୍ବେଲଡନରେ ଏହା ହେଉଛି ତାଙ୍କର ୭ମ ଏବଂ ମୋଟ ଉପରେ ୨୧ତମ ଗ୍ରାଣ୍ଡସ୍ଲାମ ଟାଇଟଲ। ରାଫାଲ ନାଡାଲ ସର୍ବାଧିକ ୨୨ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଜୋକୋଭିଚ୍ ତାଙ୍କଠାରୁ ଆଉ ଗୋଟିଏ ଟାଇଟଲ ପଛରେ ରହିଛନ୍ତି।

# ଲେକ୍‌ରେକ୍ ଜିତିଲେ ଅଷ୍ଟ୍ରିଆନ ଗ୍ରାଁ ପ୍ରି

**ସ୍ପିଲ୍‌ବର୍ଗ (ଅଷ୍ଟ୍ରିଆ), ୧୦।୭:** ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ଅଷ୍ଟ୍ରିଆନ୍ ଓପନ ଫର୍ମୁଲା ୱାନ ମୋଟର ରେସ୍ ଜିତିଛନ୍ତି। ବିଜୟ ପଥରେ ସେ ୩ଥର ତାଙ୍କ ଟାଇଟଲ ପ୍ରତିଦ୍ୱନ୍ଦ୍ୱୀ ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ଅତିକ୍ରମ କରିଥିଲେ। ଟିମ୍‌ମେଟ୍ କାର୍ଲୋସ ସେଞ୍ଜଙ୍କ ପ୍ରଦର୍ଶନ ଭଲ ଥିଲା। ଫେରାରି ପାଇଁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ସମ୍ଭାବନା ରହିଥିଲା। ମାତ୍ର ୧୪ତମ ଲାପ୍‌ରେ ସେଞ୍ଜଙ୍କ ଇଞ୍ଜିନ ଅଚଳ ହୋଇପଡ଼ିଥିଲା। ଲେକ୍‌ରେକ୍‌ଙ୍କୁ ଅନ୍ତିମ ୧୦ ଲାପ୍‌ରେ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଲେକ୍‌ରେକ୍ ଭର୍ଷ୍ଟାପେନ୍‌ଙ୍କ ଚାମ୍ପିୟନଶିପ୍ ଅଗ୍ରଣୀ ପଏଣ୍ଟ ୩୮କୁ ହ୍ରାସ କରିବା ସହ ତାଙ୍କ ପାଇଁ ଆଶା ଉଜ୍ଜୀବିତ କରିଛନ୍ତି। ରବିବାର ଏହି ବିଜୟ ଦ୍ୱାରା ଲେକ୍‌ରେକ୍ ଷ୍ଟାଣ୍ଡିଂରେ ରେଡ୍‌ବୁଲ୍‌ର ସର୍ଗିଓ ପେରେଜଙ୍କୁ ହଟାଇ ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛନ୍ତି। ରେସ୍‌ରେ ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ମର୍ସିଡିଜ୍‌ର ଦୁଇ ଡ୍ରାଇଭର ଲୁଇସ୍ ହାମିଲଟନ ଓ ଜର୍ଜ ରସେଲ ୩ୟ ଓ ୪ର୍ଥ ସ୍ଥାନରେ ରହିଥିଲେ। ସେହିପରି ୫ମ, ୬ଷ୍ଠ ଓ ୭ମ ଏଷ୍ଟିବାନ ଓକନ (ଆଲ୍‌ପାଇନ୍), ମିକ୍ ସୁମାକର (ହାସ୍) ଓ ଲାଣ୍ଡୋ ନୋରିସ (ମ୍ୟାକଲରେନ) ଅଧିକାର କରିଥିଲେ। ଅଷ୍ଟମରୁ ଦଶମ ସ୍ଥାନରେ ରହିଥିଲେ କେଭିନ ମାଗ୍ନସେନ (ହାସ୍), ଡାନିଏଲ ରିକାର୍ଡୋ(ମ୍ୟାକଲରେନ୍) ଓ ଫର୍ନାଣ୍ଡୋ ଆଲୋଁସୋ(ଆଲପାଇନ୍)।






# ଓଡ଼ିଶା ମହିଳା, ପୁରୁଷ ଫୁଟ୍‌ବଲ ଦଳକୁ ଯୋଗ୍ୟତା

**ଭୁବନେଶ୍ୱର, ୧୦।୭(ସ୍ପୋର୍ଟସ ବ୍ୟୁରୋ) :** ଓଡ଼ିଶାର ପୁରୁଷ ଓ ମହିଳା ଫୁଟବଲ୍ ଦଳ ୩୬ତମ ଜାତୀୟ କ୍ରୀଡା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଗୁଜରାଟରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ପାଇଁ ପ୍ରଥମ ଥର ପାଇଁ ଓଡ଼ିଶାର ଉଭୟ ସିନିୟର ପୁରୁଷ ଓ ମହିଳା ଦଳ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ବର୍ଗରେ ୮ଟି ଲେଖାଏଁ ରାଜ୍ୟ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଉଭୟ ବର୍ଗରେ ସାମିଲ ରହିଛି ଓଡ଼ିଶା। ଓଡ଼ିଶା ପୁରୁଷ ଫୁଟବଲ ଦଳ ସନ୍ତୋଷ ଟ୍ରଫିର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ଓଡ଼ିଶା ମହିଳା ଫୁଟବଲ ଦଳ ଜାତୀୟ ଫୁଟବଲ ଲିଗରେ ସେମି ଫାଇନାଲ ପ୍ରବେଶ କରିଥିଲା।

ଫୁଟବଲକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳୁଥିବା ପ୍ରୋତ୍ସାହନ ପାଇଁ ଏହା ସମ୍ଭବ ହୋଇ ପାରିଛି ବୋଲି କହିଛନ୍ତି ଫୁଟବଲ୍ ଆସୋସିଏସନ୍ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା। ନିରନ୍ତର ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି ଫାଓ ସମ୍ପାଦକ। ଓଡ଼ିଶା ସିନିୟର ପୁରୁଷ ଦଳ କେରଳ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ମଣିପୁର, ପଞ୍ଜାବ ଓ ମେଘାଳୟ ସହିତ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟ ପକ୍ଷରେ ମହିଳା ଦଳ ମଣିପୁର, ମିଜୋରାମ, ଆସାମ, ଗୋଆ, ତାମିଲନାଡୁ, ମହାରାଷ୍ଟ୍ର ସହିତ ଯୋଗ୍ୟତା ଅର୍ଜନ କରିଛି। ଆୟୋଜକ ରାଜ୍ୟ ଭାବରେ ଗୁଜରାଟ ଉଭୟ ପୁରୁଷ ଓ ମହିଳା ବର୍ଗରେ ଅଂଶଗ୍ରହଣ କରିବ।

# ରାଧାରମଣ କ୍ଲବର ବୃହତ ବିଜୟ

**ଭୁବନେଶ୍ୱର, ୧୦।୭(ସ୍ପୋର୍ଟ୍ସ ବ୍ୟୁରୋ)**

ଫାଓ ଲିଗ୍ ୨୦୨୨ରେ ରବିବାର ଦୁଇଟି ମୁକାବିଲା ଖେଳାଯାଇଛି। ରାଧାରମଣ କ୍ଲବ୍ ଏବଂ ସ୍ପୋର୍ଟ୍ସ ହଷ୍ଟେଲ ନିଜ ନିଜ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। କଟକର ବାରବାଟୀରେ ଖେଳାଯାଇଥିବା ରବିବାରର ପ୍ରଥମ ତଥା ସିଜନର ସପ୍ତମ ମୁକାବିଲାରେ ପରସ୍ପରକୁ ଭେଟିଥିଲେ ରାଧାରମଣ କ୍ଲବ ଏବଂ ଇଷ୍ଟକୋଷ୍ଟ ରେଲୱେ। ଏହି ମୁକାବିଲାକୁ ଏକପାଖିଆ ଭାବେ

**ଫାଓ ଲିଗ୍ ୨୦୨୨**

ଜିତିନେଇଥିଲା ରାଧାରମଣ କ୍ଲବ। ରାଧାରମଣ କ୍ଲବ୍ ପକ୍ଷରୁ ଅର୍ଜୁନ୍ ନାଏକ ଏବଂ ସୌରଭ ରଞ୍ଜନ ହନୁମାନ ଡବଲ ଗୋଲ ସ୍କୋର କରିଥିବା ବେଳେ ଦଳ ୮-୦ରେ ବିଜୟୀ ହୋଇଥିଲା। ଅର୍ଜୁନ ମ୍ୟାଚ୍‌ର ୧୮ ଓ ୭୬ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। କ୍ରିଷ୍ଣାନୁ ଦାସ (୪୨ତମ), ବିପି ସେଠୀ (୫୯) ଏବଂ ଶ୍ରୀକାନ୍ତ ଭୋଇ (୬୯) ପ୍ରତ୍ୟେକେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।


ରାଧାରମଣ ଓ ଇଷ୍ଟକୋଷ୍ଟ ରେଲ୍‌ୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ସିଜନର ୮ମ ମୁକାବିଲାରେ ପରସ୍ପରର ସମ୍ମୁଖୀନ ହୋଇଥିଲେ ସ୍ପୋର୍ଟ୍ସ ହଷ୍ଟେଲ ଓ ଓଡ଼ିଶା ପୋଲିସ୍। ଏହି ୮ମ ମ୍ୟାଚ୍‌କୁ ୨-୦ରେ ଜିତିନେଇଥିଲା ସ୍ପୋର୍ଟ୍ସ ହଷ୍ଟେଲ୍। ମ୍ୟାଚ୍‌ର ୨୩ତମ ମିନିଟ୍‌ରେ ପାରାଓ ଟୁଡୁ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ୬୫ ତମ ମିନିଟ୍‌ରେ ସଞ୍ଜୀବ ଓରାମ୍ ଗୋଲ ସ୍କୋର କରିଥିଲେ। ସୋମବାର ଫାଓ ଲିଗ୍‌ର ନବମ ମୁକାବିଲାରେ ପରସ୍ପରର ସମ୍ମୁଖୀନ ହେବେ ରୟାଲ କ୍ଲବ୍ ଏବଂ ଓଡ଼ିଶା ସରକାର ପ୍ରେସ୍ କ୍ଲବ୍।

# ଓଡ଼ିଶା ଏଫ୍‌ସିରୁ ଖେଳିବେ ରାଲ୍‌ଟେ

**ଭୁବନେଶ୍ୱର, ୧୦।୭:** ଆସନ୍ତା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ପୂର୍ବରୁ ଓଡ଼ିଶା ଏଫ୍‌ସି ରବିବାର ମିଜୋରାମ ଜନ୍ମିତ ପୂର୍ବତନ ରାଉଣ୍ଡ ଗ୍ଲାସ୍ ପଞ୍ଜାବ ଏଫ୍‌ସି ଗୋଲ୍‌କିପର ଲାଲଥୁଆମାୱିଆ ରାଲ୍‌ଟେଙ୍କ ସହ ଏକ ଦୁଇବର୍ଷିଆ ଚୁକ୍ତି କରିଛି। ୨୯ ବର୍ଷୀୟ ଏହି ଫୁଟ୍‌ବଲ ଖେଳାଳିଙ୍କ କ୍ଲବସ୍ତରରେ ବହୁ ଅଭିଜ୍ଞତା ରହିଛି। ଆଇ-ଲିଗ୍ କ୍ଲବ ଶିଲଂ ଲାଜଙ୍ଗ ସହିତ ସେ ୨୦୧୧ରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ଆଇ-ଲିଗ୍ ବିଜେତା ରାଲ୍‌ଟେ ମେଘାଳୟଭିତ୍ତିକ କ୍ଲବ ତରଫରୁ ୪୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିଛନ୍ତି। ଦଳକୁ ସାଲଗାଓକାର ବିପକ୍ଷ ଫେଡେରେଶନ କପ୍ ଫାଇନାଲ ଖେଳାଇବାରେ ସେ ସହାୟତା କରିଥିଲେ। ରାଲ୍‌ଟେ ପରେ ବେଙ୍ଗାଲୁରୁ ଏଫ୍‌ସି ଦଳରେ ଯୋଗଦେଇଥିଲେ, ଯେତେବେଳେ ଏହି ଦଳ ଆଇ-ଲିଗ୍ ଖେଳୁଥିଲା। ପଦାର୍ପଣ ସିଜନରେ ରାଲ୍‌ଟେ କ୍ଲବ୍ ପାଇଁ ୨୦ଟି ମ୍ୟାଚ ଖେଳିଥିଲେ। ଦଳକୁ ଆଇ-ଲିଗ୍‌ରେ ପହଞ୍ଚାଇବାରେ ସେ ସାହାଯ୍ୟ କରିଥିଲେ। ସେ ତାଙ୍କ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ପଦାର୍ପଣ ମାଲେସିଆର ଲାର୍କିନ ଷ୍ଟାଡିୟମରେ ଜୋହର ଦାରୁଲ୍ ତା'ଜିମ୍ ବିପକ୍ଷରେ କରିଥିଲେ। ରାଲ୍‌ଟେ ୨୦୧୮ରେ ଏଫ୍‌ସି ଗୋଆରେ ଯୋଗଦେଇଥିଲେ। ପରେ ସେ ଲୋନ୍‌ରେ ପ୍ରଥମେ କେରଳ ବ୍ଲାଷ୍ଟର୍ସ ଏବଂ ପରେ ଇଷ୍ଟବେଙ୍ଗଲକୁ ଯାଇଥିଲେ। କୋଲ୍‌କାତା ଜାଏଣ୍ଟ୍ସ ତରଫରୁ ସେ ୯ଥର ଖେଳିଥିଲେ।


ଲାଲଥୁଆମାୱିଆ ରାଲ୍‌ଟେ




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୧ ଜୁଲାଇ, ୨୦୨୨



## ସଂକ୍ଷେପରେ

### ସୁନାବେଶ ଦର୍ଶନରେ ବାଧା ଦେଲେ ସେବକ

**ପୁରୀ ଅଫିସ,୧୦।୭:** ଦୁଇବର୍ଷ ପରେ ମହାପ୍ରଭୁଙ୍କ ଘୋଷଯାତ୍ରା ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହୋଇଛି। ମାତ୍ର ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ସନୁବେଶ ପର୍ଯ୍ୟନ୍ତ ଭକ୍ତମାନେ ଭଲଭାବେ ମହାପ୍ରଭୁଙ୍କ ଦର୍ଶନ କରିବାରୁ ବଞ୍ଚିତ ହୋଇଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଶ୍ରୀଗୁଣ୍ଡିଚା ଏବଂ ବାହୁଡା ଯାତ୍ରାରେ ରଥରେ ଯେତିକି ସେବାୟତ ରହିବା କଥା ତା'ଠାରୁ ଢେର ଅଧିକ ସେବାୟତ ରଥରେ ଥିଲେ। ଫଳରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ଭଲ ଭାବେ କରିପାରି ନ ଥିଲେ। ସେହିଭଳି ସୁନାବେଶରେ ମଧ ସୁନାରେ ସଜ୍ଜିତ ମହାପ୍ରଭୁଙ୍କ ଦର୍ଶନ ବେଳେ ବାଧା ସାଜିଥିଲେ ସେବକ। ସେବାୟତମାନେ ମହାପ୍ରଭୁଙ୍କ ସମ୍ମୁଖରେ ବସିବା ସହ ତାଙ୍କ ପାଖରେ ବେଢି ରହିଥିବାରୁ ଭକ୍ତମାନେ ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ। ମୁଖ୍ୟତଃ ମହାପ୍ରଭୁଙ୍କ ବେଶ ସମ୍ପନ୍ନ ହେବା ପରେ ଅନେକ ସେବକ ମହାପ୍ରଭୁଙ୍କ ସମ୍ମୁଖରେ ବସି ରହିଥିଲେ। ଫଳରେ ମହାପ୍ରଭୁଙ୍କ ଶ୍ରୀପୟର ସମ୍ପୂର୍ଣ୍ଣ ଲୁଚିଯାଇଥିଲା। ଏପରିକି ପ୍ରଶାସନ ପକ୍ଷରୁ ମାଇକ ଯୋଗେ ବାରମ୍ବାର ମହାପ୍ରଭୁଙ୍କ ଆଗରୁ ସାଇଡ ହେବା ପାଇଁ କୁହାଯାଉଥିଲେ ମଧ ସେବାୟତମାନେ ଉଠି ନ ଥିଲେ। ମହାପ୍ରଭୁଙ୍କ ସୁନା ବେଶ ଦର୍ଶନ କରି ସାନ୍ନିଧ ପାଇବା ଆଶାରେ କାହିଁ କେଉଁ ଦୂରରୁ ଶ୍ରଦ୍ଧାଳୁ ଆସିଥିବା ବେଳେ ଠିକ୍ ଭାବେ ଦର୍ଶନ କରିବାରେ ଅସୁବିଧା ହୋଇଥିଲା। ଏହାକୁ ନେଇ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ପୂର୍ବରୁ ଏ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଭକ୍ତମାନେ ମହାପ୍ରଭୁଙ୍କୁ ଭଲରେ ଦର୍ଶନ କରିବା ନେଇ ସେବାୟତମାନେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମାତ୍ର ବର୍ତ୍ତମାନ ପ୍ରଦାନ କରାଯାଇଥିବା ପ୍ରତିଶ୍ରୁତି ପାଣିର ଗାରରେ ପରିଣତ ହୋଇଯାଇଛି।

### ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଧର୍ମଶାଳା,୧୦।୭(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ତଥା ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମର ଜଣେ ବୃଦ୍ଧ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ଗ୍ରାମର ଅର୍ଜୁନ ପଲେଇ(୬୦)। ଅପରାହ୍ନ ପ୍ରାୟ ୨ଟାରେ ଅର୍ଜୁନ ନଦୀରେ ଗାଧୋଉଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଖବର ପାଇ ଧର୍ମଶାଳା ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ମୁମୂର୍ଷୁ ଅବସ୍ଥାରେ ଅର୍ଜୁନଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଡିକି ଭାଙ୍ଗି ଟଙ୍କା ଲୁଟ୍ ଘଟଣା, ୨ ଗିରଫ

#### ୨୯ ହଜାର ଟଙ୍କା, ବାଇକ୍, ମୋବାଇଲ ଜବତ

**ମଙ୍ଗୁଳି,୧୦।୭(ଡି.ଏନ.ଏ.):** ଲୁଟ୍ ଘଟଣାରେ ଜଗତ୍‌ପୁର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡା ସଦର ଥାନା ଅଧୀନ ବାଜିପଡା ଗ୍ରାମର ମନୋଜ ଦାସ(୨୩) ଓ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୋଳିପଡି ଗ୍ରାମର ରାମ ଦାସ(୨୨)। ସେମାନଙ୍କ ଠାରୁ ୨୯ ହଜାର ଟଙ୍କା, ଦୁଇଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଜଗତ୍‌ପୁର ଥାନା ଅଧୀନ ଗୋପୀନାଥପୁର ଗ୍ରାମର ରାମଚନ୍ଦ୍ର ରାଉତ ଗତ ଜୁନ୍ ୨୧ ତାରିଖରେ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ୨ ଲକ୍ଷ ଟଙ୍କା ଉଠାଇ ଗାଡ଼ି ଡିକିରେ ରଖିଥିଲେ। ପରେ ବ୍ୟାଙ୍କ ପାଖରେ ଥିବା ଏକ ଦୋକାନକୁ ଚା' ପିଇବା ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ତାଙ୍କ ଗାଡି ଡିକି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ଚା' ପିଇବା ପରେ ଗାଡି ପାଖରେ ପହଞ୍ଚିବାବେଳକୁ ଡିକି ଭଙ୍ଗାଯାଇ ଟଙ୍କା ଲୁଟ୍ ହୋଇଥିବା ରାମଚନ୍ଦ୍ର ଦେଖିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୫୨/୨୨) ରୁଜୁ କରି ତଦନ୍ତ ଚଳାଇଥିଲା।

# ମହିଳାଙ୍କ ଜମି ହଡ଼ପ କରିଛି ଠିକା ସଂସ୍ଥା

## ମେଗା ଉଠା ଜଳସେଚନ ପ୍ରକଳ୍ପର ଗୁମର ଖୋଲୁଛି

**ଚଣ୍ଡିଖୋଲ,୧୦।୭(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ନିଆଳିଠାରେ ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ୨୦୧୬ରୁ ଆରମ୍ଭ ହୋଇଥିଲେ ମଧ ଅଦ୍ୟାବଧି ଶେଷ ହୋଇନାହିଁ। ୩ ବର୍ଷ ମଧରେ କାର୍ଯ୍ୟ ଶେଷ ହେବାର ଅବଧି ଥିବାବେଳେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାରେ ଠିକା କମ୍ପାନୀ ବିଳମ୍ବ କରିଛି, ଯଦ୍ଦ୍ୱାରା ଶେଷ ପର୍ଯ୍ୟାୟରେ ଠିକା କମ୍ପାନୀର ଜମି ହଡ଼ପ ଓ ଦାଦାଗିରି ଭଳି କାର୍ଯ୍ୟର ଗୁମର ଖୋଲୁଛି। ପ୍ରକଳ୍ପର ପାଇପ ଲାଇନ୍ ଗୁରୁବାର ନିଆଳି ଗ୍ରାମର ଚାଷୀ ନେତା ଶିଶିର କୁମାର ସାମଲଙ୍କ ଘରବାରି ସମ୍ପତ୍ତି ମଧଦେଇ ନିଆଯାଉଥିବାବେଳେ ଏହାକୁ ସେ ବିରୋଧ କରିଥିଲେ। ଫଳରେ ଉଠା ଜଳସେଚନର ସହକାରୀ ଯନ୍ତ୍ରୀ ବାଲିଚନ୍ଦ୍ରପୁର ଥାନାରେ ତାଙ୍କ ନାମରେ ଏତଲା ଦେଇଥିଲେ। ପରେ ଦର୍ପଣ ତହସିଲଦାରଙ୍କ ଉପସ୍ଥିତିରେ ତାଙ୍କୁ ପୋଲିସ ଉଠାଇ ନେଇଥିଲା। ଶେଷରେ ଶନିବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ଜଣେ ମହିଳାଙ୍କ ଜମି ହଡ଼ପ କରାଯାଇ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ତାଙ୍କୁ କୌଣସି କ୍ଷତିପୂରଣ ମିଳି ପାରିନାହିଁ। ଏସବୁକୁ ନେଇ ନବନିର୍ମାଣ କୃଷକ ସଂଗଠନ ପ୍ରତିବାଦ କରିବା ସହ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦେଇଛି।

ନିଆଳି ମୌଜାର ଖାତା ନଂ.୭୯୧ ପ୍ଲଟ ନଂ.୨୫୫୯ର ୧୩ ଡିସିମିଲ ଜମିକୁ କମ୍ପାନୀ କର୍ତ୍ତୃପକ୍ଷ ୨୦୧୭ ମାର୍ଚ୍ଚ ୩ରେ କିଣିଥିଲେ। ଏହି ଜମିରେ ପ୍ରକଳ୍ପ ଆରମ୍ଭ କରିବା କଥା। ମାତ୍ର କମ୍ପାନୀ କର୍ତ୍ତୃପକ୍ଷ ଚଞ୍ଚକତା କରି ଏହାର ପାର୍ଶ୍ୱରେ ଥିବା ଖାତା ନଂ.୫୧୬ ଓ ପ୍ଲଟ ନଂ. ୨୫୬୦ରେ ପ୍ରକଳ୍ପ ନିର୍ମାଣ କରିଛନ୍ତି। ଉକ୍ତ ଜମି ନିଆଳି ଗ୍ରାମର ବିଧବା ମହିଳା କବିତା ସାମଲଙ୍କ ନାମରେ ଅଛି। ଏହା ୧୪ ଡିସିମିଲ ହୋଇଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ କୌଣସି କ୍ଷତିପୂରଣ ନ ଦେଇ ଜୋର ଜବରଦସ୍ତ ଜମି ହାତେଇଛନ୍ତି। ଏହାକୁ ନେଇ କବିତା ତତ୍କାଳୀନ ତହସିଲଦାର, ଜିଲାପାଳ ଓ ବାଲିଚନ୍ଦ୍ରପୁର ପୋଲିସ ନିକଟରେ ଅଭିଯୋଗ କରିଥିଲେ। ହେଲେ କେହି ତାଙ୍କ କଥା ଶୁଣି ନ ଥିଲେ। କବିତାଙ୍କ ଗୋଟିଏ ପୁଅ ଥିବାବେଳେ ସେ ସୁରଟରେ ରହୁଛନ୍ତି। ୨୦୨୦ରେ ସେ ଆସି ପ୍ରତିବାଦ କରିବାବେଳେ ତାଙ୍କୁ ଧମକ ଚମକ ମିଳିଥିଲା। ତେଣୁ ସେ ଚୁପ୍ ରିହଥିଲେ। ଏବେ ଘଟଣା ଜଣାପଡ଼ିବା ପରେ ନବ ନିର୍ମାଣ କୃଷକ ସଂଗଠନ ତରଫରୁ ପ୍ରତିବାଦ ଜୋରଦାର କରାଯିବ ବୋଲି ସଂଗଠନର ରାଜ୍ୟ ସହସଂଯୋଜକ ନିମାଇଁ ଚରଣ ରାୟ କହିଛନ୍ତି। ତାଙ୍କ କହିବା ଅନୁସାରେ, ଶିଶିରଙ୍କୁ କ୍ଷତିପୂରଣ ନ ଦେଇ କମ୍ପାନୀ କର୍ତ୍ତୃପକ୍ଷ କାମ କରିବାରୁ ସେ ବିରୋଧ କରିଥିଲେ। ଅନ୍ୟପକ୍ଷରେ ଜଣେ ବିଧବାଙ୍କ ଜମିକୁ କମ୍ପାନୀ କର୍ତ୍ତୃପକ୍ଷ ଜୋର ଜବରଦସ୍ତ ଦଖଲ କରି ପ୍ରକଳ୍ପ ନିର୍ମାଣ କରୁଛନ୍ତି। ତେଣୁ ଏସବୁକୁ ନେଇ ଆଗାମୀ ଦିନରେ କମ୍ପାନୀ ବିରୋଧରେ ସଂଗଠନ ଜୋରଦାର ଆନ୍ଦୋଳନ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉଠା ଜଳସେଚନ ନିଗମର ସହକାରୀ ନିର୍ବାହୀ ଯନ୍ତ୍ରୀ ଶଶାଙ୍କ ଶେଖର ଦଳବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରକଳ୍ପ ନିର୍ମାଣ ସ୍ଥଳ ଭୁଲ୍ ବଶତଃ ଅନ୍ୟ ସ୍ଥାନରେ ହୋଇଛି। ଜମି ଚିହ୍ନଟ ବେଳେ ଏଭଳି ତ୍ରୁଟି ହୋଇଛି। ତେଣୁ ଆମେ ଏହାର ସମାଧାନ କରିଦେବୁ।


ମେଗା ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ସ୍ଥଳ।

## ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଚାରାରୋପଣ



**ଚଣ୍ଡିଖୋଲ,୧୦।୭(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁରଠାରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳ ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସର ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେଥିପାଇଁ ବାହୁଡ଼ା ଯାତ୍ରାଠାରୁ ଜୀବନ ବିନ୍ଦୁ ଓ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭୁବନେଶ୍ୱର ଓ କଟକରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବେଳେ ଯାଜପୁର ଜିଲାରେ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ପ୍ରତ୍ୟେକ ପଞ୍ଚାୟତସ୍ତରରେ କରାଯିବ। ଭୁଷଣ୍ଡପୁର ଗ୍ରାମର ପଥର କଟା ପୋଖରୀ ଠାରେ ଚାରାରୋପଣ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି ଅବସରରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମିନତି ସେନାପତି, ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଯଯାତି ରାଉତ ଧନ୍ୟବାଦ ଦେଇଥିଲେ।

# ଭାଇଚାରାର ବାର୍ତ୍ତା ବାଣ୍ଟିଲେ


ମୁସଲମାନ ଭାଇମାନେ ଚାରିନଙ୍ଗଲ ଇଦ୍‌ଗା ପଡ଼ିଆରେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି।

## ବଡ଼ଚଣା ଅଞ୍ଚଳରେ ଉଜ୍-ଉଲ୍-ଜୁହା ପାଳିତ

**ଚଣ୍ଡିଖୋଲ,୧୦।୭(ଡି.ଏନ୍.ଏ.)**

ଇସଲାମ୍ ଧର୍ମାବଲମ୍ବୀଙ୍କ ପର୍ବ ଇଦ୍-ଉଜ୍-ଜୁହା ରବିବାର ବଡ଼ଚଣା ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି ବ୍ଲକ ଅନ୍ତର୍ଗତ ଚାରିନଙ୍ଗଲ ଇଦ୍‌ଗା ପଡ଼ିଆଠାରେ ପ୍ରାୟ ୩ ହଜାର ମୁସଲମାନ ଭାଇମାନେ ସମୂହ ନମାଜ ପାଠ କରିଥିଲେ। ସଭାପତି ମୌଲାନା ଫକିରୁଦ୍ଦିନ ହାସିମ କାଶ୍ମୀ ସମସ୍ତଙ୍କୁ ନମାଜ ପାଠ କରାଇଥିଲେ। ଇଦ୍‌ଗା କମିଟିର ସମ୍ପାଦକ ସେକ୍ ଅବଦୁଲ ହାଇ, ରାଶିକୁଦ୍ଦିନ ଖାଁ, ହିବଜୁର ରହେମାନ, ବଦରୁଦ ଦୋଜା, ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନି, ସେକ୍ ମୋଇନ ଅହମ୍ମଦ, କୋତବୁଦ୍ଦିନ ଖାଁ, ଇକ୍‌ବାଲ ହୁସେନ, ଚାନ୍ଦ ଖାଁ, ମୌଲାନା ଅଜିଜ, ମୌଲାନା ଇଲିୟାସ ପ୍ରମୁଖ ଯୋଗଦେଇ ଭାଇଚାରାର ବାର୍ତ୍ତା ପ୍ରଦାନ କରିଥିଲେ। ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ପ୍ରାକ୍ତନ ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ, ନଳୀପୁର ସମିତିସଭ୍ୟ ଧର୍ମଜିତ ବଳ, ଅଶୋକ କୁମାର ରାଉତ, ରଞ୍ଜିତ ବଳ, ସୁଧାଂଶୁ ପାଢୀ, ସରୋଜ ଜେନା, ବିକାଶ ରଞ୍ଜନ ବଳ, ଅଶୋକ କୁମାର ବେହେରା, ଶରତ ସାହୁ ଓ ଏକାଦଶୀ ମଳିକ ପ୍ରମୁଖ ଯୋଗଦେଇ ସେମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଝରକୁଳ, କଟିକଟା, ପତରାଜପୁର, ବାଉଜଙ୍ଗ ଓ ପଣସୁଧା ଆଦି ଗ୍ରାମରେ ସମୂହ ନମାଜ ପାଠ ହୋଇଥିଲା।

# ଜଳିଗଲା କୋଇଲା ବୋଝେଇ ଟ୍ରକ

**ଧର୍ମଶାଳା,୧୦।୭(ଡି.ଏନ.ଏ.)**

ଜେନାପୁର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ମହୀଶରା ନିକଟରେ ଶନିବାର ରାତିରେ ରାସ୍ତା ଉପରେ ଏକ କୋଇଲା ବୋଝେଇ ଟ୍ରକ୍ ଜଳିଯାଇଛି। ଓଡି-୨୧-ସି-୨୫୩୪ ନମ୍ବରବିଶିଷ୍ଟ ଏହି ୧୦ ଚକିଆ ଟ୍ରକ୍ ପାରାଦୀପରୁ କୋଇଲା ନେଇ କଳିଙ୍ଗନଗର ଅଭିମୁଖେ ଯାଉଥିଲା। ହେଲେ ମହୀଶରା ନିକଟରେ ଟ୍ରକ୍‌ରେ ହଠାତ ନିଆଁ ଲାଗି ଯାଇଥିଲା। ଡ୍ରାଇଭର ଓ ହେଲ୍‌ପର ଟ୍ରକ୍‌ରୁ ଓହ୍ଲାଇ ଦମକଳ ବାହିନୀକୁ ଖବର ଦେଇଥିଲେ। ଧର୍ମଶାଳା ଓ ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ ଶର୍ଟସର୍କିଟ ଯୋଗୁ ଏପରି ଘଟିଥିବା ଅନୁମାନ କରାଯାଉଛି।


ରାସ୍ତା ଉପରେ ଜଳୁଥିବା ଟ୍ରକ୍।

# ଦୋହରୀକରଣ ହେବ ମାଉସୀ ମା' ମନ୍ଦିର ରାସ୍ତା

- ବିରିପଟାରେ ରାଜସ୍ୱ ମନ୍ତ୍ରୀ
- ଶୀଘ୍ର ନିର୍ମାଣ ହେବ ବିରିପଟା ଡିଗ୍ରୀ କଲେଜ ଓ ମିନି ଷ୍ଟାଡିୟମ୍

**ଝୁମ୍ପୁରୀ,୧୦।୭(ଡି.ଏନ.ଏ.)**

ବିଞ୍ଝାରପୁର ବିଧାୟିକା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଦଶରଥପୁର ବ୍ଲକ୍ ବିରିପଟା ପଞ୍ଚାୟତସ୍ଥ ଚନ୍ଦନ ଶ୍ରୀକ୍ଷେତ୍ର କୁହାଯାଉଥିବା ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଅବସରରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ତାଙ୍କୁ ଡିହକୁଳା ଛକଠାରୁ ଶୋଭାଯାତ୍ରାରେ ମାଉସୀ ମା'ମନ୍ଦିର ନିକଟକୁ ପାଛୋଟି ନିଆଯାଇଥିଲା। ବିଞ୍ଝାରପୁର ମାଟିର ଗର୍ବ ଓ ଗୌରବ ପ୍ରମିଳା ଏବଂ ନବୀନ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କମିଟିର ମୁଖ୍ୟ ଉଦ୍ୟୋକ୍ତା ବିଜୟ ଧଳଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିରିପଟା ଯୁକ୍ତ ୨ ମହାବିଦ୍ୟାଳୟ ଓ ଜଗନ୍ନାଥ ମନ୍ଦିରର ବିଭିନ୍ନ ସମସ୍ୟା ନେଇ ଧଳ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ କହିଥିଲେ, ମୁଁ ଏ ମାଟିର ଝିଅ, ଏଠିକାର ପାଣି, ପବନ, ଧୂଳିରେ ଗଢ଼ା। ତେଣୁ ପଞ୍ଚାୟତର ପୂର୍ବରୁ ଥିବା ବହୁ ସମସ୍ୟାର ସମାଧାନ କରିଛି। ଆଗକୁ ମଧ ସମାଧାନ କରିବି ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଆଡ଼ପ ମଣ୍ଡପରେ ଚାଲିଥିବା ଅବଢ଼ା ହାଟର ଦାୟିତ୍ୱ ମନ୍ତ୍ରୀ ନେଇଥିବାବେଳେ ଏହାକୁ ନିର୍ମାଣ କରିବା ପାଇଁ ଶିଳାନ୍ୟାସ କରିଥିଲେ। ସେହିପରି ଜଗନ୍ନାଥ ମନ୍ଦିରରୁ ମାଉସୀ ମା'ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଦୋହରୀକରଣ ଶୀଘ୍ର ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଥିବାବେଳେ ବିରିପଟା ଡିଗ୍ରୀ କଲେଜ ଓ ଏକ ମିନି ଷ୍ଟାଡିୟମ୍ କାର୍ଯ୍ୟ ମଧ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତାବର୍ଷଠାରୁ ଆଡ଼ପ ମଣ୍ଡପରେ ହେଉଥିବା ଅବଢ଼ା ହାଟର ଦାୟିତ୍ୱ ମନ୍ତ୍ରୀ ନେବାକୁ ଘୋଷଣା କରିଥିବାରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ତାଙ୍କୁ ଧନ୍ୟବାଦ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ନାୟକ, ପୂର୍ବତନ ସମିତି ସଭ୍ୟ ମନୋଜ ଧଳ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଦାସ, ରମେଶ ଚନ୍ଦ୍ର ରାଉତ, ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଭ୍ୟ ସୁବାସ ଚନ୍ଦ୍ର ରାଉତ, ପ୍ରମୋଦ କୁମାର ସ୍ୱାଇଁ, ସୁଶାନ୍ତ କୁମାର ନାୟକ, କୁନା ମଲ୍ଲିକ, କାବ୍ୟା ପ୍ରିୟଦର୍ଶିନୀ, ପ୍ରଜ୍ଞା ଦୂରଦର୍ଶିନୀ, ଅଞ୍ଜୁଲତା ଧଳ, ଜିଲା ପରିଷଦ ସଭ୍ୟା ନୀନାରାଣୀ ସାମଲ, ସରପଞ୍ଚ ସୁରେନ୍ଦ୍ର ବେହୁରିଆ, ଯୁବ ବ୍ୟବସାୟୀ ବିଜୟ ପାତ୍ର, ବିଧାୟିକାଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତିଙ୍କ ସମେତ ବିଜେଡିର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।


ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-338ETR, ତା.30.06.2022ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାନିତାଲ ଜଂକ୍ସନ କ୍ୟାବିନ୍ (RNJC) ଠାରୁ ଜଖପୁରା (JKPR) ଏବଂ ହରିଦାସପୁର (HDS) ଠାରୁ ବଇରୀ (BYY) ମଧରେ ତୃତୀୟ ଲାଇନ୍ ନିମନ୍ତେ 25KV OHE, ଫିଡର ଏବଂ ଅଗ୍‌ଜିଲିଅରି ଟ୍ରାନ୍ସଫର୍ମରଗୁଡ଼ିକର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 3622.90 ଲକ୍ଷ, EMD : ₹ 19,61,500/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.08.2022ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର

PR-45/CF/22-23



**D.D. Autonomous College, Keonjhar**

**Quotation Call for Group D staff**

Sealed quotations are invited from the reputed registered Agencies for providing group D staff to this college. The quotations must be sent through speed post / registered post. The quotations must be reached at the office of the undersigned on or before the last date of submission of quotation within office hour. The postal delay will not be entertained.

Last date of submission of quotation is dt. 25.07.2022 (5.00 P.M.). For details please visit the college website:- www.ddcollege.nic.in

Sd./- Principal
D.D. (Auto.) College, Keonjhar


**Government of Odisha** No.N-18
**Higher Education Department**

Entrance Examination Schedule
Common PG Entrance Test-2022(CPET-2022) for Admission into State Public Universities and Colleges with P.G. Courses

| Date | Session-I 10.00-11.30 AM (10.00-12.00 Noon for PwD students) Entrance Subjects | Session-II 12.30-2.00 PM (12.30-2.30 PM for PwD students) Entrance Subjects | Session-III 3.00-4.30 PM (3.00-5.00 PM for PwD students) Entrance Subjects |
|---|---|---|---|
| 01-Aug-22 (MON) | Anthropology(Arts) | Geography | MBA (Business Administration) |
| | Anthropology(Science) | Marine Science-Oceanography | |
| 02-Aug-22 (TUE) | Physics | LLM | Commerce |
| 03-Aug-22 (WED) | Microbiology | Zoology | PMIR/IRPM |
| | Hindi /English | Statistics | |
| 04-Aug-22 (THU) | Environmental Science | Odia | Philosophy |
| | Sociology | Food Sc. & Nutrition | Population Studies |
| 05-Aug-22 (FRI) | Economics | Geology | Rural Development |
| | Home Science | History | |
| 06-Aug-22 (SAT) | Public Administration | M.Sc. (Computer Science) | Environmental Studies |
| 08-Aug-22 (MON) | Botany | Chemistry | Library and Information Science |
| | Education | | |
| 10-Aug-22 (WED) | Santali/Sanskrit/Urdu | Mathematics | Journalism and Mass Communication |
| | Material Science | Linguistics | |
| 12-Aug-22 (FRI) | Wildlife and Biodiversity Conservation | Biotechnology | MSW (Master of Social Work) |
| | Yoga and Naturopathy | Political Science | |
| 13-Aug-22 (SAT) | Women Studies | Psychology | Marine Science-Marine Biology |
| | Electronic Science | MBA(Tourism and Travel Studies) | |

N.B.:-1. Higher Education Department has every right to change the datelines without mentioning reasons thereof. Any change in the dateline will be published in the newspapers as well as in the website **www.samsodisha.gov.in.**
2. Applicants applying for different P.G. Courses can visit the SAMS website to know the subjects included under each Entrance Subject (Annexure-II of Common Prospectus).

OIPR-11001/13/0012/2223 **Sd./- Deputy Director, PTC**

## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ଭାପୁର, ୧୦।୭ (ଡି.ଏନ.ଏ.) : ଫତେଗଡ ଥାନା ଅଞ୍ଚଳର ଏକ ଗାଁର ଜଣେ ନାବାଳିକାଙ୍କୁ ଅପହରଣ ନେଇ ଏତଲା ହୋଇଛି। ଅଭିଯୋଗ ଅନୁଯାୟୀ, ଖଣ୍ଡପଡ଼ାର ଏକ କଲେଜରେ ଯୁକ୍ତ ଦୁଇ ଶ୍ରେଣୀରେ ଅଧ୍ୟୟନରତ ଜଣେ ୧୬ ବର୍ଷୀୟା ଛାତ୍ରୀଙ୍କୁ ଗାଁର ଶିବ ବାରିକ ଗୁରୁବାର ବଳପୂର୍ବକ ଅପହରଣ କରିନେଇଥିବା ଜଣାପଡିଛି। ଶିବ ଦୀର୍ଘଦିନ ଧରି ନାବାଳିକାଙ୍କ ପିଛା କରିବା ସହ ଅଶ୍ଳୀଳ ଇଙ୍ଗିତ କରିଆସୁଥିଲେ। ଏଥିସହ ସେହି ଗ୍ରାମର ମାନସ ସାହୁ ଏହି କାମରେ ସାହାଯ୍ୟ କରିଥିବା ନେଇ ଥାନାରେ ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି। ପ୍ରାୟ ୩ ଦିନ ବିତିଯାଇଥିବା ବେଳେ ପୋଲିସ ନଂ. ୧୨୪/୨୨ରେ ମାମଲା ରୁଜୁ କରି ଚୁପ ହୋଇ ବସି ରହିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସର ନିଷ୍କ୍ରିୟତାକୁ ସାଧାରଣରେ ନାପସନ୍ଦ କରାଯାଇଛି।

### ଶ୍ରୀଜଗନ୍ନାଥଙ୍କ ରୁପା ବେଶ



ଦଶପଲ୍ଲା ୧୦।୭ (ଡି.ଏନ.ଏ.): ଦଶପଲ୍ଲାରେ ରଥ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୁପା ବେଶରେ ରବିବାର ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶନିବାର ଗଣେଶ ବଜାରଠାରେ ଅଟକି ରହିଥିବା ରଥ ରବିବାର ଟଣା ହୋଇ ମହାବୀର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ରଥ ପ୍ରତିବର୍ଷ ପରି ଚଳିତବର୍ଷ ମଧ ରହିଥିଲା। ରଥରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରୁପା ବେଶରେ ସଜ୍ଜିତ କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ରଥ ନିକଟରେ ଶ୍ରୀସୃଜନ ପକ୍ଷରୁ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୧୦।୭: ଜାତୀୟ ରାଜପଥ ହଳଦିଆପଦରରେ ଥିବା ଏକ ହୋଟେଲ ନିକଟରେ ଜଣେ ଯୁବକଙ୍କୁ ଗତ ୩ ତାରିଖରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଘଟଣା ପରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗୋଷାଣୀନୂଆଗାଁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ପ୍ରଭାତ କିରଣ ନାୟକ। ମାମଲା ନମ୍ବର ୧୦୯/୨୨ରେ ପୋଲିସ ରବିବାର ତାଙ୍କୁ କୋର୍ଟ ଚାଲାଣ କରିଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଶିଶିର ସାହୁ ନାମକ ଜଣେ ଯୁବକ କୌଣସି କାମରେ ଗତ ୩ ତାରିଖରେ କନିଷି ଯାଇଥିଲେ। କାମସାରି ଅପରାହ୍ନରେ ସେ ଘରକୁ ଫେରୁଥିଲେ। ହଳଦିଆପଦର ଜାତୀୟ ରାଜପଥ କଡ଼ରେ ଥିବା ଏକ ହୋଟେଲ ସମ୍ମୁଖରେ ୪ ଜଣ ଯୁବକ ଶିଶିରଙ୍କୁ ଅଟକାଇଥିଲେ। ସେଠାରେ ସେମାନେ ଶିଶିରଙ୍କ ସହ ଝଗଡ଼ା କରିବା ପରେ ତାଙ୍କୁ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ଗୋଷାଣୀନୂଆଗାଁ ଥାନାରେ ସେ ଅଭିଯୋଗ କରିଥିଲେ।

# ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ବଢ଼ିବ ବିରୋଧ

## ଗଣମାଧ୍ୟମକୁ ସ୍କୁଲ କ୍ୟାମ୍ପସ ମନା ପ୍ରସଙ୍ଗ

ନୟାଗଡ଼ ଅଫିସ,୧୦।୭

ସ୍କୁଲ କ୍ୟାମ୍ପସକୁ ଗଣମାଧ୍ୟମର ପ୍ରତିନିଧିଙ୍କ ଅନୁପ୍ରବେଶକୁ ରୋକ୍ ଲଗାଇବା ବାକ୍ ଅଧିକାରକୁ କ୍ଷୁଣ୍ଣ କରୁଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ସ୍କୁଲ ଗୋଟିଏ ସାର୍ବଜନୀନ ଅନୁଷ୍ଠାନ ହୋଇଥିବାବେଳେ ସରକାର ଏପରି ଆଇନକୁ ତୁରନ୍ତ ପ୍ରତ୍ୟାହାର କରିନେବା ଉଚିତ। ସରକାରଙ୍କର ଏହି ନିଷ୍ପତ୍ତି ଧୀରେ ଧୀରେ ବିବାଦୀୟ ହେବା ଆରମ୍ଭ କରିଛି। ଚତୁର୍ଥ ସ୍ତମ୍ଭ ଏହାର ପ୍ରତିବାଦ ପାଇଁ ସଜବାଜ ହେଉଥିବାବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନ ପାଇଁ ବୈଠକ ଚାଲିଛି।

### ବଦନାମ ଭୟ



ଦୋଷ ଦୁର୍ବଳତା ପଦାକୁ ଆସୁଥିବାରୁ ସ୍ୱଚ୍ଛ ଶାସନ ଧରାପଡିଯାଉଛି। ସରକାର ବଦନାମ ବୋଝରୁ ବର୍ତ୍ତିବା ପାଇଁ ସ୍କୁଲକୁ ଗଣମାଧ୍ୟମକୁ ମନା କରି ନିଜର ଅସଲ ଚରିତ୍ରକୁ ପଦାରେ ପକାଇଛନ୍ତି। ସରକାରୀ ସ୍କୁଲରେ ଶିକ୍ଷକ ଠିକ୍‌ରେ ନ ଆସିବା, ମଧ୍ୟାହ୍ନ ଭୋଜନରେ ପୋକରା ଡାଲି, ପଚା ଅଣ୍ଡା, ନିମ୍ନମାନର ଖାଦ୍ୟ, ୩ୟ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଥମ ଶ୍ରେଣୀ ପାଠ ନ ଆସିବା ପରି ବିଭିନ୍ନ ଘଟଣା ଘଟୁଛି। ଗଣମାଧ୍ୟମର ପ୍ରତିନିଧି ଏହାର ଗୁମର ଫିଟାଉଥିବାରୁ ସେମାନଙ୍କ ଉପରେ ରୋକ୍ ଲଗାଇ ଅନିୟମିତତାକୁ ଲୁଚାଇବାକୁ ଚେଷ୍ଟା କରାଯାଇଛି।

**-ସନ୍ତୋଷ ପ୍ରଧାନ, ଯୁବ ଭାଜପା ନେତା, ନୟାଗଡ଼**

### ଅହଙ୍କାରୀ ଶାସନ



ସରକାର ଖବରଦାତାମାନଙ୍କୁ ଲୋକ ସେବା ଭବନକୁ ୨ବର୍ଷ ହେଲା ରୋକ୍ ଲଗାଇଛନ୍ତି। ଏଥିରେ ପ୍ରତିବାଦ ଜୋର ନ ଧରିବାରୁ ଏବେ ସ୍କୁଲକୁ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ପୁଣି ରୋକ୍ ଲଗାଗଲା। ଆଗକୁ ଏପରି ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଯିବାକୁ ବାରଣ କରାଯିବ। ତେବେ ସରକାର ଏ ଦିଗରେ ବିଧିବଦ୍ଧ ଆଇନ ଆଣିବା ଦରକାର। ପ୍ରଶାସନିକ ନିର୍ଦ୍ଦେଶନାମାରେ ପୋଲିସ କେଉଁ ଦଫାରେ ମାମଲା କରିବ। ରାଜ୍ୟରେ ବିକାଶ ପରେ ବିକାଶ ଚାଲୁଥିବା ଡିଣ୍ଡିମ ପିଟୁଥିବା ସରକାର ସାଧାରଣ ଲୋକର ସ୍ୱର ଗଣମାଧ୍ୟମକୁ ଭୟଭୀତ ହେବା ଅହଙ୍କାରୀ ଶାସନର ମୁଖା ଖୋଲି ଦେଇଛି। ଏହି ସରକାର ଗଣତନ୍ତ୍ର ପାଇଁ ବିପଦ। ସରକାର ଆପେ ଆପେ ପରିବର୍ତ୍ତନ ହେବାର ଏହା ଏକ ସୂଚନା ବୋଲି ଜଣାପଡୁଛି।

**-ରଣଜିତ ଦାଶ, ଆଇନଜୀବୀ, ନୟାଗଡ଼**

### ଉଦ୍ଭଟ ଚିନ୍ତାଧାରା



ସରକାର ୫-ଟି ମାଧ୍ୟମରେ ସ୍କୁଲରେ ଶୈକ୍ଷିକ ବାତାବରଣ ସୃଷ୍ଟି କରୁଛନ୍ତି। ସେହି ସମୟରେ ଗଣମାଧ୍ୟମର ପ୍ରତିଧିମାନେ ବିଭିନ୍ନ ସ୍କୁଲର ଅବ୍ୟବସ୍ଥାକୁ ଲୋକଲୋଚନକୁ ଆଣିବା ଦ୍ୱାରା ସରକାରଙ୍କ ଉଦ୍ଦେଶ୍ୟ ପ୍ରତିପାଦନ ହେବାରେ ସହାୟକ ହୋଇଥାଏ। କିନ୍ତୁ ସ୍କୁଲକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ମନା ନିର୍ଦ୍ଦେଶ ଦ୍ୱାରା କାର୍ଯ୍ୟକ୍ରମର ସଫଳତା ଅପେକ୍ଷା ବିଫଳତା ବଢ଼ିବ। ଉଦ୍‌ଭଟ ଚିନ୍ତାଧାରା ସରକାର ତୁରନ୍ତ ପ୍ରତ୍ୟାହାର ନ କଲେ ସେଥିପାଇଁ ବହୁ ମୂଲ୍ୟ ଦେବାକୁ ପଡିବ ଏଥିରେ ସନ୍ଦେହ ନାହିଁ।

**-ବୈଦ୍ୟ ଭୂଷଣ ମହାପାତ୍ର, ଖବରଦାତା, ନୟାଗଡ଼**

### ଗଣମାଧ୍ୟମକୁ ବାରଣ କରି ହେବ ନାହିଁ



ଗଣମାଧ୍ୟମ ଓ ପୋଲିସ ସବୁ ସ୍ଥାନକୁ ଯାଇପାରିବ। ଏମାନଙ୍କୁ ବାରଣ କରାଯାଇପାରିବ ନାହିଁ। ପ୍ରଶାସନର ଏପରି ନିର୍ଦ୍ଦେଶ ଅଥବା ଲଗାମ ଲାଗୁ କରିବା କାଠିକରପାଠ ହେବ। ପୁଣି ଆଇନ ନ ଥାଇ ପୋଲିସ କିପରି କାର୍ଯ୍ୟାନୁଷ୍ଠାନ ନେବେ। ସରକାର ଏପରି ନୀତି ପରିବର୍ତ୍ତନ କରନ୍ତୁ। ନଚେତ ପ୍ରଶାସନିକ ନିର୍ଦ୍ଦେଶ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିବ।

**-ବିଶ୍ୱନାଥ ମହାପାତ୍ର, ସିପିଆଇ (ଏମ୍) ନେତା ନୟାଗଡ଼**

### ଫସିବେ ସରକାର



ସ୍କୁଲକୁ ଗଣମାଧ୍ୟମ ପ୍ରତିନିଧି ଗଲେ ତାଙ୍କ ବିରୋଧରେ ପୋଲିସକୁ ଅବଗତ କରାଇବା ସହ ଅଭିଯୋଗ କରିବାକୁ ଶିକ୍ଷା ବିଭାଗର ନିର୍ଦ୍ଦେଶ ମରଣ କାଳେ ବିପରୀତ ବୁଦ୍ଧି। ଦୀପ ଲିଭିଲା ବେଳେ ଜୋରରେ ଜଳେ। ସେପରି ବିଜେଡି ସରକାର ବହୁଦିନ ଧରି କ୍ଷମତାରେ ରହିବାରୁ ଏପରି ମନଇଚ୍ଛା ନିଷ୍ପତ୍ତି ନେଉଛନ୍ତି। ଯାହାକି ସରକାରଙ୍କର ଅପାରଗତାକୁ ପ୍ରମାଣିତ କରୁଛି। ଶିକ୍ଷା ବିଭାଗ ଏଭଳି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ, ନଚେତ ଯେଉଁ ନିଆଁ ଜଳିବ ସେଥିରେ ପଶ୍ଚାତାପ କରିବାକୁ ସମୟ ପାଇବେ ନାହିଁ।

**-ଭୁବନ ହାତୀ, ସୂଚନା କର୍ମୀ, ନୟାଗଡ଼**

### ମହିଳା ଭକ୍ତଙ୍କ ବେକରୁ ସୁନାହାର ଝାମ୍ପିନେଲେ

ବ୍ରହ୍ମପୁର ଅଫିସ,୧୦।୭

ବ୍ରହ୍ମପୁର ସହରରେ ଲୁଟିରେ ଗ୍ୟାଙ୍ଗ୍ ପୁଣିଥରେ ସକ୍ରିୟ ହୋଇଛନ୍ତି। ରବିବାର ହରିଶୟନ ଏକାଦଶୀ। ଏଣୁ ସକାଳୁ ସକାଳୁ ଗୋଷାଣୀ ନୂଆଗାଁ ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ମହିଳାମାନେ ଧାଡ଼ିରେ ଠିଆହୋଇଥିବା ବେଳେ ଗୋଷାଣୀନୂଆଗାଁର ସଂଯୁକ୍ତା ପଣ୍ଡାଙ୍କ ଦୁଇଭରିର ଏକ ସୁନାହାର ଲୁଟେରା ଝାମ୍ପି ନେଇଥିଲେ। ଏନେଇ ସେ ଗୋଷାଣୀ ନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଅଟୋରୁ ଖସି ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୦।୭

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଗେଟ୍‌ବଜାର ଛକରେ ରବିବାର ସକାଳେ ଏକ ଅଟୋରୁ ଖସି ଜଣେ ଗୁରୁତର ଥିବା ମହିଳାଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତା ମହିଳା ଜଣକ ସଦର ଥାନା ଅନ୍ତର୍ଗତ ଚୈତନ୍ୟପଡ଼ା ଗ୍ରାମର କଜ୍ଜଳ ଦାସ (୫୫)। ଖବର ଜଣାପଡ଼ିବା ପରେ ଟ୍ରାଫିକ ଥାନା ପୋଲିସ ମେଡ଼ିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ନଂ.୨୮/୨୨ରେ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ କରୁଛି। ପ୍ରକାଶ ଯେ, ସଦର ଥାନା ଚୈତନ୍ୟପଡ଼ା ଗ୍ରାମର କେତେଜଣ ଲୋକ ଏକ ଅଟୋରେ ପରିବା ବିକ୍ରି ପାଇଁ ବ୍ରହ୍ମପୁର ଆସିଥିଲେ। ଭୋର୍ ସାଢ଼େ ୫ଟା ବେଳେ ଅଟୋଟି ଗେଟ୍‌ବଜାର ଛକରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଅଟୋରେ ବସିଥିବା ମହିଳା ଜଣଙ୍କ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରୁପାବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

ରଣପୁର,୧୦।୭ (ସ୍ୱ.ପ୍ର.)

ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ରଣପୁର ଶ୍ରୀଜଗନ୍ନାଥ ମନ୍ଦିର। ପୁରୀରେ ଶ୍ରୀଜୀଉମାନେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଉଥିଲା ବେଳେ ଏଠାରେ ଠାକୁରମାନେ ରୁପା ବେଶରେ ଦର୍ଶନ ଦେଇଥାନ୍ତି। ରବିବାର ଆଷାଢ ଶୁକ୍ଳ ଏକାଦଶୀରେ ରଥ ଉପରେ ୩ ଠାକୁରଙ୍କୁ ରୁପାବେଶରେ ସୁସଜ୍ଜିତ କରାଯାଇଥିଲା। ରଣପୁର ସବ୍‌ଟ୍ରେଜେରିରେ ରଖାଯାଇଥିବା ମହଣ ମହଣ ସମସ୍ତ ରୁପା ଅଳଙ୍କାର ପୂଜା ପଣ୍ଡା ଓ ପଢିହାରୀମାନଙ୍କୁ ଦିଆଯାଇଥିଲା। ସେମାନେ ବିଗ୍ରହମାନଙ୍କ ଶ୍ରୀମସ୍ତିଷ୍କରେ କିରୀଟ, କୁଣ୍ଡଳି, ହସ୍ତ, ପାଦ, ଶଙ୍ଖ, ଚକ୍ର, ଗଦା, ହଳ ଆଦି ବିଭିନ୍ନ ଅଳଙ୍କାର ନେଇ ରଥାରୂଢ ତିନି ଠାକୁରଙ୍କୁ ଭୂଷିତ କରିଥିଲେ। ପାଗରେ ସାମାନ୍ୟ ପରିବର୍ତ୍ତନ ହେବା ସହ ଝିପିଝିପି ବର୍ଷା ସତ୍ତ୍ୱେ ଏହି ରୁପାବେଶ ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କ ରଥକୁ ଚଢି ଭକ୍ତମାନେ ଦର୍ଶନ କରୁଥିଲା ବେଳେ ଶ୍ରୀ ଜଗନ୍ନାଥଙ୍କ ରଥ ତଳୁ ଭକ୍ତମାନେ ଦର୍ଶନ କରିଥିଲେ। ରାତ୍ରି ସାଢେ ୧୧ଟା ପର୍ଯ୍ୟନ୍ତ ରୁପା ବେଶରେ ଠାକୁରମାନେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ପରେ ଠାକୁରଙ୍କ ପାଖରେ ସମସ୍ତ ନୀତିକାନ୍ତି କରାଯାଇ ଦର୍ଶନ ବନ୍ଦ କରାଯାଇଥିଲା।





ରଣପୁରରେ ଶ୍ରୀବଳଦେବ, ମା' ସୁଭଦ୍ରା ଓ ଶ୍ରୀଜଗନ୍ନଥଙ୍କୁ ରୁପାରେ ସଜ୍ଜିତ କରାଯାଇଛି।

## ଲକ୍ଷାଧିକ ଶ୍ରଦ୍ଧାଳୁ, ଭକ୍ତଙ୍କ ସମାଗମ

# ସୁନାଖଳା ଗାଁରେ ବାହୁଡ଼ା ଯାତ୍ରା

ଭାପୁର, ୧୦।୭ (ଡି.ଏନ.ଏ.)



ନୟାଗଡ଼ ଜିଲା ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ଅଧୀନ ସୁନାଖଳା ଗାଁରେ ବାହୁଡାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମରେ ଏକାଦଶୀ ଦିନ ବାହୁଡାଯାତ୍ରା ପାଳନ କରାଯାଇଥାଏ। ମାଉସୀ ମା' ଘରେ ଶ୍ରୀଜଗନ୍ନାଥ ଦୀର୍ଘ ୧୦ଦିନ ରହିଲା ପରେ ରବିବାର ଶ୍ରୀମନ୍ଦିରକୁ ଫେରିଥିଲେ। ଏହି ବାହୁଡାଯାତ୍ରାରେ ସେବାୟତ ରାମଚନ୍ଦ୍ର ଦାସ, ଟୁକୁନା ଦାସ ପୂଜାର୍ଚ୍ଚନା କରିଥିଲେ। ମଧୁସୂଦନ ମହାରଣା ଛେରାପହଁରା କରିଥିଲେ। ଗଙ୍ଗାଧର ରାଉତ ଡାହୁକ କାର୍ଯ୍ୟ ନିର୍ବାହ କରିଥିଲେ। ଶତାଧିକ ଶ୍ରଦ୍ଧାଳୁ ରଥକୁ ଟାଣି ନେଇ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ଶନିବାର ବ୍ଲକରେ ଭାପୁର, ପଦ୍ମାବତୀ, କଇଁଫୁଲିଆରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ କଲେ ଶ୍ରଦ୍ଧାଳୁ





ନୟାଗଡ଼ରେ ଶ୍ରୀବଳଦେବ, ମା' ସୁଭଦ୍ରା, ଶ୍ରୀ ଜଗନ୍ନାଥଙ୍କ ସୁନାବେଶ କରାଯାଇଛି।

ନୟାଗଡ଼ ଅଫିସ,୧୦।୭

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ଶ୍ରୀବଳଭଦ୍ର, ମା' ସୁଭଦ୍ରା, ଶ୍ରୀଜଗନ୍ନାଥଙ୍କର ସୁନାବେଶ ରବିବାର ଅନୁଷ୍ଠିତ ହୋଇଛି। ନୟାଗଡ଼ ପୁରୁଣା ସହରର ନବନାଲ ମଠ ଅଞ୍ଚଳରେ ବଳଦେବଜୀଉ ତାଳଧ୍ୱଜ ରଥରେ ଓ ଦକ୍ଷିଣକାଳୀ ମନ୍ଦିର ଛକ ନିକଟରେ ଦେବୀ ସୁଭଦ୍ରା ଦର୍ପଦଳନ ରଥରେ ସୁନାବେଶରେ ଦର୍ଶନ ଦେଇଛନ୍ତି। ସେହିପରି ଜଗତରନାଥ ଶ୍ରୀଜଗନ୍ନାଥଙ୍କୁ ନନ୍ଦିଘୋଷ ରଥରେ ବାଲିସାହିଠାରେ ସୁନାବେଶରେ ଭକ୍ତମାନେ ଦର୍ଶନ କରିଛନ୍ତି। ରବିବାର ସନ୍ଧ୍ୟାରେ ଶ୍ରୀଜୀଉମାନଙ୍କର ଟେରାଭୋଗ ଓ ଆଳତି ପରେ ଠାକୁରଙ୍କର ପହଡ ପଡିଥିଲା। ପରେ ଠାକୁରଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଥିଲା। କିଛି ସମୟ ପରେ ଶ୍ରୀଜୀଉମାନେ ଭକ୍ତମାନଙ୍କୁ ସୁନାବେଶରେ ଦର୍ଶନ ଦେଇଥିଲେ। ସେହିପରି ଗୋଡିପଡାରେ ଓ ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱ ଦେବତାଙ୍କ ସୁନାବେଶ ଅନୁରୂପ ଭାବେ ଅନୁଷ୍ଠିତ ହୋଇଛି।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-338ETR, ତା.30.06.2022ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାନିତାଲ ଜଂକ୍ସନ କ୍ୟାବିନ୍ (RNJC) ଠାରୁ ଜଖପୁରା (JKPR) ଏବଂ ହରିଦାସପୁର (HDS) ଠାରୁ ବଇରୀ (BYY) ମଧ୍ୟରେ ତୃତୀୟ ଲାଇନ୍ ନିମନ୍ତେ 25KV OHE, ଫିଡର ଏବଂ ଅଗ୍‌ଜିଲିଅରି ଟ୍ରାନ୍ସଫର୍ମରଗୁଡ଼ିକର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 3622.90 ଲକ୍ଷ, EMD : ₹ 19,61,500/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.08.2022ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର
PR-45/CF/22-23

## D.D. Autonomous College, Keonjhar

**Quotation Call for Group D staff**

Sealed quotations are invited from the reputed registered Agencies for providing group D staff to this college . The quotations must be sent through speed post / registered post. The quotations must be reached at the office of the undersigned on or before the last date of submission of quotation within office hour. The postal delay will not be entertained.

Last date of submission of quotation is dt. 25.07.2022 (5.00 P.M.). For details please visit the college website:- www.ddcollege.nic.in

Sd./- Principal
D.D. (Auto.) College, Keonjhar

## Government of Odisha
## Higher Education Department

No.N-18

**Entrance Examination Schedule**
**Common PG Entrance Test-2022(CPET-2022) for Admission into State Public Universities and Colleges with P.G. Courses**

| Date | Session-I 10.00-11.30 AM (10.00-12.00 Noon for PwD students) Entrance Subjects | Session-II 12.30-2.00 PM (12.30-2.30 PM for PwD students) Entrance Subjects | Session-III 3.00-4.30 PM (3.00-5.00 PM for PwD students) Entrance Subjects |
|---|---|---|---|
| 01-Aug-22 (MON) | Anthropology(Arts)<br>Anthropology(Science) | Geography<br>Marine Science-Oceanography | MBA (Business Administration) |
| 02-Aug-22 (TUE) | Physics | LLM | Commerce |
| 03-Aug-22 (WED) | Microbiology<br>Hindi /English | Zoology<br>Statistics | PMIR/IRPM |
| 04-Aug-22 (THU) | Environmental Science<br>Sociology | Odia<br>Food Sc. & Nutrition | Philosophy<br>Population Studies |
| 05-Aug-22 (FRI) | Economics<br>Home Science | Geology<br>History | Rural Development |
| 06-Aug-22 (SAT) | Public Administration | M.Sc. (Computer Science) | Environmental Studies |
| 08-Aug-22 (MON) | Botany<br>Education | Chemistry | Library and Information Science |
| 10-Aug-22 (WED) | Santali/Sanskrit/Urdu<br>Material Science | Mathematics<br>Linguistics | Journalism and Mass Communication |
| 12-Aug-22 (FRI) | Wildlife and Biodiversity Conservation<br>Yoga and Naturopathy | Biotechnology<br>Political Science | MSW (Master of Social Work) |
| 13-Aug-22 (SAT) | Women Studies<br>Electronic Science | Psychology<br>MBA(Tourism and Travel Studies) | Marine Science-Marine Biology |

N.B.:-1. Higher Education Department has every right to change the datelines without mentioning reasons thereof. Any change in the dateline will be published in the newspapers as well as in the website **www.samsodisha.gov.in.**
2. Applicants applying for different P.G. Courses can visit the SAMS website to know the subjects included under each Entrance Subject (Annexure-II of Common Prospectus).

OIPR-11001/13/0012/2223 **Sd./- Deputy Director, PTC**

## ସଂକ୍ଷେପରେ

### କଣ୍ଠଶିଳ୍ପୀଙ୍କୁ ସମ୍ବର୍ଦ୍ଧନା



**ଛତିଆ,୧୦।୭(ଡି.ଏନ.ଏ.):** ବହୁଚର୍ଚ୍ଚିତ ନଦିୟା ଭଜନ ଝୁଲୁରେ ନିତାଇ ଝୁଲୁର ମୂଳ କଣ୍ଠଶିଳ୍ପୀ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ଛତିଆ ଅଞ୍ଚଳର ଗୋବିନ୍ଦ ବାରିକଙ୍କୁ ରବିବାର ଅମରାବତୀ ମଠ ପରିସରରେ ଛତିଆ ଯୁବ ସମାଜସେବୀ ସେବକ ସଂଘ ପରିବାର ଓ ହେ ମହାବାହୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ସାମାଜିକ କର୍ମୀ ଦୟାନିଧି ବିଶ୍ୱାଳ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ କମଳାକାନ୍ତ ସ୍ୱାଇଁ, ଅନ୍ନପୂର୍ଣ୍ଣା ସ୍ୱାଇଁ, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ରଞ୍ଜନ ସିଂ ପ୍ରମୁଖ ଯୋଗଦେଇ ଗୋବିନ୍ଦଙ୍କ ପାଇଁ ଛତିଆ ଅଞ୍ଚଳ ଆଜି ଗର୍ବିତ ବୋଲି କହିଥିଲେ।

### ଡିହସାହି ଗ୍ରାମରେ ଚାରାରୋପଣ



**ଛତିଆ,୧୦।୭(ଡି.ଏନ.ଏ.):** ବଡ଼ଚଣା ବ୍ଲକ ନେଳିଆ ପଞ୍ଚାୟତ ଅନ୍ତର୍ଗତ ଡିହସାହି ଗ୍ରାମରେ ରବିବାର ଜିଲା ଯାଦବ ମହିଳା ମୋର୍ଚ୍ଚା ସମ୍ପାଦିକା ମିନତି ବେହେରାଙ୍କ ଅଧକ୍ଷତାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମା' ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମର ଅନେକ ମହିଳା ଯୋଗଦାନ କରି ଛତିଆ ନିକଟସ୍ଥ ସତ୍‌ସଙ୍ଗ କେନ୍ଦ୍ର ଏବଂ ଉକ୍ତ ଗ୍ରାମର ଗ୍ରାମଦେବତୀ ମା' ବୁଢ଼େଇଙ୍କ ପୀଠ ଓ ରାଉତା ପୋଖରୀ ପ୍ରାଙ୍ଗଣରେ ଅନେକ ଫୁଲ, ଫଳ ଏବଂ ଔଷଧୀୟ ଚାରାରୋପଣ କରିଥିଲେ। ଅତିଥି ଭାବେ ଯାଜପୁର ଜିଲା ଯାଦବ ମହାସଭା ସଭାପତି ଗଣେଶ୍ୱର ଦାସ ଏବଂ ବଡ଼ଚଣା ବ୍ଲକ ଯାଦବ ସମ୍ପାଦକ ପ୍ରତାପଚନ୍ଦ୍ର ଦାସ ଯୋଗଦାନ କରି ସହଯୋଗ କରିଥିଲେ। ମାନସ କୁମାର, ଭରତ ବେହେରା, ଡିହସାହି ଗ୍ରାମର ବବିତା ବେହେରା, ପୁଷ୍ପଲତା ବେହେରା, ଜ୍ୟୋତ୍ସ୍ନା ବେହେରା, ପ୍ରତିମା ପଲେଇ, ପୁଷ୍ପ ବେହେରା, ସବିତା ବେହେରା, କୁସୁମ ବେହେରା, ଲକ୍ଷ୍ମୀ ଦେଈଙ୍କ ସମେତ ଅନେକ ମହିଳା ଉପସ୍ଥିତ ରହି କାଯ୍ୟକ୍ରମକୁ ସଫଳତାର ସହିତ ସମ୍ପାଦନ କରିଥିଲେ।

### ବିଭିନ୍ନ ସ୍ଥାନରେ ଇଦ୍-ଉଜ୍-ଜୁହା ପାଳିତ

**ଧର୍ମଶାଳା,୧୦।୭(ଡି.ଏନ.ଏ.):** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି। ବ୍ଲକର ନେଉଳପୁର, ଚୋରମୁହାଁ, ଚହଟା, ବଡ଼ମଙ୍ଗଳପୁର ଓ କାଏମା ଆଦି ସ୍ଥାନରେ ପର୍ବକୁ ନେଇ ପରିବେଶ ଉତ୍ସବମୁଖର ଥିଲା। ସକାଳୁ ମୁସଲମାନ ସମ୍ପ୍ରଦାୟର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ନୂଆବସ୍ତ୍ର ପରିଧାନ କରି ବିଭିନ୍ନ ମସଜିଦ୍ ଓ ଇଦ୍‌ଗାହରେ ସମୂହ ନମାଜ ପାଠ କରିଥିଲେ। ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ପୂରଣ ହୋଇପାରୁନି ଶିକ୍ଷକ ପଦବୀ

■ ବିଗୁଡୁଛି ଶିକ୍ଷା ବ୍ୟବସ୍ଥା, ବଢୁଛି ଜନ ଅସନ୍ତୋଷ

■ ଓଏଏସ୍ ଢାଞ୍ଚାରେ ଶିକ୍ଷକ ନିଯୁକ୍ତି ବିଚାରବିମର୍ଶରେ ସୀମିତ

**ରସୁଲପୁର,୧୦।୭(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ଅଞ୍ଚଳର ଅନେକ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ହେଲେ ଉକ୍ତ ପଦବୀ ପୂରଣ ପାଇଁ ସରକାରଙ୍କ ପକ୍ଷରୁ ନୂତନ ଶିକ୍ଷକ ନିଯୁକ୍ତି କରାଯାଉ ନାହିଁ। ଅନ୍ୟପକ୍ଷରେ ଓଏଏସ୍ ପରୀକ୍ଷା ଢାଞ୍ଚାରେ ପ୍ରତ୍ୟେକ ବର୍ଷ ଶିକ୍ଷକ ନିଯୁକ୍ତି ଦିଆଯିବା ନେଇ ଚିନ୍ତା କରାଯାଉଛି। ଯଦ୍ଦ୍ୱାରା ଖାଲି ଥିବା ଶିକ୍ଷକ ପଦବୀ ପୂରଣ ହୋଇପାରିବ। ହେଲେ ସରକାରଙ୍କ ଏଭଳି ନିଷ୍ପତ୍ତି କେବଳ ବିଚାର ବିମର୍ଶରେ ସୀମିତ ରହିଛି। ଏଯାଏ ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଫଳରେ ଅଧିକାଂଶ ସ୍ଥାନରେ ଶିକ୍ଷକ ପଦବୀ ପୂରଣ ହେବା ସମ୍ଭାବନା କ୍ଷୀଣ ହେବାରେ ଲାଗିଛି। ତେବେ କେତେକ ବିଦ୍ୟାଳୟରେ ଥିବା ବଳକା ଶିକ୍ଷକ ଓ ପଦୋନ୍ନତି ପାଉଥିବା ଶିକ୍ଷକଙ୍କୁ ଏପଟ ସେପଟ କରି ଖାଲିପଡ଼ିଥିବା ଶିକ୍ଷକ ଓ ପ୍ରଧାନଶିକ୍ଷକ ପଦବୀଗୁଡ଼ିକର ସମସ୍ୟାକୁ କିଛି ମାତ୍ରାରେ ସମାଧାନ କରିବାକୁ ପ୍ରୟାସ କରାଯାଉଛି। ଏହି ପ୍ରକ୍ରିୟା ଜୁଲାଇରେ ଶେଷ ହେବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ବିଭାଗର ଏଭଳି ଉଦ୍ୟମ ଶିକ୍ଷକ ପଦବୀ ପୂରଣ କରିବାରେ କେତେ ସହାୟକ ହେଉଛି ତାହା ସମୟ କ୍ରମେ ସ୍ପଷ୍ଟ ହେବ।

ରସୁଲପୁର ବ୍ଲକ ଅଞ୍ଚଳରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ରୂପାନ୍ତରକରଣ ଓ ମୋ ସ୍କୁଲ ଅଭିଯାନ ଜରିଆରେ ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରାଯାଉଛି। ହେଲେ କେତେକ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ଉନ୍ନତ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ପ୍ରାଥମିକ ବିଦ୍ୟାଳୟସ୍ତରରେ(୧ମରୁ ୫ମ ପର୍ଯ୍ୟନ୍ତ) ୩୦ ପିଲାରେ ଜଣେ ଶିକ୍ଷକ, ଉଚ୍ଚ ପ୍ରାଥମିକ(୫ମରୁ ୮ମ) ପର୍ଯ୍ୟନ୍ତ ୩୫ ପିଲା ଓ ହାଇସ୍କୁଲ ପାଇଁ ୪୦ଜଣରେ ଜଣେ ଲେଖାଏ ଶିକ୍ଷକ ନିଯୁକ୍ତିର ନିୟମ ରହିଛି। ଏହି ନିୟମ ଅନୁସାରେ ବି ଅଧିକାଂଶ ସ୍ଥାନରେ ବିଦ୍ୟାର୍ଥୀ ଥିବା ହାରରେ ଶିକ୍ଷକ ନାହାନ୍ତି। ଏକାଧିକ ଶ୍ରେଣୀ ଥିବା ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ ପାଠ ପଢ଼ାଉଛନ୍ତି। ଏଭଳି ସ୍ଥିତି ଥିବା ବିଦ୍ୟାଳୟରେ ଶିକ୍ଷକ ପାଠ ପଢାଇବା ବଦଳରେ କେବଳ ଜଗୁଆଳ ସାଜୁଛନ୍ତି। ଶିକ୍ଷକ ସମସ୍ୟା ଦୂର ପାଇଁ କମ୍ ପିଲା ପଢୁଥିବା ବିଦ୍ୟାଳୟକୁ ପାଖ ବିଦ୍ୟାଳୟ ସହ ମିଶ୍ରଣ କରି ଦିଆଯାଇଛି। ମିଶ୍ରିତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସେହି ମିଶ୍ରଣ ବିଦ୍ୟାଳୟରେ ନିଯୁକ୍ତି ମିଳିଛି। ପୂର୍ବରୁ ଥିବା ଶିକ୍ଷକଙ୍କ ସହ ମିଶ୍ରଣ ବିଦ୍ୟାଳୟର ଶିକ୍ଷକଙ୍କୁ ଯୋଡ଼ିଲେ ବିଦ୍ୟାର୍ଥୀଙ୍କ ତୁଳନାରେ ଶିକ୍ଷକଙ୍କ ସଂଖ୍ୟା ଅଧିକା ରହିଥିବା ଜଣାପଡ଼ିଛି। ଏହାକୁ ସୁଷମ ବଣ୍ଟନ କରାଯାଉ ନ ଥିବାରୁ ଶିକ୍ଷକ ପଦବୀ ପୂରଣରେ ବାଧା ସୃଷ୍ଟି ହେଉଛି। ଏପରି କି ଅନେକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଦୀର୍ଘବର୍ଷ ଧରି ଖାଲି ପଡ଼ିଛି। ଉକ୍ତ ପଦବୀ ପୂରଣ ହୋଇପାରୁ ନ ଥିବାରୁ ବିଦ୍ୟାଳୟ ପରିଚାଳନାଗତ ସମସ୍ୟା ଦେଖାଦେଉଛି। ଏ ସବୁ ସମସ୍ୟା ସମାଧାନ କରା ନ ଗଲେ ବିଦ୍ୟାର୍ଥୀଙ୍କୁ ଉନ୍ନତ ଶିକ୍ଷାଦାନର ସ୍ୱପ୍ନ ବାସ୍ତବରେ ପୂରଣ ହୋଇପାରିବ ନାହିଁ ବୋଲି ଅଭିଭାବକ ଅଭିଯୋଗ କରିଛନ୍ତି। ତେଣୁ ଏହି ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ଛାତ୍ରାଭିଭାବକଙ୍କ ମହଲରେ ଦାବି ହେଉଛି। ଏନେଇ ବ୍ଲକ୍ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ବ୍ଲକ ଅଞ୍ଚଳରେ କେତେ ଶିକ୍ଷକ ପଦବୀ ଖାଲି ପଡ଼ିଛି, ସେ ନେଇ ବିଭାଗ ପକ୍ଷରୁ ଏକ ରିପୋର୍ଟ ମଗାଯାଇଛି। ରିପୋର୍ଟ ହସ୍ତଗତ ହେବାପରେ ଅଧିକା ଶିକ୍ଷକ ଥିବା ବିଦ୍ୟାଳୟରୁ କମ୍ ଶିକ୍ଷକ ଥିବା ସ୍କୁଲରେ ଆଡ୍‌ଜଷ୍ଟ କରାଯିବ। ଏହାପରେ କେତେ ଶିକ୍ଷକ ଆବଶ୍ୟକ ତାହା ସ୍ପଷ୍ଟ ହୋଇପାରିବ। ପ୍ରଥମେ ଶିକ୍ଷକଙ୍କ ସୁଷମ ବଣ୍ଟନ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ନୂତନ ଶିକ୍ଷକ ଚୟନ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ବ୍ଲକକୁ ଅଧିକା ଶିକ୍ଷକ ମିଳିବା ଆଶା କମ୍ ରହିଛି। ସେହିପରି ପ୍ରମୋଶନ ପାଉଥିବା ଶିକ୍ଷକଙ୍କୁ ଖାଲିପଡିଥିବା ପ୍ରଧାନଶିକ୍ଷକ ପଦବୀରେ ଅବସ୍ଥାନ କରାଯାଇ ସମସ୍ୟା ସୁଧାରିବାକୁ ପ୍ରୟାସ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

# ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ




କାର୍ଯ୍ୟକ୍ରମ ଅବସରରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଚଢ଼େଇଧରା,୧୦।୭(ଡି.ଏନ.ଏ.)**

ବନ ମହୋତ୍ସବ ଅବସରରେ ରବିବାର ଧର୍ମଶାଳା ମିଡିଆ କ୍ଲବ ପକ୍ଷରୁ ଗଡ଼ମଧୁପୁର ପଞ୍ଚାୟତ ଅନ୍ତର୍ଗତ ଭୁବନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏଥିସହିତ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମିଡିଆ କ୍ଲବ୍ ସଭାପତି ବିମଳ ପତିଙ୍କ ସଭାପତିତ୍ୱରେ ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ବିଦ୍ୟାଳୟ ଅଗଣାରେ ଫଳ ଓ ଫୁଲ ଚାରା ରୋପଣ କରିଥିଲେ।

ମିଡିଆ କ୍ଲବର ଏଭଳି ପ୍ରୟାସକୁ ବିଧାୟକ ସାଧୁବାଦ ଦେଇଥିଲେ। ଏଥିସହିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ବିଦ୍ୟାଳୟରେ ଉନ୍ମୋଚିତ ହେବା ଦ୍ୱାରା ଛାତ୍ରୀଛାତ୍ର ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାର ସୁଯୋଗ ଲାଭ କରିବେ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ କବାଟବନ୍ଧ ପ୍ରଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ନିହାର ରଞ୍ଜନ କର ଯୋଗଦେଇ ପ୍ରତ୍ୟେକ ମଣିଷ ପରିବେଶ ସୁରକ୍ଷା ଦିଗରେ ଆଗେଇ ଆସିବା ଦରକାର ବୋଲି ଆହ୍ୱାନ କରିଥିଲେ। ବିଜେଡି ପଞ୍ଚାୟତ ସଭାପତି ଜଗଦିଶ ଜେନାମଣି, ସରପଞ୍ଚ ରବୀନ୍ଦ୍ର କୁମାର ସେଠୀ, ସାମାଜିକ କର୍ମୀ ଜଟାଧାରୀ ରଥ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ପ୍ରଦୀପ୍ତ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ସୁଧାକର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ବସନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମିଡିଆ କ୍ଲବର ସଦସ୍ୟ ଗୟାଧର ନାୟକ, ସୁଶାନ୍ତ କୁମାର ଗୋଚ୍ଛାୟତ, ଅଶୋକ ଦାସ, ସୁଶାନ୍ତ ସାହୁ, ସୁଶାନ୍ତ ନାୟକ, ସେକ୍ ଦିଲଦାର ଚାନ୍ଦ ଓ ଦୀପକ ଦାସ ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ଆନନ୍ଦ ମହାରଣା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଭିଏନ୍ କଲେଜରେ ଜାତୀୟ ସମ୍ମାନ

**ଯାଜପୁର ରୋଡ,୧୦।୭(ଡି.ଏନ.ଏ.)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବ୍ୟାସନଗର(ଭିଏନ୍) ସ୍ୱୟଂଶାସିତ କଲେଜ ଇଂଲିଶ ବିଭାଗ ଦ୍ୱାରା ରବିବାର ପ୍ରାଚ୍ୟ ଦର୍ଶନ ଶୀର୍ଷକ ଏକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ କୁଶଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମାନକୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। କଲେଜ ପରିଚାଳନା ପରିଷଦ ସଭାପତି ପ୍ରଦୀପ କୁମାର ବିଶ୍ୱାଳ ମୁଖ୍ୟ ଅତିଥି, ଆସାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଇଂଲିଶ ପ୍ରଫେସର ବିଷ୍ଣୁଚରଣ ଦାସ ମୁଖ୍ୟବକ୍ତା, ରକପେବୁଲସ୍‌ର ସମ୍ପାଦକ ଉଦୟନାଥ ମାଝୀ ଓ ଆୟର୍ଲାଣ୍ଡୀ ଡବଲିନ୍ ସହରର ଛାତ୍ର ଶୋଭନ କୁମାର ପଣ୍ଡୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଇଂଲିଶ୍ ବିଭାଗ ମୁଖ୍ୟ ଉପେନ୍ଦ୍ର କୁମାର ସ୍ୱାଇଁ ଅତିଥି ପରିଚୟ ଏବଂ ଅଧ୍ୟାପିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ ସଭା ସଂଯୋଜନା କରିଥିଲେ। ଛାତ୍ରୀ ସୁଶ୍ରୀ ଅଙ୍କିତା ରଥ ଓ ଛାତ୍ର ସ୍ୱାଗତ କୁମାର ମହାନ୍ତି ସ୍ୱାଗତ ସଂଗୀତ ଗାନ କରିଥିଲେ। ଛାତ୍ରୀ ଲିପସା, ଅକାଂକ୍ଷା, ଚିତ୍ତରଞ୍ଜନ, ଓମ୍‌କାର, ରିତିକ୍ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ବେବୀ ପ୍ରସାଦ ଦାଶ, ମମତା ସାମଲ, ସୁଜାତା ଓତା, ଦୀପ୍ତିମୟୀ ଦାସ, ପୁନ୍‌ପୁନ୍ ଦାଶ, ବୈଜୟନ୍ତୀ ବଳ, ରତ୍ନାକର ସ୍ୱାଇଁ, ବିବେକାନନ୍ଦ ଜେନା, ରଞ୍ଜିତ କୁମାର ପହି, ସନାତନ ଦାସ, ରମେଶ ଚନ୍ଦ୍ର ବେହେରା, ସନ୍ତୋଷ ରଥ, ଦିଲୀପ କୁମାର ବେହେରା, ଆର୍.ଆର୍. କାନୁନ୍‌ଗୋ, ବିକ୍ରମ କୁମାର ମହାପାତ୍ର, ପ୍ରଦୋଶ କୁମାର ରାୟ, ବାଉରୀବନ୍ଧୁ ଦାଶ, ରବୀନ୍ଦ୍ର ରାଉଳ, ପୁଷ୍ପଲତା ରାଉତ, ହରିହର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଦିଲ୍ଲୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଟକ 'ଶତାବ୍ଦୀର ସ୍ୱର' ହୃଦୟ ଛୁଇଁଲା

**ଜଗତ୍‌ସିଂହପୁର ଅଫିସ, ୧୦।୭**

ଭାରତ ସ୍ୱାଧୀନ ହେଲାପରେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ବିଦେଶ ଶକ୍ତି ଇଷ୍ଟଇଣ୍ଡିଆ କମ୍ପାନୀକୁ ଦେଶରୁ ତଡିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ନେହେରୁ କହିଥିଲେ, ଦେଶରୁ କେବଳ ଇଷ୍ଟ ଇଣ୍ଡିଆ କମ୍ପାନୀ ଯିବ, ଅନ୍ୟ କମ୍ପାନୀ ନୁହେଁ। କାରଣ ଇଷ୍ଟ ଇଣ୍ଡିଆ କମ୍ପାନୀ ଦେଶକୁ ଦୀର୍ଘ ବର୍ଷ ପଛକୁ ନେଇ ଯାଇଥିଲା। ଏବେ ବି ପୁଞ୍ଜିପତି, କର୍ପୋରେଟ୍ ହାଉସ ଦେଶକୁ ଲୁଟୁଛନ୍ତି। ଧର୍ମକୁ ନେଇ ଦେଶକୁ ଭାଗ କରିବାକୁ ଚେଷ୍ଟା ହେଉଛି। ଚାଷୀ ଲଙ୍ଗଳ, ତନ୍ତି, ଚରଖା ଓ କୁମ୍ଭାର ମାଟି କାମ କରିବାକୁ ଆଗ୍ରହ କରୁନି। ଏହା ଶତାବ୍ଦୀର ପ୍ରଭାବ, ଆଧୁନିକତାର ଛାପ। ତେଣୁ ଆମକୁ ଆଧୁନିକତା ଭିତରେ ଭାଇଚାରା ବଞ୍ଚାଇ ରଖିବାକୁ ପଡ଼ିବ। ଶୁକ୍ରବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଶତାବ୍ଦୀର ସ୍ୱର ଶୀର୍ଷକ ନାଟକ ମଞ୍ଚସ୍ଥ ବେଳେ ଏହି ବାର୍ତ୍ତା ବେସ୍ ହୃଦୟସ୍ପର୍ଶୀ ହୋଇଥିଲା। ଜଗତ୍‌ସିଂହପୁର ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଜିଲାର ବିଭିନ୍ନ ସାଂସ୍କୃତିକ ଦଳଗୁଡ଼ିକୁ ନେଇ ଜିଲାସ୍ତରୀୟ ଅଡିଶନ ତଥା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୬ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ଏଥିରେ ଜିଲାର ବିଭିନ୍ନ ସାଂସ୍କୃତିକ ଦଳ ସେମାନଙ୍କ ଅଭିନୟ ତଥା ପ୍ରତିଭା ପ୍ରଦର୍ଶନ କରିଛନ୍ତି । ତେବେ ଅନ୍ତିମ ଦିନରେ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ପକ୍ଷରୁ ଏକ ବୈପ୍ଳବିକ ତଥା ସାମାଜିକ ନାଟକ ଶତାବ୍ଦୀର ସ୍ୱର ମଞ୍ଚସ୍ଥ ହୋଇଥିଲା । ଏଥିରେ ଦୁଇ ଦୁଇ ଥର ଜାତୀୟସ୍ତରରେ ସମ୍ମାନିତ ହୋଇଥିବା ନିର୍ଦ୍ଦେଶକ ତଥା କଳାକାର ଅଶୋକ ଜେନା, ବରିଷ୍ଠ କଳାକାର ଦେବୀ ପ୍ରସାଦ ମହାରଣା, ବିଚିତ୍ର ବିଶ୍ୱାଳ ଓ ଧନଞ୍ଜୟ ଜେନା ପ୍ରମୁଖ ଅଭିନୟ କରିଥିଲେ ।

# ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ କଟକଣାକୁ ନିନ୍ଦା

## ସରକାର ନିଷ୍ପତ୍ତିର ପୁନର୍ବିଚାର କରିବା ଆବଶ୍ୟକ

**ବରୀ,୧୦।୭(ଡି.ଏନ.ଏ.)**

ବିଦ୍ୟାଳୟଗୁଡ଼ିକୁ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ଉପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କଟକଣା ଲଗାଯିବା ପରେ ବରୀ ବ୍ଲକ ଅଞ୍ଚଳର ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ଶିକ୍ଷାବିତ୍, ରାଜନେତା ଏହି କଟକଣାକୁ ନିନ୍ଦା କରିଛନ୍ତି। ଗଣମାଧ୍ୟମ ବିଦ୍ୟାଳୟଗୁଡ଼ିକରେ ରହିଥିବା ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଥିବାବେଳେ ତାହାକୁ ବିରୋଧ କରିବା ଭୁଲ୍ ବୋଲି କୁହାଯାଇଛି। ଗଣମାଧ୍ୟମ ଯୋଗୁ ଜନସାଧାରଣ ସରକାରୀ କାର୍ଯ୍ୟକ୍ରମ ବିଷୟରେ ଅବଗତ ହେବା ସହ ସଚେତନ ହେଉଛନ୍ତି। ତେବେ ଶିକ୍ଷା ବିଭାଗ ନିଜ ଦୋଷ ତ୍ରୁଟିକୁ ଲୁଚାଇବା ନିମନ୍ତେ ଏଭଳି ବ୍ୟବସ୍ଥା କରିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ମଧ୍ୟାହ୍ନଭୋଜନ, ବିଦ୍ୟାଳୟ ରୂପାନ୍ତିକରଣ ଓ ପୋଷାକ ବଣ୍ଟନଠାରୁ ଆରମ୍ଭ କରି ବିଦ୍ୟାଳୟ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ଏବଂ କେଉଁଠି ତ୍ରୁଟି ରହିଛି ତାହା ଗଣମାଧ୍ୟମ ପ୍ରତିନିଧିମାନେ ହିଁ ଲୋକଲୋଚନକୁ ଆଣିଥାନ୍ତି। ଫଳରେ ସରକାର ଓ ପ୍ରଶାସନିକ ଅଧିକାରୀ ଏହି ତ୍ରୁଟି ସୁଧାରିବା କ୍ଷେତ୍ରରେ ଅଧିକ ଯତ୍ନବାନ ହୋଇଥାନ୍ତି। ଏବେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ କଟକଣା ରହିଲେ ବିଦ୍ୟାଳୟଗୁଡ଼ିକରେ ରହିଥିବା ଅନେକ ସମସ୍ୟା ଲୋକ ଲୋଚନକୁ ଆସି ପାରିବ ନାହିଁ ବୋଲି କୁହାଯାଉଛି।

ଏନେଇ ରାଜ୍ୟ ଭାଜପା ପଛୁଆବର୍ଗ ସେଲ୍ ଉପସଭାପତି ଆଶୁତୋଷ ପରିଡ଼ା କହିଛନ୍ତି, ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଏଭଳି ରୋକ ଲଗାଯିବା ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଅପରାଗତାକୁ ଘୋଡ଼ାଇବା ପାଇଁ ଉଦ୍ଦିଷ୍ଟ। ତେଣୁ ସରକାର ଏହି ନିଷ୍ପତ୍ତି ପ୍ରତ୍ୟାହାର କରିନେବା ଆବଶ୍ୟକ। ବରୀ ଅଞ୍ଚଳର ପ୍ରାକ୍ତନ ସରପଞ୍ଚ ବୀରେନ୍ଦ୍ର ମିଶ୍ର କହିଛନ୍ତି, ଶିକ୍ଷା ବିଭାଗରେ ବ୍ୟାପକ ତ୍ରୁଟି ବିଚ୍ୟୁତିକୁ ଗଣମାଧ୍ୟମ ପଦାକୁ ଆଣୁଥିବାରୁ ସରକାର ଭୟଭୀତ ହୋଇ ଏପରି ପଦକ୍ଷେପ ନେଇଛନ୍ତି। ଯାହା ନିନ୍ଦନୀୟ। ତେଣୁ ସରକାର ନିଷ୍ପତ୍ତିର ପୁନର୍ବିଚାର କରିବା ଦରକାର। ବରୀ ଅଞ୍ଚଳର ଶିକ୍ଷକନେତା ଲୋକନାଥ ଦାସ କହିଛନ୍ତି, ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡୁଥିବାବେଳେ ଗଣମାଧ୍ୟମ ଏହାର ତ୍ରୁଟିକୁ ପଦାକୁ ଆଣିବାରେ ସହାୟକ ହୋଇଥାଏ। ତେଣୁ ଏଭଳି ନିଷ୍ପତ୍ତି ଅତ୍ୟନ୍ତ ଦୁଃଖଦାୟକ। ଅଞ୍ଚଳର ପ୍ରାକ୍ତନ ପ୍ରଧାନଶିକ୍ଷକ କର୍ଣ୍ଣଚନ୍ଦ୍ର ଘଡ଼ାଇ କହିଛନ୍ତି, ଖବରଦାତାମାନେ ନିଜ ସୀମା ଭିତରେ ରହି ଖବର ପ୍ରକାଶନ କରିବା ଉଚିତ୍। ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟି କରିବା ଉଚିତ୍ ନୁହେଁ। ସେମାନେ ବିବାଦୀୟ ପରିସ୍ଥିତି ସୃଷ୍ଟି କଲେ ଶିକ୍ଷାଦାନ ପ୍ରଭାବିତ ହେବ।

# ଆନନ୍ଦ ଉଲ୍ଲାସରେ ଇଦ୍ ଉଜ୍ ଜୁହା ପାଳିତ

**ବିଞ୍ଝାରପୁର,୧୦।୭(ଡି.ଏନ.ଏ.)**



ବିଞ୍ଝାରପୁର ଇଦ୍‌ଗାଠାରେ ସମୂହ ନମାଜ ପାଠ କରାଯାଉଛି।

ବିଞ୍ଝାରପୁର ବ୍ଲକ ଅଧୀନ ବିଞ୍ଝାରପୁର, ସୟଦପୁର, ଅଳକୁଣ୍ଡ, ଶାସନ୍ଦା, କଏଣା, ନୂଆଗାଁ ଓ ନଥିପୁର ଆଦି ମୁସଲିମ ବହୁଳ ଗାଁରେ ରବିବାର ଆନନ୍ଦ ଉଲ୍ଲାସରେ ଇଦ୍ ଉଲ୍ ଜୁହା ପର୍ବ ପାଳିତ ହୋଇଯାଇଛି। ବିଞ୍ଝାରପୁର ଓ ସୟଦପୁର ପଞ୍ଚାୟତର ମୁସଲମାନ ଭାଇମାନେ ବିଭିନ୍ନ ମସଜିଦରେ ଏକତ୍ରିତ ହୋଇ ନମାଜ ପଢିଛନ୍ତି। ସେହିପରି ଅଳକୁଣ୍ଡ ଗ୍ରାମବାସୀ ଜାମା ମସଜିଦଠାରେ ନମାଜ ପାଠ କରିଥିବା ବେଳେ ଶାସନ୍ଦା ଗ୍ରାମବାସୀ ମସଜିଦରେ ନମାଜ ପାଠ କରିଛନ୍ତି। କଏଣା ଓ ନୂଆଗାଁ ଗ୍ରାମର ମୁସଲମାନ ଭାଇମାନେ ମସଜିଦରେ ନମାଜ ପାଠ କରିଛନ୍ତି। ୨ ବର୍ଷ ପରେ ବିନା କଟକଣାରେ ଇଦ୍ ଉଲ ଜୁହା ପାଳନ ହୋଇଥିବାରୁ ମୁସଲମାନ ଧର୍ମାବଲମ୍ବୀ ମହିଳା, ପୁରୁଷ ଓ ଛୋଟ ପିଲାଙ୍କ ମଧ୍ୟରେ ଆନନ୍ଦ ଦେଖିବାକୁ ମିଳିଥିଲା। ନମାଜ ପାଠ ପରେ ସେମାନେ ପରସ୍ପରକୁ ସ୍ନେହଭରା ଆଲିଙ୍ଗନ କରିଥିଲେ। ବିଧାୟିକା ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧକ୍ଷ ସେକ ଇର୍ସାଦ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସୁନୀତା ନାୟକ, ଅହଲ୍ୟା ସାଇଁ ପ୍ରମୁଖ ବ୍ଲକର ସମସ୍ତ ମୁସଲମାନ ଭଉଣୀଭାଇମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଅଳକୁଣ୍ଡ ସରପଞ୍ଚ ସୁଶାନ୍ତ ଦାସ, ବିଞ୍ଝାରପୁର ସରପଞ୍ଚ ଆଶାଲତା ସାହୁ, ସୟଦପୁର ସରପଞ୍ଚ ସେକ୍ ମହମ୍ମଦ ସବିର, ଶାସନ୍ଦା ସରପଞ୍ଚ କାମଦେବ ଧଳ, ପ୍ରୀତିପୁର ସରପଞ୍ଚ ଭାଗୀରଥି ଦାଶ ନିଜନିଜ ପଞ୍ଚାୟତର ମୁସଲମାନ ଭଉଣୀଭାଇମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ଆଜିଠାରୁ ସରପଞ୍ଚଙ୍କ ଦକ୍ଷତା ବୃଦ୍ଧି ତାଲିମ

**ରସୁଲପୁର,୧୦।୭(ଡି.ଏନ.ଏ.)**

ଯାଜପୁରରେ ଶିବିର ସ୍ଥଳ ଚୟନକୁ ନେଇ ଅସନ୍ତୋଷ

ରସୁଲପୁର ବ୍ଲକର ସରପଞ୍ଚଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଚଳିତ ମାସ ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ହେବ। ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ଏହି ଶିବିର ଜିଲା ପଞ୍ଚାୟତ ସମ୍ବଳ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜନ କରାଯିବ। ଏନେଇ ବ୍ଲକ ପକ୍ଷରୁ ସମସ୍ତ ସରପଞ୍ଚଙ୍କୁ ଚିଠି ଜରିଆରେ ଅବଗତ କରାଯାଇଛି। ଶିବିରରେ ଯାଜପୁର ଓ ରସୁଲପୁର ବ୍ଲକର ସମସ୍ତ ସରପଞ୍ଚ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେବେ ଏଭଳି କାର୍ଯ୍ୟକ୍ରମକୁ ରସୁଲପୁର ଅଞ୍ଚଳର ସରପଞ୍ଚମାନେ ସ୍ୱାଗତ କରିଥିଲେ ମଧ୍ୟ ଶିବିର ଆୟୋଜନ ସ୍ଥଳକୁ ନେଇ ଆପତ୍ତି ଉଠାଇଛନ୍ତି। ଶିବିରକୁ ବ୍ଲକ ଅଞ୍ଚଳରେ ଆୟୋଜନ କରିବାକୁ ସେମାନେ ଦାବି କରିଛନ୍ତି।

ସେମାନଙ୍କ କହିବା କଥା ହେଲା ପ୍ରଶାସନର ଯେକୌଣସି ଶିବିର ଜନସାଧାରଣଙ୍କ ନିକଟତର କରିବାକୁ ପ୍ରୟାସ କରାଯାଉଛି। ବିଭିନ୍ନ ଯୋଜନା ସମ୍ପର୍କିତ ସଚେତନତା ଓ ହିତାଧିକାରୀ ଚୟନ ଶିବିରଗୁଡ଼ିକ ନିର୍ଦ୍ଦିଷ୍ଟ ସ୍ଥାନରେ ଆୟୋଜନ କରା ନ ଯାଇ ବ୍ଲକର ବିଭିନ୍ନ ଅଞ୍ଚଳରେ କରାଯାଉଛି। ହେଲେ ସରପଞ୍ଚମାନଙ୍କ ତାଲିମ ଶିବିର ଯାଜପୁରରେ କରାଯିବା ନିଷ୍ପତ୍ତିକୁ ପ୍ରତିନିଧିମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଅନ୍ୟପକ୍ଷରେ ରସୁଲପୁର ବ୍ଲକରେ ଶିବିର ଆୟୋଜନ ପାଇଁ ଭିତ୍ତିଭୂମିର ଅଭାବ ନାହିଁ। ଏଭଳି ସ୍ଥିତିରେ ଶିବିରକୁ ଯାଜପୁର ବ୍ଲକ ଅଞ୍ଚଳରେ ଆୟୋଜନ କରିବାକୁ ସେମାନେ ନାପସନ୍ଦ କରିଛନ୍ତି। ତେଣୁ ଶିବିରସ୍ଥଳକୁ ବଦଳାଇବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସରପଞ୍ଚମାନେ ଦାବି କରିଛନ୍ତି। ଏନେଇ ବିଡିଓ ଉମାକାନ୍ତ ପରିଡ଼ାଙ୍କୁ ପଚାରିବାରେ ସେ କହିଛନ୍ତି, ଶିବିର ଆୟୋଜନକୁ ନେଇ ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ଜିଲାରୁ ବ୍ଲକକୁ ଆସିଥିବା ଚିଠି ଆଧାରରେ ସରପଞ୍ଚମାନଙ୍କୁ ସେ ଅବଗତ କରାଇଛନ୍ତି। ତେଣୁ ଏଥିରେ ତାଙ୍କର କୌଣସି ଭୂମିକା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

# 'ଶିକ୍ଷାନୁଷ୍ଠାନର ବିକାଶରେ ଶିକ୍ଷାର୍ଥୀଙ୍କ ବୌଦ୍ଧିକ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ'

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**



ଆମେରିକାର କାଲିଫର୍ନିଆ, ସାକ୍ରାମେଣ୍ଟୋଠାରେ ଆୟୋଜିତ ଓସାର ୫୩ତମ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଏବଂ ସଦସ୍ୟବୃନ୍ଦ।

ଓଡ଼ିଶାରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ 'ମୋ କଲେଜ' ଅଭିଯାନ ଏଭ ଅଭିନବ ପ୍ରୟସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ଦିଗ୍‌ଦର୍ଶନରେ ଆଗେଇ ଯାଇଥିବା ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରୀଛାତ୍ର ଯୋଡ଼ି ହୋଇଛନ୍ତି ବୋଲି ଆମେରିକାର କାଲିଫର୍ନିଆ, ସାକ୍ରାମେଣ୍ଟୋଠାରେ ଆୟୋଜିତ ଓଡ଼ିଆ ସୋସାଇଟି ଅଫ୍ ଦ ଆମେରିକାସ୍(ଓସା)ର ୫୩ତମ ସମ୍ମିଳନୀରେ ଯୋଗଦେଇ 'ମୋ କଲେଜ' ଅଧକ୍ଷ ଆକାଶ ଦାସନାୟକ କହିଛନ୍ତି। ଶିକ୍ଷାର୍ଥୀ ଓ ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ପାଇଁ କେବଳ ଆର୍ଥିକ ଦୃଷ୍ଟିରୁ ନୁହେଁ, ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଯୋଗଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଓସାର ସଦସ୍ୟମାନେ ଏହି ଅଭିଯାନରେ ସାମିଲ ହୁଅନ୍ତୁ ବୋଲି ଦାସନାୟକ କହିଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ତଥା ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଯୋଗଦେଇ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶା ଏବେ ଏକ ନୂଆ ଦିଗକୁ ଯାଉଛି। 'ମୋ କଲେଜ' ଅଭିଯାନ ପୁରାତନ ଛାତ୍ରୀଛାତ୍ରଙ୍କୁ କଲେଜ ସହ ଯୋଡ଼ି ହେବାରେ ନୂଆ ମାଧ୍ୟମ ସାଜିଛି ବୋଲି କହିଥିଲେ। ଏଥିସହ ଆମେରିକା ଓ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆମାନେ ଏହି ଅଭିଯାନ ସହିତ ଯୋଡ଼ି ହୁଅନ୍ତୁ ବୋଲି ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉଚ୍ଚଶିକ୍ଷାର ଧାରାକୁ ଆଉ ଏକ ଉଚ୍ଚତାକୁ ନେବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

**ଓଡ଼ିଆ ସୋସାଇଟି ଅଫ୍ ଦ ଆମେରିକାସ୍‌ର ୫୩ତମ ସମ୍ମିଳନୀ**

କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଭାବେ ଏବଂ ଭର୍ଚୁଆଲରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର ବାଶା, ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ନାୟକ, ସମ୍ବଲପୁରସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ପ୍ରଫେସର ମହାଦେଓ ଜୈସୱାଲ, ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଦାମୋଦର ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇଥିଲେ। ଓସାର ସଦସ୍ୟମାନଙ୍କ ମଧ୍ୟରେ ଏନ୍‌ଜେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିର ପ୍ରଫେସର ଦୁର୍ଗା ମିଶ୍ର, ଆମେରିକାର ଏୟାରଫୋର୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଡ. ଅନିଲ ପଟ୍ଟନାୟକ, ଆରିଜୋନା ଷ୍ଟେଟ୍ ୟୁନିଭର୍ସିଟିର ପ୍ରଫେସର ଚିତ୍ତ ବରାଳ, ଜନ୍ସ ହପକିନ୍ସ ୟୁନିଭର୍ସିଟିର ଡ. ମନୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କାଶୀନଗର ଥାନାରେ ଶିଶୁ ପ୍ରକୋଷ୍ଠ, ବିଶ୍ରାମ ଗୃହ ଉଦ୍‌ଘାଟିତ



**କାଶୀନଗର,୧୦।୭:** କାଶୀନଗର ପୋଲିସ ଥାନା ପରିସରରେ ଶିଶୁ ପ୍ରକୋଷ୍ଠ ଓ ବିଶ୍ରାମ ଗୃହ ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଥାନାଧିକାରୀ ସୁଶାନ୍ତ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ସନ୍ଥ ଅରକ୍ଷିତ ଦାସଙ୍କ ଜନ୍ମୋତ୍ସବ

**ଦିଗପହଣ୍ଡି,୧୦।୭(ଡି.ଏନ.ଏ.):** ଦିଗପହଣ୍ଡିରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସହର ଉପକଣ୍ଠ ଘୋଡାହାଡ ଡ୍ୟାମ ରାସ୍ତାରେ ସ୍ଥାପିତ ସନ୍ଥ ଅରକ୍ଷିତ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ରବିବାର ଜନ୍ମୋତ୍ସବ ପାଳନ କରାଯାଇଥିଲା। ବଡଖେମୁଣ୍ଡି ରାଜ ପରିବାରର ସଦସ୍ୟ ଦେବବ୍ରତ ଦେବଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା, ପୂର୍ବତନ ଅଧକ୍ଷ ହୃଦୟ ରଞ୍ଜନ ମେକାପ, ଆଇନଜୀବୀ ହରପ୍ରସାଦ ରଥ, ଉପାଧକ୍ଷା ପ୍ରତିନିଧି କେ. କୁନା, କାଉନସିଲର ଦୀପକ ମିଶ୍ର, ବରିଷ୍ଠ ଭାଗବତ ପ୍ରଚାରକ ସୀତାରାମ ପାଣିଗ୍ରାହୀ, କେଶବ ବାଡତ୍ୟା, ପୂର୍ବତନ କାଉନସିଲର ଭଗବାନ ସ୍ୱାଇଁ ଏବଂ ଗୋବିନ୍ଦ ଦୋରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତତ୍କାଳୀନ ବଡଖେମୁଣ୍ଡି ରାଜ୍ୟର ବିଜୟ ନଗର ଗଡରେ ଆଷାଢ଼ ଶୁକ୍ଳ ଏକାଦଶୀରେ ଜନ୍ମିତ ରାଜପୁତ୍ର ବୀରଭଦ୍ର ଦେବ ପରବର୍ତ୍ତୀ ଅବସ୍ଥାରେ ସନ୍ଥ ଅରକ୍ଷିତ ଦାସ ନାମରେ ପରିଚିତ ହୋଇଥିଲେ। ତାଙ୍କର ସାଧନା ପୀଠ ଓଲାଶୁଣି ପ୍ରସିଦ୍ଧି ଲାଭ କରିଥିଲେ ମଧ ଜନ୍ମ ମାଟିରେ ଅନାଲୋଚିତ ରହିବା ଦୁର୍ଭାଗ୍ୟର ବିଷୟ ବୋଲି ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା।

### ସାରଥି ଧାମରେ ଭଜନ ସମାରୋହ

**ପାତ୍ରପୁର,୧୦।୭(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ଜରଡ଼ାଗଡ଼ ସାରଥି ଧାମରେ ବାହୁଡ଼ା ଯାତ୍ରା ଉପଲକ୍ଷେ ଉପାନ୍ତ ସାଂସ୍କୃତିକ ସାହିତ୍ୟ ସଂସଦ, ପାତ୍ରପୁର ଓ ମୁଁ ନୁହେଁ ଆମ୍ଭେ ସଙ୍ଗଠନ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜରଡ଼ା ଥାନା ଆଇଆଇସି ଭାବାନନ୍ଦ ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ସଂସଦ ସଭାପତି ସୁଦୀପ୍ତ କୁମାର ପଟ୍ଟନାୟକ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଗଞ୍ଜାମ ଜିଲାର ଥିଏଟର ନିର୍ଦ୍ଦେଶକ ଦାମୋଦର ବାଡ଼ତ୍ୟା, ଉଦୟ ମହାରଣା, ସୁଦାମ ପ୍ରଧାନ, ଭୀମସେନ ମଲ୍ଲି, ଗଜେନ୍ଦ୍ର ସ୍ୱାଇଁଙ୍କ ସମେତ ଜଗନ୍ନାଥ ବାଡତ୍ୟା, ଗଙ୍ଗାଧର ପଧାନ, କୁଞ୍ଜ ବିହାରୀ ପାଣିଗ୍ରାହୀ, ବବଲି ବେହେରା, ଶ୍ରୀମନ ସାହୁ, ଆରତୀ ପଣ୍ଡା, ସୁଶ୍ରୀ ରେଖା ପଟ୍ଟନାୟକ, ପ୍ରଦ୍ୟୁମ୍ନ ବାଗାତି, ପୂର୍ଣ୍ଣଚନ୍ଦ୍ର ପାଢୀ ପ୍ରମୁଖ ଭଜନ ଗାନ କରିଥିଲେ। ସଂଯୋଜିକା କଳ୍ପଲତା ମହାରଣା, ସେବା ସମ୍ପାଦକ ନିଶାମଣି ପ୍ରଧାନ ଓ ମୁଁ ନୁହେଁ ଆମ୍ଭେ ଅନୁଷ୍ଠାନର ଯୁବପୀଢ଼ି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କେଶବ ପ୍ରଧାନ କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିବା ବେଳେ ସମ୍ପାଦକ ମାଧବ ବାଡତ୍ୟା ମଞ୍ଚ ପରିଚାଳନା କରିଥିଲେ।

### ଛାତ୍ରୀଛାତ୍ରଙ୍କ ଲାଗି ବିଜ୍ଞାନ କର୍ମଶାଳା

**ଆର.ଉଦୟଗିରି,୧୦।୭(ଡି.ଏନ.ଏ.):** ମୋହନା ବ୍ଲକ ଖଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଲାଗି ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ-ହରିଜନ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଖିଳନାଥ ସାବତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜ୍ଞାନ ଶିକ୍ଷଣୀୟ କର୍ମଶାଳା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ତଥା ବିଶିଷ୍ଟ ସାଧନ କର୍ମୀ ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କ ମନରେ ଉଙ୍କିମାରୁଥିବା ବିଜ୍ଞାନର କଠିନ ବିଷୟବସ୍ତୁକୁ କିପରି ସହଜରେ ଆୟତ୍ତ କରି ହେବ ସେଥିପାଇଁ ସରଳ ସ୍ୱଳ୍ପ ଓ ବିନା ମୂଲ୍ୟର ବିଜ୍ଞାନ ଉପକରଣ ମାଧମରେ ପରୀକ୍ଷା କରାଇ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ପ୍ରଦର୍ଶିତ କରାଇଥିଲେ। ଏଥିରେ ପ୍ରାୟ ୪୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସୁଚରୀତା ନାୟକ, ସସ୍ମିତା ବେବେହା, ମାନସ କାର୍ଯୀ, ସନ୍ତୋଷ ସେଠୀ କର୍ମାଶାଳା ପରିଚାଳନାରେ ସହଯୋଗ କରିଥିଲେ।

## ଦନ୍ତାହାତୀ ମୃତ୍ୟୁ ଘଟଣା

# ଶିକାରୀଙ୍କୁ ଖୋଜୁଛି ବନ ବିଭାଗ

**ଭଞ୍ଜନଗର,୧୦।୭(ଡି.ଏନ.ଏ)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜରେ ଦନ୍ତାହାତୀକୁ ମାରି ଦାନ୍ତ ଲୁଟିନେବା ଘଟଣାକୁ ଇତିମଧ୍ୟରେ ୪ ଦିନ ବିତିଥିଲେ ବି ବନ ବିଭାଗ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିପାରିନାହିଁ। ତଥାପି ଏହି ଘଟଣାର ତଦନ୍ତରେ ଅଗ୍ରଗତି ଘଟିଛି। ବନ କର୍ମଚାରୀ ଶନିବାର ୨ଜଣଙ୍କୁ ସନ୍ଦେହରେ ଆଣି ପଚରାଉଚୁରା କରିଛି। ଏଥିସହ ବିଭିନ୍ନ ତଥ୍ୟକୁ ଆଧାର କରି ରବିବାର ସମ୍ପୃକ୍ତ ଅଞ୍ଚଳର ଏକାଧିକ ସ୍ଥାନରେ ଚଢ଼ାଉ କରାଯାଇଛି। ଚୋରା ବନ୍ଧୁକ ରଖୁଥିବା ଲୋକ ଏବଂ ଶିକାରୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଲୁଟ୍ ଦାନ୍ତ ପାଇଁ ପାଇଁ ମଧ ତଦନ୍ତ ଚାଲିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ବିଭାଗ ପକ୍ଷରୁ କିଛି କୁହାଯାଉନାହିଁ। ହାତୀକୁ ଗୁଳିମାରି ହତ୍ୟା ପରେ ଶିକାରୀମାନେ ଦାନ୍ତ ଲୁଟି ନେଇଥିବା ଧିରେ ଧିରେ ସ୍ପଷ୍ଟ ହେଉଛି।

ରମ୍ଭା ସେକ୍ସନରେ ଗୁଳି ପରେ ମୁଜାଗଡ଼ ସେକ୍ସନରେ ହାତୀଟିର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ମୃତଦେହ ଠାବର ୩ଦିନ ପୂର୍ବରୁ ହାତୀର ମୃତ୍ୟୁ ଘଟିଥିଲେ ମଧ ବନ କର୍ମଚାରୀ ତୁରନ୍ତ ଠାବ କରିପାରିନଥିଲେ। ନିର୍ଦ୍ଦିଷ୍ଟ କେତେଜଣ କର୍ମଚାରୀ କର୍ମକ୍ଷେତ୍ରକୁ ନ ଯିବା

### କାର୍ଯ୍ୟାନୁଷ୍ଠାନ ଆଶଙ୍କାରେ କର୍ମଚାରୀ

ଓ ବନ ସୁରକ୍ଷା ସମିତି ଏବଂ ଲୋକଙ୍କ ସହ ସୁସମ୍ପର୍କ ରହୁ ନ ଥିବାରୁ ଏଭଳି ସମସ୍ୟା ହେଉଛି। ଘୁମୁସର ଉତ୍ତର ବନଖଣ୍ଡରେ ଦୁଇଟି ଦନ୍ତାହାତୀ ବହୁଦିନ ହେବ ଅଲଗା ବୁଲୁଥିବା ବେଳେ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ବିଭାଗୀୟ ଉଚ୍ଚ ପଦାଧିକାରୀ ବାରମ୍ବାର ନିର୍ଦ୍ଦେଶ ଦେଇଥାନ୍ତି। କିନ୍ତୁ ସେଥିରୁ ଗୋଟିଏ ଦନ୍ତା ମୃତ୍ୟୁ ଘଟଣାରୁ ପ୍ରମାଣିତ ହେଉଛି ଯେ, କର୍ମଚାରୀମାନେ ପ୍ରତ୍ୟେକ ସନ୍ଧ୍ୟାରେ ହାତୀ ଗତିବିଧି ଉପରେ ଯେଉଁ ରିପୋର୍ଟ ଦେଉଥିଲେ ସେଥିମଧ୍ୟରୁ କିଛି ତଥ୍ୟ ଭୁଲ। ତେଣୁ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତକୁ ଜୋରଦାର କରିଛନ୍ତି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଗିରଫ ପାଇଁ ବିଭାଗ ପକ୍ଷରୁ ଏକାଧିକ ଟିମ୍ ଗଠନ କରାଯାଇଛି। ନୂତନ ଡିଏଫଓ ସୁଦର୍ଶନ ବେହେରା ବାରମ୍ବାର ତଦନ୍ତର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ଅଭିଯୁକ୍ତଙ୍କୁ କିଭଳି ତୁରନ୍ତ ଗିରଫ କରାଯିବ ସେନେଇ ଯୋଜନା ଚଳାଇଛନ୍ତି। ସେପଟେ କିଛି କର୍ମଚାରୀ କାର୍ଯ୍ୟାନୁଷ୍ଠାନ ଆଶଙ୍କାରେ ହତୋତ୍ସାହିତ ଅବସ୍ଥାରେ ମଧ୍ୟ ଥିବା ଲକ୍ଷ୍ୟ କରାଯାଉଛି।

# ବିଜେଡି ପକ୍ଷରୁ ଚାରାରୋପଣ



ଚାରାରୋପଣ କରାଯାଉଛି ।

**ଗୋଷାଣୀ,୧୦।୭**

ଗୋଷାଣୀ ବ୍ଲକ ଗାରାବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ଯୁବ ସଭାପତି ଏସ. ଲିଙ୍ଗରାଜୁ, ଗାରାବନ୍ଧ ସରପଞ୍ଚ ପି. ଅଶୋକ କୁମାର, ଗୋଷାଣୀ ବ୍ଲକ ବିଜୁ ଯୁବ ସଭାପତି ପାଇଲା ନାଗେଶ୍ୱର ରାଓ, ଗାରାବନ୍ଧ ସମିତିସଭ୍ୟ କେ.ଭେଙ୍କଟ ରାବଣା, ରମ୍ଭା ସମିତିସଭ୍ୟ ନିର ଭୂୟାଁ, ଅବସରପ୍ରାପ୍ତ ଶିକ୍ଷକ ଗୋପିନାଥ ଦାସ, ବିଜୁ କର୍ମୀ କେ. ଉମା ପତି, ୟୁ. ସୁରେଶ, ପାସୁବୁ ରେଡ଼ି, ଟି. ପ୍ରଦୀପ, ଏସ. ରବି, ଅନିରୁଦ୍ଧ ପାଳ, ପ୍ରସାଦ ନାୟକ, ଜିଲା ଆଇଟି କୋ ଅର୍ଡିନେଟର ସୁଜିତ କୁମାର ଦାସ, ଛାତ୍ର ବ୍ଲକ ସଭାପତି ଜି.କୁମାରୁ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତ ପଞ୍ଚାୟତସ୍ତରରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜିଲା ବିଜେଡି ଯୁବ ସଭାପତି କହିଛନ୍ତି।

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

# ସଚେତନତା ରଥ ଶୁଭାରମ୍ଭ

**ନୂଆଗଡ଼,୧୦।୭**

ଓଡ଼ିଶା ସରକାର ଓ ଭାରତ ସରକାରଙ୍କ କୃଷି ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସଚେତନତା ରଥ ଗଜପତି ଜିଲା ନୂଆଗଡ଼ ବ୍ଲକରେ ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି ପତାକା ଦେଖାଇ ବ୍ଲକ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରିଛନ୍ତି। ଉକ୍ତ ସଚେତନତା ରଥ ବ୍ଲକର ୧୯ ପଞ୍ଚାୟତର ବିଭିନ୍ନ ଗ୍ରାମ ଭ୍ରମଣ କରି ଚାଷୀମାନଙ୍କୁ ଫସଲ ବୀମା ବିଷୟରେ ସଚେତନ କରାଇବ। ଚାଷୀମାନେ କିପରି ନିଜ ଫସଲକୁ ବୀମାଭୁକ୍ତ କରି ଫସଲ ସହିତ ଜଡିତ ହୋଇ ସେ ସମ୍ପର୍କରେ ଅବଗତ କରି ବୁଝିପାରିବେ, ଚଳିତ ବର୍ଷ ଖରିଫ ଋତୁରେ ନୂଆଗଡ଼ ବ୍ଲକରେ ଧାନ, ମାଣ୍ଡିଆ, ଚିନାବାଦାମ, କପା ଓ ମକା ଫସଲ ବୀମାକୁ ଚାଷୀମାନେ ବୀମା ଭୁକ୍ତ କରିପାରିବେ, ଏଥିପାଇଁ ବିଭିନ୍ନ ଫସଲ ଲାଗି ଭିନ୍ନ ଭିନ୍ନ ପ୍ରିମିୟମ ପରିମାଣ ଧାର୍ଯ୍ୟ କରାଯାଇଛି। ଧାନ ହେକ୍ଟର ପିଛା ୧୩୬୫ ଟଙ୍କା, ମାଣ୍ଡିଆ ହେକ୍ଟର ପିଛା ୪୭୬ ଟଙ୍କ, କପା ହେକ୍ଟର ପିଛା ୩,୫୨୫ ଟଙ୍କା, ଚିନାବାଦାମ ହେକ୍ଟର ୧୨୩୦ ଟଙ୍କା, ମକା ହେକ୍ଟର ପିଛା ୧୪୫୦ ଟଙ୍କା। ଉକ୍ତ ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ନୂଆଗଡ଼ କୃଷି ବିଭାଗ ବିଏଓ ସେଖ ଅହେସନ, ଏଏଓ ବିଷ୍ଣୁପ୍ରିୟ ଗୌଡ଼, ବିଟିଏମ୍ ଦୀପକ ଗୌତମ ଓ ଏଟିଏମ୍ ଦେବରାଜ ବାଉରୀ ପ୍ରମୁଖ ଉପସ୍ଥିତ ଥିଲେ।




ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ।

### ରାମିଗିରିରେ ହନୁମାନ ବିଗ୍ରହ ପ୍ରତିଷ୍ଠା

**ଶେରଗଡ,୧୦।୭(ଡି.ଏନ୍.ଏ.)**

ଶେରଗଡ଼ ନିକଟସ୍ଥ ରାମିଗିରି ଗ୍ରାମରେ ରବିବାର ହନୁମାନ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର କଳସ ଯାତ୍ରା ହୋଇଥିଲା। ବହୁ ମହିଳା ଓ ପୁରୁଷ ସ୍ଥାନୀୟ ନନ୍ଦନୀ ନଦୀରୁ କଳସୀରେ ଜଳ ଆଣି ରାମଗିରି ହରେଶ୍ୱର ମନ୍ଦିର ପାର୍ଶରେ ପହଞ୍ଚିଥିଲେ। ପରେ ବୃନ୍ଦାବନ ଶତପଥୀଙ୍କ ଦ୍ୱାରା ମନ୍ତ୍ର ପାଠ ସାଙ୍ଗକୁ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ କରାଯାଇଛି। ବିଗ୍ରହଙ୍କୁ ପୂଜାର୍ଚ୍ଚନା ପରେ ନ୍ୟାସ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାବୁ ପାଢ଼ୀ, ରାମ ଗୌଡ଼, ରାଜେନ୍ଦ୍ର ଡାକୁଆ ସମେତ ଗ୍ରାମର ବହୁ ଲୋକ ସାମିଲ ଥିଲେ।

## ଏକାଦଶୀରେ ବାହୁଡ଼ା ରଥ ଟାଣିଲେ ଭକ୍ତ

**ଧରାକୋଟ,୧୦।୭(ଡି.ଏନ.ଏ)**

ଧରାକୋଟ ରଥଯାତ୍ରାର ପରମ୍ପରା ନିଆରା। ସବୁଠି ଆଷାଢ଼ ଶୁକ୍ଳ ଦ୍ୱିତୀୟା ଶ୍ରୀଗୁଣ୍ଡିଚାରେ ରଥଟଣା ହୋଇ ଆଡ଼ପ ମଣ୍ଡପ ପର୍ଯ୍ୟନ୍ତ ଯାଏ। ଦଶମୀରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୁଏ। ହେଲେ ଧରାକୋଟ ଗଡ଼ରେ ଗୁଣ୍ଡିଚା ପରଦିନ ଅର୍ଥାତ୍ ତୃତୀୟା ତିଥିରେ ରଥଟଣା ଆଡ଼ପ ମଣ୍ଡପ ଯାଏ ଓ ଏକାଦଶୀ ତିଥିରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ହୁଏ। ସେହିପରି ସବୁଠି ଗଡ଼ଜାତର ରାଜା କିମ୍ବା ଅଞ୍ଚଳର ମୁଖ୍ୟ ପୁରୋଧା ବ୍ୟକ୍ତି ଠାକୁରଙ୍କ ଅଦ୍ୟ ସେବକ ଦାୟିତ୍ୱ ତୁଲାଉଥିବା ବେଳେ ଧରାକୋଟ ଗଡ ସମେତ ଯାଜପୁର ଜିଲାର ଗଡ଼ମଧୁପୁରରେ ମହିଳା ରାଜା ଠାକୁରଙ୍କ ଅଦ୍ୟସେବକ ଭାବେ ସେବା କାର୍ଯ୍ୟ କରୁଛନ୍ତି। ଗଡ ମଧୁପୁରରେ ରାଜା ଅପର୍ଣ୍ଣାଧିର ସିଂ ଏବଂ ଧରାକୋଟରେ ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ ଠାକୁରଙ୍କ ସେବା କାର୍ଯ୍ୟ କରିଆସୁଛନ୍ତି। ରବିବାର ଏକାଦଶୀ ତିଥିରେ ଧରାକୋଟରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି।ପ୍ରଭାତରୁ ଅପରାହ୍ନରେ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ରାଜବେଶରେ ନିଜ ଭଉଣୀ ଶାନ୍ତିପ୍ରିୟା ଗୀତାଞ୍ଜଳିଙ୍କ ଓ ପାତ୍ର, ମନ୍ତ୍ରୀ, କଟୁଆଳ, ସେନାପତି ଓ ପାରିଷଦ ବର୍ଗଙ୍କ ସହ ପାଲିଙ୍କିରେ ରଥ ନିକଟରେ ପହଞ୍ଚି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ଏହାପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ଷା ଯୋଗୁ ରଥ ବଡ଼ଦାଣ୍ଡର ମଝିରେ କିଛି ସମୟ ଅଟକି ରହିଥିଲା। ହଜାର ହଜାର ଭକ୍ତ ଠାକୁର ଓ ମହିଳା ରାଜାଙ୍କୁ ଦେଖିବା ପାଇଁ ଭିଡ଼ ଜମାଇ ଥିଲେ । ଧରାକୋଟ ଥାନା ତରଫରୁ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ଶିକ୍ଷକ-ଅଭିଭାବକ ସମ୍ମିଳନୀ

**ଚକାପାଦ,୧୦।୭(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଚକାପାଦ ବ୍ଲକ କଖାରୁଖୋଲା ପଞ୍ଚାୟତ ସେବା ଆଶ୍ରମ ବିଦ୍ୟାଳୟରେ ରବିବାର ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ନାୟକ ସଭାପତିତ୍ୱ କରଥିଲେ। ସେ ଅଭିଭାବକମାନଙ୍କୁ ନିଜ ପିଲାଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ବିଦ୍ୟାଳୟ ପଠାଇ ଉତ୍ତମ ମଣିଷ କରାନ୍ତୁ ବୋଲି ତାଙ୍କ ଅଭିଭାଷଣରେ ବୁଝାଇ କହିଥିଲେ। ଆଶ୍ରମ ମଧରେ ରହୁଥିବା ଛାତ୍ରୀ ଓ ଛାତ୍ରମାନଙ୍କୁ ପ୍ରତି ସପ୍ତାହରେ ମଧାହ୍ନ ଭୋଜନରେ ୩ ଦିନ ରାଜ୍ୟ ସରକାର ଆମିଷ ଯୋଗାଇ ଦିଅନ୍ତି ବୋଲି କହିଥିଲେ। ସମ୍ମିଳନୀରେ ସ୍କୁଲର ଅଧକ୍ଷା ସ୍ୱର୍ଣ୍ଣଲତା କହଁର ଏବଂ ପଞ୍ଚାୟତର ୱାର୍ଡ ମେମ୍ବରମାନେ ଯୋଗ ଦେଇଥିଲେ। ସେବା ଆଶ୍ରମର ଶିକ୍ଷକ ପ୍ରକାଶ ପ୍ରଧାନ ଏବଂ ଶିକ୍ଷୟତ୍ରୀ ସବିତା ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥଲେ। ସମ୍ମିଳନୀରେ ୩୦୦ ରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗଦେଇଥଲେ।



ସମ୍ମିଳନୀରେ ଯୋଗଦେଇଥିବା ଶିକ୍ଷକ ଓ ଅଭିଭାବକମାନେ।

### ରଥ ଟାଣିଲେ ଶ୍ରଦ୍ଧାଳୁ

**ଦିଗପହଣ୍ଡି,୧୦।୭ (ଡି.ଏନ.ଏ.)**

ଦିଗପହଣ୍ଡି ରେ ପୂର୍ବ ପ୍ରଚଳିତ ପରମ୍ପରା ଅନୁଯାୟୀ ବାହୁଡ଼ା ଦଶମୀ ତିଥିର ଦିନକ ପରେ ରବିବାର ଏକାଦଶୀରେ ଶ୍ରୀଜିଉଙ୍କ ରଥଟଣା ଯାଇଥିଲା। ଶ୍ରୀଗୁଣ୍ଡିଚା ଯାତ୍ରା ପରମ୍ପରା ଭଳି ଦିଗପହଣ୍ଡିରେ ଶ୍ରୀଜଗନ୍ନାଥଙ୍କ ବାସି ବାହୁଡାଯାତ୍ରା ମଧ ସମସ୍ତ ନୀତିକାନ୍ତିର ସହ ସମ୍ପନ୍ନ ହୋଇଛି। ଶନିବାର ଅପରାହ୍ନରେ ଗୋଟି ପହଣ୍ଡିରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସମେତ ଚକ୍ରରାଜ ସୁଦର୍ଶନଙ୍କୁ ରଥାରୂଢ଼ କରାଯାଇଥିଲା। ପରେ ବଡଖେମୁଣ୍ଡି ଯୁବରାଜ ଲକ୍ଷ୍ମୀ ନାରାୟଣ ଦେବଙ୍କ ଦ୍ୱାରା ରଥ ଉପରେ ଛେରାପହଁରା ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ସନ୍ଧ୍ୟା ଆଳତୀ କରାଯାଇଥିଲା। ରବିବାର ବଡ ଏକାଦଶୀ ତିଥିରେ ସକାଳୁ ଦିନତମାମ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଉପରେ ବିଜେ ଶ୍ରୀଜିଉମାନେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସମସ୍ତ ନୀତିକାନ୍ତି ରଥ ଉପରେ ସରିବା ପରେ ୪.୨୦ ମିନିଟରେ ଶ୍ରୀମନ୍ଦିର ଆଡକୁ ରଥ ଗଡିବା ଆରମ୍ଭ କରିଥିଲା। ସହସ୍ରାଧିକ ଭକ୍ତ ରଥ ଟାଣିଥିଲେ।

# ୨୭୮ ୟୁନିଟ ରକ୍ତ ସଂଗୃହୀତ

**ଆସିକା,୧୦।୭(ଡି.ଏନ୍.ଏ.)**

ଗାଙ୍ଗପୁର ଥାନା ଆମ ପୋଲିସ ସମିତି ପକ୍ଷରୁ ରବିବାର ଥାନା ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୭୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଭଞ୍ଜନଗରର ରକ୍ତଭଣ୍ଡାର ଟିମ ୧୩୦ ୟୁନିଟ ରକ୍ତ ସଂଗ୍ରହ କରିଥିଲା ବେଳେ ବ୍ରହ୍ମପୁର ରକ୍ତ ଭଣ୍ଡାର ଟିମ ୧୪୮ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଗାଙ୍ଗପୁର ଥାନା ଅଧିକାରୀ ତଥା ଆମ ପୋଲିସ ସମିତିର ଅଧକ୍ଷ ଶୁଭେନ୍ଦୁ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ବେଲଗୁଣ୍ଠା ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ବେଲଗୁଣ୍ଠା ବିଡିଓ ଶଶିଭୂଷଣ ମହାପାତ୍ର, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଯୁବ ରେଡକ୍ରସ ସଂଯୋଜକ ଡି. ଗୋବିନ୍ଦ ରାଜୁ ଦୋରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ପ୍ରତିନିଧି ତନ୍ମୟୀ ନାହାକ, ପ୍ରତାପ ସ୍ୱାଇଁ, ପୂର୍ଣ୍ଣବାସୀ ନାୟକ, ସାମାଜିକ କର୍ମୀ ଭଗବାନ ସାହୁ, ଛତ୍ରପୁର ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନଙ୍କ ସମେତ ବିଭିନ୍ନ ଥାନା ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିନିଧି ସାମିଲ ଥିଲେ।




ରକ୍ତଦାନ ଶିବିରକୁ ଏମପି ପ୍ରମିଳା ବିଷୋୟୀ ଉଦଘାଟନ କରୁଛନ୍ତି।

# କେନ୍ଦ୍ର ଯୋଜନା ଉପରେ ରାଜ୍ୟ କର୍ମଚାରୀ ଅବଗତ ନୁହନ୍ତି

**ଫୁଲବାଣୀ ଅଫିସ, ୧୦।୭**

କନ୍ଧମାଳ ଜିଲା ଗସ୍ତରେ ଆସିଥିବା କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜନ୍ ବାର୍ଲାଙ୍କ କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ସ୍ଥାନୀୟ ସର୍କିଟ ହାଉସରେ ଏକ ଖବରଦାତା ସମ୍ମିଳନୀ କରି କେନ୍ଦ୍ର ସରକାରଙ୍କ ଯୋଜନା ଉପରେ ରାଜ୍ୟ ସରକାରୀ କର୍ମଚାରୀ ଅବଗତ ନ ଥିବା ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏବେ କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତ ଭାବେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଅଣ୍ଟା ଭିଡିଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ କାହିଁକି କେନ୍ଦ୍ର ସରକାରଙ୍କ ଯୋଜନା ହେଉନାହିଁ ବୋଲି ରାଜ୍ୟ ତଥା ଜିଲା ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ସମସ୍ତେ ମିଳିମିଶି କାର୍ଯ୍ୟ କଲେ ସାଧାରଣ ଲୋକେ ଉପକୃତ ହେବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ ତାଙ୍କ ୩ ଦିନିଆ ଗସ୍ତ କାଳରେ ଜିଲାର ବିଭିନ୍ନ ବ୍ଲକ ବୁଲି କେନ୍ଦ୍ର ସରକାରଙ୍କ କାର୍ଯ୍ୟ କିପରି ହେଉଛି ତାହାର ତଦାରଖ କରିଥିଲେ। ହେଲେ ସେ କେଉଁଠି କାର୍ଯ୍ୟକୁ ନେଇ ଆଶ୍ୱସ୍ତି ଅନୁଭବ କରି ନ ଥିଲେ। କେନ୍ଦ୍ର ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚୁ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଯୋଜନାର କାର୍ଯ୍ୟକାରିତା ସରକାରୀ କର୍ମଚାରୀ କରିବା କଥା। କିନ୍ତୁ ସେମାନେ ସରକାରୀ ଯୋଜନା ଉପରେ ଅବଗତ ନ ଥିବା କହି ନିଜ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ପ୍ରଧାନ ମନ୍ତ୍ରୀଙ୍କ ଆବାସ ଯୋଜନା ଓ ଆୟୁଷ୍ମାନ ଯୋଜନାରୁ ଲୋକେ ବଞ୍ଚିତ ଅଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଜନସାଧାରଣ ଅଧିକ ଉପକୃତ ହେବେ ବୋଲି ମନ୍ତ୍ରୀ କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁ, ପୂର୍ବତନ ବିଧାୟକ କରେନ୍ଦ୍ର ମାଝି, ଲୋକସଭା ପ୍ରଭାରୀ ନିରଞ୍ଜନ ମିଶ୍ର, ଜିଲା ପ୍ରଭାରୀ ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲା ଉପ ସଭାପତି ରମେଶ ଚନ୍ଦ୍ର ମହାନ୍ତି, ଜିଲା ସମ୍ପାଦକ ତପନ ପାଢ଼ୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମନ୍ତ୍ରୀଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ।

### କେନ୍ଦ୍ର ସଂଖ୍ୟାଲଘୁ ରାଷ୍ଟ୍ରମନ୍ତ୍ରୀ ଜନ୍ ବାର୍ଲାଙ୍କ ବୈଠକ

**ଜି.ଉଦୟଗିରି,୧୦।୭(ଡି.ଏନ୍.ଏ.)**– କେନ୍ଦ୍ର ସଂଖ୍ୟାଲଘୁ ରାଷ୍ଟ୍ରମନ୍ତ୍ରୀ ଜନ୍ ବାର୍ଲା ଶନିବାର ଜି.ଉଦୟଗିରି ଆସିଥିଲେ। ତାଙ୍କୁ ସ୍ୱାଗତ ନିମନ୍ତେ ସ୍ଥାନୀୟ ଚକରା ବିଶୋୟୀ ଛକଠାରୁ ଆଦିବାସୀ ମହିଳା ଓ ପୁରୁଷ ପାରମ୍ପରିକ ବେଶଭୂଷାରେ ଚାଙ୍ଗୁ ବାଜା ବଜାଇ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପ ନିକଟକୁ ପାଛୋଟି ନେଇଥିଲେ।ସେଠାରେ ସଂଖ୍ୟାଲଘୁ ବର୍ଗର ଲୋକମାନଙ୍କ ସହ ବୈଠକ କରିଥିଲେ। ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା।

ସଭାସ୍ଥଳରେ ସ୍ଥାନୀୟ ଭାଜପା ନେତୃମଣ୍ଡଳୀ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ନେତୃ ମଣ୍ଡଳୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ରାଷ୍ଟ୍ରମନ୍ତ୍ରୀଙ୍କୁ ସମ୍ମାନିତ କରିଥିଲେ। ସଂଖ୍ୟାଲଘୁ ବର୍ଗ ନିମନ୍ତେ କେନ୍ଦ୍ରୀୟ ଯୋଜନାଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଓ ରାଜ୍ୟ ସରକାର ମଧ ନିଜ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବା ରାଷ୍ଟ୍ରମନ୍ତ୍ରୀ କହିଥିଲେ। ସ୍ଥାନୀୟ ସଂଖ୍ୟାଲଘୁ ସମ୍ପ୍ରଦାୟର ଖ୍ରୀଷ୍ଟିଆନ ନେତୃମଣ୍ଡଳୀ ମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବିକାଶ ନିମନ୍ତେ ଅନୁରୋଧ କରିଥିଲେ। ଜିଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ସଂଖ୍ୟାଲଘୁ ନଗର ସଭାପତି ରସାନନ୍ଦ ନାୟକ, ଭାଜପା ଗ୍ରାମୀଣ ମଣ୍ଡଳ ସଭାପତି ସିଦ୍ଧେଶ୍ୱର ନାୟକ, ଭାଜପା ରାଜ୍ୟ ପ୍ରବକ୍ତା ତଥା ଜିଲା ପ୍ରଭାରୀ ବିରଞ୍ଚି ନାରାୟଣ ତ୍ରିପାଠୀ, ସ୍ଥାନୀୟ ପରିଷଦର ଭାଜପା କାଉନ୍‌ସିଲର କୁନ୍ତିମା ମଲ୍ଲିକ, ସଙ୍ଗୀତା ନାୟକ, ନିଶାରାଣୀ ନାୟକ, ସ୍ଥାନୀୟ ଭାଜପା ନଗର ସାଧାରଣ ସମ୍ପାଦକ ପ୍ରଶାନ୍ତ ବଗର୍ତ୍ତି, ଜିଲା ସାଧାରଣ ସମ୍ପାଦିକା ସସ୍ମିତା ଜେନା, ସ୍ଥାନୀୟ ନଗର ସଭାପତି ଉଦେଶନ ପ୍ରଧାନ, ବସନ୍ତ ପ୍ରଧାନ, ଅବନେଶ୍ୱର ପ୍ରଧାନ, ନୀଳମାଧବ ପ୍ରଧାନ, ସୁଜିତ୍ କୁମାର ସାହୁ, ଯସ୍ମିନା ନାୟକ ଉପସ୍ଥିତ ରହିଥିବା ବେଳେ ପାବୁରିଆ, ରାଇକିଆ ଭାଜପା ମଣ୍ଡଳରୁ ମଧ ଅନେକ ଭାଜପା କର୍ମୀ ଉପସ୍ଥିତ ଥିଲେ। ସଂଖ୍ୟାଲଘୁ ବର୍ଗମାନଙ୍କ ମଧ୍ୟରୁ ବରିଷ୍ଠ ସମାଜସେବୀ ଆମସ ନାୟକ, ରଞ୍ଜନ ନାୟକ, ସାମସନ୍ ନାୟକ, ସୁରଞ୍ଜନ ନାୟକ, ଜିଲା ଖ୍ରୀଷ୍ଟିଆନ ଜନକଲ୍ୟାଣ ସାଧାରଣ ସମ୍ପାଦକ ବିଶପ ବାଞ୍ଛାନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମାଉସୀ ମା' ମନ୍ଦିରରେ ଭଜନ ସମାରୋହ

**କବିସୂର୍ଯ୍ୟନଗର,୧୦।୭(ଡି.ଏନ୍.ଏ.)**

କବିସୂର୍ଯ୍ୟନଗର ମାଉସୀ ମା' ମନ୍ଦିର ସମ୍ମୁଖରେ ଶ୍ରୀଗୁଣ୍ଡିଚା ଭଜନ ମଣ୍ଡଳୀ ପକ୍ଷରୁ ଉଦ୍‌ଯାପନୀ ଦିବସରେ ଭଜନ ସମାରୋହ କାର୍ଯ୍ୟକ୍ରମ ସଭାପତି କୃପାସିନ୍ଧୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟିକା ଲତିକା ପ୍ରଧାନ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏନ୍‌ଏସି ଉପାଧକ୍ଷ ବିକ୍ରାନ୍ତ କୁମାର ସାହୁ, ସମାଜସେବୀ ଇଂ. ମାହେଶ୍ୱରୀ ଦୋରା, ମହାମାୟୀ ଟ୍ରଷ୍ଟ ସମ୍ପାଦକ ଜି. ଶମ୍ଭୁଲିଙ୍ଗମ୍ ଆଚାରୀ, ନଳିନୀକାନ୍ତ ମହାରଣା, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ରସେଲ ଦାସ, ମହିଳା ନଗର ବିଜେଡି ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ପ୍ରଶ୍ନ ନାୟକ, ରାଜେନ୍ଦ୍ର ଖଟେଇ, ତ୍ରିଲୋଚନ ପାତ୍ର, ଦେବୀପ୍ରସାଦ ସ୍ୱାଇଁ, ରାଜେନ୍ଦ୍ର ଖଟେଇ, ସୂର୍ଯ୍ୟନାରାୟଣ ନାୟକ, ସୁଦର୍ଶନ ପ୍ରଧାନ, ବାସୁଦେବ ସାହୁ, ରାକେଶ ପ୍ରଧାନ, ମୁକେଶ କୁମାର ଦାସ ପ୍ରମୁଖ ଯୋଗଦେଇ କଣ୍ଠଶିଳ୍ପୀଙ୍କ ମନୋବଳ ବଢ଼ାଇଥିଲେ। କଳା, ସାହିତ୍ୟ, ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବରିଷ୍ଠ ସମାଜସେବୀ ଇଂ. ମାହେଶ୍ୱରୀ ଦୋରା, ରାମପ୍ରସାଦ ମହାରଣା ଓ ପ୍ରାକ୍ତନ ଏନ୍‌ଏସି ଉପାଧକ୍ଷ, କୁମୁଦ ଚନ୍ଦ୍ର ସାହୁଙ୍କୁ ବିଧାୟିକା ପ୍ରଧାନ ଉପଢୌକନ, ମାନପତ୍ର, ସିଲ୍ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ।

**ସଂକ୍ଷେପରେ**

## ୧୨ରେ ଉଚ୍ଛେଦ ପାଇଁ ପୁଣି ନୋଟିସ

**ପୂଜକଙ୍କ ଘର ଜବରଦଖଲ ମାମଲା**

ଗଞ୍ଜାମ,୧୦।୭ (ଡି.ଏନ.ଏ.): ଗଞ୍ଜାମ ସହର ତ୍ରିବେଣୀ ମଠଛକଠାରେ ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ହେବ ରହି ଆସୁଥିବା ପୂଜକ କନ୍ଧ ଶତପଥୀଙ୍କ ଘର ଆସନ୍ତା ୧୨ରେ ଉଚ୍ଛେଦ ପାଇଁ ପୁଣି ନୋଟିସ ଜାରି କରିଛନ୍ତି ତହସିଲଦାର ଅରୁଣ କୁମାର ନାୟକ। ପ୍ରକାଶ ଯେ, ଗତ ମଙ୍ଗଳବାର ତହସିଲଦାର ଜେସିବି ଦ୍ୱାରା ଘର ଭାଙ୍ଗିବାକୁ ପ୍ରସ୍ତୁତି ଆରମ୍ଭ ହେବା ବେଳକୁ ଶତପଥୀଙ୍କ ସ୍ତ୍ରୀ ଓ ପୁଅ ବୋହୂ ଜେସିବି ଆଗରେ ବସି ରହିଥିଲେ। ଏହି ଘଟଣା ନେଇ ତହସିଲଦାର ନାୟକ ଏବଂ ବରିଷ୍ଠ ଆଇନଜୀବି ଦିଲୀପ କୁମାର ପଟ୍ଟନାୟକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସ୍ଥାନୀୟ ଲୋକ ପ୍ରବଳ ବିରୋଧ କରିବା ପରେ ତହସିଲଦାର ନିରାଶ ହୋଇ ଫେରି ଯାଇଥିଲେ। ପୁଣି ଆସନ୍ତା ୫ରେ ଘର ଜବର ଦଖଲ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଥିଲା। ଏହି ଘଟଣାରେ ଉଭୟଙ୍କ ଏତଲା ପରେ ପୋଲିସ ପୃଥକ ପୃଥକ ଭାବେ ନଂ.୧୦୦/୨୨ଓ ୧୦୧/୨୨ ଦୁଇଟି ମାମଲା ରୁଜୁ କରିଥିବା ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ମଧ ତହସିଲଦାରଙ୍କ ବିରୋଧରେ ଏତଲା ଦିଆଯାଇଛି।

# କଲେଜ ମନେପକାଇଲା ଛାତ୍ରାବସ୍ଥା

ନୟାଗଡ଼ ଅଫିସ,୧୦।୭

ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ହୀରକଜୟନ୍ତୀ କାର୍ଯ୍ୟକ୍ରମ ରବିବାର ଉଦ୍‌ଘାଟିତ ହୋଇଯାଇଛି। ନିଜେ ପାଠ ପଢୁଥିବା କଲେଜରେ ମୁଖ୍ୟ ଅତିଥି ରୂପେ ହାଇକୋର୍ଟର ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ବିଚାରପତି ଆତ୍ମ ବିଭୋର ହୋଇ କହିଥିଲେ, ମୁଁ ଆଜି ନିଜକୁ ଜଣେ ବିଚାରପତି ବୋଲି ଭାବୁ ନାହିଁ। ମୁଁ ଜଣେ ସାଧାରଣ ମଣିଷ। ମହାବିଦ୍ୟାଳୟକୁ ଆସିବା ପରେ ମନେ ପଡି ଯାଉଛି ଛାତ୍ରାବସ୍ଥାର କାହାଣୀ। ଆଖି ଆଗରେ ଭାସି ଆସୁଛି ସେ ସମୟର ଦୃଶ୍ୟ। ଅନ୍ୟପକ୍ଷେ ହାରିବାକୁ କେବେ ବି ଜୀବନର ବିଫଳତା ବୋଲି ଭାବିବା ଉଚିତ ନୁହେଁ। କାରଣ ହାରିବା ହିଁ ପରବର୍ତ୍ତୀ ପର୍ଯ୍ୟାୟରେ ସଫଳତାର ବାଟ ଦେଖାଇଥାଏ ବୋଲି ସେ ପରାମର୍ଶ ଦେଇଛନ୍ତି। ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପକଙ୍କୁ ଦେଖି ଭାବବିହ୍ୱଳ ହୋଇପଡି କାହକୁ ଆଲିଙ୍ଗନ କଲେ ତ କାହାକୁ ନମସ୍କାର ଓ ପାଦ ଛୁଇଁ ପ୍ରଣାମ କରି ଆଶିର୍ବାଦ ନେଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱ ଓ ପୁରାତନ ଛାତ୍ର କମିଟି ସଭାପତି ବିଶ୍ୱନାଥ ମହପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୀରକ ଜୟନ୍ତୀରେ ଭୁବନେଶ୍ୱର ସମ୍ ହସ୍ପିଟାଲର ନିର୍ଦ୍ଦେଶକ ଡ. ବାନାମ୍ବର ରାୟ, ପୂର୍ବତନ ଛାତ୍ର ସଂସଦ ସାଧାରଣ ସମ୍ପାଦକ ତଥା ଚିଲିକା ବିଧାୟକ ଦେବେନ୍ଦ୍ର ମାନସିଂହ,



ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ହୀରକ ଜୟନ୍ତୀ**

ମହାବିଦ୍ୟାଳୟର ଆଲୁମୁନି କମିଟି ସଭାପତି ତଥା ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ବେହେରା, ପୂର୍ବତନ ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର, ମହାବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସମସ୍ତ ଅତିଥି ପୁରାତନ ଛାତ୍ର ହୋଇଥିବାରୁ ନିଜ ଛାତ୍ରାବସ୍ଥାକୁ ସ୍ମରଣ କରି ମହାବିଦ୍ୟାଳୟ ଗଠନରେ ପୂର୍ବସୂରିମାନଙ୍କର ଭୂମିକାକୁ ପ୍ରଶଂସା କରିଥିଲେ। ଆଗାମୀଦିନରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସର୍ବଶ୍ରେଷ୍ଠ ରୂପେ ପରିଚିତ ହେଉ ବୋଲି ଟିପଣି ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ପ୍ରଥମ ବ୍ୟାଚର ୨୯ ଜଣ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ମହାବିଦ୍ୟାଳୟରୁ ଅବସର ନେଇଥିବା, ବଦଳି ହୋଇଥିବା ୧୮ ଜଣ ଅଧ୍ୟାପକ, ୧୩ ଜଣ ଅଣଶିକ୍ଷକଙ୍କୁ ଅନୁରୂପ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଆଶୁତୋଷ ମିଶ୍ର ଓ ଗଣେଶ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଆସନ୍ତା ନଭେମ୍ବରରେ ୫ ଦିନ ବ୍ୟାପୀ ଜୟନ୍ତୀ ପାଳନ ହେବ। ତେବେ ରବିବାର ଜୟନ୍ତୀରେ ମହାବିଦ୍ୟାଳୟ ସମ୍ମୁଖ ଓଡ଼ଗାଁ ରାସ୍ତା କଡରେ ବାଇକ୍ ପାର୍କିଂ କରିଥିବାରୁ ଯାନବାହନ ଚଳାଚଳରେ ଅସୁବିଧା ହୋଇଥିଲା। ସେହିପରି ଦର୍ଶକ ଗ୍ୟାଲେରୀ ଖାଲି ପଡିଥିଲା ପୁଣି ସମ୍ବର୍ଦ୍ଧିତ ହେବାକୁ ଥିବା ଅନେକ ପୁରାତନ ଛାତ୍ରଙ୍କ ନାଁ ଡକାଯାଇ ଥିଲେ ମଧ ସେମାନଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। ଆୟୋଜକ ନୟାଗଡ଼ ବିଧାୟକ ଅରୁଣ ସାହୁ ଅନୁପସ୍ଥିତ ଥିଲେ।

## ଗୋରୁ-ଟ୍ରାଫିକ ସମସ୍ୟା ଗୁରୁତର, ପ୍ରତିକାର ଦାବି

ବୁଗୁଡ଼ା,୧୦।୭(ଡି.ଏନ୍.ଏ.)

ବୁଗୁଡ଼ା ସହରର ରାଜରାସ୍ତା ସମେତ ବିଭିନ୍ନ ଛକ ଜାଗାରେ ମାଳ ମାଳ ଗୋରୁଙ୍କ ଭିଡ଼ ସାଙ୍ଗକୁ ସେମାନଙ୍କ ଉପଦ୍ରବ ଏବେ ସାଧାରଣ ଘଟଣା ପାଲଟିଛି। ଦିନ ରାତି ଚବିଶ ଘଣ୍ଟା ରାସ୍ତା ଉପରେ ଏହି ଗୋରୁପଲ ରହୁଥିବାରୁ ଲୋକଙ୍କ ଯାତାୟାତରେ ଅସୁବିଧା ହେବା ସହ ଗୁରୁତର ଟ୍ରାଫିକ ସମସ୍ୟା ଉପୁଜୁଛି। ସହରର ବ୍ଲକ ଛକ, ମେଡିକାଲ ଛକ, ମଦନ ମୋହନ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ନୂଆ ବସ୍‌ଷ୍ଟାଣ୍ଡ ଛକ, ହାଇସ୍କୁଲ ଛକ ଓ ବଡ଼ଦାଣ୍ଡ ସାହିରେ ପଲ ପଲ ଗୋରୁ ଭିଡ଼ ଜମାଉଥିବାରୁ ଯାତାୟାତ ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରେ ଗାଈ ଓ ଷଣ୍ଢଙ୍କ ଉତ୍ପାତ ଯୋଗୁ ଅନେକ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଭିନ୍ନ ସମୟରେ ଗାଡିମୋଟର ଧକ୍କାରେ ଗୋରୁ ମଧ ଆହତ ହେଉଥିବା ଦେଖିବାକୁ ମିଳୁଛି। ଏଣୁ ଏନ୍‌ଏସି ପ୍ରଶାସନ ପକ୍ଷରୁ ଏହାର ସ୍ଥାୟୀ ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

## ରଥାରୂଢ଼ ଠାକୁରଙ୍କ ସୁନାବେଶ



ଖଣ୍ଡପଡ଼ା,୧୦।୭ (ସ୍ୱ.ପ୍ର.)

ପାରମ୍ପରିକ ପ୍ରଥା ଅନୁଯାୟୀ ଗଡ଼ଜାତ ଖଣ୍ଡପଡ଼ା ସହରାଞ୍ଚଳରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ୩ ଦିନ ଧରି ଅନୁଷ୍ଠିତ ହୋଇଥାଏ। ରବିବାର ବାହୁଡ଼ା ଯାତ୍ରାର ଦ୍ୱିତୀୟ ଦିବସରେ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନ ୪ଟାରେ ରଥାରୂଢ ବିଗ୍ରହଙ୍କ ପହୁଡ଼ ଫିଟିବା ପରେ ଅଧାବାଟରେ ଅଟକି ରହିଥିବା ୨ରଥକୁ ଖଣ୍ଡପଡ଼ା ବଜାର ପର୍ଯ୍ୟନ୍ତ ଜନସାଧାରଣ ଟାଣିଥିଲେ। ସନ୍ଧ୍ୟା ସମୟରେ ସେବାୟତମାନେ ବିଗ୍ରହମାନଙ୍କୁ ସୁନାବେଶରେ ସଜ୍ଜିତ କରିଥିଲେ। ପବିତ୍ର ବଡ଼ ଏକାଦଶୀ ତିଥିରେ ଶ୍ରୀଜୀଉମାନଙ୍କ ମନଲୋଭା ସୁନାବେଶ ଦେଖି ଭକ୍ତମାନେ ବିଭୋର ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ଖଣ୍ଡପଡ଼ା ପୋଲିସ ସହାୟତା କରିଥିଲା। ସେହିପରି ଖଳିସାହି ଓ କୁମ୍ଭାରପଡ଼ା ଅଞ୍ଚଳରେ ଅନୁଷ୍ଠିତ ବାହୁଡା ଯାତ୍ରାର ୨ୟ ଦିବସ ଏକାଦଶୀ ତିଥି ଥିବାରୁ ସନ୍ଧ୍ୟା ସମୟରେ ରଥାରୂଢ ବିଗ୍ରହଙ୍କ ସନ୍ଧ୍ୟା ଆଳତି ଦର୍ଶନ ନିମନ୍ତେ ରଥ ସମ୍ମୁଖରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରଥାରୂଢ ବିଗ୍ରହଙ୍କ ନିକଟରେ ଅଧରପଣା, ଖଜା, ପୋଡ଼ପିଠା ଆଦି ଭୋଗ ଲାଗି କରାଯାଇଥିଲା। ଏହି ଅବସରରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସୋମବାର ଲକ୍ଷ୍ମୀନାରାୟଣ ଭେଟ ସହ ବାହୁଡ଼ା ଯାତ୍ରା ଶେଷ ହେବ ବୋଲି ରଥଯାତ୍ରା କମିଟି କର୍ମକର୍ତ୍ତାଙ୍କଠାରୁ ପ୍ରକାଶ। କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ସେହିପରି ଖଳିସାହିଠାରେ ମଧ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ

ଗଣିଆ, ୧୦।୭ (ଡି.ଏନ.ଏ.)

ନୟାଗଡ଼ ଜିଲାର ଗଣିଆ ବନାଞ୍ଚଳ ଅଧୀନ ଆଡକଟା ବଜାର ନିକଟରୁ ଏକ ଚୋରା କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଭ୍ୟାନକୁ ବନ ବିଭାଗ ରବିବାର ଭୋର ୪ଟାରେ ଜବତ କରିଛି। ଘଟଣାସ୍ଥଳରୁ କେନ୍ଦୁପତ୍ର ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। କେନ୍ଦୁପତ୍ର ବୋଝେଇ ଗାଡିଟିକୁ ଜବତ କରି ଗଣିଆ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଛି। ବନାଞ୍ଚଳ ଅଧିକାରୀ ସୋନାଲି ସିଓଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତ୍ରିରେ ଏହି ବନାଞ୍ଚଳ ଅନ୍ତର୍ଗତ ନାରାୟଣ ପ୍ରସାଦ ଗ୍ରାମରୁ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ବନାଞ୍ଚଳ ଅଧିକାରୀଙ୍କ ସମେତ ଫରେଷ୍ଟର ଶିଶିର ସାହୁ, ସନ୍ତୋଷ ପ୍ରଧାନ, ଫରେଷ୍ଟ ଗାର୍ଡ ନୀଳମଣି ଦଲେଇଙ୍କ ସମେତ ପାରାଷ୍ଟାଫମାନେ ଗାଡିଟିକୁ ପିଛା କରି ଆଡକଟା ବଜାର ନିକଟରେ ଅଟକାଇଥିଲେ। ଗାଡିଟିକୁ ଛାଡି ଦେଇ ଡ୍ରାଇଭର ଓ ଅନ୍ୟ ଜଣେ ସହଯୋଗୀ ଦୌଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜବତ ପିକ୍‌ଅପ୍ ଭ୍ୟାନଟିର ନମ୍ବର ଓଆର ୦୪ପି ୫୮୫୫ ହୋଇଥିବା ବେଳେ ଏହା ଏକ ଚୋରା ଗାଡି ଓ ନମ୍ବର ପ୍ଲେଟ ଜାଲ ବୋଲି ଅନୁମାନ କରାଯାଉଛି। ତେବେ ଜବତ କେନ୍ଦୁପତ୍ରର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ତେବେ ତଦନ୍ତ ହେଲା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।



ଜବତ ପିକ୍‌ଅପ୍ ଭ୍ୟାନ ସହ କେନ୍ଦୁପତ୍ର।

## ବିଦ୍ୟୁତ୍ ବିତରଣ କମ୍ପାନୀ ବିରୋଧରେ ହେବ ଆନ୍ଦୋଳନ



ବୈଠକରେ ଉପସ୍ଥିତ ଆମ ଆଦ୍‌ମୀ ପାର୍ଟିର ନେତା ଓ କର୍ମକର୍ତ୍ତାମାନେ।

ଖଣ୍ଡପଡ଼ା,୧୦।୭ (ସ୍ୱ.ପ୍ର.)

**ଆମ୍ ଆଦ୍‌ମୀ ପାର୍ଟିର ବୈଠକ**

ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିସିଓଡିଏଲ୍ ଉପଭୋକ୍ତାଙ୍କୁ କିଭଳି ବିଲ୍ ବାବଦରେ ଅଧିକ ରାଜସ୍ୱ ଆଦାୟ କରି ଅତିଷ୍ଠ କରୁଛି ସେନେଇ ଖଣ୍ଡପଡ଼ା ମା’ ଉମାଦେବୀଙ୍କ ପୀଠରେ ରବିବାର ଆମ୍ ଆଦ୍‌ମୀ ପାର୍ଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରୁ ଦଳର କର୍ମକର୍ତ୍ତା ଓ ଶୁଭେଚ୍ଛୁମାନେ ଯୋଗଦେଇଥିଲେ। ବୈଠକରେ ଦଳର ନୟାଗଡ଼ ଜିଲା ମୁଖ୍ୟ ମାନସ ରଞ୍ଜନ ପଣ୍ଡା ପୌରୋହିତ୍ୟ କରିଥିଲେ। ଦଳର ରାଜ୍ୟ ସମ୍ପାଦକ ସୌମ୍ୟରଞ୍ଜନ ସ୍ୱାଇଁ ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିସିଓଡିଏଲ କିଭଳି ରାଜ୍ୟବାସୀଙ୍କଠାରୁ ବିଲ୍ ବାବଦରେ ଅଧିକ ଅର୍ଥ ଆଦାୟ କରୁଛି ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଗାମୀ ଦିନରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ବିରୋଧରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଚେତାବନୀ ଦେଇଥିଲେ। ସେହିପରି ରାଜ୍ୟ ଉପସଭାପତି ଦୁର୍ଗାପ୍ରସାଦ ଦାସ ମଧ ବିଜୁଳି ଆନ୍ଦୋଳନକୁ ଜୋର୍‌ଦାର କରାଯିବା ସପକ୍ଷରେ ମତ ରଖିବା ସହ ପ୍ରତ୍ୟେକ ବିଦ୍ୟୁତ୍ ଉପଭୋକ୍ତାଙ୍କ ୨ଶହ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ଛାଡ଼ କରିବାକୁ ଦାବି ଉପସ୍ଥାପନ କରିଥିଲେ। ଦଳର ନେତା ଅଶ୍ୱିନ କୁମାର ଜେନା, ଭରତ କୁମାର ସ୍ୱାଇଁ, ଅର୍ଜୁନ ଦଳବେହେରା, ଅବଧୂତ ମହାରଣା, ରାମଚନ୍ଦ୍ର ବରାଡ଼ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ପ୍ରତି ପଞ୍ଚାୟତରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟୁତ୍ ବିତରକ କମ୍ପାନୀ ବିରୋଧରେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ବୈଠକରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ମାଟ୍ରିକ୍ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



କୃତୀ ଛାତ୍ରୀଛାତ୍ରଙ୍କୁ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

ଖଣ୍ଡପଡ଼ା,୧୦।୭(ସ୍ୱ.ପ୍ର.)

ଚଳିତ ମାଟ୍ରିକ୍‌ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ଖଣ୍ଡପଡ଼ା ବ୍ଲକସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମର୍ଦ୍ଦରାଜପୁର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟର ଛାତ୍ର ଯଥାକ୍ରମେ ବି. ଜିତେନ୍ଦ୍ରୀୟ ୫୮୦ ନମ୍ବର, ଆର୍ଯ୍ୟ ଅମ୍ଳାନ ସୁବୁଦ୍ଧି ୫୭୯ ନମ୍ବର ରଖି ବ୍ଲକସ୍ତରରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଜଗନ୍ନାଥ ପ୍ରସାଦ ପଞ୍ଚାୟତ ହାତକଟା ଗାଁର ଛାତ୍ରୀ ଗାୟତ୍ରୀ ବାଲିଆ ଓ ବଡ଼ବାଣପୁର ପଞ୍ଚାୟତସ୍ଥ ବସନ୍ତ ବିଦ୍ୟାପୀଠର ଛାତ୍ର ସୂର୍ଯ୍ୟ ମାଣ୍ଡୋଇ ଉଭୟେ ୫୬୭ ନମ୍ବର ରଖି ୩ୟ ସ୍ଥାନ ଅଧିକାର କରିଛନ୍ତି। ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ପୂର୍ବତନ ବିଧାୟକ ପଟ୍ଟନାୟକ ଭେଟି ସମ୍ବର୍ଦ୍ଧିତ କରିଛନ୍ତି।

# ନୟାଗଡ଼ ଶ୍ରୀଜୀଉଙ୍କ ନୀତିରେ ବିଭ୍ରାଟ : ରଥ ସିଂହଦ୍ୱାରରେ ନ ଲାଗି ଅଧରପଣା

ନୟାଗଡ଼ ଅଫିସ,୧୦।୭

ନୟାଗଡ ପୁରୁଣା ସହରର ଶ୍ରଜୀଉଙ୍କର ନୀତିରେ ବିଭ୍ରାଟ ଦେଖା ଦେଇଥିବା ଅଭିଯୋଗ ହୋଇଛି। ରଥ ସିଂହଦ୍ୱାରରେ ନ ଲାଗି ଅଧରପଣା ହେବା ପରେ ପ୍ରତିବାଦ ଉଠିଛି। ଚଳିତବର୍ଷ ପ୍ରଥମଥର ପାଇଁ ନୂଆ ନିୟମ କାଢ଼ି ଏପରି କରାଯାଇଥିବା କୁହାଯାଇଛି। ଏ ନେଇ ଭକ୍ତ ଭବାନୀ ଶଙ୍କର ଦାଶ କୁହନ୍ତି, ଅଧରପଣା ହେଲେ ରଥ ଆଉ ଟଣା ହେବନି। ରଥ ସିଂହଦ୍ୱାରରେ ଲାଗିଲେ ଅଧରପଣା ହୁଏ। ହେଲେ ରବିବାର ସୁନାବେଶ ପରେ ଅଧରପଣା କରାଯାଇ ସୋମବାର ରଥ ଟଣା ହେବ କିପରି। ନୀତିରେ ବିଭାଟ ହୋଇଛି କି ନାଁ ମୁକ୍ତି ମଣ୍ଡପରେ ବୁଝି ଆସନ୍ତୁ ବୋଲି ପରାମର୍ଶ ଦେଇଛନ୍ତି। ଏ ନେଇ ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ କୁହନ୍ତି, ଅଧରପଣା ହେଲେ କିଛି ଅସୁବିଧା ନାହିଁ। ରବିବାର ଅଧରପଣା ପରେ ପହଡ ପଡିଛି। ସୋମବାର ରଥ ଟଣା ହେବ। ସବୁ ନୀତିନିୟମ ଭିତରେ କରାଯାଉଛି।

## ରଣପୁର: ସୁନାବେଶରେ ଭଜନ ସମାରୋହ




କଳାକାରମାନେ ମଞ୍ଚରେ ଭଜନ ପରିବେଷଣ କରୁଛନ୍ତି।

ରଣପୁର, ୧୦।୭ (ସ୍ୱ.ପ୍ର.)

ପବିତ୍ର ଏକାଦଶୀ ସୁନାବେଶ ଅବସରରେ ରବିବାର ରଣପୁର ପଞ୍ଚୁଦୋଳ ପଡିଆରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ଟାଉନ କ୍ଲବ ଆନୁକୂଲ୍ୟରେ ୩୭ତମ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଏହାକୁ ରଣପୁର ତହସିଲଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରଣପୁର ଥାନା ଅଧିକାରୀ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଦୀପ୍ତିରଞ୍ଜନ ମହାପାତ୍ର ଓ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ପିନାକୀ ନାୟକ, ରାଶିରଞ୍ଜନ ପଣ୍ଡା, କୁମାର ବାପି, ଅନ୍ତରା ଚକ୍ରବର୍ତ୍ତୀ ସମେତ ବହୁ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ। ରଣପୁରର ଯୁବ କଣ୍ଠଶିଳ୍ପୀମାନେ ଏହି ଅବସରରେ ଭଜନ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ଏହି ଅବସରରେ ଟାଉନ କ୍ଲବ ପକ୍ଷରୁ କଣ୍ଠଶିଳ୍ପୀମାନଙ୍କୁ ସମ୍ବୋଧିତ କରାଯାଇଥିଲା। ଏହି ଭଜନ ଶୁଣିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଥିଲା।

# ଆଦିବାସୀଙ୍କ ଘରେ ଖାଦ୍ୟ ଖାଇଲେ କେନ୍ଦ୍ରମନ୍ତ୍ରୀ

ନୟାଗଡ଼ ଅଫିସ/ଦଶପଲ୍ଲା, ୧୦।୭ (ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ସଂଖ୍ୟା ଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜନ ର୍ବିଲା ରବିବାର ଦଶପଲ୍ଲା ବ୍ଲକ ଗସ୍ତରେ ଆସି ଝୁମ୍ପୁଡି ଘରେ ଆଦିବାସୀଙ୍କ ଖାଦ୍ୟ ଖାଇଛନ୍ତି। କେନ୍ଦ୍ରମନ୍ତ୍ରୀ ସାଢେ ୮ଟାରେ ଫୁଲବାଣୀ ସର୍କିଟ ହାଉସଠାରେ ପହଞ୍ଚି ସକାଳ ଭୋଜନ ସାରି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇଥିଲେ। ମଧ୍ୟାହ୍ନରେ ନୟାଗଡ଼ ଜିଲା ଦଶପଲ୍ଲାର ବାଣୀଗୋଛାଠାରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଜୁନିୟର କଲେଜ ପରିସରରେ ପହଞ୍ଚି ଆଜାଦ କି ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିବା ସହ ପ୍ରାୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୋଦି ସରକାରଙ୍କ ପଛୁଆ ବର୍ଗ ଲୋକଙ୍କ ପାଇଁ ନିଆଯାଇଥିବା କାର୍ଯ୍ୟକ୍ରମ ଉପରେ ଏହି ସଭାରେ ମନ୍ତ୍ରୀ ଟିପଣି ରଖି କେନ୍ଦ୍ର ସରକାରଙ୍କର ସଫଳତା ବଖାଣି ଥିଲେ। ସଭାରେ କଲେଜର ଅଧ୍ୟକ୍ଷ ସତୀଶ କୁମାର ଦୀକ୍ଷିତ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ସଭାପତି ରତ୍ନବାଳା ନାଏକ, ସମ୍ପାଦକ ରଜନିରାଣୀ ସାହୁ, କମିଟି ସଦସ୍ୟ ଅଶୋକ କୁମାର ନାଏକ, ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ବିଧାୟକ ପୂର୍ଣଚନ୍ଦ୍ର ନାୟକ, ନୟାଗଡ଼ ଜିଲା ଭାଜପା ସଭାପତି ଲାଲା ମନୋଜ ରାୟ, ନୟାଗଡ଼ ଜିଲା ଭାଜପା ପ୍ରଭାରୀ ନିରଞ୍ଜନ ମିଶ୍ର, କନ୍ଧମାଳ ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁ, ଭାଜପା ରାଜ୍ୟ ପ୍ରଭାରୀ ବିରଞ୍ଚି ତ୍ରିପାଠୀ, ପୂର୍ବତନ ବିଧାୟକ ବାଲିଗୁଡା କରେନ୍ଦ୍ର ମାଝି ପ୍ରମୁଖ ଅତିଥି ରୂପେ ମଞ୍ଚସୀନ ଥିଲେ। ଏପରି କି ମନ୍ତ୍ରୀ କଲେଜର ଛାତ୍ରୀଛାତ୍ରମାନଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ସଡ଼କ ପଥ ଦେଇ ଦଶପଲ୍ଲା ବ୍ଲକ ତେଣ୍ଡାବାଡି ପଞ୍ଚାୟତର ଆଦିବାସୀ ଗାଁ ଗୁଣ୍ଠାପାଜୁରେ ପହଞ୍ଚି ବ୍ରଜବନ୍ଧୁ ଜାନୀଙ୍କ ବାସଗୃହରେ ଅନ୍ୟ ଅତିଥୀମାନଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ। ପରେ ପୁଣି କେତେଗୋଟି ଗ୍ରାମକୁ ଯାଇ ସାଧାରଣ ଭୋଟରମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଶେଷରେ ଦଶପଲ୍ଲା ବ୍ଲକର କନଫରେନ୍ସ ହଲରେ ସରକାରୀ ସ୍ତରୀୟ ଏକ ରାଜସ୍ୱ ବୈଠକରେ ଯୋଗଦେଇ ୫ଟାରେ ଭୁବନେଶ୍ୱର ଫେରି ଯାଇଥିଲେ।



କେନ୍ଦ୍ରମନ୍ତ୍ରୀ ଜନ ର୍ବିଲା ଆଦିବାସୀ ମହିଳାଙ୍କ ସହ ଆଲୋଚନା କରୁଛନ୍ତି।